ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
3 APRIL 2026

ଶୁକ୍ରବାର
୩ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 • ISSUE 315 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ • ସଂଖ୍ୟା ୩୧୫ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

ପେଣ୍ଟିଂର ଦାମ୍ ୧୬୭ କୋଟି

ନୂଆଦିଲ୍ଲୀ,୨।୪/ଏଜେନ୍ସି:

ଫଟୋର ଦାମ୍ ୧୬୭ କୋଟି । ରେକର୍ଡ ଭାଙ୍ଗିଲା ପ୍ରସିଦ୍ଧ ଭାରତୀୟ ଚିତ୍ରଶିଳ୍ପୀ ରାଜା ରବି ବର୍ମାଙ୍କ 'ଯଶୋଦା ଏବଂ କୃଷ୍ଣ' ପେଣ୍ଟିଂ । ୧୬୭.୨୦ କୋଟି ଟଙ୍କାରେ ବିକ୍ରି ହେଲା ଏହି ଆକର୍ଷଣୀୟ ଫଟୋ ଚିତ୍ର । ମୁମ୍ବାଇରେ ସଫ୍ରନଆର୍ଟ ଅକ୍ସନରେ ଏହି ଫଟୋଟି ବିକ୍ରି ହୋଇ ସବୁଠୁ ମହଙ୍ଗା ଆଧୁନିକ ଭାରତୀୟ କଳାକୃତି ପାଲଟିଛି । ଏହି ଚିତ୍ରଟି ପୂର୍ବରୁ ଏମ୍ଏଫ୍ ହୁସେନଙ୍କ ଅନଟାଇଲଡ୍ ଗ୍ରାମ ଯାତ୍ରା ଫଟୋର ରେକର୍ଡ ଭାଙ୍ଗିବାରେ ସକ୍ଷମ ▶▶ ୬

୧୮୮୯ ଅଙ୍ଗନବାଡ଼ି କେନ୍ଦ୍ର ଲୋକାର୍ପିତ

ଖୁବ୍‌ଶୀଘ୍ର 'କନ୍ୟାସୁମଙ୍ଗଳ' ଏସ୍‌ଓପି: ଉପ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୪/ଏନ୍‌ଏନ୍‌ଏସ୍:

ଓଡ଼ିଶାର ୩୦ଟି ଜିଲ୍ଲାରେ ନିର୍ମିତ ୧,୮୮୯ଟି ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଗୁରୁବାର ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସଶ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି । ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କେନ୍ଦ୍ରଗୁଡ଼ିକୁ ଉଦ୍‌ଘାଟନ କରିଥିବାବେଳେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ଅବସରରେ ଉପସ୍ଥିତ ଥିଲେ ।

ଏହି ଅବସରରେ ଉଦ୍‌ବୋଧନ ଦେଇ ଉପ-ମୁଖ୍ୟମନ୍ତ୍ରୀ ସରକାରଙ୍କ ଆଭିମୁଖ୍ୟକୁ ଦୋହରାଇ କହିଥିଲେ ଯେ, 'ସୁନ୍ଦର, ସକ୍ଷମ ଓ ସୁଦୃଢ଼ ଅଙ୍ଗନବାଡ଼ି' ଗଠନ ହିଁ ଆମର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଶ୍ରୀମତୀ ପରିଡ଼ା ବାଲେଶ୍ୱର, ଗଞ୍ଜାମ, କଟକ, ଅନୁଗୁଳ ଏବଂ ଦେବଗଡ଼ ଭଳି ବିଭିନ୍ନ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ସହ ▶▶ ୬

୫୪ ବର୍ଷ ପରେ ଚନ୍ଦ୍ରକୁ ଉଡ଼ାଣ

ନାସାର ଆର୍ଟେମିସ୍-୨ ମିଶନ୍ ଲଞ୍ଚ୍

ନୂଆଦିଲ୍ଲୀ,୨।୪/ଏଜେନ୍ସି:

ମହାକାଶ ବିଜ୍ଞାନ ଇତିହାସରେ ଯୋଡ଼ି ହେଲା ନୂଆ ଅଧ୍ୟାୟ । ଦୀର୍ଘ ୫୪ ବର୍ଷ ପରେ ପୁଣି ଚନ୍ଦ୍ର ଅଭିମୁଖେ ମଣିଷ । ନାସାର ବହୁ ପ୍ରତିକ୍ଷିତ ଆର୍ଟେମିସ୍-୨ ମିଶନ୍‌କୁ ଗୁରୁବାର ଲଞ୍ଚ୍ କରାଯାଇଛି । ଫ୍ଲୋରିଡାରୁ ସଫଳତାପୂର୍ବକ ଚନ୍ଦ୍ରକୁ ମାନବ ମିଶନ୍ ଲଞ୍ଚ୍ ହୋଇଛି । ଏହି ମିଶନରେ କ୍ରିଷ୍ଟିନା କୋଚ୍, ଭିକ୍ଟର ଗ୍ଲୋଭର, ରିଡ୍ ୱାଇଜମ୍ୟାନ୍ ଏବଂ ଜେରେମି ହାନସେନ୍ ସାମିଲ ଅଛନ୍ତି । ଏହି ମିଶନକୁ ଏସ୍‌ଏଲ୍‌ଏସ୍ ରକେଟ୍ ସାହାଯ୍ୟରେ ମହାକାଶକୁ ଉତ୍କ୍ଷେପଣ କରାଯାଇଛି । ମହାକାଶଚାରୀମାନେ ୧୦ ଦିନିଆ ଯାତ୍ରାରେ ପୃଥିବୀରୁ ପ୍ରାୟ ୪.୦୬ କିଲୋମିଟର କିଲୋମିଟର ▶▶ ୬

୭ ଦିନ ବର୍ଷିବ !

ଭୁବନେଶ୍ୱର,୨।୪/ଏନ୍‌ଏନ୍‌ଏସ୍:

ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସହ ପ୍ରବଳ ବିଜୁଳି ଘଡ଼ଘଡ଼ି ହେବ । ଏହାସହ ଝଡ଼ି ପବନ ବହିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବନୁମାନ କରିଛି । ସେପଟେ ବର୍ଷା ସହ କିଛି ଅଞ୍ଚଳକୁ ଗୁଳୁଗୁଳି ଏବଂ ଅସହ୍ୟ ଗରମ ପାଇଁ ୟେଲୋ ଆଲର୍ଟ ଜାରି କରିଯାଇଛି । ମୁଖ୍ୟତଃ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗ୍ରୀଷ୍ମ ଲହରୀ ରହିବ । ଆଗାମୀ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼, ବଲାଙ୍ଗୀର, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଘଣ୍ଟା ପ୍ରତି ୩୦-୪୦ କିମି ବେଗରେ ଝଡ଼ି ପବନ ବହିବାର ସମ୍ଭାବନା ରହିଛି । ଶୁକ୍ରବାର ମାଲକାନଗିରି, ଓ କୋରାପୁଟରେ ବର୍ଷା ସହ ବଜ୍ରପାତ ହେବ । ଏହା ସହ ଜଗତସିଂହପୁର , କେନ୍ଦ୍ରପଡ଼ା, ଭଦ୍ରକ, ଓ ବାଲେଶ୍ୱରରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେବାର ସମ୍ଭାବନା ରହିଛି । ଶନିବାର କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ ବର୍ଷା ହେବା ସାଙ୍ଗକୁ କେନ୍ଦ୍ରପଡ଼ା, ଭଦ୍ରକ, ଓ ବାଲେଶ୍ୱରରେ ▶▶ ୬

ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

୪ ଲେନ୍ କରାଯାଉ ଛେଣ୍ଡିପଦା-ଅନୁଗୁଳ ରାଜପଥ

ଭୁବନେଶ୍ୱର,ଅନୁଗୁଳ,୨।୪/ଏନ୍‌ଏନ୍‌ଏସ୍:

ଛେଣ୍ଡିପଦା-ଜରପଡ଼ା ରାସ୍ତାର ସମ୍ପ୍ରସାରଣ ପାଇଁ ବି କଲେ ଅନୁରୋଧ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୁଳ ଜିଲ୍ଲାରେ କୋଇଲା ପରିବହନ ଏବଂ ଶିଳ୍ପ ଭିତ୍ତିଭୂମିକୁ ସଦୃଢ଼ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି । ଏହି ସମ୍ପର୍କରେ ଏକ ଚିଠି ଲେଖି ଶ୍ରୀ ପ୍ରଧାନ ଛେଣ୍ଡିପଦା-ଅନୁଗୁଳ ରାଜ୍ୟ ରାଜପଥ- ୬କୁ ଦୁଇ ଲେନ୍‌ରୁ ଚାରି ଲେନ୍‌କୁ ପ୍ରଶସ୍ତିକରଣ ଓ ବାଇପାସ୍ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସହ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ପାଇଁ ଅନୁରୋଧ କରିଛନ୍ତି ।

ଶ୍ରୀ ପ୍ରଧାନ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର କେନ୍ଦ୍ରଭାଗରେ ଅବସ୍ଥିତ ଅନୁଗୁଳ ଜିଲ୍ଲାର ଜନସଂଖ୍ୟା ପ୍ରାୟ ୧୫ ଲକ୍ଷ ଏବଂ ଏହା ରାଜ୍ୟର ମୋଟ୍ ଘରୋଇ ଉତ୍ପାଦ (ଜିଏସଡିପି)ରେ ପ୍ରାୟ ୫ ପ୍ରତିଶତ ଅବଦାନ ଦେଉଛି । କୋଇଲା ସମ୍ପଦରେ ସମୃଦ୍ଧ ଏହି ଜିଲ୍ଲାର ବାର୍ଷିକ କୋଇଲା ଉତ୍ପାଦନ ବର୍ତ୍ତମାନର ୧୧୬ ମିଲିୟନ ଟନ୍ (ଏମଟି)ରୁ ବୃଦ୍ଧି ପାଇ ୨୦୩୩ ସୁଦ୍ଧା ୨୫୦-୩୦୦ ମିଲିୟନ ଟନ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଏହି ଜିଲ୍ଲା ଇସ୍ପାତ, ଆଲୁମିନିୟମ୍ ଏବଂ ତାପଜ ବିଦ୍ୟୁତ୍ କେନ୍ଦ୍ର ଭଳି ଭାରୀ ଶିଳ୍ପ, ଉନ୍ନତ ବିନିର୍ମାଣ ଏବଂ ଆନୁସଙ୍ଗିକ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ପାଇଁ ଏକ ଉତ୍ତମ ବାତାବରଣ ତିଆରି କରୁଛି । ଅନୁଗୁଳରେ ନାଲ୍‌କୋ ଫ୍ଲୋଲ୍ଟର ପ୍ଲାଣ୍ଟ, ଏନ୍‌ଟିପିସି କଣିହାଁ, ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେସନ ଏବଂ ମହାନଦୀ କୋଲଫିଲ୍ଡସ ଲିମିଟେଡର ବ୍ୟାପକ କୋଇଲା ଖଣି ଭଳି ପ୍ରମୁଖ ଶିଳ୍ପ ଓ ଶକ୍ତି କେନ୍ଦ୍ରଗୁଡ଼ିକ ରହିଛି, ଯାହା ରାଜ୍ୟର ଶକ୍ତି ନିରାପତ୍ତାର ମେରୁଦଣ୍ଡ ସାଜିଛି । ବିଶେଷ କରି ଛେଣ୍ଡିପଦା ତହସିଲ ଅଞ୍ଚଳ ଭାରତର କୋଇଲା ଗଚ୍ଛିତ ଭଣ୍ଡାରର ପ୍ରାୟ ଏକ-ଷଷ୍ଠାଂଶ ହୋଇଥିବାରୁ, ଏହା ଦେଶର ଶକ୍ତି ନିରାପତ୍ତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ବର୍ତ୍ତମାନର ସଡ଼କ ଭିତ୍ତିଭୂମି, ବିଶେଷ କରି ରାଜ୍ୟ ରାଜପଥ-୬୩ ଏବଂ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତା, ଅତ୍ୟଧିକ କୋଇଲା ପରିବହନ ପାଇଁ ଅନୁପଯୁକ୍ତ ହୋଇପଡ଼ିଛି । ଏହି ରାସ୍ତାଗୁଡ଼ିକ ଜନବସତି ଦେଇ ଯାଉଥିବାରୁ ଟ୍ରାଫିକ ଜାମ୍, ଦୁର୍ଘଟଣା ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଥିବା ଶ୍ରୀ ପ୍ରଧାନ ଦର୍ଶାଇଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଶ୍ରୀ ପ୍ରଧାନ ୨ଟି ପ୍ରମୁଖ ▶▶ ୬

ଆଜିଠୁ ରାଜ୍ୟରେ ସକାଳୁଆ ସ୍କୁଲ୍

ଭୁବନେଶ୍ୱର,୨।୪ /ଏନ୍‌ଏନ୍‌ଏସ୍:

ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ବା 'ହିଟ୍ ୱେଭ୍'ର ସ୍ଥିତି ଅନୁଭୂତ ହେଉଥିବା ବେଳେ ଅନେକ ସହରର ତାପମାତ୍ରା ୪୦ ଡିଗ୍ରି ସେଲସିୟସ୍ ଅତିକ୍ରମ କଲାଣି । ଏହି ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି ।

ଗ୍ରୀଷ୍ମ ଛୁଟି ପର୍ଯ୍ୟନ୍ତ ୬.୩୦ରୁ ୧୦.୩୦ ଯାଏଁ ଚାଲିବ ସ୍କୁଲ୍

ଆସନ୍ତାକାଲି ଆର୍ଥାତ ଶୁକ୍ରବାର ଠାରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକରେ ସକାଳୁଆ କ୍ଲାସ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ବର୍ତ୍ତମାନ ସ୍କୁଲଗୁଡ଼ିକ ସକାଳ ୬ଟା ୩୦ ମିନିଟ୍‌ରେ ଆରମ୍ଭ ହୋଇ ଦିନ ୧୦ଟା୩୦ ପର୍ଯ୍ୟନ୍ତ ଚାଲିବ । ଏହି ନୂଆ ସମୟସୂଚୀ ଗ୍ରୀଷ୍ମ ଛୁଟି ଆରମ୍ଭ ହେବା ପର୍ଯ୍ୟନ୍ତ ବଳବତ୍ତର ▶▶ ୬

ରାଜ୍ୟସଭା ଉପନେତା ପଦ

ରାଘବଙ୍କୁ ହଟାଇଲା ଆପ୍

ନୂଆଦିଲ୍ଲୀ, ୨।୪/ଏଜେନ୍ସି:

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗୁରୁବାର ସାଂସଦ ରାଘବ ଚଢ଼ାଙ୍କୁ ରାଜ୍ୟସଭା ଉପନେତା ପଦରୁ ହଟାଇ ଦେଇଛି । ତାଙ୍କ ସ୍ଥାନରେ ସାଂସଦ ଅଶୋକ ମିତ୍ତଲଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଦଳ ପକ୍ଷରୁ ରାଜ୍ୟସଭା ସଚିବାଳୟକୁ ଏକ ଚିଠି ମାଧ୍ୟମରେ ଏସମ୍ପର୍କରେ ଜଣାଇଦିଆଯାଇଛି । ଆପ୍ ପକ୍ଷରୁ ଏହି ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ, ଏଣିକି ସଦନରେ ଦଳ ପକ୍ଷରୁ କହିବା ପାଇଁ ରାଘବଙ୍କୁ ସମୟ ଦିଆନଯାଉ । ତେବେ ରାଘବ ଚଢ଼ାଙ୍କ ବିରୋଧରେ ଗ୍ରହଣ କରିଥିବା ଏହି ପଦକ୍ଷେପର କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଇନାହିଁ ।୨୦୨୨ରୁ ପଞ୍ଜାବରୁ ରାଜ୍ୟସଭା ସାଂସଦ ଥିବା ରାଘବ ଚଢ଼ା ସଂସଦରେ ଗିଗ୍ କର୍ମୀଙ୍କ ପାଇଁ ଏବଂ ବର୍ଦ୍ଧିତ ସ୍କୁଲ ଫି' ବିରୋଧରେ ତଥା ମୋବାଇଲ୍ କମ୍ପାନୀଙ୍କ ପକ୍ଷରୁ ଗ୍ରାହକମାନଙ୍କୁ ଲୁଟ୍ କରାଯାଉଥିବା ଭଳି ସାର୍ବଜନୀନ ପ୍ରସଙ୍ଗ ସବୁ ଉଠାଇଆସୁଥିଲେ । ଏହା ତାଙ୍କୁ ସାଧାରଣ ଲୋକମାନଙ୍କ ପାଖରେ ପ୍ରିୟଭାଜନ କରୁଥିବା ▶▶ ୬

ଏବେ ଶେଷ ହେବନି ଯୁଦ୍ଧ

ତେହରାନ୍, ୨।୪/ଏଜେନ୍ସି:



ଇରାନ୍‌କୁ ଯୁଦ୍ଧ ବନ୍ଦ ପାଇଁ ସୁଯୋଗ ଦିଆଯାଉଛି, ରାଜି ନହେଲେ ବଡ଼ ଆକ୍ରମଣ: ଟ୍ରମ୍ପ୍

ଆମେରିକା ଦେଖିବ ନରସଂହାରର ଏକ ବୀଭତ୍ସ ଖେଳ: ଇରାନ୍

ମଧ୍ୟପ୍ରାଚ୍ୟ ଯୁଦ୍ଧ ଶେଷ ହେବା ନେଇ ଯେଉଁ ଟିକକ ଆଶା ସଞ୍ଚାର ହୋଇଥିଲା ତାହା ଏବେ ନିଷ୍ପ୍ରଭ ହୋଇଯାଇଛି । ଆମେରିକା ଏବଂ ଇରାନ୍ ମଧ୍ୟରେ ଏବେ ଯେଉଁ ପ୍ରକାର ବାକ୍ ଯୁଦ୍ଧ ଆରମ୍ଭ ହୋଇଛି ସେଥିରୁ ଇରାନ୍ ବିରୋଧରେ ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ଆକ୍ରମଣ ବର୍ତ୍ତମାନ ସମୟରେ ଅନ୍ତତଃ ଶେଷ ହେବାପରି ମନେ ହେଉନାହିଁ ।

ଗୁରୁବାର ସକାଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶକୁ ସମ୍ବୋଧିତ କରିବାକୁ ଯାଇ ଏକତରଫା ଭାବେ ଦାବି କରିଛନ୍ତି ଯେ, ଇରାନ ସହ ଯୁଦ୍ଧରେ ଆମେରିକା ବିଜୟୀ ହୋଇଛି । ଇରାନ୍ ସେନା ଏବେ ଆମେରିକା ସେନାର ନିୟନ୍ତ୍ରଣରେ ରହିଛି । ବର୍ତ୍ତମାନ ଇରାନ୍‌କୁ କେବଳ ଯୁଦ୍ଧ ବନ୍ଦ କରିବାକୁ ସୁଯୋଗ ଦିଆଯାଉଛି । ଯଦି ଇରାନ୍ ଏଥିରେ ରାଜି ନହୁଏ ତେବେ ଆମେରିକା ଦୁଇରୁ ତିନି ସପ୍ତାହ ମଧ୍ୟରେ ଇରାନ୍ ଉପରେ ଏକ ବଡ଼ ଆକ୍ରମଣ କରିବ । ଟ୍ରମ୍ପ୍‌ଙ୍କ କହିବାନୁସାରେ ଆମେରିକା ପକ୍ଷରୁ ଆରମ୍ଭ କରାଯାଇଥିବା ଅପରେସନ୍ 'ଏପିକ୍ ଫ୍ୟୁରି' ସଫଳ ରହିଛି । ଇରାନର କ୍ଷେପଣାସ୍ତ୍ର ଏବଂ ଡ୍ରୋନ କ୍ଷମତା ଏବଂ ନୌସେନା ନଷ୍ଟ ହୋଇଯାଇଛି । ଇରାନ୍‌ର ସାମରିକ ଶକ୍ତି ଯଥେଷ୍ଟ ଦୁର୍ବଳ ▶▶ ୬

ମହିଳା ସଂରକ୍ଷଣ ସଂଶୋଧନ ବିଲ୍

୧୬ରୁ ସଂସଦର ସ୍ୱତନ୍ତ୍ର ଅଧିବେଶ

ନୂଆଦିଲ୍ଲୀ, ୨।୪/ଏଜେନ୍ସି:

ସଂସଦୀୟ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆଜିର କାର୍ଯ୍ୟଦିବସ ସହ ସମାପ୍ତ ହୋଇଛି । ଏପ୍ରିଲ୍ ୨ ତାରିଖରେ ସଂସଦୀୟ ବଜେଟ୍ ଅଧିବେଶନକୁ ମୁଲତବୀ ଘୋଷଣା କରାଯାଇଛି । ତେବେ ଏହାରି ମଧ୍ୟରେ ସରକାର ଚଳିତ ଅଧିବେଶନକୁ ଆଉ କିଛି ଦିନ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ରାଜ୍ୟସଭାରେ ଏସମ୍ପର୍କରେ ସଂସଦରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆଉ ମାତ୍ର ୧୩ ଦିନର ବିରତି ପରେ ୧୬ ଏପ୍ରିଲ୍ ସକାଳ ୧୧ଟାରେ ରାଜ୍ୟସଭା ଏବଂ ଲୋକସଭା ଅଧିବେଶନ ପୁନର୍ବାର ବସିବ । ତେବେ ଏହା ଏକ ୩ ଦିନିଆ ଅଧିବେଶନ ହେବ ଏବଂ ଏହି ସମୟରେ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ଆଇନ ସଂଶୋଧନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା କରାଯିବ । ରିଜିଜୁଙ୍କ ▶▶ ୬

୮୧୬କୁ ବୃଦ୍ଧି ପାଇବ ଲୋକସଭା ଆସନ ସଂଖ୍ୟା





ଉତ୍କଳର ଉତ୍କର୍ଷତା ଆମର ଗର୍ବ: ଉପ ମୁଖ୍ୟମନ୍ତ୍ରୀ

ନୟାଗଡ଼,୨।୪/ଏନ୍‌ଏନ୍‌ଏସ୍: ଉତ୍କଳ ଜନନୀର ବରପୁତ୍ରମାନଙ୍କ ସ୍ମୃତି ଚାରଣ ଓ ଓଡ଼ିଆ ଅସ୍ମିତାର ପର୍ବ 'ଓଡ଼ିଶା ଦିବସ' ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଜିଲାପାଳ ମଧୁମିତା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ଥାନୀୟ ପଠାଣି ସାମନ୍ତ ଅଡିଟୋରିୟମ ପରିସରରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ସମାରୋହରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଉତ୍କଳର ଉତ୍କର୍ଷତାକୁ ନେଇ ଆମେ ଗର୍ବ କରିବା ଉଚିତ୍ ବୋଲି କହିବା ସହିତ ଓଡ଼ିଶାର ପ୍ରଗତି ପାଇଁ ଆମର ଲକ୍ଷ୍ୟ ଏକ ହେବା ପାଇଁ କହିଥିଲେ। ଉତ୍ସବର ପ୍ରାରମ୍ଭରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ବେହେରା ଏବଂ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ବିକାଶ ଧାରା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀ, ନୟାଗଡ଼ ପୌରପାଳିକା ଅଧକ୍ଷା ନିରୁପମା ଖଟେଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମାରୋହକୁ କବି ଶରତ ଚନ୍ଦ୍ର ଆଚାର୍ଯ୍ୟ ସଂଯୋଜନା କରିଥିଲେ।

ଚନ୍ଦନ ଯାତ୍ରା ପାଇଁ ଚୈତ୍ର ପୂର୍ଣ୍ଣିମାରେ ଡଙ୍ଗା ଉଦ୍ଧାର

ପୁରୀ,୨।୪/ଏନ୍‌ଏନ୍‌ଏସ୍: ଚନ୍ଦନ ଯାତ୍ରା ପାଇଁ ଡଙ୍ଗା ଉଦ୍ଧାର। ଚଳିତ ମାସ ୨୦ ତାରିଖରେ ପବିତ୍ର ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ସେଥିପାଇଁ ଆଜି ଚୈତ୍ର ପୂର୍ଣ୍ଣିମାରେ ନରେନ୍ଦ୍ର ପୁଷ୍କରିଣୀରୁ ଡଙ୍ଗା ଉଦ୍ଧାର ହେଉଛି। ନରେନ୍ଦ୍ର ପୁଷ୍କରିଣୀ ଜଳ ଭିତରେ ବୁଡାଇ ରଖାଯାଇଥିବା ଚାପ ଡ଼ଙ୍ଗୀ ନନ୍ଦା, ଭଦ୍ରା ଓ ବୈଜୟନ୍ତ ଡ଼ଙ୍ଗାକୁ ଭୋଇ ସେବକମାନେ ଉଦ୍ଧାର କରିଛନ୍ତି। ଚାପ ଡ଼ଙ୍ଗା ଗୁଡ଼ିକୁ ଆବଶ୍ୟକୀୟ ମରାମତି ପରେ ଏହାକୁ ରଙ୍ଗ କରାଯାଇ କାର୍ଯ୍ୟରେ ଲଗାଯିବ। ମଦନ ମୋହନ ପଞ୍ଚୁ ପାଣ୍ଡବଙ୍କ ସହ ଶ୍ରୀଦେବୀ, ଭୂଦେବୀ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡା କରିବେ। ଆସନ୍ତା ୨୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନ ଠାରୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ବା ଜଳକ୍ରୀଡା ଆରମ୍ଭ ହେବ। ନରେନ୍ଦ୍ର ସରୋବରରେ ନନ୍ଦା ଓ ? ଭଦ୍ରା ଚାପରେ ନୌକା ବିହାର କରିବେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ସହ ଭୂଦେବୀ, ଶ୍ରୀଦେବୀ ଓ ପଞ୍ଚୁ ପାଣ୍ଡବ। ଏଥିପାଇଁ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ଓ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଆଜି ଚୈତ୍ର ପୂର୍ଣ୍ଣିମା ଅବସରରେ ଭୋଇ ସେବାୟତମାନେ ନରେନ୍ଦ୍ର ସରବୋବରରୁ ଡଙ୍ଗା କାଢ଼ିଥିଲେ। ନନ୍ଦା ଓ ଭଦ୍ରା ଚାପରେ ବ୍ୟବହୃତ ଚାରୋଟି ଡଙ୍ଗା ସହ ବୈଜୟନ୍ତରୀ ଡଙ୍ଗାକୁ ମିଶାଇ ପାଞ୍ଚୋଟି ଡଙ୍ଗା କଢ଼ାଯାଇଛି। ଏହି ଡଙ୍ଗାଗୁଡ଼ିକ ଶୁଖାଯିବା ସହ ଏହାର ଆବଶ୍ୟକୀୟ ମରାମତି କରାଯିବ। ଗତବର୍ଷ ଚନ୍ଦନ ଯାତ୍ରା ସରିବା ପରେ ଏହି ଡଙ୍ଗା ଗୁଡିକ ନରେନ୍ଦ୍ର ପୁଷ୍କରିଣୀରେ ବୁଡାଇ ରଖାଯାଇଥିବା ବେଳେ ଆଜି ସକାଳୁ ଭୋଇ ସେବାୟତ ମାନେ ଅକ୍ଲାନ୍ତ ପରିଶ୍ରମ କରି ଏହି ପାଞ୍ଚୋଟି ଡଙ୍ଗାକୁ ପାଣି ଭିତରୁ କାଢ଼ିଥିଲେ। ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବିଭିନ୍ନ ଜାନିଯାତ୍ରା ମଧ୍ୟରୁ ଚନ୍ଦନ ଯାତ୍ର ଅନ୍ୟତମ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ମାନବଙ୍କ ପରି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲଗାଇ ନରେନ୍ଦ୍ର ପୁଷ୍କରିଣୀରେ କରିବେ ଜଳ କ୍ରୀଡ଼ା।

ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ୍ ପରେ ଉଚ୍ଚବିଦ୍ୟାଳୟରେ ଜଳିଲା ଲାଇଟ୍

ନୟାହାଟ,୨।୪/ଏନ୍‌ଏନ୍‌ଏସ୍: ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦୁଇ ଦିନ ଧରି ଲାଇନ୍ କାଟ ହେବା ୭୦୦ ଛାତ୍ରଛାତ୍ରୀ ଭୋକ ଉପାସରେ ପାଠ ପଢ଼ିବା ନେଇ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ସଂପର୍କରେ ଅସ୍ତରଙ୍ଗ ଅଞ୍ଚଳର ଆମୟ ରଞ୍ଜନ ବାରିକ ମୁଖ୍ୟମନ୍ତ୍ରୀଙ୍କୁ ଗୁରୁବାର ଟ୍ୱିଟ୍ କରିବା ଫଳରେ ଅପରାହ୍ନ ୪ଟା ସମୟରେ ନୟାହାଟ ଉଚ୍ଚ ବିଦ୍ୟାଳୟରେ ଲାଇଟ୍ ଜଳିଥିଲା। ଏ ସଂପର୍କରେ ଆମ ପ୍ରତିନିଧି ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ ବେହେରାଙ୍କୁ ପଚାରିବାରେ ସେ କହିଥିଲେ ବକେୟା ବିଲ୍ ପାଇଁ ଲାଇନ୍ କଟାଯାଇଥିଲା। ନୟାହାଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ ଯେ, ୪୦ହଜାର ଟଙ୍କା ବାକିଥିଲା। ସରକାରୀ ଅର୍ଥରୁ ୨୦ ହଜାର ଟଙ୍କା ଗତ ଫେବୃୟାରୀ ମାସରେ ପୈଠ କରାଯାଇଥିଲା। ମାର୍ଚ୍ଚ ପହିଲାରୁ ଲାଇନ୍ କାଟିବା ସମ୍ପର୍କରେ ବରିଷ୍ଠ ନାଗରିକ ମଞ୍ଚ ଓ ଅଭିଭାବକମାନେ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରିବା ସହିତ ଦୃଢ଼ ନିନ୍ଦା କରିଥିଲେ।

୯୧ତମ ପୁଲିସ ପ୍ରତିଷ୍ଠା ଦିବସ

ପୁରୀ,୨।୪/ଏନ୍‌ଏନ୍‌ଏସ୍: ୯୧ତମ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ପୁରୀ ପୋଲିସ ପକ୍ଷରୁ ପୋଲିସ ଲାଇନ ପଡିଆରେ ଗରିମାମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପବିତ୍ର ଅବସରରେ ପୁରୀ ଜିଲ୍ଲାର ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଏକତ୍ରିତ ହୋଇ ଦିବସଟିକୁ ଉତ୍ସାହ ଓ ଗମ୍ଭୀରତାର ସହ ପାଳିତ କରିଥିଲେ। ଏହି ଅବସରରେ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରତୀକ ସିଂ ମହୋଦୟ ସମସ୍ତ ପୋଲିସ ଭାଇଭଉଣୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସେ ଏହି ଦିନର ଗୁରୁତ୍ୱ ଉଲ୍ଲେଖ କରି ପୋଲିସ ବାହିନୀର ତ୍ୟାଗ, ସେବା ଓ ନିଷ୍ଠାକୁ ସ୍ମରଣ କରିଥିଲେ। ଏହା ସହ ମାନ୍ୟବର ଓଡିଶାର ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଶ୍ରୀ ସିଂ ମହୋଦୟ ପଠନ କରିଥିଲେ। ବାର୍ତ୍ତାରେ ପୋଲିସ ବାହିନୀର କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳା ଓ ଲୋକସେବା ପ୍ରତି ସମର୍ପଣକୁ ସ୍ମୃତି କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରୂପେ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପୁରୀ ପୋଲିସ ଓ ଶ୍ରୀମନ୍ଦିର ସୁରକ୍ଷା ବାଟାଲିୟନର ପୋଲିସ ବାହିନୀ ଅଂଶଗ୍ରହଣ କରିଥିଲେ। ପ୍ୟାରେଡରେ ଶୃଙ୍ଖଳା, ସମନ୍ୱୟ ଓ ପ୍ରଶିକ୍ଷଣର ଉତ୍କୃଷ୍ଟ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ପୁରୀ ପୁଲିସର ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ସେମାନଙ୍କର ଦୀର୍ଘ ସେବା ଓ ଅବଦାନକୁ ସମ୍ମାନ ଜଣାଯାଇଥିଲା।

ପୁରୀ ପୁଲିସ-ହାଇଟେକ୍ ହସ୍ପିଟାଲ୍ ଏମ୍‌ଓୟୁ

ପୁରୀ,୨।୪/ଏନ୍‌ଏନ୍‌ଏସ୍: ପୁରୀ ପୁଲିସ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଓ ଏସ୍‌ପି ପୁରୀ ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ଶକ୍ତିଶାଳୀ କରିବା ଓ ପୋଲିସ କର୍ମଚାରୀମାନଙ୍କ ସହ ତାଙ୍କର ପରିବାର ସଦସ୍ୟଙ୍କୁ ଉତ୍ତମ ଚିକିତ୍ସା ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ପୁରୀର ଅତିରିକ୍ତ ଏସ୍ପି ସୁଶୀଲ କୁମାର ମିଶ୍ର, ଯିଏ ପୁରୀ ପୋଲିସଙ୍କ ପକ୍ଷରୁ ପ୍ରଥମ ପକ୍ଷ ଭାବେ ପ୍ରତିନିଧିତ୍ୱ କରୁଛନ୍ତି, ଓ ଭୁବନେଶ୍ୱର ସ୍ଥିତ ହାଇ-ଟେକ୍ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ଜ୍ୟୋତିର୍ମୟ ପଣ୍ଡାଙ୍କ ମଧ୍ୟରେ ଏହି ରାଜିନାମା ସ୍ୱାକ୍ଷରିତ ହୋଇଛି। ପୁରୀ ପୋଲିସ ହସ୍ପିଟାଲରେ ଥିବା ଫିଜିଓଥେରାପି ୟୁନିଟ୍‌ଟି ଆଧୁନିକ ସୁବିଧା ସହିତ ସଜିତ ଥିଲେ ମଧ୍ୟ, ଯଥାର୍ଥ ପ୍ରଶିକ୍ଷିତ ଫିଜିଓଥେରାପିଷ୍ଟ ଓ ପ୍ରାଯୁକ୍ତିକ କର୍ମଚାରୀଙ୍କ ଅଭାବରୁ ଦୀର୍ଘ ସମୟ ଧରି ଅକାର୍ଯ୍ୟକ୍ଷମ ଅବସ୍ଥାରେ ରହିଥିଲା। ଏହି ପରିସ୍ଥିତିରେ ହାଇ-ଟେକ୍ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ ତାଙ୍କର ଦକ୍ଷତା ଓ ଅନୁଭବ ଆଧାରରେ ଏହି ୟୁନିଟ୍‌ଟିକୁ ପୁନରୁଦ୍ଧାର କରି ଚାଲୁ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଯାହାକୁ ପୁରୀ ପୋଲିସ ପକ୍ଷରୁ ସ୍ୱୀକୃତି ଦିଆଯାଇଛି। ଏହି ସମଝୌତା ୫ବର୍ଷ ପର୍ଯ୍ୟନ୍ତ ରହିବ। ପୁରୀ ପୋଲିସ ପକ୍ଷରୁ ଫିଜିଓଥେରାପି ୟୁନିଟ୍‌ର ସମସ୍ତ ଉପକରଣ, ବିଦ୍ୟୁତ, ପାଣି ଓ ଫର୍ଣ୍ଣିଚର ସୁବିଧା ଦ୍ୱିତୀୟ ପକ୍ଷକୁ ଚାଲୁ କରିବା ପାଇଁ ହସ୍ତାନ୍ତର କରାଯିବ। ବିଦ୍ୟୁତ ଓ ପାଣି ଖର୍ଚ୍ଚ ପୁରୀ ପୋଲିସ ପକ୍ଷରୁ ବହନ କରାଯିବ। ଦ୍ୱିତୀୟ ପକ୍ଷ ତାଙ୍କର ସ୍ୱଙ୍ଗ କର୍ମଚାରୀ ଓ ପ୍ରାୟୋଗିକ ସମର୍ଥନ ସହିତ ୟୁନିଟ୍‌ଟିକୁ ପରିଚାଳନା କରିବେ। ସେମାନେ ସେବାମୂଳକ ଭାବନାରେ ଏହାକୁ ଚାଲୁ କରିବେ। ଦୁଇପକ୍ଷ ମଧ୍ୟରେ ସମସ୍ତ ଆଇନଗତ ଓ ପ୍ରଶାସନିକ ଦାୟିତ୍ୱ ସଂପର୍କରେ ପ୍ରଥମ ପକ୍ଷ ଯଥାଚିତ ସୁରକ୍ଷା ଦେବେ। ପୁରୀର ବିଭିନ୍ନ ପର୍ବପର୍ବାଣୀ ଓ ଅବସରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରଗୁଡିକରେ ଦ୍ୱିତୀୟ ପକ୍ଷର କର୍ମଚାରୀମାନେ ଅଂଶଗ୍ରହଣ କରି ସାଧାରଣ ଲୋକଙ୍କୁ ସେବା ଯୋଗାଇବେ। ଏହି ସମଝୌତା ସ୍ମାରକ ମାଧ୍ୟମରେ ପୁରୀ ଜିଲ୍ଲା ପୋଲିସ ହସ୍ପିଟାଲରେ ଫିଜିଓଥେରାପି ସେବା ପୁନରୁଦ୍ଧାର ହେବା ସହିତ ପୋଲିସ କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟମାନେ ଉଚ୍ଚମାନର ସ୍ୱାସ୍ଥ୍ୟ ସୁବିଧା ପାଇବେ। ଏହା ପୁରୀ ପୋଲିସଙ୍କ ସେବାମୂଳକ ପ୍ରୟାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ଏହି ଅବସରରେ ଦୁଇପକ୍ଷର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଚକ୍ରଧର ସିଂ ଜିଲ୍ଲାର ଶ୍ରେଷ୍ଠ ଏସ୍‌ଆଇ ଭାବେ ସମ୍ବର୍ଦ୍ଧିତ

ଓଡ଼ଗାଁ,୨।୪/ଏନ୍‌ଏନ୍‌ଏସ୍: ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନାରେ କାର୍ଯ୍ୟରତ ଏସଆଇ ଚକ୍ରଧର ସିଂ ଶ୍ରେଷ୍ଠ ଏସଆଇ ଭାବରେ ଜିଲ୍ଲାପୁଲିସ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ପୁଲିସର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ଜଣାପଡିଛି। ବିଶେଷକରି ନିଜର ଉତ୍ତମ କାର୍ଯ୍ୟଦକ୍ଷତା, ଶୃଙ୍ଖଳାଗତ ଜ୍ଞାନ, କର୍ତ୍ତବ୍ୟରେ ଆନ୍ତରିକତା, ସାଧାରଣ ଜନତାଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ, ଅପରାଧୀଙ୍କୁ କାବୁକରିବା ଓ ଲୋକଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ନିମନ୍ତେ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ନୟାଗଡ଼ ଏସପି.ଏସ ସୁଶ୍ରୀ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁବାସଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖବର ପ୍ରସାରିତ ହେବାପରେ ଓଡ଼ଗାଁ ଅଞ୍ଚଳର ବୁଦ୍ଧିଜୀବୀ, ତହସିଲଦାର୍ ଡ. ମାନସରଞ୍ଜନ ଭୋଇ, ବ୍ଲକ ଅଧକ୍ଷ ଲୋକନାଥ ସାହୁ, ବିଡିଓ ପ୍ରିତିବାଲା ରଣା, ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ଡଃ ନୀଳାଞ୍ଜନ ଦାଶ, ଶିକ୍ଷକ ରଞ୍ଜନ କୁମାର ଦାଶ, ପଞ୍ଚାନନ ପଣ୍ଡା, ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ରାମକୃଷ୍ଣ ପରିଡ଼ା, ସମ୍ପାଦକ ଗଣେଶ୍ୱର ସାହୁଙ୍କ ସମେତ ଅନେକ ବ୍ୟକ୍ତିବିଶେଷ ଶ୍ରୀ ସିଂଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଘୋରଡ଼ିଆ ଦୟଣା ଚୋରି ଯାତ୍ରାର ଜମାଣ ଉତ୍ସବ

ଡେଲାଙ୍ଗ,୨।୪/ଏନ୍‌ଏନ୍‌ଏସ୍: ଘୋରଡିଆର ପ୍ରସିଦ୍ଧ ଦୟଣା ଚୋରି ଯାତ୍ରାର ଜମାଣ ଉତ୍ସବ ବୁଧବାର ମଧ୍ୟରାତ୍ରରୁ ଆନନ୍ଦ ଉତ୍ସାହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାଉରିଆରେ ବିଜେ ଶ୍ରୀ ରାଧାକାନ୍ତ ଦେବ ଓ ଘନିପୁରରେ ବିଜେ ଶ୍ରୀ ରାଧାମୋହନ ଦେବ ୨ଟି ପୃଥକ ସୁସଜ୍ଜିତ କୁଞ୍ଜ ବିମାନରେ ନିଜ ନିଜ ଆସ୍ଥାନରୁ ସଳଟଣ ଶୋଭାଯାତ୍ରାରେ ଆସି ଘୋରଡିଆ ହାଟ ବଜାର ସ୍ଥିତ କଳ୍ପିତ ଦୟଣା ବାଡିରେ ପହଂଚିଥିଲେ। ପରେ ଶ୍ରୀ ଜିଉଙ୍କ ଦୟଣା ଚୋରି ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଶ୍ରୀ ଜିଉଙ୍କ ଅତ୍ୟନ୍ତ ପ୍ରିୟ ଦୟଣା ପତ୍ର ଚୋରି ହୋଇଥିବା ଅଭିଯୋଗରେ ବଗିଚାର ମା,ଳି କଳ୍ପିତ କାରାରୁଦ୍ଧ ହୋଇଥିଲା ଓ ଶୂନ୍ୟବାଣୀରେ ମାଳିକୁ କାରାମୁକ୍ତ କରାଯିବା ପରମ୍ପରା ପ୍ରଦର୍ଶନ କରାଯାଇଥିଲା। ୧ ତାରିଖ ମଧ୍ୟରାତ୍ରରୁ ୪ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରସିଦ୍ଧ ଯାତ୍ରାର ପ୍ରତ୍ୟହ ଅପରାହ୍ନ ଓ ସନ୍ଧ୍ୟାର ଦୟଣାଚୋରି ଲୋକ ମହୋତ୍ସବ କମିଟି ପକ୍ଷରୁ ଆଧ୍ୟାତ୍ମିକ ସଙ୍ଗୀତ ଓ ଭଜନ କାର୍ଯ୍ୟକ୍ରମ କରାଯାଉଛି। ମେଳଣର ସ୍ଥାନାଧିପତି ଶ୍ରୀ ରାଧାମୋହନ ଦେବଙ୍କ ଆମନ୍ତ୍ରଣ କ୍ରମେ ସାଉରିଆର ଶ୍ରୀ ରାଧାକାନ୍ତ ଦେବ ଏହି ମେଳଣରେ ମିଳିତ ହୋଇଥାନ୍ତି। ଏଥିପାଇଁ ପୁରୀ ଶ୍ରୀ ଜଗନ୍ନାଥ ବଲ୍ଲଭ ମଠ ପକ୍ଷରୁ ପ୍ରତିବର୍ଷ ଦୁର୍ଲଭ ଦୟଣା ଚାରା ଶ୍ରୀ ରାଧାକାନ୍ତଙ୍କ ମଠକୁ ଯୋଗାଇ ଦିଆଯାଇଥାଏ। ପୂର୍ବେ ଏହି ଯାତ୍ରା ୧୫ ଦିନ ପର୍ଯ୍ୟନ୍ତ ଲାଗି ରହୁଥିଲା। ଚାଷୀ ଓ ଗୃହକର୍ତ୍ତାମାନେ ବର୍ଷକ ପାଇଁ ଘରକରଣା ସାମଗ୍ରୀ ଏହି ମେଳଣରୁ ହିଁ କ୍ରୟ କରିଥାନ୍ତି। ଶ୍ରୀ ରାଧାକାନ୍ତ ମଠର ଟ୍ରଷ୍ଟି ଦେବବ୍ରତ ପଟ୍ଟନାୟକ, ପରିଚାଳକ ଦୁଃଶାସନ ମଙ୍ଗରାଜ, ଶ୍ରୀ ରାଧାମୋହନ ମଠ ପରିଚାଳକ ପ୍ରହ୍ଲାଦ ବଳିୟାରସିଂହ ଓ ସଭାପତି ବିଧାନ ଚନ୍ଦ୍ର ରାୟ, ଦୟଣାଚୋରୀ ଲୋକମହୋତ୍ସବ ପରିଷଦର ସଭାପତି ସମାସେବୀ ଶଶୀଶେଖର ରାୟ, ଦୁର୍ଯ୍ୟୋଧନ ସାହୁ, କମୁର ମହମ୍ମଦ, ଅବଦୁଲ୍ ୱାହିଦ ଖାଁ, ପ୍ରସନ୍ନ କୁମାର ସାହୁ, ରଙ୍କନିଧି ବେହେରା, ତ୍ରିନାଥ ସାମନ୍ତରାୟ, ଅର୍ଜୁନ ପାଲ, ରାଜକିଶୋର ବେହେରା ପ୍ରମୁଖ ମେଳଣ ଶୋଭାଯାତ୍ରା ପରିଚାଳନା କରିଥିଲେ। ଏହି ବୃହତ୍ତମ ଗ୍ରାମର ହିନ୍ଦୁଙ୍କ ସହ ସଂଖ୍ୟାଲଘୁ ସମ୍ପ୍ରଦାୟ ମିଳିତ ସହଯୋଗରେ ଶ୍ରୀ ଜିଉଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଆଡସିନାଲ ଏସପି ସଚ୍ଚିନ୍ ପଟେଲ, ପିପିଲି ଏସଡିପିଓ ଦେବାଶିଷ୍ ମିଶ୍ର, ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ, ହାଟ ଡେଲାଙ୍ଗ ଫାଣ୍ଡି ଅଧିକାରୀ ନାରାୟଣ ବେହେରା, ଘୋରଡିଆ ପୋଲିସ ସହାୟତା କେନ୍ଦ୍ରର ଅଧିକାରୀ କୁଳମଣୀ ବେହେରା ପ୍ରମୁଖ ସଦଳବଳେ ଉପସ୍ଥିତ ରହି ଆଇନ୍ ଶୃଙ୍ଖଳା ପରିସ୍ଥିତି ରକ୍ଷା କରିଥିଲେ।

ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ମିଶ୍ରଣ ପର୍ବ

ନିଶ୍ଚିନ୍ତକୋଇଲି,୨।୪/ଏନ୍‌ଏନ୍‌ଏସ୍: କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବନ୍ଧନ ମଣ୍ଡପ ପରିସରରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବ୍ଲକ କଂଗ୍ରେସ କମିଟି ସଭାପତି ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ପ୍ରତିଷ୍ଠାତା ମୁଖ୍ୟ ଇଂ.ମହମ୍ମଦ ମୋକିମ୍ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟରେ ବିଜେଡ଼ି, ବିଜେପି ଓ କଂଗ୍ରେସ କାର୍ଯ୍ୟକ୍ରମରେ ଅତିଷ୍ଟ ହୋଇ ଲୋକେ ତ୍ରାହି ତ୍ରାହି ଡ଼ାକୁଛନ୍ତି। ଓଡ଼ିଶା ଜନସାଧାରଣଙ୍କ ହକ୍ ପାଇଁ ଲଢେଇ କରିବାକୁ ଏହି ଆଞ୍ଚଳିକ ଦଳ ପ୍ରତିଷ୍ଠା କରାଯାଇଛି। ଦଳର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିବାକୁ ଯାଇ ଇଂ.ମହମ୍ମଦ ମୋକିମ୍ କହିଥିଲେ କି ରାଜ୍ୟରେ ପ୍ରଚୁର ଖଣିଜ ସମ୍ପଦ ଥିବା ବେଳେ ଆମ ପିଲା ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ସେହିପରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ଧନି ଗରିବର ଭେଦ ଭାବ ନରହି ସମସ୍ତଙ୍କ ପାଇଁ ଚିକିତ୍ସା ସେବା ସମାନ ରହିବ ଏବଂ ଯୁବକ ଯୁବତୀମାନଙ୍କୁ ନିଯୁକ୍ତିର ସୁଯୋଗ ଦେବା, ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଏହି ନୂତନ ଆଞ୍ଚଳିକ ଦଳର ଲକ୍ଷ୍ୟ ହେବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଶୁଭେନ୍ଦୁ ମଲିକ, ରାମଚନ୍ଦ୍ର ମଲିକ, କ୍ଷୀରୋଦ ଗୋଚ୍ଛାୟତ, ଶିବପ୍ରସାଦ ବେହେରା, ଦୀପକ ପରିଡ଼ା, ଅନିଲ ନାୟକ, ଅଜୟ ସେଠୀ, ଚିତ୍ତରଂଜନ ନାୟକ, ଶିକ୍ଷାବିତ୍ ଦୁର୍ଗାଚରଣ ନାୟକ, ବିନୋଦ ମଲିକ, ବନବିହାରୀ ଲେଙ୍କା, ପ୍ରଶାନ୍ତ କୁମାର ମହାପାତ୍ର, ସୁରେଶ କୁମାର ମଳିକ, ଭ୍ରମରବର ମଳିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ସମର୍ଥକ ମାନେ ମହମ୍ମଦ ମୋକିମ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଜନତା କଂଗ୍ରେସ ପାର୍ଟିରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳୀୟ ସମର୍ଥିତ ପ୍ରାର୍ଥୀ ଦିଆଯିବା ନେଇ ସ୍ଥିର କରାଯାଇଥିଲା। ଶେଷରେ ଦିନବନ୍ଧୁ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଚୁଡ଼ଙ୍ଗଗଡ଼ ଶିକ୍ଷକ ସାହିତ୍ୟ ସଂସଦର ୯ମ ବାର୍ଷିକ ଉତ୍ସବ

ବାରଙ୍ଗ,୨।୪/ଏନ୍‌ଏନ୍‌ଏସ୍: ଉତ୍କଳ ଦିବସ ଅବସରରେ କେ.ଏମ ବି.ବି ବିଜ୍ଞାନ ମହାବିଦ୍ୟାଳୟ ପରିସରସ୍ଥ ମଞ୍ଜରୀ ହଲରେ ବାରଙ୍ଗ ଚୁଡଙ୍ଗଗଡ ଶିକ୍ଷକ ସାହିତ୍ୟ ସଂସଦର ୯ମ ବାର୍ଷିକ ଉତ୍ସବ ଓ ଚୁଡଙ୍ଗକଳିକା ପତ୍ରିକାର ଲୋକାର୍ପଣ ହୋଇଯାଇଛି। ଡ଼େପୁଟି କଲେକ୍ଟର, କଟକ, ସୁଶ୍ରୀ ଉର୍ମିଳା ପ୍ରଧାନ ଉଦଘାଟକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋରେ ପୁଷ୍ପମାଳ, ପ୍ରଦୀପ ପ୍ରଜ୍ୱଳନ ପରେ ଉତ୍କଳ ସଂଗୀତ ଗାନ କରାଯାଇଥିଲା। ସଭାପତି ଗୁରୁ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଡକ୍ଟର ସଂଘମିତ୍ରା ମିଶ୍ର, ଅବସରପ୍ରାପ୍ତ ପ୍ରଫେସର, ବାଣୀବିହାର, ମୁଖ୍ୟବକ୍ତା କଟକ ଜିଲ୍ଲା ଶିକ୍ଷା ଅଧିକାରୀ, ନିତ୍ୟାନନ୍ଦ ବାରିକ,ବିଶିଷ୍ଟ ଅତିଥି ବାରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ମନୀଷା ବିଶ୍ୱାଳ, ସମ୍ମାନିତ ଅତିଥି କେ.ଏମ୍ ବି ବି ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ବିଜୁନି ଚରଣ ସୂତାର, ଧାରା ଶ୍ରୀରାଧା ଟ୍ରଷ୍ଟର ଅଧକ୍ଷ, ଅମରେନ୍ଦ୍ର ମହାପାତ୍ର, ଗାୟକ ଆହ୍ଲାଦ ସୁରେନ୍ଦ୍ର ଛୋଟରାୟ, ସମାଜସେବୀ ବରୁଣ କୁମାର ସାହୁ, ତଥା ପ୍ରଥମ ଅଧିବେଶନରେ ପ୍ରଭାକର ସାହୁଙ୍କ ଅଧକ୍ଷତାରେ ସମ୍ମାନିତ ଅତିଥି ପ୍ରଫୁଲ୍ଲ କୁମାର ରଥ, ଯମୁନାମଣୀ ହେମ୍ବ୍ରମ, ବ୍ରଜମୋହନ ଦାସ, ସୁରେଶ ମହାନ୍ତି, ଡକ୍ଟର ବସନ୍ତ କୁମାର ମହାପାତ୍ର, ଭବାନୀ ପ୍ରସାଦ ପଣ୍ଡା ପ୍ରମୁଖ ଅତିଥିବୃନ୍ଦ ଓଡ଼ିଆ ଭାଷା ସାହିତ୍ୟର ବିକାଶରେ ଚୁଡଙ୍ଗକଳିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ସଂସଦର ମୁଖପତ୍ର ଉନ୍ମୋଚିତ ହେବା ସହ କରୁଣାକର ନାୟକ ସ୍ମାରକୀ ଚୁଡଙ୍ଗକଳିକା ଗଣକବି ବୈଷ୍ଣବ ପାଣି ସମ୍ମାନ, ମଦନମୋହନ ସାହୁ ସ୍ମାରକୀ ଚୁଡଙ୍ଗକଳିକା ଉତ୍କଳମଣି ଗୋପବନ୍ଧୁ ଦାସ ସମ୍ମାନ, କେଶବ ଚନ୍ଦ୍ର ବେହେରା ସ୍ମାରକୀ ଚୁଡଙ୍ଗକଳିକା ରମାଦେବୀ ଚୌଧୁରୀ ସମ୍ମାନ, ଶିକ୍ଷା ଗୁରୁ ଭ୍ରମରବର ପଣ୍ଡା ସ୍ମାରକୀ ଚୁଡଙ୍ଗକଳିକା ବ୍ୟାସକବି ଫକୀରମୋହନ ସେନାପତି ସମ୍ମାନ ଏବଂ ଆଞ୍ଚଳିକ ପ୍ରେସ କ୍ଲବ,ଉଦ୍ୟୋଗପତି ବଳରାମ ପ୍ରସାଦ ନାୟକ,ବନମାଳୀ ସାହୁଙ୍କୁ ଚୁଡଙ୍ଗକଳିକା ବନ୍ଧୁ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସହ ୨ଜଣ ଛାତ୍ର ଛାତ୍ରୀଙ୍କୁ ଚୁଡଙ୍ଗକଳିକା ଶିଶୁ ପ୍ରତିଭା ସମ୍ମାନ ତଥା ୨୭ଜଣ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରୀନିବାସ ସେଠୀ ଅତିଥି ପରିଚୟ, ଦେଇଥିବାବେଳେ ଚିତ୍ତରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

ସାଲେପୁର ମହୋତ୍ସବ ଓ ଉତ୍କଳ ଦିବସ ସମାରୋହ ଉଦଘାଟିତ

'ମଧୁବାବୁଙ୍କ ଜୀବନୀ ଓଡ଼ିଶାବାସୀଙ୍କ ପଥ ପ୍ରଦର୍ଶକ ହେଉ'

ସାଲେପୁର,୨।୪/ଏନ୍‌ଏନ୍‌ଏସ୍: ସାଲେପୁର ମଧୁସ୍ମୃତି ପରିଷଦ ପକ୍ଷରୁ ଉତ୍କଳ ଦିବସ ସମାରୋହ ଓ ସାଲେପୁର ମହୋତ୍ସବ ୨୦୨୬ ମହା ସମାରୋହରେ ସ୍ଥାନୀୟ ବ୍ୟାରେଜ ପଡିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଏପ୍ରିଲ ୧ ତାରିଖ ସକାଳେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁର ଠାରେ ଥିବା ପ୍ରତିମୂର୍ତ୍ତିରେ ମଧୁସ୍ମୃତି ପରିଷଦର ସଭାପତି ତଥା ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମାଲ୍ୟାର୍ପଣ କରି ମଧୁବାବୁଙ୍କ ଏନ୍ତୁଡ଼ିଶାଳରୁ ମଧୁଜ୍ୟୋତିକୁ ବିରାଟ ମଟର ସାଇକେଲ ଶୋଭାଯାତ୍ରାରେ ମହୋତ୍ସବ ପଡିଆ ସ୍ଥିତ ମଧୁସ୍ମୃତି ପରିଷଦ କାର୍ଯ୍ୟାଳୟକୁ ଆଣି ସ୍ଥାପନ କରି ସାଲେପୁର ମହୋତ୍ସବ ଓ ଉତ୍କଳ ଦିବସ ସମାରୋହକୁ ଉଦଘାଟନ କରିଥିଲେ। ସନ୍ଧ୍ୟାରେ ବିଧାୟକଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ବିଶିଷ୍ଟ ଅତିଥି ଭାବେ ଭାରତ ମସାଲାର ଏମ.ଡି. ସୁଶାନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ସାଲେପୁର ପଂଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇ ଉତ୍କଳ ଗୌରବ ସ୍ୱତନ୍ତ୍ର ଓଡିଶା ଗଠନରେ ମଧୁବାବୁଙ୍କ ଅବଦାନକୁ ସ୍ମରଣ କରିଥିଲେ। ମଧୁସ୍ମୃତି ପରିଷଦର ସମ୍ପାଦକ ଦିଲ୍ଲୀପ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୀର୍ଘ ୫ ଦିନ ଧରି ଚାଲିବାକୁ ଥିବା ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଚୌଦ୍ୱାରର ତ୍ରିନେତ୍ର କଳା ନିକେତନ, ସାଲେପୁର ଏଲ.ଏନ. ପାଠଶାଳା ଓ କଟକ ପୂଜା ଡ୍ୟାନ୍ସଗ୍ରୁପ ପକ୍ଷରୁ ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ କଣ୍ଠଶିଳ୍ପୀ ବିଶ୍ୱ ପ୍ରକାଶ, ସୂର୍ଯ୍ୟଦିତଙ୍କ ସଂଗୀତ ଶ୍ରୋତାଙ୍କୁ ମୁଗ୍ଧ କରିଥଲା। ମହୋତ୍ସବ ପଡ଼ିଥିବା ଓରମାସ, ମିଶନଶକ୍ତି ଓ ବିଭିନ୍ନ ଷ୍ଟଲ ଗୁଡିକରେ ଗହଳି ପରିଲକ୍ଷିତ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଓଡିଶାର ଲୋକପ୍ରିୟ କଳାକାର ମାନଙ୍କ ଦ୍ୱାରା ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆନ୍ତରା ଚକ୍ରବର୍ତ୍ତୀ, ଅସୀମା ପଣ୍ଡା ଓ ରୁପକ୍ଷୁନାଙ୍କ ଭଳି ଓଡ଼ିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ ତାଙ୍କ ଟ୍ରୁପ ସହିତ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ରଜନୀକାନ୍ତ ଦାଶ, ବିରଞ୍ଚି ନାରାୟଣ କର, ସଞ୍ଜିତ ଦାଶ, ଗୁଲରେଜ ଅଲ୍ଲୀ, ଶୁଭମ ଦାଶ, ସେକ ସମିମ ଅକ୍ତର, ରାଜେଶ ମହାନ୍ତି, ଅଶ୍ୱିନୀ ଦାସ, ମୁନା ପରିଡା, ବବୁଲ ମହାନ୍ତି, ସନାତନ ସାହୁ, ସୋମ୍ୟରଞ୍ଜନ ମଲ୍ଲ, ବିଜୟ ପୃଷ୍ଟି, ଦୀପକ ରାଉତଙ୍କ ସମେତ ମଧୁସ୍ମୃତି ପରିଷଦର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରୁଛନ୍ତି।

ପଶ୍ଚିମବଙ୍ଗରେ ସିଏମ୍ ମୋହନଙ୍କ ପ୍ରଚାର

ଭୁବନେଶ୍ୱର,୨।୪/ଏନ୍ଏନ୍ଏସ୍: ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ବିଧାନସଭା ପ୍ରାର୍ଥୀମାନଙ୍କ ପ୍ରାର୍ଥିପତ୍ର ଦାଖଲରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ ହୋଇଛନ୍ତି। ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାର ଚାରି ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ରାମପୁରହାଟ ଏସଡିଓ ଅଫିସରେ ବିଜେପିର ରାମପୁରହାଟ ବିଧାନସଭା ପ୍ରାର୍ଥୀ ଧ୍ରୁବ ଶାହା, ହଂସନ ବିଧାନସଭା ପ୍ରାର୍ଥୀ ନିଖିଲ ବାନାର୍ଜୀ, ନଲହାଟୀ ବିଧାନସଭା ପ୍ରାର୍ଥୀ ଅନିଲ ସିଂହ ଏବଂ ମୁରାରଇ ବିଧାନସଭା ପ୍ରାର୍ଥୀ ରିଙ୍କି ଘୋଷ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ଅବସରରେ ବୀରଭୂମ ଜିଲ୍ଲାର ରାମପୁରହାଟ ସ୍ଥିତ କାଳୀମନ୍ଦିର ନିକଟସ୍ଥ ସଂଘତା ମୋଡ ଠାରୁ ଏସ୍‌ଡିଓ ଅଫିସ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଏକ ବିଶାଳ ରାଲିରେ ଯାଇଥିଲେ। ଏହି ରାଲିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ ଦେଇଥିଲେ। ଏହି ନାମାଙ୍କନପତ୍ର ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ଦଳୀୟ ପ୍ରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

'ଜଣେ ବି ଚାଷୀର ଧାନ ରହିବ ନାହିଁ'

ଭୁବନେଶ୍ୱର,୨।୪/ଏନ୍ଏନ୍ଏସ୍: ଏଥର ଖରିଫରେ ରେକର୍ଡ ସଂଖ୍ୟକ ଧାନ ସଂଗ୍ରହ ହୋଇଛି। ଧାନ ବିକ୍ରି କରିଛନ୍ତି ୧୮ ଲକ୍ଷ ୬୪ ହଜାର ଚାଷୀ। ଏଯାବତ ୭୭ ଲକ୍ଷ ମେଟ୍ରିକ୍ ଟନ ଧାନ କିଣା ସରିଛି। ବାକି ବଳକା ଧାନ କିଣିବାକୁ ୭ ଦିନ ଅବଧି ବୃଦ୍ଧି କରିଛନ୍ତି ସରକାର। ଯେଉଁ ଚାଷୀ ଧାନ ବିକି ପାରିନାହାନ୍ତି ସେମାନେ ଏହି ୭ ଦିନ ଭିତରେ ଧାନ ବିକ୍ରି କରିପାରିବେ। ମିଲରେ ଜାଗାର ଅଭାବ ପାଇଁ ଧାନ କିଣା ପ୍ରକ୍ରିୟା ଟିକେ ବିଳମ୍ବ ହୋଇଥିଲା। ଜଣେ ବି ଚାଷୀର ଧାନ ରହିବ ନାହିଁ। ସରକାର୍ ସମସ୍ତ ଧନ ଉଠାଇବେ। ଆସନ୍ତାବର୍ଷକୁ ଏପରି ସମସ୍ୟା ଯେପରି ନହେବ ସେନେଇ ସରକାର ବ୍ୟବସ୍ଥା କରୁଛନ୍ତି। ଗୁରୁବାର ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ମାର୍ଚ୍ଚ ୩୧ ଥିଲା ଧାନ କିଣା ଅବଧିର ଶେଷ ଦିନ ଥିଲା। ତେବେ ବୁଧବାର ରାଜ୍ୟ ସରକାର ଖରିଫ ଧାନ କିଣା ଅବଧିକୁ ଆଉ ୭ ଦିନ ବୃଦ୍ଧି କରଛନ୍ତି। କେହି ଚାଷୀ ନିରାଶ ହେବେନି। ସେଥିପାଇଁ ଧାନ କିଣା ଅବଧିକୁ ୭ଦିନ ପାଇଁ ବୃଦ୍ଧି କରାଗଲା। ବର୍ତ୍ତମାନ ସୁଦ୍ଧା ଖରିଫ ଋତୁରେ ୧୮ ଲକ୍ଷ ୬୪ ହଜାର ୪୧୮ଜଣ ଚାଷୀଙ୍କଠାରୁ ୭୭ ଲକ୍ଷ ମେଟ୍ରିକ ଟନ ଧାନ କିଣାସରିଛି। ଧାନ ସଂଗ୍ରହରେ ଏହା ସର୍ବକାଳୀନ ରେକର୍ଡ। ଏ ବାବଦକୁ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୨ ହଜାର ୮୮୪ କୋଟି ଟଙ୍କା ପଠାଯାଇଛି। ଚଳିତବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାରେ ଆରମ୍ଭରୁ ବିଭିନ୍ନ ସମସ୍ୟା ଉପୁଜିଥିଲା । ପଞ୍ଜିକରଣରୁ ନେଇ ଟୋକନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଅଭିଯୋଗ ଆସିଥିଲା। ଧାନ କିଣା ନ ହେବାରୁ ଅନେକ ସ୍ଥାନରେ ଆନ୍ଦୋଳନ ବି ଦେଖା ଦେଇଥିଲା। ବିଧାନସଭା ବି ଏ ପ୍ରସଙ୍ଗରେ ସରଗରମ ରହିଥିଲା।

ରାଜ୍ୟରେ ଗ୍ୟାସ୍ ସ୍ଥିତିକୁ ନେଇ ସମୀକ୍ଷା ବୈଠକ

ତ୍ୱରାନ୍ୱିତ ହେବ ପିଏନ୍‌ଜି ସଂଯୋଗୀକରଣ

ଭୁବନେଶ୍ୱର,୨।୪ /ଏନ୍ଏନ୍ଏସ୍: ରାଜ୍ୟରେ ଏଲ୍‌ପିଜି ଓ ପେଟ୍ରୋଲିୟମ୍‌ଜାତ ଦ୍ରବ୍ୟର ସୁଗମ ଯୋଗାଣ ସୁନିଶ୍ଚିତ କରିବାକୁ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୃହନିର୍ମାଣ ଓ ନଗର ଉନ୍ନୟନ ତଥା ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଭାଗୀୟ ଅଧିକାରୀ, ବିଭିନ୍ନ ତୈଳ ଓ ଗ୍ୟାସ୍ କମ୍ପାନୀର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ସାମ୍ପ୍ରତିକ ପରିସ୍ଥିତିରେ ଗ୍ୟାସ୍ କଳାବଜାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗ୍ୟାସ ଯୋଗାଣ ଅନିୟମିତତା ରୋକିବାକୁ ଗ୍ରାହକଙ୍କ ନିମନ୍ତେ ବାୟୋମେଟ୍ରିକ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ପିଏନ୍‌ଜି(ପାଇପ୍ଡ ନେଚୁରାଲ ଗ୍ୟାସ୍) ସଂଯୋଗ ପାଇବେ, ସେମାନଙ୍କୁ ଏଲ୍‌ପିଜି ସଂଯୋଗୀକରଣରୁ ବାଦ୍ କରିବାକୁ କଡ଼ାକଡ଼ି ଭାବେ ନିର୍ଦ୍ଦେଶ ଦିଆଯାଇଛି। ପିଏନ୍‌ଜି ଗ୍ୟାସ୍ ଯୋଗାଣ ନିମନ୍ତେ ପାଇପ୍ ଲାଇନ ସଂଯୋଗ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ ଏବଂ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ତୈଳ ଓ ଗ୍ୟାସ୍ କମ୍ପାନୀମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଏହି ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ ମହାପାତ୍ର ପିଏନଜି ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ ସହରାଞ୍ଚଳରେ ଏଲ୍‌ପିଜି ଉପରେ ନିର୍ଭରଶୀଳତା କମାଇବା ପାଇଁ ସମସ୍ତ ସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ତୁରନ୍ତ ପିଏନଜି ସଂଯୋଗ ନେବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତୁରନ୍ତ ଅନୁମତି ପ୍ରଦାନ କରିବ। ଆଗାମୀ ରଥଯାତ୍ରାକୁ ନଜରରେ ରଖି ପୁରୀ ସହରରେ ପିଏନ୍‌ଜି ସଂଯୋଗ ପ୍ରାଧାନ୍ୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ଶ୍ରୀ ସିଂ ଏଜେନ୍ସିଗୁଡ଼ିକୁ ଡିଏସି(ଡେଲିଭରି ଅଥେଣ୍ଟିକେସନ କୋଡ) ବ୍ୟବସ୍ଥାକୁ ଶତପ୍ରତିଶତ କଡ଼ାକଡ଼ି କରିବା ଏବଂ ବାୟୋମେଟ୍ରିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଦ୍ୱାରା କି ଗ୍ରାହକମାନେ "ଘୋଷ୍ଟ ଡେଲିଭରି" (ମିଥ୍ୟା ମେସେଜ୍)ର ଶିକାର ହେବେନି। ସେହିପରି ପାଇପ ଲାଇନ ଯୋଗେ ସହରର ବିଭିନ୍ନ ଗୃହ, ଶିଳ୍ପାଞ୍ଚଳ ଓ ପ୍ରତିଷ୍ଠାନକୁ ବାଣିଜ୍ୟିକ ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥା ସୁଦୃଢ଼ କରିବାକୁ ସେ ବୈଠକରେ କହିଥିଲେ। ଜନସାଧାରଣ ଆଦୌ ଭୟଭୀତ ହେବାର ଆବଶ୍ୟକତା ନାହିଁ। ସରକାର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଜରିଆରେ ସ୍ଥିତି ଉପରେ ନଜର ରଖିଥିବା ସେ ସୂଚନା ଦେଇଛନ୍ତି। ତୈଳ ଓ ଗ୍ୟାସ୍ କମ୍ପାନୀ ଅଧିକାରୀମାନେ ଜଣାଇଥିଲେ ଯେ ସେମାନେ ପ୍ରତିଦିନର ତଥ୍ୟ ଉପସ୍ଥାପନ କରୁଛନ୍ତି। କେତେ ଗ୍ୟାସ୍ ମହଜୁଦ ଅଛି ସେ ବିଷୟରେ ଯୋଗାଣ ବିଭାଗକୁ ତଥ୍ୟ ଦେଉଛନ୍ତି। ପାଞ୍ଚ ଦିନର ଗ୍ୟାସ୍ ଷ୍ଟକ ରହୁଛି। ବିଦ୍ୟାଳୟ, ଅଙ୍ଗନବାଡ଼ି, ଆହାରକେନ୍ଦ୍ର ଓ ଡାକ୍ତରଖାନା ପରି ସରକାରୀ ଅନୁଷ୍ଠାନଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଗ୍ୟାସ୍ ଯୋଗାଇ ଦିଆଯାଉଛି।

ଅନିୟମିତତା ରୋକିବାକୁ ବାୟୋମେଟ୍ରିକ ବାଧ୍ୟତାମୂଳକ

ବିଦ୍ୟାଳୟ, ଅଙ୍ଗନବାଡ଼ି, ଆହାରକେନ୍ଦ୍ର ଓ ଡାକ୍ତରଖାନାକୁ ଅଗ୍ରାଧିକାର

ପୁଣି ସମ୍ବଲପୁର କୋର୍ଟକୁ ବୋମା ଧମକ

ସମ୍ବଲପୁର,୨।୪/ଏନ୍ଏନ୍ଏସ୍: ସମ୍ବଲପୁର କୋର୍ଟକୁ ପୁଣି ବୋମା ଧମକ। କିଛି ଦିନ ବ୍ୟବଧାନ ପରେ ଗୁରୁବାର ପୁଣି ଇ-ମେଲ ଯୋଗେ ବୋମା ଧମକ ମିଳିଥିଲା। ୧୩ଟି ବୋମା ଥିବା ଇ-ମେଲରେ ଉଲ୍ଲେଖ ରହିଥିଲା। ତେବେ ଖବର ସାମ୍ନାକୁ ଆସିବା ପରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିଲା। ଡଗ ସ୍କ୍ୱାଡ଼ ଓ ବମ ସ୍କ୍ୱାର୍ଡ ପହଞ୍ଚି ତଦନ୍ତ କରିଥିଲେ। ପୂର୍ବରୁ ମଧ୍ୟ ୨ ଥର ବୋମା ଧମକ ମିଳିସାରିଛି। ହେଲେ ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତ ଧରା ପଡ଼ିନାହାନ୍ତି। ତେବେ ବାରମ୍ବାର ବୋମା ଧମକ ପରେ ଭୟ ବଢ଼ିବା ସହ ଏହା ଅଶାନ୍ତିର ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଥିବା ଓକିଲ କହିଛନ୍ତି। ଭଲ ସାଇବର ବିଶେଷଜ୍ଞଙ୍କ ଦ୍ୱାରା ଏମାନଙ୍କ ପର୍ଦ୍ଦାଫାଶ କରିବା କଥା ବୋଲି ଓକିଲ କହିଛନ୍ତି । ସେପଟେ ତଦନ୍ତ ଚାଲିଥିବା କହିଛନ୍ତି ଅତିରିକ୍ତ ଏସପି। ପୂର୍ବ ଥର ନେଦରଲାଣ୍ଡ ଓ ଜର୍ମାନୀରୁ ଇ-ମେଲ ଆସିଥିବା ସେ କହିଛନ୍ତି।

ଜନଗଣନା-୨୦୨୭ ପାଇଁ ବ୍ୟାପକ ପ୍ରସ୍ତୁତି

ଜନଗଣନା ସମ୍ପୂର୍ଣ୍ଣ ନ ହେବା ଯାଏଁ ବଦଳି ମନା

ଭୁବନେଶ୍ୱର,୨।୪ /ଏନ୍ଏନ୍ଏସ୍: ରାଜ୍ୟରେ ଜନଗଣନା- ୨୦୨୭ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ତେବେ ଉକ୍ତ ଜନଗଣନା କାର୍ଯ୍ୟର ସଫଳ ସମ୍ପାଦନ ସୁନିଶ୍ଚିତ କରିବା ପାଇଁ ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ବଦଳି ନ କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ନଗର ନିଗମମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ବିଭିନ୍ନ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ମହାନଗର ନିଗମର କମିଶନର ତଥା ମୁଖ୍ୟ ଜନଗଣନା ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଏହି ଜନଗଣନା ପ୍ରକ୍ରିୟା ଦୁଇଟି ପର୍ଯ୍ୟାୟରେ ଡିଜିଟାଲ୍ ମାଧ୍ୟମରେ ସମ୍ପନ୍ନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଆବାସ ଜନଗଣନା ୧୬ ଏପ୍ରିଲ ୨୦୨୬ ଠାରୁ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ୩୦ ଦିନ ଧରି ଅନୁଷ୍ଠିତ ହେବ। ଏହା ସହିତସ୍ୱ-ଗଣନା କାର୍ଯ୍ୟକ୍ରମଏପ୍ରିଲ ୨୦୨୬ ଠାରୁ ୧୫ ଏପ୍ରିଲ ୨୦୨୬ର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟଜଂଖ୍ୟା ଗଣନା ୨୦୨୭ ମସିହା ଫେବୃଆରୀ ମାସରେ କରାଯିବ। ଉକ୍ତ ଜନଗଣନା କାର୍ଯ୍ୟର ସଫଳ ସମ୍ପାଦନ ସୁନିଶ୍ଚିତ କରିବା ପାଇଁ ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ବଦଳି ନ କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ନଗର ନିଗମମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ସମସ୍ତ ଜିଲ୍ଲା ଓ ନଗର ନିଗମର ମୁଖ୍ୟ ଜନଗଣନା ଅଧିକାରୀମାନେ ଜନଗଣନା କର୍ମଚାରୀମାନଙ୍କ ପ୍ରଶିକ୍ଷଣକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରିବେ। ଜନଗଣନାର୍ଯ୍ୟରେ ନିୟୋଜିତ ମାଷ୍ଟର ଟ୍ରେନର ଓିଲ୍ଡ ଟ୍ରେନରମାନଙ୍କୁ ଜନଗଣନା କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ଅର୍ଥାତ୍‌ର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ବଦଳି କରାଯିବ ନାହିଁ। ସୁପରଭାଇଜର ଓ ଏନ୍ୟୁମେରେଟରାବେ ନିଯୁକ୍ତ କର୍ମଚାରୀମାନଙ୍କ ବଦଳି ସମ୍ବନ୍ଧରେ ସମ୍ପର୍କିତ ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀଙ୍କ ପୂର୍ବାନୁମତି ବିନା କୌଣସି ପଦକ୍ଷେପ ଗ୍ରହଣ କରାଯିବ ନାହିଁ। ବିଭାଗୀୟ ମୁଖ୍ୟ ଅଧିକାରୀମାନଙ୍କୁ କ୍ଷେତ୍ରସ୍ତରରେ ନିୟୋଜିତ ଜନଗଣନା ଅଧିକାରୀମାନଙ୍କ ବଦଳି ନିୟନ୍ତ୍ରଣ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି, ଯାହା ଜନଗଣନା କାର୍ଯ୍ୟର ସୁସମ୍ପାଦନ ସୁନିଶ୍ଚିତ କରିବ। ଜନଗଣନା କାର୍ଯ୍ୟରେ ନିଯୁକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଆଇନ, ୧୯୪୮ ଓ ଜନଗଣନା ନିୟମାବଳୀ, ୧୯୯୦ ଅନୁଯାୟୀ ନିଜର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ସମ୍ପାଦନ କରିବେ। ଏହି ସମସ୍ତ ପଦକ୍ଷେପ ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଗ୍ରହଣ କରାଯାଇଥିବାବେଳେ ରାଜ୍ୟ ସରକାର ଜନଗଣନା ୨୦୨୭ କାର୍ଯ୍ୟକ୍ରମର ସଫଳ ସମ୍ପାଦନ ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଛନ୍ତି।

ସଠିକ୍ ଭାବେ ଦାୟିତ୍ୱ ସମ୍ପାଦନ ନିମନ୍ତେ ଚିଠି ଲେଖିଲେ ରାଜସ୍ୱ ସଚିବ

ରାଜଧାନୀରୁ ୨ ପିସ୍ତଲ୍, ୧୦ ଗୁଳି ଜବତ

ଭୁବନେଶ୍ୱର,୨।୪/ଏନ୍ଏନ୍ଏସ୍: କମିଶନରେଟ୍ ପୁଲିସ୍‌ର ସ୍ପେଶାଲ କ୍ରାଇମ୍ ୟୁନିଟ୍ ରାଜଧାନୀ ଭୁବନେଶ୍ୱରରୁ ୨ଟି ସେମି-ଅଟୋମାଟିକ୍ ପିସ୍ତଲ ସହିତ ୧୦ଟି ଗୁଳି ଜବତ କରିଛି। ଏହା ସହିତ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାଁ ଅମରେଶ ରାଉତ ଓରଫ କାହ୍ନା (୨୮)। ତା' ଘର ଭୁବନେଶ୍ୱରର ସୁନ୍ଦରପଦାର ତଳସାହିରେ। ଗତକାଲି ରାତି ପ୍ରାୟ ୨ଟା ବେଳେ ସୁନ୍ଦରପଦାରୁ ତାକୁ ଧରିଥିଲା ପୁଲିସ୍। ବିଶେଷ ସୂତ୍ରରୁ ସୂଚନା ପାଇ କମିଶନରେଟ୍ ପୁଲିସ୍‌ର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଚଢ଼ଉ କର ଅଭିଯୁକ୍ତକୁ ଧରିବା ସହିତ ତା'ଠାରୁ ପିସ୍ତଲ ଜବତ କରିଥିଲା। ଅଭିଯୁକ୍ତ ଅମରେଶ ରାଉତଠାରୁ ୨ଟି ପିସ୍ତଲ ଓ ୧୦ଟି ଗୁଳି ସହିତ ଦୁଇଟି ମାଗାଜିନ୍, ଗୋଟିଏ ମୋବାଇଲ, ଗୋଟିଏ ବାଇକ୍ ଓ ନଗଦ ୮୦୦ ଟଙ୍କା ଜବତ କରାଯାଇଛି। କମିଶନରେଟ୍ ପୁଲିସ୍‌ର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଅମରେଶ ରାଉତକୁ ଗିରଫ କରି ଜେରା କରୁଛି। ବେଆଇନ ବନ୍ଧୁକ ନେଇ ସେମାନଙ୍କର ପୂରା ଅପରେସନ ଓ ନେଟୱର୍କ ବିଷୟରେ ସେମାନେ ଖୋଳତାଡ଼ କରୁଛନ୍ତି ବୋଲି ସ୍ପେଶାଲ କ୍ରାଇମ ୟୁନିଟ ଡିସିପି ଅନୁପ କାନୁନଗୋ ସୂଚନା ଦେଇଛନ୍ତି।

ସରିଲା ମାଟ୍ରିକ୍ ଖାତା ଦେଖା

କଟକ,୨।୪/ଏନ୍ଏନ୍ଏସ୍: ମାଟ୍ରିକ୍ ପରୀକ୍ଷାର ଖାତା ଦେଖା ଆଜି ଶେଷ ହୋଇଛି। ମେ ମାସ ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବ। ଏନେଇ ଆଜି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ପରୀକ୍ଷା ଫଳ ବାହାରିବା ପରେ ସଙ୍ଗେ ସଙ୍ଗେ ବୋର୍ଡ ସାର୍ଟିଫିକେଟ୍ ମିଳିବ। ଯାହାଙ୍କର ପେପର୍ ଖରାପ ଥିବ ସେମାନେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ ବୋଲି କହିଛନ୍ତି ବୋର୍ଡ ସଭାପତି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଖାତା ଦେଖା ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହୋଇଥିଲା। ରାଜ୍ୟର ୫୧ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୧୫ ହଜାର ଶିକ୍ଷକଙ୍କ ଦ୍ୱାରା ଖାତା ଦେଖାଯାଇଥିଲା। ଏଥିପାଇଁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ବୋର୍ଡ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚିଠି ଲେଖିଯାଇଥିଲା। ଏପ୍ରିଲ ୨ ତାରିଖ ସୁଦ୍ଧା ଅର୍ଥାତ ୧୫ ଦିନ ମଧ୍ୟରେ ଖାତାଦେଖା ସାରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସୂଚନା ଯୋଗ୍ୟ ଯେ, ଚଳିତବର୍ଷ ରାଜ୍ୟର ୫ ଲକ୍ଷ ୬୨ ହଜାର ୬୧୨ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ। ଏଥିପାଇଁ ବୋର୍ଡ ଦ୍ୱାରା ମୋଟ୍ ୩, ୦୮୨ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଗତ ଫେବୃଆରୀ ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହୋଇଥିଲା। ପାଖାପାଖି ୧୨ ହଜାର ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ।

ମେ' ଦ୍ୱିତୀୟ ସପ୍ତାହରେ ଫଳ

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି

ପ୍ରଦର୍ଶିତ ହେବ ସହରର ଐତିହ୍ୟ, ସଂସ୍କୃତି ଓ ବିକାଶ ଧାରା

ଭୁବନେଶ୍ୱର,୨।୪/ଏନ୍ଏନ୍ଏସ୍: ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ୭୮ତମ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ସଂପୃକ୍ତ ବିଭିନ୍ନ ବିଭାଗ ଓ ଅନୁଷ୍ଠାନମାନଙ୍କୁ ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ଏହି ଉତ୍ସବକୁ ଏପ୍ରିଲ ୧୩ ତାରିଖରେ ସ୍ୱତନ୍ତ୍ର ଭାବେ ଏବଂ ୧୪ ତାରିଖରେ ରାଜ୍ୟ ସରକାରଙ୍କ 'ଓଡ଼ିଆ ପକ୍ଷ' ସହ ମିଳିତ ସମନ୍ୱୟରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ମହୋତ୍ସବର ଆୟୋଜନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଭୁବନେଶ୍ୱର ମହାନଗର ନିଗମ କମିଶନର ଚଞ୍ଚଳ ରାଣା ଉପସ୍ଥାପନ କରିଥିଲେ। ଭୁବନେଶ୍ୱର ସହରର ଐତିହ୍ୟ, ସଂସ୍କୃତି ଏବଂ ବିକାଶର ଧାରାକୁ ପ୍ରଦର୍ଶିତ କରିବା ସହ ଏହି ଦିବସକୁ ସ୍ମରଣୀୟ କରିବା ଉତ୍ସବ ଆୟୋଜନର ମୂଳ ଲକ୍ଷ୍ୟ ବୋଲି ବୈଠକରେ ଆଲୋଚନା କରାଯାଇଥିଲା।

ରାଜଧାନୀ ପ୍ରତିଷ୍ଠା ଦିବସ ଏପ୍ରିଲ ୧୩ ତାରିଖ ସକାଳେ ପିଏମଜି ଛକସ୍ଥିତ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇ ଉତ୍ସବର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରାଯିବ। ଏହା ସହିତ ରବୀନ୍ଦ୍ର ମଣ୍ଡପରୁ ଜୟଦେବ ଭବନ ପର୍ଯ୍ୟନ୍ତ ଏକ ଆକର୍ଷଣୀୟ ବେସାମରିକ ପରେଡ୍ ଅନୁଷ୍ଠିତ ହେବ। ସେହପରି ଉତ୍ସବ ଉପଲକ୍ଷେ ଜୟଦେବ ଭବନଠାରେ ରାଜଧାନୀର ଐତିହ୍ୟ ଓ ଗୌରବକୁ ନେଇ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରାତଃ କାଳୀନ ପରେଡ୍ କାର୍ଯ୍ୟକ୍ରମଗୁଡ଼ିକୁ ସକାଳେ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥେଷ୍ଟ ପିଇବା ପାଣି, ଆବଶ୍ୟକ ଓଆରଏସ୍ ଏବଂ ଆନୁଷଙ୍ଗିକ ସୁବିଧା କରିବାକୁ ପରାମର୍ଶ ଦିଆଯାଇଛି। ୧୩ ତାରିଖ ସଂଧ୍ୟାରେ ଉତ୍କଳ ମଣ୍ଡପଠାରେ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ, ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଉତ୍ସବର ଦ୍ୱିତୀୟ ଦିନ ଏପ୍ରିଲ ୧୪ ତାରିଖରେ ଉତ୍କଳ ମଣ୍ଡପଠାରେ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଆ ପକ୍ଷ ସହ ସମନ୍ୱିତ କରାଯାଇ ଅନୁଷ୍ଠିତ ହେବ। ଦୁଇଦିନ ଧରି ଉତ୍ସବରେ ବିଭିନ୍ନ ଅତିଥିମାନେ ଯୋଗଦେବେ।

ଏହି ଆୟୋଜନ ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ, ପୁଲିସ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ସେବା, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ରାଷ୍ଟ୍ରାୟତ ବ୍ୟାଙ୍କ ଓ ଜନସାଧାରଣଙ୍କ ଅଂଶଗ୍ରହଣ ସଂପର୍କରେ ଆଲୋଚନା କରାଯାଇଥିଲା। ବିଡିଏ ଦ୍ୱାରା ପ୍ରତିଷ୍ଠା ଫଳକ ଅଞ୍ଚଳର ସଫେଇ, ଫୁଲ ସଜ୍ଜା ଏବଂ ସୌନ୍ଦର୍ଯ୍ୟକରଣ କରାଯିବ। ପ୍ରତିଷ୍ଠା ଫଳକ ସ୍ଥିତ ଜଳ ଫୁଆର(ଫାଉଣ୍ଟେନ)କୁ ପୁନଃ ଚଳକ୍ଷମ କରିବା, ପତାକା ମଂଚ ସ୍ଥଳ ପ୍ରସ୍ତୁତି, ବିଭିନ୍ନ ସ୍ଥାନରେ ସ୍ୱାଗତ ତୋରଣ ଲଗାଯିବା, ପରେଡ୍ ପରିଚାଳନା, ଏଜି ଛକରୁ ରବୀନ୍ଦ୍ର ମଣ୍ଡପ ପର୍ଯ୍ୟନ୍ତ ଆଲୋକୀକରଣ ସହିତ ଏହି ଦୁଇ ଦିନିଆ ଉତ୍ସବରେ ଲୋକ ଭବନ, ଲୋକସେବା ଭବନ, ଖାରବେଳ ଭବନ, ବିଧାନସଭା ସୌଧ ସମେତ ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ, ରାଷ୍ଟ୍ରାୟତ ବ୍ୟାଙ୍କ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଆଲୋକମାଳାରେ ସଜାଇବାକୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡକ୍ଟର ଏନ. ତିରୁମାଲା ନାଏକ, ଜିଲ୍ଲାପାଳ, ଖୋର୍ଦ୍ଧା ଅମ୍ରିତ୍ ଋତୁରାଜ, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ପାଢୀଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ୱାଟକୋ, ପୁଲିସ କମିଶନରେଟ୍ ଏବଂ ଅଗ୍ନିସମ ସେବା ସମେତ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସାଧାରଣ ସଂପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

ଏପ୍ରିଲ ୧୩, ୧୪ ଦୁଇଦିନ ଧରି ପାଳନ ହେବ

୧୩ ତାରିଖ ପ୍ରତିଷ୍ଠା ଶିଳାନ୍ୟାସ ଫଳକ ଠାରେ ମାଲ୍ୟାର୍ପଣ

ଉତ୍କଳ ମଣ୍ଡପ ଠାରେ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଓଡ଼ିଶାର ୩୦ଟି ଜିଲ୍ଲାରେ ୧,୮୮୯ଟି ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଲୋକାର୍ପଣ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ

ପ୍ରଥମ ଦିନରେ ୧୭ ହଜାର ସ୍ୱ-ଜନଗଣନା

ଭୁବନେଶ୍ୱର,୨।୪/ଏନ୍ଏନ୍ଏସ୍: ରାଜ୍ୟରେ ଜାରି ରହିଛି ସ୍ୱ ଜନଗଣନା। ବୁଧବାର ଏହି ଜନଗଣନା ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ୧୭ ହଜାର ସ୍ୱ ଜନଗଣନା ରିପୋର୍ଟ ହୋଇଛି। ପ୍ରଥମ ଦିନରେ ୧୭ ହଜାର ଲୋକ ନିଜର ଜନଗଣନା କରିଛନ୍ତି। ଏନେଇ ଜନଗଣନା ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ସୂଚନା ଦେଇଛନ୍ତି। ଏଥିସହ ସେ ସ୍ୱ-ଜନଗଣନା ପ୍ରକ୍ରିୟାରେ ଅଧିକ ସାମିଲ ହେବାକୁ ଲୋକଙ୍କୁ ଅପିଲ୍ କରିଛନ୍ତି। ଜନଗଣନା ସମନ୍ୱୟ କମିଟିର ଦ୍ୱିତୀୟ ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ବିଭିନ୍ନ ବିଭାଗର ସଚିବ ଓ ଉନ୍ନୟନ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ଆମ୍ ଗଣନା ପ୍ରକ୍ରିୟାରେ ଅଧିକରୁ ଅଧିକ ସାମିଲ ହେବା ପାଇଁ ସାଧାରଣ ଲୋକଙ୍କୁ ଅପିଲ କରିଛନ୍ତି ଉଭୟ ମୁଖ୍ୟ ଶାସନ ସଚିବ ଓ ଜନଗଣନା ନିର୍ଦ୍ଦେଶକ।

ଏମ୍‌ସିଏଲ୍‌ରେ ଉତ୍କଳ ଦିବସ ପାଳିତ

ସମ୍ବଲପୁର, ୨।୪/ଏନ୍‌ଏନ୍‌ଏସ୍: ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ସମ୍ବଲପୁରସ୍ଥିତ ମୁଖ୍ୟାଳୟରେ ଓଡ଼ିଶା ରାଜ୍ୟ ଗଠନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଅତ୍ୟନ୍ତ ଉତ୍ସାହ ଏବଂ ସାଂସ୍କୃତିକ ଭବ୍ୟତାର ସହ ଉତ୍କଳ ଦିବସ ପାଳନ କରାଯାଇଛି।

ପ୍ରଦୀପ ପ୍ରଜ୍ୱଳନ ଏବଂ ଓଡ଼ିଶାର ମହାନ ବରପୁତ୍ରମାନଙ୍କ ପ୍ରତି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା, ନିର୍ଦ୍ଦେଶକ (ବୈଷୟିକ) ଏସ୍.କେ. ଝା, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ପି.କେ. ପଟେଲ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ତଥା ବିଶିଷ୍ଟ ଅତିଥିମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଅଭିଭାଷଣରେ ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା ଓଡ଼ିଶା ରାଜ୍ୟ ଗଠନରେ ମହାନ ସଂଗ୍ରାମୀମାନଙ୍କ ସମୃଦ୍ଧ ପରମ୍ପରା, ବଳିଦାନ ଏବଂ ଅକ୍ଳାନ୍ତ ସଂଘର୍ଷ ବିଷୟରେ ଉଲ୍ଲେଖ କରିଥିଲେ। ଓଡ଼ିଶାର ଐତିହ୍ୟ, ପରିଚୟର ସଂରକ୍ଷଣ ଓ ପ୍ରୋତ୍ସାହନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ମହାନ ସନ୍ତାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟବକ୍ତା ପଦ୍ମଶ୍ରୀ ବିଶିଷ୍ଟ ଶିଳ୍ପୀ ପ୍ରଫେସର ଅଦ୍ୱୈତ ଗଡ଼ନାୟକ ରାଜ୍ୟର କଳା, ପରମ୍ପରା ଏବଂ ସାଂସ୍କୃତିକ ସମୃଦ୍ଧି ଉପରେ ନିଜର ବିଚାର ବ୍ୟକ୍ତ କରିଥିଲେ ଏବଂ ଓଡ଼ିଶାର କଳା ଏବଂ ଭାସ୍କର୍ଯ୍ୟକୁ ବିଶ୍ୱ ମଞ୍ଚରେ ଆଗକୁ ନେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମକୁମ୍ ମହାନ୍ତି ଓ ତାଙ୍କ ଦଳ ନିଜର ଚମତ୍କାର ଓଡ଼ିଶୀ ନୃତ୍ୟ ଦ୍ୱାରା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହା ପରେ ଗୁରୁ ଆଲୋକ ପଣ୍ଡା ଏବଂ ତାଙ୍କ ଦଳ ଦ୍ୱାରା ଉପସ୍ଥାପିତ ସମ୍ବଲପୁରୀ ନୃତ୍ୟ ପଶ୍ଚିମ ଓଡ଼ିଶାର ରଙ୍ଗୀନ ଲୋକ ପରମ୍ପରାକୁ ଜୀବନ୍ତ କରିଥିଲା। ଏମ୍‌ସିଏଲ୍‌ର ନିର୍ଦ୍ଦେଶକ, ମୁଖ୍ୟ ସତର୍କତା ଅଧିକାରୀ, ପୂର୍ବତନ ସିଏମ୍‌ଡି, ସଂଘର ପ୍ରତିନିଧି, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ, ଯାହା ଏକତା ଏବଂ ସାଂସ୍କୃତିକ ଗୌରବର ଭାବନାକୁ ପ୍ରତିଫଳିତ କରିଥିଲା।

ପିପିଏଲ୍ କଲୋନୀରେ ଉତ୍କଳ ଦିବସ

ଭୁବନେଶ୍ୱର, ୨।୪/ଏନ୍‌ଏନ୍‌ଏସ୍: ଖଣ୍ଡଗିରିସ୍ଥିତ ପିପିଏଲ୍ କଲୋନୀରେ ଉତ୍କଳ ଦିବସ ପାଳନ ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ସୁଲେଖିକା ଓ ଅନୁବାଦିକା ଓ ଓଡ଼ିଶା ଲେଖିକା ସଂସଦର ସଭାପତି ଡ. ଶକୁନ୍ତଳା ବଳିଆରସିଂହ ଉଦ୍‌ବୋଧନ ଦେଇ କହିଲେ ଯେ ଭାଷା ହେଉଛି ଗୋଟିଏ ଜାତିର ପରିଚୟ ଓ ଓଡ଼ିଶା ହେଉଛି ଭାରତବର୍ଷର ପ୍ରଥମ ରାଜ୍ୟ, ଯାହା ୯୦ ବର୍ଷ ପୂର୍ବେ ଓଡ଼ିଆ ଭାଷାକୁ ନେଇ ଗଠିତ ହୋଇଥିଲା। ତତ୍‌କାଳୀନ ରାଜନେତା, ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ଓ ବୁଦ୍ଧିଜୀବୀଙ୍କ ପ୍ରଚେଷ୍ଟାରେ ଉତ୍କଳ

ସମ୍ମିଳନୀ ଗଠନ କରି ବ୍ରିଟିଶ୍ ଶାସନ ସମୟରେ ଭାଷାକୁ ଭିତ୍ତିକରି ଓଡ଼ିଶାକୁ ବିଚ୍ଛିନ୍ନାଞ୍ଚଳ ସହ ମିଶାଇ ଏକ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରାଯାଇଥିଲା। ସେହି ଓଡ଼ିଶାର ସାହିତ୍ୟ, କଳା, ଶିଳ୍ପ, ନୃତ୍ୟ, ସଂଗୀତ, ଖାଦ୍ୟ, ତଥା ପ୍ରଭୁ ଶ୍ରୀଜଗନ୍ନାଥ ପୃଥିବୀରେ ପ୍ରସିଦ୍ଧି ଲାଭ କରିଛନ୍ତି। ସେହି ଓଡ଼ିଆ ଭାଷା ଓ ଓଡ଼ିଆ ଜାତିର ମାନରକ୍ଷା କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ବୋଲି ଡ. ବଳିଆରସିଂହ ବକ୍ତବ୍ୟ ରଖିଥିଲେ। ପିପିଏଲ୍ କଲୋନୀର ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତରୁ ସଭାକାର୍ଯ୍ୟ ଆରମ୍ଭ କରି ମଧୁସୂଦନ ଓ ଗୋପବନ୍ଧୁଙ୍କ ଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ମୁଖ୍ୟଅତିଥି ଡ. ବଳିଆରସିଂହ, ସମ୍ମାନିତ ଅତିଥି ପ୍ରାକ୍ତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ ଓ କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ। ସମ୍ମାନିତ ଅତିଥିଗଣ ପିପିଏଲ୍ କଲୋନୀବାସିନ୍ଦାଙ୍କ ଏକତା ଓ ଉନ୍ନତିମୂଳକ କାର୍ଯ୍ୟର ପ୍ରଶଂସା କରି ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ସମ୍ପାଦକ ସୁବାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରିଚାଳନାରେ ଯୁଗ୍ମ ସଂପାଦକ କିଶୋର ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଅଶୋକ କୁମାର ମେହେର ଓ ସମନ୍ୱିତା ସାହିତ୍ୟ ସଂସଦର ମହିଳା ସଭ୍ୟାମାନେ ଡ. ମନସ୍ୱିନୀ ଦାଶଙ୍କ ନେତୃତ୍ୱରେ ସାହାଯ୍ୟ କରିଥିଲେ।

ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ମହୋତ୍ସବରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ

ଭୁବନେଶ୍ୱର, ୨।୪/ଏନ୍‌ଏନ୍‌ଏସ୍: ରାଜ୍ୟ ସରକାରଙ୍କ ସହଯୋଗରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୪ଦିନ ବ୍ୟାପୀ ଆୟୋଜିତ ଆନ୍ତଃବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ମହୋତ୍ସବ-୨୦୨୬ରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଦଳଗତ ସଫଳତା ହାସଲ କରିଛନ୍ତି। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରାୟ ୮୦୦ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସର୍ବାଧିକ ପୁରସ୍କାର ଲାଭ କରିଛନ୍ତି। ସହକାରୀ ପ୍ରଫେସର ସାରଦା ପ୍ରସନ୍ନ ଦାସ ଓ ଅଧ୍ୟାପିକା ସଂଘାରାଣୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ଦଳ ଏହି ଆନ୍ତଃବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଏହି ସଫଳତା ନିମନ୍ତେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଅଭିନନ୍ଦନ ଜଣାଇବା ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଓଡ଼ିଶାରେ କୋଇଲାରୁ ନାଇଟ୍ରେଟ୍ ଆମୋନିୟମ୍ ପ୍ରକଳ୍ପ ପାଇଁ

ଏମ୍‌ସିଏଲ୍ ଓ ବିସିଜିସିଏଲ୍ ମଧ୍ୟରେ ଐତିହାସିକ ଚୁକ୍ତିନାମା ସ୍ୱାକ୍ଷରିତ

ସମ୍ବଲପୁର, ୨।୩/ଏନ୍‌ଏନ୍‌ଏସ୍: ଭାରତର କୋଇଲା ଗ୍ୟାସିଫିକେସନ୍ ରୋଡ୍‌ମ୍ୟାପ୍ ଆଗକୁ ବଢ଼ାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡ଼ିଶାର ଲଖନପୁରରେ ପ୍ରସ୍ତାବିତ କୋଇଲାରୁ ଆମୋନିୟମ୍ ନାଇଟ୍ରେଟ୍ ପ୍ରକଳ୍ପ ପାଇଁ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଏବଂ ଭାରତ କୋଲ୍ ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ (ବିସିଜିସିଏଲ୍) ମଧ୍ୟରେ ଏକ ଜମି ଲିଜ୍ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀଙ୍କ ଉପସ୍ଥିତିରେ ନୂଆଦିଲ୍ଲୀରେ ଏହି ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସ୍ତାବିତ ପ୍ରକଳ୍ପରୁ ପ୍ରତ୍ୟହ କୋଇଲାରୁ ୨୦୦୦ ଟନ୍ କ୍ଷମତାବିଶିଷ୍ଟ ଆମୋନିୟମ୍ ନାଇଟ୍ରେଟ୍ ଉତ୍ପାଦନ କରାଯିବ। ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ (ଭେଲ୍) ଦ୍ୱାରା ବିକଶିତ ସ୍ୱଦେଶୀ ଗ୍ୟାସିଫିକେସନ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାରରେ ଏହା ଭାରତର ପ୍ରଥମ କୋଇଲା ଗ୍ୟାସିଫିକେସନ୍ ପ୍ରକଳ୍ପ ହେବ। ଏହି ପଦକ୍ଷେପ ସ୍ୱଦେଶୀ ନବସୃଜନ, ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ଶକ୍ତି ଏବଂ ରାସାୟନିକ କ୍ଷେତ୍ରରେ ଆମଦାନୀ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭରଶୀଳତା ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏମ୍‌ସିଏଲ୍ ନିୟନ୍ତ୍ରଣରେ ପ୍ରାୟ ୩୫୦ ଏକର ଜମିରେ ବିସ୍ତାରିତ ଏହି ପ୍ରକଳ୍ପ କୋଇଲା ମନ୍ତ୍ରଣାଳୟର ସାମ୍ପ୍ରତିକ ପ୍ରଗତିଶୀଳ ନୀତି ସଂସ୍କାର ମାଧ୍ୟମରେ ସମ୍ଭବ ହୋଇପାରିଛି। ଏହି ସଂସ୍କାରଗୁଡ଼ିକ ଅଧୀନରେ କୋଇଲା ବହନ କ୍ଷେତ୍ର (ସିବିଏ) ଭୂମିର ଉପଯୋଗ କୋଇଲା ବାଷ୍ପୀକରଣ ପ୍ରକଳ୍ପ ପାଇଁ କରାଯାଇପାରିବ, ଯାହା ଫଳରେ ଦେଶର ପ୍ରଚୁର କୋଇଲା ସମ୍ପଦର ମୂଲ୍ୟଯୁକ୍ତ ବ୍ୟବହାର ପାଇଁ ନୂତନ ସୁଯୋଗ ଖୋଲିବା ସହିତ ଆଞ୍ଚଳିକ ବିବିଧତାକୁ ପ୍ରୋତ୍ସାହନ ମିଳିବ। କୋଇଲା ବାଷ୍ପୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି କୋଇଲା ମନ୍ତ୍ରଣାଳୟ ଉତ୍ସର୍ଗୀକୃତ ଆର୍ଥିକ ପ୍ରୋତ୍ସାହନ ଯୋଜନା ଅଧୀନରେ ୧,୩୫୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛି। ପ୍ରକଳ୍ପ କାର୍ଯ୍ୟ ଉଲ୍ଲେଖନୀୟ ଭାବରେ ଅଗ୍ରଗତି କରୁଛି, ପ୍ରମୁଖ ଏଲ୍‌ଏସ୍‌ଟିକେ (ଲମ୍ପ୍ ସମ୍ ଟର୍ନ କି) ପ୍ୟାକେଜ୍ ଏଲ୍‌ଏସ୍‌ଟିକେ-୧ ଏବଂ ଏଲ୍‌ଏସ୍‌ଟିକେ-୨ ଭେଲ୍‌କୁ ଏବଂ ଏଲ୍‌ଏସ୍‌ଟିକେ-୩, ଏଲ୍‌ଏସ୍‌ଟିକେ-୪ ଲାର୍ସନ୍ ଏବଂ ଟୁବ୍ରୋକୁ ପ୍ରଦାନ କରାଯାଇଛି। ଏହା ସହିତ ସୀମା ପ୍ରାଚୀର ନିର୍ମାଣ ଏବଂ ବୃକ୍ଷ ଗଣନା ଭଳି ସ୍ଥାନ ବିକାଶ କାର୍ଯ୍ୟ ସମାନ୍ତରାଳ ଭାବରେ ଅଗ୍ରଗତି କରୁଛି, ଯାହା ସମୟସୀମା ପୂରଣ ହେବା ନିଶ୍ଚିତ କରେ।

ଭୂମି ଲିଜ୍ ଚୁକ୍ତିନାମା ସ୍ୱାକ୍ଷର ସମାରୋହକୁ ସମ୍ବୋଧିତ କରି କେନ୍ଦ୍ର କୋଇଲା ମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭରଶୀଳ ଭାରତର ଦୃଷ୍ଟିକୋଣ ସହିତ କୋଇଲା କ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ସରକାର ପ୍ରୟାସ କରୁଛନ୍ତି। ସେ ଏହା ମଧ୍ୟ ରେଖାଙ୍କିତ କରିଥିଲେ ଯେ ଭାରତରେ ପ୍ରଚୁର କୋଇଲା ଭଣ୍ଡାର ଅଛି, ଯାହାକୁ ପାରମ୍ପରିକ ବ୍ୟବହାର ବ୍ୟତୀତ କୋଇଲା ଗ୍ୟାସିଫିକେସନ୍ ମାଧ୍ୟମରେ ବ୍ୟାପକ ଭାବରେ ବ୍ୟବହାର କରାଯିବା ଆବଶ୍ୟକ।

ସେ ସୂଚନା ଦେଇଛନ୍ତି ଯେ କୋଇଲା ଗ୍ୟାସିଫିକେସନ୍‌କୁ ପ୍ରୋତ୍ସାହିତ କରିବା ପାଇଁ କ୍ୟାବିନେଟ୍ ୮୫୦୦ କୋଟି ଟଙ୍କାର ବ୍ୟୟ ଅଟକଳକୁ ଅନୁମୋଦନ କରିଛି, ଯେଉଁଥିରେ ୭ଟି ପ୍ରକଳ୍ପ ପୂର୍ବରୁ ଚୂଡ଼ାନ୍ତ ହୋଇଛି,। ଏହା ମଧ୍ୟରୁ ୩ଟି ପ୍ରକଳ୍ପ ଭୂମି ପୂଜନ ଶେଷ ହୋଇଛି। ପ୍ରାୟ ୨୫,୦୦୦ କୋଟି ଟଙ୍କା ନିବେଶ ସହିତ ଏମ୍‌ସିଏଲ୍ ଏବଂ ବିସିଜିସିଏଲ୍ ମଧ୍ୟରେ ହୋଇଥିବା ଜମି ଲିଜ୍ ଚୁକ୍ତିନାମାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ବର୍ଣ୍ଣନା କରି ସେ ଉଲ୍ଲେଖ କରିଛନ୍ତି ଯେ ଏହା ବିସିଜିସିଏଲ୍‌ର ପ୍ରଥମ ସ୍ୱଦେଶୀ ପ୍ରକଳ୍ପ ଏବଂ ଏହି କ୍ଷେତ୍ରରେ ବର୍ଦ୍ଧିତ ଗତିକୁ ପ୍ରତିଫଳିତ କରେ।

ଏହି ଲିଜ୍ ଚୁକ୍ତିନାମା ସ୍ୱାକ୍ଷର ହେବା ଦ୍ୱାରା ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯିବ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତି ସୁନିଶ୍ଚିତ ହେବ ବୋଲି ଆଶା କରାଯାଉଛି। ଲଖନପୁରରେ କୋଇଲାରୁ ଆମୋନିୟମ୍ ନାଇଟ୍ରେଟ୍ ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପଦକ୍ଷେପ ଯାହା ଦେଶର ଦୀର୍ଘକାଳୀନ ଶିଳ୍ପ ଅଭିବୃଦ୍ଧି ଏବଂ ଆର୍ଥିକ ସ୍ଥିରତାରେ ଯୋଗଦାନ ଦେବା ସହିତ ପ୍ରଯୁକ୍ତିବିଦ୍ୟା, ନୀତି ସଂସ୍କାର ଏବଂ ଆତ୍ମନିର୍ଭରଶୀଳତା ହାସଲ ପ୍ରୟାସରେ ଦିଗରେ ଭାରତର ଅଗ୍ରଗତିକୁ ପ୍ରତିଫଳିତ କରେ।

ଅଭିଷ୍ଟ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଙ୍ଗ ଉପଯୋଗୀ ଉପକରଣ ବଣ୍ଟନ

ଭୁବନେଶ୍ୱର, ୨।୪/ଏନ୍‌ଏନ୍‌ଏସ୍: ନୟାଗଡ଼ ଜିଲ୍ଲା ରଣପୁର ଏନ୍‌ଏସି ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଅଭିଷ୍ଟ ଚାରିଟେବୁଲ ଟ୍ରଷ୍ଟ, ମହାବୀର ବିକଳାଙ୍ଗ ସହାୟତା ସମିତି ଏବଂ ଓଡ଼ିଶା ସ୍ପେସିଆଲ୍ ଏଜୁକେଟର୍ ଫେଡେରେସନ୍ ଫର୍ ଦିବ୍ୟାଙ୍ଗ ସଂଘର ମିଳିତ ସହଭାଗିତାରେ ବିଶ୍ୱ ସ୍ୱପରାୟଣତା ଦିବସ ପାଳନ ଓ ଦିବ୍ୟାଙ୍ଗ ଉପଯୋଗୀ ଶିକ୍ଷା ସାମଗ୍ରୀ, ଶ୍ରବଣ ଯନ୍ତ୍ର, ଆଶାବାଡ଼ି ଓ ହ୍ୱିଲ୍‌ଚେୟାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଷ୍ଟ ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ଏଲି ପାଢ଼ୀ ଜୈନ କାର୍ଯ୍ୟକ୍ରମର ପ୍ରାରମ୍ଭିକ ବକ୍ତବ୍ୟରେ ଅଟିଜିମ୍ ଏକ ସ୍ୱାଭାବିକ ତ୍ରୁଟିଯୁକ୍ତ ଶାରୀରିକ ବିକାଶ ଯେଉଁଥିରେ ଅନ୍ୟ ଲୋକମାନଙ୍କ ସହିତ ସାମାଜିକ ଭାବ ବିନିମୟ ଓ ଯୋଗାଯୋଗ କରିବାରେ ସୀମିତ ତଥା ପୁନଃପୌନିକ ବ୍ୟବହାର ଦେଖାଯାଏ ବୋଲି ମତପ୍ରକାଶ କରିବା ସହ ଅଟିଜିମର ନିରାକରଣ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ରଣପୁର ବିଡ଼ିଓ ମନୋଜ କୁମାର ନାୟକ, ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦାମନ, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ଜିଲ୍ଲା ସାମାଜିକ ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ମହାବୀର ବିକଳାଙ୍ଗ ସହାୟତା ସମିତିର ଅଧ୍ୟକ୍ଷ ବାଙ୍କନିଧି ସାମଲ, ଓଡ଼ିଶା ସ୍ପେସିଆଲ୍ ଏଜୁକେଟର ଫେଡ଼େରେସନ ଫର୍ ଦିବ୍ୟାଙ୍ଗ ସଂଘର ସମ୍ପାଦକ ଆୟୁଷ୍ମାନ ଚୌଧୁରୀ, ଗୋଷ୍ଠୀ ସମ୍ବଳ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର, କଳିଙ୍ଗ ଯୁବସେନାର ପ୍ରତିଷ୍ଠାତା ଚନ୍ଦ୍ରଶେଖର ଦାସ, ତଥା ଭୁବନେଶ୍ୱରର ସମାଜସେବୀ ବିଭୁ ପ୍ରସାଦ ରାୟ ଯୋଗଦେଇ ଅଟିଜିମ୍ କଣ, ତାହାର ନିରାକରଣ ଓ ସଚେତନତା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ଏହି ଅବସରରେ ପ୍ରାୟ ୩୦ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ସ୍ୱତନ୍ତ୍ର ଶିକ୍ଷା ସାମଗ୍ରୀ, ୩୬ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ଓ ୨୩ ଜଣ ଶ୍ରବଣ ବାଧିତ ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ ପୂର୍ବକ ସମୁଦାୟ ପ୍ରାୟ ୧୦୦ ଜଣ ଦିବ୍ୟାଙ୍ଗଙ୍କୁ ଆବଶ୍ୟକୀୟ ଉପକରଣ ପ୍ରଦାନ କରାଯାଇଛି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଓଡ଼ିଶା ବିଧାନସଭାର ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ହୋଇଥିଲା, ଯାହାକୁ ସାଧାରଣ ଜନତା, ଶିକ୍ଷାବିତ୍, ବୁଦ୍ଧିଜୀବୀ,ସମାଜସେବୀ ତଥା ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କ ଅଭିଭାବକ ଖୁବ୍ ପ୍ରଶଂସା କରିଛନ୍ତି।

ଦକ୍ଷିଣ ପୂର୍ବ ରେଳପଥର ସଫଳତା

୨୦୨୫-୨୬ ଆର୍ଥିକ ବର୍ଷରେ ୨୧୦.୪୧ ମିଲିୟନ୍ ଟନ୍ ମାଲ୍ ପରିବହନ

କୋଲକାତା, ୨।୪/ଏଜେନ୍ସି: ଦକ୍ଷିଣ ପୂର୍ବ ରେଳପଥ (ଏସ୍‌ଇଆର୍) ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ର ସଫଳତା ରିପୋର୍ଟ ଜାରି କରାଯାଇଛି। ମାଲ୍ ପରିବହନ ଠାରୁ ଆରମ୍ଭ କରି ଯାତ୍ରୀ ସୁବିଧା ଏବଂ ନିଯୁକ୍ତି କ୍ଷେତ୍ରରେ ଏହା ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ତେବେ ଦକ୍ଷିଣ ପୂର୍ବ ରେଳପଥର ଏସବୁ ସଫଳତାଗୁଡ଼ିକୁ ଏଠାରେ ଉଲ୍ଲେଖ

ଯାତ୍ରୀ ସୁବିଧା, ନିଯୁକ୍ତି କ୍ଷେତ୍ରରେ ବି ଉଲ୍ଲେଖନୀୟ ପ୍ରଦର୍ଶନ

କରାଯାଇଛି। ଏସ୍‌ଇଆର୍ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ୍ ୨୧୦.୪୧ ମିଲିୟନ ଟନ୍ ମାଲ୍ ପରିବହନ କରାଯାଇଛି। ମାଲ୍ ପରିବହନରୁ ପ୍ରାୟ ୧୮,୩୨.୪୪ କୋଟି ଟଙ୍କା ଏବଂ ଯାତ୍ରୀ ପରିବହନରୁ ୨୯୬୧.୨୦ କୋଟି ଟଙ୍କା ଆୟ ହୋଇଛି। ଟିକେଟ୍ ଚେକିଂରୁ ୧୦୪.୦୫ କୋଟି, ଏନ୍‌ଏଫ୍‌ଆର୍ (ନନ୍ ଫେୟାର ରେଭେନ୍ୟୁ)ରୁ ୩୦.୫୭ କୋଟି, ପାର୍କିଂରୁ ୧୩.୭୫ କୋଟି ଏବଂ କ୍ୟାଟରିଂରୁ ୧୮୪ କୋଟି ଟଙ୍କା ସଂଗୃହୀତ ହୋଇଛି। ସେହିପରି ଖରାପ ହୋଇଯାଇଥିବା ଡିଜେଲ ଲୋକୋମୋଟିଭ୍‌ଗୁଡ଼ିକୁ ନଷ୍ଟ କରିବା ପୂର୍ବକ ୪୯.୭୪ କୋଟି ରୋଜଗାର କରାଯାଇଛି।

ଏତଦ୍‌ବ୍ୟତୀତ ଦକ୍ଷିଣ ପୂର୍ବ ରେଳପଥର ଯାତ୍ରୀଙ୍କ ସଂଖ୍ୟା ୨୨୦.୩୬ ମିଲିୟନ (ପ୍ରାୟ ୨୨ କୋଟିରୁ ଅଧିକ)କୁ ବୃଦ୍ଧି ପାଇଛି। ପ୍ରଥମ ଥର ପାଇଁ ଇଏଲ୍‌ଏସ୍/ଏସ୍‌ଆର୍‌ସିଇ ରେ 'ମେଧା ଲାଇନ୍ କନଭର୍ଟର ମଡ୍ୟୁଲ୍' (ଏଲ୍‌ସିଏମ୍)ର ନିଜସ୍ୱ ମରାମତି କରାଯାଇଛି, ଯାହାଦ୍ୱାରା ୟୁନିଟ୍ ପିଛା ପ୍ରାୟ ୯ ଲକ୍ଷ ଟଙ୍କା ସଞ୍ଚୟ ହୋଇଛି। ୪୧ଟି ରେଳ ଲୋକୋମୋଟିଭ୍ ଇଞ୍ଜିନରେ କ୍ୟାବ୍ ଏସି ସୁବିଧାକୁ ବ୍ୟବସ୍ଥିତ କରାଯାଇଛି। ୨୩ ଲୋକୋମୋଟିଭ୍ ଇଞ୍ଜିନରେ ଜଳବିହୀନ ପରିସ୍ରାଗାରର ବ୍ୟବସ୍ଥା କରାଯାଇଛି। ଦୁର୍ଘଟଣା ରୋକିବା ପାଇଁ ୬ଟି ଲୋକୋମୋଟିଭ୍ ଇଞ୍ଜିନରେ 'କବଚ' ସୁରକ୍ଷା ପ୍ରଣାଳୀ ଏବଂ ଇଏଲ୍‌ଏସ୍/ଟିଏଟିଇରେ ଏକ 'କବଚ ସିମୁଲେଟର' ଭଳି ପ୍ରଯୁକ୍ତିବିଦ୍ୟା ସ୍ଥାପନ କରାଯାଇଛି। ୧୦୧ଟି ନୂଆ ବୈଦ୍ୟୁତିକ ଇଞ୍ଜିନକୁ ମଧ୍ୟ କାର୍ଯ୍ୟକ୍ଷମ କରାଯାଇଛି, ଯାହାଦ୍ୱାରା ଦକ୍ଷିଣ ପୂର୍ବ ରେଳପଥର ମୋଟ୍ ବୈଦ୍ୟୁତିକ ଲୋକୋମୋଟିଭ୍ ଇଞ୍ଜିନ ସଂଖ୍ୟା ବର୍ତ୍ତମାନ ୧,୫୬୬କୁ ବୃଦ୍ଧି ପାଇଛି ଯାହାକି ଭାରତୀୟ ରେଳବାଇରେ ସର୍ବାଧିକ। କାନ୍ଦ୍ରା

ଏବଂ ଘାଟଶିଳା ଠାରେ ୨ଟି ନୂଆ 'ରନିଂ ରୁମ୍' କାର୍ଯ୍ୟକ୍ଷମ ହୋଇଛି। ଏସ୍‌ଇଆର୍ ଦର୍ଶାଇଛି ଯେ, ୧୭୩ ଟିକେଏମ୍ ବହୁ ପୁରୁଣା ଓଭରହେଡ୍ ଇଲେକ୍ଟ୍ରିକ୍ (ଓଏଚ୍‌ଇ) ତାରଗୁଡ଼ିକୁ ବଦଳାଯାଇଛି, ଯାହା ଗତ ଆର୍ଥିକ ବର୍ଷ ୨୦୨୪-୨୫ (୧୪୨ ଟିକେଏମ୍) ତୁଳନାରେ ୨୨% ଅଧିକ। ମନୋହରପୁର ଏବଂ ଭଞ୍ଜପୁର ଠାରେ ୨ଟି ନୂଆ ଟ୍ରାକ୍ସନ୍ ସବ୍-ଷ୍ଟେସନ (ଟିଏସ୍‌ଏସ୍) କାର୍ଯ୍ୟକ୍ଷମ ହୋଇଛି। ୯୯.୨୦୫ ଟିକେଏମ୍ ନୂଆ ଓଭରହେଡ୍ ଲାଇନରେ ବିଦ୍ୟୁତ୍ ସଂଯୋଗ କରାଯାଇଛି। ସବୁଜ ଶକ୍ତି କାର୍ଯ୍ୟକ୍ରମକୁ ସୁଦୃଢ଼ୀକରଣ କରିବା ଦିଗରେ ୭.୧୮ ଏମ୍‌ଡବ୍ଲ୍ୟୁପି କ୍ଷମତା ସମ୍ପନ୍ନ ଛାତ ଉପର ସୌର ପ୍ରକଳ୍ପ ସ୍ଥାପନ କରାଯାଇଛି। ଦକ୍ଷିଣ ପୂର୍ବ ରେଳପଥର ବିଭିନ୍ନ ସ୍ଥାନରେ ୧୬ଟି ଏସ୍କାଲେଟର ଏବଂ ୨୦ଟି ଲିଫ୍ଟ ଲଗାଯାଇଛି।

ସେକ୍ସନ କ୍ଷମତା ଏବଂ ଗତିଶୀଳତା ବୃଦ୍ଧି ପାଇଁ ୧୫୬ ରୁଟ୍ କିଲୋମିଟରରେ ସ୍ୱୟଂଚାଳିତ ବ୍ଲକ୍ ସିଗନାଲିଂ କାର୍ଯ୍ୟକ୍ଷମ କରାଯାଇଛି। ଟ୍ରେନ୍ ପରିଚାଳନାରେ ନିର୍ଭରଯୋଗ୍ୟତା ଏବଂ ସୁରକ୍ଷା ବୃଦ୍ଧି ପାଇଁ ୧୪ଟି ଷ୍ଟେସନରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ କାର୍ଯ୍ୟକ୍ଷମ କରାଯାଇଛି। ଟ୍ରେନ ପରିଚାଳନାରେ ସୁରକ୍ଷା ବୃଦ୍ଧି ପାଇଁ ୨୯ଟି ଲେଭଲ୍ କ୍ରସିଂ ଗେଟ୍ ଇଣ୍ଟରଲକିଂ କରାଯାଇଛି।

ସିଗନାଲିଂ ସିଷ୍ଟମର ନିର୍ଭରଯୋଗ୍ୟତା ଉନ୍ନତ କରିବା ପାଇଁ ୧୧୫ଟି ସମନ୍ୱିତ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯାଇଛି। ଟ୍ରେନ ପରିଚାଳନାରେ ସୁରକ୍ଷା ଏବଂ ନିର୍ଭରଯୋଗ୍ୟତା ବୃଦ୍ଧି କରିବା ପାଇଁ ୭୩୮ଟି ପୁରୁଣା ତଥା ବିପର୍ଯ୍ୟସ୍ତ ପଏଣ୍ଟକୁ ନୂତନ ପଏଣ୍ଟ ମେସିନ୍ ଦ୍ୱାରା ବଦଳାଯାଇଛି। ବିଭିନ୍ନ ସମୟରେ ଲୋକଙ୍କ ଭିଡଜନିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଇଛି। ୧୬ଟି ରେକ୍ ସହିତ ୯ଟି ଟ୍ରେନକୁ ଆଇସିଏଫ୍‌ରୁ ଏଲ୍‌ଏଚ୍‌ବିକୁ ପରିବର୍ତ୍ତନ କରାଯାଇଛି। ୯ଟି ରେକ୍ ସହିତ ୪ଟି ଟ୍ରେନର ମାନକୀକରଣ କରାଯାଇଛି ଏବଂ ଏସ୍‌ଆଇଆରର ୩୯ଟି ମେଲ୍ ଏକ୍ସପ୍ରେସ୍ ଟ୍ରେନ୍‌ର ଘଣ୍ଟା ପ୍ରତି ବେଗକୁ ୧୧୦ରୁ ୧୩୦ କିମି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଦକ୍ଷିଣ ପୂର୍ବ ରେଳପଥରୁ ଯାତ୍ରା ଆରମ୍ଭ ଏବଂ ଶେଷ କରୁଥିବା ୦୫ଟି ନୂଆ ଟ୍ରେନ୍ ପ୍ରଚଳନ କରାଯାଇଛି। ସେହିପରି ଯାତ୍ରୀଙ୍କ ସୁବିଧା ପାଇଁ ଟ୍ରେନ୍‌ଗୁଡ଼ିକରେ ୨୯୬୪ଟି ଅସ୍ଥାୟୀ ଏବଂ ୭୪ଟି ସ୍ଥାୟୀ ଅତିରିକ୍ତ ବଗି ସଂଯୋଗ କରାଯାଇଛି। ଆର୍‌ଆର୍‌ବି, ଆର୍‌ଆର୍‌ସି ଏବଂ ଅନୁକମ୍ପାମୂଳକ ଆଧାରରେ ମୋଟ୍ ଦକ୍ଷିଣ ପୂର୍ବ ରେଳପଥରେ ମୋଟ୍ ୩,୧୮୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

ପାଞ୍ଚ ବର୍ଷର ସର୍ବୋଚ୍ଚସ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିକାଶ ଖର୍ଚ୍ଚ

ଭୁବନେଶ୍ୱର, ୨।୪/ଏନ୍‌ଏନ୍‌ଏସ୍: ଓଡ଼ିଶାର ସହରାଞ୍ଚଳ ରୂପାନ୍ତରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଗତ ପାଞ୍ଚବର୍ଷ ମଧ୍ୟରେ ଏହାର ସର୍ବୋଚ୍ଚ ବିକାଶ ଖର୍ଚ୍ଚ ରେକର୍ଡ କରିଛି, ଯାହା ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ୮୫୭୫.୬୧ କୋଟି ଟଙ୍କାରେ ପହଞ୍ଚିଛି । ଏହା ୨୦୨୨-୨୩ରେ ୬୯୯୬.୯୨ କୋଟି ଟଙ୍କାରୁ ଏକ ସ୍ଥିର ଏବଂ ଉତ୍ସାହଜନକ ବୃଦ୍ଧିକୁ ଚିହ୍ନିତ କରେ, ଯାହା ସମଗ୍ର ରାଜ୍ୟରେ ସହରାଞ୍ଚଳ ଭିତ୍ତିଭୂମି ଏବଂ ନାଗରିକ ସେବାକୁ ସୁଦୃଢ଼ କରିବା ପାଇଁ ଏକ ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଏ। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦୃଢ଼ ନୀତିଗତ ନେତୃତ୍ୱରେ ଏହି ଉଲ୍ଲେଖନୀୟ ସଫଳତା 'ଟିମ୍ ଅର୍ବାନ୍'ର ସମନ୍ୱିତ ପ୍ରୟାସର ପରିଣାମ। ତାଙ୍କର ଫଳାଧାରିତ ପ୍ରଶାସନ ଓ ନାଗରିକ-କେନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ ବିଭାଗକୁ ସ୍ପଷ୍ଟ ଦିଗନିର୍ଦ୍ଦେଶ ଯୋଗାଇଛି। ଏହା ସାଙ୍ଗକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ସୁଦୃଢ଼ ପ୍ରଶାସନିକ ନେତୃତ୍ୱ, କଟକଣା ନିରୀକ୍ଷଣ ଓ କାର୍ଯ୍ୟ ନିଷ୍ପାଦନମୂଳକ ଆଭିମୁଖ୍ୟ ବିଭାଗୀୟ ପ୍ରାଥମିକତାକୁ ତୃଣମୂଳ ସ୍ତରରେ ପ୍ରତ୍ୟକ୍ଷ ଫଳାଫଳରେ ପରିଣତ କରିବାରେ ସଫଳ ହୋଇଛି। ବିଭାଗ ଆର୍ଥିକ ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ପ୍ରଦର୍ଶନ କରି ସାମଗ୍ରିକ ଉପଯୋଗ ହାର ୮୬.୫୦% ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷରେ ୭୩.୪୭% ଠାରୁ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ବଜେଟ୍ ଆବଣ୍ଟନକୁ ପ୍ରଭାବଶାଳୀ ଢଙ୍ଗରେ ବାସ୍ତବ ଫଳାଫଳରେ ପରିଣତ କରିବା ଦିଗରେ ଏହା ଏକ ସ୍ପଷ୍ଟ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ଏହି ପ୍ରଦର୍ଶନର ଏକ ପ୍ରମୁଖ ବାହକ ହେଉଛି ରାଜ୍ୟ କ୍ଷେତ୍ର ଯୋଜନା ଅଧୀନରେ ଉଲ୍ଲେଖନୀୟ ଅଗ୍ରଗତି। ଏହି ଯୋଜନାଗୁଡିକ ଅଧୀନରେ ଖର୍ଚ୍ଚ ୨୦୨୨-୨୩ ରେ ୨୬୭୬. ୧୫ କୋଟି ଟଙ୍କାରୁ ଚଳିତ ଆର୍ଥିକ ବର୍ଷରେ ୪୨୮୫.୪୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହାର ପ୍ରଭାବଶାଳୀ ଉପଯୋଗ ହାର ୯୮.୧୮% ରହିଛି। ବିଗତ ବର୍ଷରେ ଏହା ୯୨.୮୨% ଥିଲା। ଏହି ବୃଦ୍ଧି ବିଭାଗର ଆଭ୍ୟନ୍ତରୀଣ ପ୍ରକଳ୍ପ କାର୍ଯ୍ୟକାରିତା ବ୍ୟବସ୍ଥାର ବଢୁଥିବା ଶକ୍ତିକୁ ଆଲୋକିତ କରେ, ଯାହା ସର୍ବୋଚ୍ଚ ପ୍ରଶାସନିକ ସ୍ତରରେ ନିରନ୍ତର ସମୀକ୍ଷା ଏବଂ ମାର୍ଗଦର୍ଶନ ଦ୍ୱାରା ଆହୁରି ସୁଦୃଢ଼ ହୋଇପାରିଛି।

ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡିକୁ ପାଣ୍ଠି ବଣ୍ଟନ କରିବାରେ ମଧ୍ୟ ବିଭାଗ ଅନୁକରଣୀୟ ପ୍ରଦର୍ଶନ କରିଛି। ରାଜ୍ୟ ଅର୍ଥ ଆୟୋଗଙ୍କ ଆବଣ୍ଟନ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ୯୯.୭୦% ସମୁଦାୟ ଉପଯୋଗ ହାସଲ କରିଛି, ଯାହା୧୪୮୯.୫୧ କୋଟି ଟଙ୍କା ଅଟେ। ଯାହା ସୁନିଶ୍ଚିତ କରେ ଯେ ଅତ୍ୟାବଶ୍ୟକ ସହରାଞ୍ଚଳ ସେବା ଯୋଗାଇବା ପାଇଁ ସ୍ଥାନୀୟ ସଂସ୍ଥାଗୁଡ଼ିକ ପର୍ଯ୍ୟାପ୍ତ ସଶକ୍ତ ଅଟନ୍ତି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ବିଭାଗ ଦୃଢ଼ ପୁନରୁଦ୍ଧାର ପ୍ରଦର୍ଶନ କରିଛି, ଯେଉଁଥିରେ ଖର୍ଚ୍ଚ ପୂର୍ବ ବର୍ଷ ୫୯୫.୯୫ କୋଟି ଟଙ୍କା ତୁଳନାରେ ୧୧୪୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ପରିବର୍ତ୍ତନ ଓଡ଼ିଶାର ସହରାଞ୍ଚଳ ବିକାଶ ଏଜେଣ୍ଡାକୁ ଆଗକୁ ବଢାଇବା ପାଇଁ କେନ୍ଦ୍ରୀୟ ଭାଗିଦାରୀର ଲାଭ ଉଠାଇବା ଦିଗରେ ନୂତନ ଗତିକୁ ସୂଚାଇଥାଏ।

ଭବିଷ୍ୟତରେ ବିଭାଗ ଆହୁରି ଅଧିକ ମହତ୍ୱାକାଂକ୍ଷୀ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ, ଯାହାର ବଜେଟ୍ ଆକଳନ ୨୦୨୬-୨୭ ପାଇଁ ୧୦୭୬୨.୮୭ କୋଟି ଟଙ୍କା, ଯାହା ଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବାଧିକ। ଏହି ଦୂରଦର୍ଶୀ ଆବଣ୍ଟନ କେବଳ ସମଗ୍ର ରାଜ୍ୟରେ ସହରାଞ୍ଚଳ ଭିତ୍ତିଭୂମି ଏବଂ ସେବା ବିତରଣକୁ ବଜାୟ ରଖିବା ନୁହେଁ, ବରଂ ଉଲ୍ଲେଖନୀୟ ଭାବରେ ବିସ୍ତାର କରିବା ପାଇଁ ଏକ ସ୍ପଷ୍ଟ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ଏକ ସନ୍ତୁଳିତ ଆଭିମୁଖ୍ୟ ସହିତ ଯାହା ଉଚ୍ଚ ପ୍ରଭାବ ବିକାଶମୂଳକ ଖର୍ଚ୍ଚ, ଦକ୍ଷ ଆର୍ଥିକ ପରିଚାଳନାକୁ ସମନ୍ୱିତ କରେ ଏବଂ ଶ୍ରୀମତୀ ପାଢ଼ୀଙ୍କ ସ୍ଥିର ନେତୃତ୍ୱରେ ବିଭାଗ ସହରାଞ୍ଚଳ ଅଭିବୃଦ୍ଧି ପାଇଁ ଏକ ନମନୀୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପଥ ପ୍ରସ୍ତୁତ କରିବା ଜାରି ରଖିଛି - ଏକ ବିକଶିତ ଓଡ଼ିଶାର ଦୃଷ୍ଟିକୋଣ ସହିତ ଦୃଢ ଭାବରେ ଜଡିତ।

ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨।୪/ଏନ୍‌ଏନ୍‌ଏସ୍: ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରୋଗ୍ରାମ୍ କୋଅର୍ଡିନେଟର ଗଙ୍ଗାଧର ମଲ୍ଲିକ, ପେଷ୍ଟିଂ କ୍ଲର୍କ କବିରାଜ ପଣ୍ଡା ଓ ଡ୍ରାଇଭର୍ ରମେଶ ମଲ୍ଲିକଙ୍କୁ ଆଜି ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ଅଧ୍ୟକ୍ଷତା କରି ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସହ ତାଙ୍କର ଅନୁଭୂତିର ସ୍ମୃତିଚାରଣ କରିଥିଲେ। ସେମାନଙ୍କର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ଦାୟିତ୍ୱବୋଧକୁ ପ୍ରଶଂସା କରିବା ସହ ସେମାନେ ବିଭାଗ ପାଇଁ ଏକ ଆଦର୍ଶ ବୋଲି ଉଲ୍ଲେଖ କରିଥିଲେ। ସେ ସେବାନିବୃତ୍ତ କର୍ମଚାରୀମାନଙ୍କ ଦୀର୍ଘ ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ। ଉପଶାସନ ସଚିବ ପ୍ରଣବ କୁମାର ଦାସ ତାଙ୍କ ବକ୍ତବ୍ୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଦୀର୍ଘ ବର୍ଷର କାର୍ଯ୍ୟାନୁଭବ ଓ ବିଭାଗ ପ୍ରତି ସେମାନଙ୍କର ଅବଦାନକୁ ଉଲ୍ଲେଖ କରିଥିଲେ। ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସେମାନଙ୍କର ସହଯୋଗୀ ମନୋଭାବ, ଭାଇଚାରା ଓ ସମସ୍ତଙ୍କ ପ୍ରତି ସହାୟତାମୂଳକ ଭାବନାକୁ ପ୍ରଶଂସା

କରିଥିଲେ। ଅନୁଶାସନ ସଚିବ ମୌସୁମୀ ଦାସ ଓ ଲୋକସମ୍ପର୍କ ଅଧିକାରୀ ସାଗରିକା ପ୍ରିୟଦର୍ଶିନୀ ସଂକ୍ଷିପ୍ତ ବକ୍ତବ୍ୟ ରଖିବା ସହ ସେବାନିବୃତ୍ତ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇ ସୁଖମୟ ଅବସରଜୀବନ କାମନା କରିଥିଲେ। ଏହି ଅବସରରେ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ନିର୍ଦ୍ଦେଶକ ସ୍ମିତା କରଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ମା’ ସିଦ୍ଧ ବାଶେଳୀଙ୍କ ଚଇତି ପର୍ବ

କଣ୍ଟିଲୋ,୨।୪/ଏନ୍ଏନ୍ଏସ୍: ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମା’ ସିଦ୍ଧ ବାଶେଳୀଙ୍କ ଚଇତି ପର୍ବ ଗୁରୁବାର ଚୈତ୍ର ପୂର୍ଣ୍ଣମୀ ତିଥିରେ କଣ୍ଟିଲୋ ଫକିର ଅତବୁଦ୍ଧିପାଟଣା କୈବର୍ତ୍ତ ସମାଜର କୁଳ ଦେବତା ବରୁଣ ଦେବଙ୍କ ପ୍ରାଙ୍ଗଣରେ ଖୁବ୍ ଯାକଜମକ ଓ ଆନନ୍ଦ ଉଲ୍ଲାସ ତଥା ମହା ସମାରୋହରେ ପାଳିତ ହୋଇଛି । ପ୍ରକାଶ ଯେ, କୈବର୍ତ୍ତ ସମାଜ ଓ ଯୁବ ପରିଷଦର ସଦସ୍ୟ ମାନଙ୍କ ସାହାଯ୍ୟ ସହଯୋଗରେ ପୂର୍ଣ୍ଣମୀଠାରୁ ତିନିଦିନ ଧରି ଏହି ଉତ୍ସବ ପାଳନ କରିବାକୁ ସମାଜ ତରଫରୁ ନିଷ୍ପତ୍ତି ନିଆଯାଇଛି । ପୂର୍ଣ୍ଣମୀ ତିଥିରେ ମା’ ମଙ୍ଗଳା ଓ ବରୁଣ ଦେବ ଓ ମା’ ବାଶେଳୀଙ୍କ ମାଜଣା ଓ ପୂଜା ବିଧି ସରିବା ପରେ ନୃତ୍ୟ ପରିବେଷଣ ସହ ନଗର ପରିକ୍ରମା ହୋଇଛି । ଆଜି ପୂର୍ଣ୍ଣମୀ ତିଥି ସନ୍ଧ୍ୟା ସମୟେ ଭୁବନେଶ୍ୱରରର ଭଜନ, ଦିତୀୟ ଦିବସ ସନ୍ଧ୍ୟା ନଗର ପରିକ୍ରମା ଓ ଦୁଆରୀ ନାଚ ମାଧ୍ୟମରେ ଭାରତ ଲୀଳା ପରିବେଷଣ ଓ ତୃତୀୟ ସନ୍ଧ୍ୟା ସମୟେ ନଗର ପରିକ୍ରମା ଓ ଡ୍ୟାନ୍ସ ଡ୍ୟାନ୍ସ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି ।

ବ୍ଲକ୍ କଂଗ୍ରେସ କମିଟି ସଭାପତି ମନୋନୀତ

ଅସ୍ତରଙ୍ଗ,୨।୪/ଏନ୍ଏନ୍ଏସ୍: ପୁରୀ ଜିଲ୍ଲା କାକଟପୁର ବ୍ଲକ୍‌ର କଂଗ୍ରେସ କମିଟି ସଭାପତି ଭାବେ ଦ୍ୱିତୀୟଥର ପାଇଁ ନିଯୁକ୍ତି ହୋଇଛନ୍ତି ଅବଧୂତ ସ୍ୱାଇଁ । ସେ ଗତ ୨୦୨୩ ମସିହାରେ କାକଟପୁର ବ୍ଲକ କଂଗ୍ରେସ ସଭାପତି ଦାୟିତ୍ୱ ନିର୍ବାହକରି କର୍ମୀମାନଙ୍କ ପ୍ରିୟପାତ୍ର ହୋଇପାରିଥିଲେ । ପୁନର୍ବାର କାକଟପୁର ବ୍ଲକର ୧୬ଗୋଟି ପଞ୍ଚାୟତର ସଭାପତି ଓ ବ୍ଲକର ନେତୃମଣ୍ଡଳୀ ସଂଗଠନ ସୃଜନ, ପୁରୀ ଜିଲ୍ଲା କଂଗ୍ରେସ କମିଟି ମାଧ୍ୟମରେ ପ୍ରଦେଶ କଂଗ୍ରେସ କମିଟିକୁ କାକଟପୁର ବ୍ଲକ ସଭାପତି ପାଇଁ ଶ୍ରୀ ସ୍ୱାଇଁ ଙ୍କ ନାମ ସୁପାରିଶ କରିଥିଲେ । ପ୍ରଦେଶ କଂଗ୍ରେସ କମିଟି ଅନୁମୋଦନ କ୍ରମେ ଶ୍ରୀ ସ୍ୱାଇଁ ପୁନର୍ବାର ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଗୁରୁ ଦାୟିତ୍ୱ ନେବା ପରେ ଶ୍ରୀ ସ୍ୱାଇଁ (ପିସିସି) ସଭାପତି ଭକ୍ତ ଚରଣ ଦାସ, ପୁରୀଜିଲ୍ଲା (ପିସିସି) ସଭାପତି ଇଂ ରାଜେଶ କୁମାର ମିଶ୍ର, କାକଟପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀର ଯୁବନେତା ବିଶ୍ୱଭୂଷଣ ଦାସ, ପୁରୀ ଜିଲ୍ଲା କଂଗ୍ରେସ କମିଟିର ଉପ ସଭାପତି ଜଶୋବନ୍ତ ନାରାୟଣ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ, କାକଟପୁର ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନି ବିହାରୀ ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି ।

୮ମ ବାର୍ଷିକ ବାଇଦେଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଦର୍ଶକ ବିଭୋର

ଚାରିଛକ,୨।୪/ଏନ୍ଏନ୍ଏସ୍: ନିମାପଡା ବ୍ଲକ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଅନ୍ତର୍ଗତ ଗଡ଼ଅମରପ୍ରସାଦ ଗ୍ରାମର ୮ମ ବାର୍ଷିକ ବାଇଦେଇ ମହୋତ୍ସବ ଆଜି ଦ୍ୱିତୀୟ ସଂନ୍ଧ୍ୟାରେ ସାଇବାବାଙ୍କ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଓଡିଶୀ ନୃତ୍ୟ ବନ୍ଦେ ମାତରଂରେ ଦର୍ଶକ ବିଭୋର ହୋଇପଡିଥିଲେ । ପରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିମାପଡା ବିଜେଡିନେତା ସୁବ୍ରତ ଛାଟୋଇ, ନିମାପଡା ବ୍ଲକ ବିଜେଡି ସଭାପତି ଭାଗ୍ୟଧର ଖଟୋଇ,୨୧ନଂ ଜିଲ୍ଲାପରିଷଦସଭ୍ୟ ସସ୍ମିତା ନାୟକ, ୨୦ନଂ ଜିଲ୍ଲାପରିଷଦସଭ୍ୟ ରବୀନ୍ଦ୍ର ନାଥ ମଲ୍ଲିକ, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର ନାଥ ଦାଶ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରାଜ କିଶୋର ସାହୁ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ମୁରଲୀଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏଲ.ବି ପ୍ରେଣ୍ଡସ ଡ୍ୟାନ୍ସ ଏକାଡେମୀ ନୟାହାଟ ଏବଂ ଫ୍ୟୁଜନ ଡ୍ୟାନ୍ସ ଗ୍ରୁପ ଭୁବନେଶ୍ୱର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀନୃତ୍ୟ ପରିବେଷଣ କରାଯାଇଥିଲା । ଶିକ୍ଷାବିତ୍ ପ୍ରତାପ ରାଉତ ଓ ଶିକ୍ଷାବିତ୍ ଡଃ ମନମୋହନ ଶର୍ମାଙ୍କ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ବୟାଳିଶମୌଜା,୨।୪/ଏନ୍ଏନ୍ଏସ୍: କଟକ ସଦର ୪୨ ମୌଜା ସ୍ଥିତ କଳପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ପ୍ରବେଶ ଉତ୍ସବ ଓ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏଥିରେ କଟକ ରୋଟାରିଆନ ସଭାପତି ବାଣୀ ନିର୍ମାଲ୍ୟ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଆୟୁଷ ଡାକ୍ତର ଶୁଭାଶିଷ ଶତପଥୀ ମୁଖ୍ୟ ବକ୍ତା ଭାବେ ଉଦଘାଟନ କରିଥିଲେ । ବିଦ୍ୟାଳୟ କମିଟି ପକ୍ଷରୁ ଜ୍ୟୋତି ରଞ୍ଜନ ଭୋଳ, ଚିନ୍ମୟ ଭୋଳ, ବିଶ୍ୱରଞ୍ଜନ ଭୋଳ, ପ୍ରାଣକୃଷ୍ଣ ପରିଡ଼ା, ଚିତ୍ତରଞ୍ଜନ ଭୋଳ, ପ୍ରଧାନ ଆଚାର୍ଯ୍ୟା ପୁଷ୍ପଲତା ଗିରି , ଭକ୍ତିପୁଷ୍ପା ଶତପଥୀ ,ସମିତା ଗୌଧୁରୀ, ଅନୁପମା ବିଶ୍ୱାଳ, ସଙ୍ଗୀତା ପଣ୍ଡା, କସ୍ତୁରୀ ସ୍ୱାଇଁ, ଶାନ୍ତିଲତା ବେଉରା,ଶୁଭାଙ୍ଗିନୀ ପ୍ରଧାନ, ବାସନ୍ତୀ ସାହୁ, ଅର୍ପିତା ଦାସ, ଗୌତମୀ ଦାସ, ସ୍ମରଣିକା ଦାସ, ମନସ ସ୍ୱିନୀ ମହାପାତ୍ର, ସନ୍ତୋଷୀ ମହାପାତ୍ର, ଅସ୍ମିତା ସ୍ୱାଇଁ ପ୍ରମୁଖ ବିଦ୍ୟାମନ୍ଦିରର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ଜ୍ୟୋତିରଞ୍ଜନ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ ।

ମା’ ହେଙ୍ଗୁଳାଇ ପୀଠରେ ବାର୍ଷିକ ଉତ୍ସବ

କଣ୍ଟିଲୋ,୨।୪/ଏନ୍ଏନ୍ଏସ୍: ଗୁରୁବାର ଚୈତ୍ର ପୂର୍ଣ୍ଣମା ଶୁକ୍ଳପକ୍ଷ ତିଥିରେ କଣ୍ଟିଲୋ ହାଟମୁଣ୍ଡ ପାଟଣା ଗ୍ରାମର ଅବସ୍ଥିତ ମା’ ହେଙ୍ଗୁଳାଇଙ୍କ ଜନ୍ମ ବାର୍ଷିକ ଉତ୍ସବ ବେଶ ଧୁମ୍‌ଧାମରେ ପାଳନ ହୋଇଯାଇଛି । ଗୁରୁବାର ପୂର୍ବାହ୍ନ ୯ ଘଣ୍ଟା ସମୟରେ ମହାପ୍ରଭୁ ଶ୍ରୀ ନୀଳମାଧବଙ୍କ ପଶ୍ଚିମ ଦ୍ୱାର ମହାନଦୀ କୂଳରେ ପୂଜାର୍ଚ୍ଚନା କରି କଳସ ଶୋଭାଯାତ୍ରା ଓ ୧୦ଟାରେ ସୂର୍ଯ୍ୟପୂଜା, ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା ।ସୁଶାନ୍ତ ବେହେରା ପତ୍ନୀ କିରଣ ବାଳା ବେହେରା କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସ୍ଥାନୀୟ ଜଣକଲ୍ୟାଣ କ୍ଲବ ଓ ସାହିର ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ, ଯୁବ ଗୋଷ୍ଠୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଆଶୁତୋଷ ମହାପାତ୍ର, ଚନ୍ଦନ ଶିରୋମଣି, ପ୍ରତାପ ମହାରଣା,ବାସୁଦେବ ସାହୁ, ସହଯୋଗ କରିଥିଲେ । ଯଜ୍ଞର ପୁରୋଧା ଭାବେ ପ୍ରଦ୍ୟୁମ୍ନ କର ଓ ସହଯୋଗୀ ହାପି କର ଯୋଗଦେଇ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ । ୬ ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା ।

ସପ୍ତମ ବାର୍ଷିକ ବେଦ ପାରାୟଣ ମହାଯଜ୍ଞ

ଅସ୍ତରଙ୍ଗ,୨।୪/ଏନ୍ଏନ୍ଏସ୍: କାକଟପୁର ବ୍ଲକ ଅନ୍ତର୍ଗତ ଗଡ଼ ନୟର ଛଡ଼ା ଗ୍ରାମରେ ଆର୍ଯ୍ୟ ସମାଜ ପକ୍ଷରୁ ସପ୍ତମ ବାର୍ଷିକ ବେଦ ପାରାୟଣ, ଜୀବନ ନିର୍ମାଣ ଶିବିର ତ୍ରିଦିବଶୀୟ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ପାରାୟଣ କାର୍ଯ୍ୟକ୍ରମ ରେ ସ୍ୱାମୀ ସାନ୍ତାନନ୍ଦ ସରସ୍ୱତୀ ଓ ବେଦବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ପ୍ରବଚନ ଦେଇଥିଲେ । ଆଦର୍ଶ ଜୀବନ ନିର୍ମାଣ ଏବଂ ରାଷ୍ଟ୍ର ଗଠନରେ ବିଦ୍ୟାର୍ଥୀମାନଙ୍କର ଭୂମିକା, ଛାତ୍ରଛାତ୍ରୀ ମାନଙ୍କର ଦେବ ଯଜ୍ଞ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ପୂର୍ଣ୍ଣ ବକ୍ତବ୍ୟ ଦେଇଥିଲେ । ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ଦୀର୍ଘ ସାତ ବର୍ଷ ଧରି ଆର୍ଯ୍ୟ ସମାଜ ସ୍ୱାଇଁ ପରିବାର ପକ୍ଷରୁ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି । ଶିବିର ପରିଚାଳନା କରିଥିଲେ ଶିକ୍ଷାବିତ ଶୈଲ୍ୟନ କୁମାର ପାତ୍ର ।

ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସରେ ପୁରସ୍କାର ପ୍ରଦାନ

ପୁରୀ,୨।୪/ଏନ୍ଏନ୍ଏସ୍: ଭାଷା ଭିତ୍ତିରେ ଆମେ ୧୯୩୬ ମସିହା ଆଜିର ଦିବସ ବା ଅପ୍ରେଲ ୧ ତାରିଖ ରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲେ । ଇତି ମଧ୍ୟରେ ୯୦ ବର୍ଷ ପୂରଣ ହୋଇ ଆମେ ଚଳିତ ବର୍ଷ କୁ ୯୧ ତମ ଓଡିଶା ଦିବସ ପାଳନ କରୁଛନ୍ତି ।ସେବେର ଓଡିଶା ଓ ବର୍ତ୍ତମାନ ଓଡିଶା ମଧ୍ୟରେ ଅନେକ ପରିବର୍ତ୍ତନ ଘଟିଥିଲେ ମଧ୍ୟ ଆମ ମହାନ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଅକ୍ଷୁର୍ଣ୍ଣ ରହିଛି । ଏହାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଛନ୍ତି ଅତିଥିମାନେ । ପୁରୀ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ସଂସ୍କୃତି ଭବନ ଠାରେ ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସୂଚନା ଓ ଲୋକ ସମ୍ପର୍କ କର୍ଯ୍ୟାଳୟ ପୁରୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ବିଭିନ୍ନ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଅତିଥି ମାନେ ପୁରୀ ର ନାଟକ, ନୃତ୍ୟ, ସଂଗୀତ ଓ ଲୋକ କଳା ପ୍ରଚାର ପ୍ରସାର ର ବ୍ୟକ୍ତିତ୍ୱ ତଥା ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ କଳା ସଂଗଠକ ପ୍ରସନ୍ନ କୁମାର ମିଶ୍ର, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଓ ମହିଳା ମାନଙ୍କ ମଧ୍ୟରେ ଅନୁଷ୍ଠିତ ମୁରୁଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ମା’ ଆଶ୍ୱିନୀ ବାସେଲୀଙ୍କ ଜନ୍ମୋତ୍ସବ ସମାରୋହ

କଣ୍ଢାପଡ଼ା,୨।୪/ଏନ୍ଏନ୍ଏସ୍: କଣ୍ଢାପଡ଼ା ବ୍ଲକ ଅନ୍ତର୍ଗତ କଣ୍ଢାପଡ଼ା ଗ୍ରାମରେ କୈବର୍ତ୍ତ ସମାଜର ଆରାଧ୍ୟା ଦେବୀ ମା’ ଆଶ୍ୱିନୀ ବାସେଲୀଙ୍କର ବାର୍ଷିକ ଜନ୍ମୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଭକ୍ତିଭାବପୂର୍ଣ୍ଣ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଛି । କଣ୍ଢାପଡ଼ା, ଅଲାପୁର, ଶିଶୁଆ, ଦାମୋଦରପୁର, ଗ୍ରାମର ବସବାସ କରୁଥିବା କୈବର୍ତ୍ତ ସମାଜର ଏହା ଏକ ପାରମ୍ପରିକ ଧର୍ମୀୟ ପୂଜ୍ୟ ପୂଜା ଅଟେ । ଏହି ବାର୍ଷିକ ଜନ୍ମୋତ୍ସବରେ ମାବାସେଲୀ ଅବତାରୀ କାଳେସୀ, ରୂପରେ କଣ୍ଢାପଡା ଗ୍ରାମର ସୁକାନ୍ତ ବେହେରା ଓରଫ ଟିକମଙ୍କୁ ପ୍ରସନ୍ନ ହୋଇଥାନ୍ତି, କାଳେସୀ ରୂପରେ ମା’ଙ୍କ କୃପାଭିକ୍ଷା ଓ ଆଶ୍ରୀବାଦ ପାଇବା ଲକ୍ଷ୍ୟରେ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନାର୍ଥୀ ଛୁଟି ଆସିଥାନ୍ତି, ବିଶେଷକରି ବହୁ ଭକ୍ତ ରୋଗ ବ୍ୟାଧି ଓ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ନିମନ୍ତେ ମା’ଙ୍କ ଠାରୁ ସମାଧାନର ବାଟ ଓ ମାଙ୍କ ଦିଗଦର୍ଶନ ପାଇବା ନିମନ୍ତେ ଛୁଟି ଆସନ୍ତି, ମା ଆଶ୍ୱିନୀ ବାସେଲୀଙ୍କୁ ବିଶେଷକରି କୈବର୍ତ୍ତ ସମାଜ ତରଫରୁ ବିରାଟ ପଟୁଆରରେ ବାଜା ବାଣ.ଓ ସଂକୀର୍ତ୍ତନସହକାରେ ଗ୍ରାମ୍ୟ ପରିକ୍ରମା ପରେ ମାଙ୍କ ବିଜେସ୍ଥଳୀକୁ ଫେରାଇ ଅଣାଯାଏ । ମା’ଙ୍କୁ ସେଠାରେ ବିଜେ ପରେ ଭକ୍ତମାନଙ୍କୁ ଭୋଗ, ପଣାପାଣି ଓ ପ୍ରସାଦ ସେବନରେ ଆପାୟିତ କରାଯିବାର ବ୍ୟବସ୍ଥା କରାଯାଇଛି । ବିଶେଷକରି ଏହାର କର୍ତ୍ତା ଭାବରେ ବିପିନ କୁମାର ବେହେରା ଓ ସହଯୋଗୀ ଭାବରେ ଲକ୍ଷ୍ମୀଧର ବେହେରା, ବୁଲେଇ ନେହେରା, ରାମଚନ୍ଦ୍ର ବେହେରା ପ୍ରମୁଖ ସାମିଲଥିଲେ ।

ଅଂଶୁଘାତ ପ୍ରାଚୀର ପତ୍ର ଉନ୍ମୋଚିତ

ପୁରୀ,୨।୪/ଏନ୍ଏନ୍ଏସ୍: ଆଗକୁ ମାଡ଼ିଆସୁଛି ପ୍ରବଳ ଖରା । ସତର୍କତା ଅବଲମ୍ବନ ନକଲେ କେତେବେଳେ ହୁଏତ ଆପଣ ଅଂଶୁଘାତର ଶିକାର ହେବେ । ଏହି ମର୍ମରେ ପ୍ରତିବର୍ଷ ପରି ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତଥା ଓଡିଶା ଯୁବ ଚେତନା ସଂଗଠନ, ମିଶନ ଓଡ଼ିଶା ଓ ନିର୍ମାଲ୍ୟ ସହଯୋଗ ରେ ‘ଅଂଶୁଘାତ କୁ ସାବଧାନ’ ଶୀର୍ଷକ ପ୍ରଚାର ଓ ପ୍ରାଚୀର ପତ୍ର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି । ଏହି କାର୍ଯ୍ୟକ୍ରମ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ପୁରୀ ପୌର ଅଧିକାରୀ ଅଭିମନ୍ୟୁ ବେହେରା ଉପସ୍ଥିତ ଥିବା ବେଳେ, ସଂଗଠନ ର ରାଜ୍ୟ ସଭାପତି ଡକ୍ଟର ବଦ୍ରି ମିଶ୍ର, ମିଶନ ଓଡ଼ିଶା ସଂପାଦକ ମଧୁସୂଦନ ମିଶ୍ର ଓ ନିର୍ମାଲ୍ୟ ସଂପାଦକ ଡକ୍ଟର ବିଶ୍ୱନାଥ ମିଶ୍ର ଉପସ୍ଥିତ ଥିଲେ । ଆଗାମୀ ସାତଦିନ ମଧ୍ୟରେ ଅଜୟ ପ୍ରଧାନ, ଶିବରାମ ପ୍ରଧାନ ଓ ଦେବରାଜ ଦାସଙ୍କ ନେତୃତ୍ୱରେ ଏହି ପ୍ରଚାର ଓ ପ୍ରାଚୀର ପତ୍ର, ପୁରୀ ସଦର ସମେତ, ବ୍ରହ୍ମଗିରି ଓ ସତ୍ୟବାଦୀର ବିଭିନ୍ନ ଗ୍ରାମାଞ୍ଚଳରେ ବଣ୍ଟନ କରାଯିବ ବୋଲି ଡକ୍ଟର ମିଶ୍ର ଜଣାଇଥିଲେ ।

ଉତ୍କଳ ସେବା ଅନୁଷ୍ଠାନର ୪୨ତମ ପ୍ରତିଷ୍ଠା ଦିବସ

ମୁଣ୍ଡମୁହାଣ,୨।୪/ଏନ୍ଏନ୍ଏସ୍: ସ୍ଥାନୀୟ ଉତ୍କଳ ସେବା ଅନୁଷ୍ଠାନ ଆନୁକୂଲ୍ୟରେ ପବିତ୍ର ଉତ୍କଳ ଦିବସ ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ । ଏହି ଅବସରରେ ଅନୁଷ୍ଠାନ ନିଜର ୪୨ତମ ପ୍ରତିଷ୍ଠା ଦିବସ ମଧ୍ୟ ପାଳନ କରିଛି । ଏହି ଅବସରରେ ଅନୁଷ୍ଠାନ ସଭାପତି ମୁରଲୀଧର ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଦେବରାଜ ପ୍ରଧାନ, ମୁଖ୍ୟବକ୍ତା ଦୀପକ କୁମାର ପରିଡା, ସମ୍ମାନିତ ଅତିଥି ଭାବେ ରତ୍ନାକର ରାଉତରାୟ ଯୋଗ ଦେଇଥିଲା । ଏତତ ବ୍ୟତୀତ ବରିଷ୍ଠ ସଦସ୍ୟ ନଳୀନ ପଟନାୟକ, ବାଉରୀବନ୍ଧୁ ପଟନାୟକ, ଆଇନଜୀବୀ ସୁଶୀଲ ଛୁଆଲସିଂ, ସୁରେଶ ରଥ, ପ୍ରତିମା ପାଣିଗ୍ରାହୀ, ମିନାକ୍ଷୀ ଦାସ, ରମାକାନ୍ତ ଦାସ, ଅଶୋକ ମଙ୍ଗରାଜ, ବିକ୍ରମ ମଙ୍ଗରାଜ, ନୀଳମଣି ପ୍ରହରାଜ, ପୁଷ୍ପାରାଣୀ ମିଶ୍ର ପ୍ରମୁଖ ଯୋଗ ଦେଇ ଉତ୍କଳ ଦିବସର ମହତ୍ତ୍ୱ ଓ ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ ତଥା ଗୋସେବକ ଚିତ୍ତରଞ୍ଜନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ଉତ୍ସବରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର ଉଷା ଉନ୍ମୋଚିତ ହୋଇଥିଲା, ପତ୍ରିକାର ମୁଖ୍ୟ ସମ୍ପାଦକ ସହ ପ୍ରାଧ୍ୟାପକ ଅମ୍ବରୀଶ ମଙ୍ଗରାଜ ପତ୍ରିକାର ଗୁଣାତ୍ମକ ଦିଗ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ବକ୍ତୃତା, କବିତା ପାଠ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

କଣ୍ଢାପଡ଼ା,୨।୪/ଏନ୍ଏନ୍ଏସ୍: କଟକ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଭାବରେ ନିଆଳୀର ମାନ୍ୟବର ବିଧାୟକ ଛବି ମଲିକଙ୍କୁ ରାଜ୍ୟ ସରକାର ଦାୟିତ୍ୱଦେଇଥିବାରୁ ନିଆଳୀ ନିର୍ବାଚନମଣ୍ଡଳୀରେ କର୍ମୀମକର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ବିଶେଷକରି ଏହି ଉପଲକ୍ଷେ ନିଆଳୀ ବିଧାୟକଙ୍କ ବାସଭବନରେ ଦିନ ତମାମ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ କଣ୍ଢାପଡାର ଯୁବ ସରପଞ୍ଚ ନିର୍ମଳ କୁମାର ସାହୁ, ସମିତିସଭ୍ୟ ପବିତ୍ର କୁମାର ସ୍ୱାଇଁ ଓ ପଞ୍ଚାୟତର ବହୁ ସମର୍ଥକଙ୍କ ସହ ବିଧାୟକ ତଥା କଟକ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ବେଳାଭୂମି ସାହିତ୍ୟ ସଂସଦର ଉତ୍କଳ ଦିବସ ଉତ୍ସବ

ଅସ୍ତରଙ୍ଗ,୨।୪/ଏନ୍ଏନ୍ଏସ୍: ଉତ୍କଳ ଦିବସ ପାଳନ ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅସ୍ତରଙ୍ଗ ସ୍ଥିତ ବେଳାଭୂମି ସାହିତ୍ୟ ସଂସଦ ଓ ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବେଳାଭୂମି ହାଇସ୍କୁଲ ସନ୍ନିକଟ ଆରତୀ କୋଚିଙ୍ଗ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅବସରପ୍ରାପ୍ତ ଶିକ୍ଷାବିତ୍ ପ୍ରମୋଦ କୁମାର ନାୟକ ଏହି କାର୍ଯ୍ୟକ୍ରମକୁ ଉଦଘାଟନ୍ କରିଥିଲେ । ସାହିତ୍ୟ ସଂସଦର ସଭାପତି ଚିତ୍ତରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହତ କାର୍ଯ୍ୟକ୍ରମରେ ଅତିଥି ଭାବେ, ଶିକ୍ଷାବିତ୍, ପ୍ରମୋଦ କୁମାର ପାଲ, ବ୍ୟଙ୍ଗକବି ସମ୍ପଦ ରଥ, ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ସଂସଦର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ, ରାଜ୍ୟ ସରକାରଙ୍କ ତରଫରୁ ଆୟୋଜିତ ଏହିଭଳି କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇବା ସହ ଆଗାମୀ ଦିନରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି କୁ ବଞ୍ଚାଇ ରଖିବା ପାଇଁ ବେଳାଭୂମି ସାହିତ୍ୟ ସଂସଦ ତାର ସଂଗ୍ରାମ ଜାରୀ ରଖିବ ବୋଲି କହିଥିଲେ । ଉତ୍କଳ ପ୍ରଦେଶ ଗଠନରେ ପୂର୍ବ ବରପୁତ୍ରମାନଙ୍କ ଭୂମିକା ଶୀର୍ଷକ ଆଲୋଚନା ଚକ୍ରରେ ଭାଗନେଇ କୃତକାର୍ଯ୍ୟ ହୋଇ ଥିବା ୫ ଜଣ ଛାତ୍ରଛାତ୍ରୀଙ୍କ ସମେତ ମୋଟ ୧୪ଜଣଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଯୋଜକ ସୋଭାକର ବେହେରା ଓ ଶିକ୍ଷକ ବିଜୟ କୁମାର ଭଟ, ସହଯୋଗ କରିଥିଲେ, ସାମ୍ବାଦିକ ଆର୍ତ୍ତତ୍ରାଣ ମହାନ୍ତି, ଆଶୋକ ପରିଡ଼ା, ମନୋସିନି ଦାସ, ଓ ପିଣ୍ଟୁ ଜେନା ।

‘ବରପୁତ୍ରଙ୍କ ସ୍ମୃତିଚାରଣ ଜାତିକୁ ସମୃଦ୍ଧ କରେ’

ବେଗୁନିଆ,୨।୪/ଏନ୍ଏନ୍ଏସ୍: ବେଗୁନିଆ ନୂଆସାହିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ସ୍ଥାନୀୟ ଆଦର୍ଶ କ୍ଲବ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି । ବୁଧବାର ଅପରାହ୍ନରେ ଆୟୋଜିତ ସଭାରେ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ପୌରୋହିତ୍ୟ କରିଥିଲେ । ପଣ୍ଡିତ ବିଷ୍ଣୁ ପ୍ରସାଦ କର ବେଦ ପାଠ ଓ ଗାୟକ ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଅତିଥିମାନେ ଉତ୍କଳର ବରପୁତ୍ରମାନଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ. ପରେ ଶ୍ରାବ୍ୟ ଉପକରଣ ମାଧ୍ୟମରେ ’ ବନ୍ଦେ ଉତ୍କଳ ଜନନୀ ’ ସଙ୍ଗୀତ ଗାନ କରାଯାଇଥିଲା । ଉପଦେଷ୍ଟା ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଯୋଜନା କରିଥିଲେ । ଛାତ୍ରୀ ସୁଶ୍ରୀ ସଙ୍ଗୀତା, ବୀଣାପାଣି ଓ ଦେବସ୍ମିତା ଆବାହନୀ ସଙ୍ଗୀତ ଗାନ କରିଥିଲେ । ଏଥିରେ ବିଶିଷ୍ଟ ସାମ୍ବାଦିକ ଓ ସୁସାହିତ୍ୟିକ କେଦାର ମିଶ୍ର ମୁଖ୍ୟ ଅତିଥି, ଭୁବନେଶ୍ୱର ହୋମିଓପାଥିକ ଆଞ୍ଚଳିକ ଚିକିତ୍ସା ଅଧିକାରୀ ମୁଖ୍ୟ ବକ୍ତା ଓ ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦର ସଭାପତି ପ୍ରଫେସର ଡ. ହରିପ୍ରସାଦ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କୁ ଉତ୍ତରୀୟ ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଗାୟକ ହରିହର ମହାପାତ୍ର ଉଦଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଅନୁଷ୍ଠାନର ଉପ ସଭାପତି ମହେଫୁଜ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ ।

ନଗର କଂଗ୍ରେସର ନୂତନ ସଭାପତି ନିଯୁକ୍ତ

ପୁରୀ,୨।୪/ଏନ୍ଏନ୍ଏସ୍: ପୁରୀ ଜିଲ୍ଲାରେ ନୂତନ କଂଗ୍ରେସର କମିଟି ଘୋଷଣା ହୋଇଛି । ଏନେଇ ଜିଲ୍ଲାର ବିଭିନ କମିଟିର ନୂତନ ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଓ ଅନ୍ୟ ପଦ ସବୁ ଘୋଷଣା ହୋଇଛି । ଲ୍ଲାରେ କଂଗ୍ରେସ ମୂଳଦୁଆ ମଜବୁତ ପାଇଁ ପ୍ରୟାସ ଆରମ୍ଭ ହୋଇଛି । ଏହି କମିଟିରେ ଜିଲ୍ଲା ସଭାପତି ଭାବେ ଇଂ ରାଜେଶ ମିଶ୍ର ସଭାପତି ରହିଥିବା ବେଳେ ନୂତନ କରି ବିଶ୍ୱରଞ୍ଜନ ମହାପତ୍ରାଙ୍କୁ ନଗର କଂଗ୍ରେସର ନୂତନ ସଭାପତି ଭାବେ ଦାଇତ୍ୱ ମିଳିଛି । ସେହିପରି ୧୯ଜଣ ଉପସଭାପତି, ୩୦ଜଣ ସାଧାରଣ ସମ୍ପାଦକ ଓ ୪୬ଜଣଙ୍କ ନାମ ଘୋଷଣା ହୋଇଛି । ସୂଚନା ଥାଉକି, ଛାତ୍ର ୨୦୧୭-୧୮ରେ ପୁରୀ ଏସସିଏସ କଲେଜରେ ଛାତ୍ର ସଂସଦ ପାଇଁ ସଭାପତି ପ୍ରାଥୀ ହୋଇଥିଲେ । ପରେ ସାଧରଣ ଲୋକଙ୍କ ପାଇଁ ବିଶ୍ୱରଞ୍ଜନ କାର୍ଯ୍ୟ କରିଥିଲେ । ତେବେ ଆଗାମୀ ଦିନରେ ନଗର କଂଗ୍ରେସର ଭାର ଯୁବ ନେତାଙ୍କ ହାତରେ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସେହିପରି ନୂତନ ନଗର କଂଗ୍ରେସର ସଭାପତି ଶ୍ରୀ ମହାପତ୍ରା କହିଛନ୍ତି ଯେ, ଛାତ୍ର ଜୀବନରୁ ଆମେ କଂଗ୍ରେସ ପାଇଁ କାର୍ଯ୍ୟ କରି ଆସୁଛୁ । ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଆମେ ଦଳର ସଂଗଠନ ମଜବୁତ ପାଇଁ କାର୍ଯ୍ୟ କରିବୁ । ମୋ ଉପରେ ଦଳ ଭରସା କରି ଏହି ଦାଇତ୍ୱ ଦେଇଥିବାରୁ ମୁଁ ରାଜ୍ୟ କଂଗ୍ରେସ ସଭାପତି, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର, ଜିଲ୍ଲା ସଭାପତି, ବରିଷ୍ଠ ନେତା ବିନାୟକ ଦାସ ମହାପାତ୍ର, ରାଜ୍ୟ ମୁଖପାତ୍ର ଲଲାଟେନ୍ଦୁ ଦାସ, ଯୁବ କଂଗ୍ରେସ ନେତା ସୁଜିତ ମହାପାତ୍ରଙ୍କ ସମେତ ବରିଷ୍ଠ କଂଗ୍ରେସ ନେତାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ପ୍ରକୃତି ଶିବିର

ବାଲୁଗାଁ,୨।୪/ଏନ୍ଏନ୍ଏସ୍: ଚିଲିକାର ପ୍ରକୃତି, ପରିବେଶ ଓ ଏହାର ଗରିମାମୟ ପରିସଂସ୍ଥା ସମ୍ପର୍କରେ ଛାତ୍ରଛାତ୍ରୀମାନେ ବିଷଦ ଜ୍ଞାନ ଆହରଣ କରିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପାଞ୍ଚ ଦିନିଆ ରାଜ୍ୟସ୍ତରୀୟ ପ୍ରକୃତି ଶିବିର ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ଶିକ୍ଷା ବିଭାଗର ଉପ ସଚିବ ପ୍ରଫେସର ରମେଶ ଚନ୍ଦ୍ର ବେହେରାଙ୍କ ଦିଗଦର୍ଶନ ଓ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଶିବିରକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଏନଏସଏସ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ବ୍ରଜ ନାରାୟଣ ପାତ୍ର ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ପରେ ବିଶିଷ୍ଟ ସାମାଜିକ କର୍ମୀ ତଥା ଜାତୀୟ ଯୁବ ପ୍ରକଳ୍ପ ସଂଯୋଜକ ଶ୍ରୀ ସୋମ, ରାଜ୍ୟ ଏନଏସଏସ ତାଲିମ କେନ୍ଦ୍ର ସହ-ସଂଯୋଜକ ନିରଦବରଣ ଖୁଣ୍ଟିଆ, ଡ଼ିଏଫଓ ଅମ୍ଳାନ ନାୟକ ପରିବେଶବିତ ଡକ୍ଟର ପ୍ରକାଶ ଜେନା, ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଅଶୋକ କୁମାର ବିଶ୍ୱାଳ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ବୈଜ୍ଞାନିକ ପ୍ରଦୀପ୍ତ ରଞ୍ଜନ ମୁଦୁଲି, ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ବିଭିନ୍ନ ଦିବସରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କୁ ଚିଲିକାର ପ୍ରକୃତି, ପରିବେଶ, ବିଦେଶାଗତ ପକ୍ଷୀ, ଜୈବ ବିବିଧତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ସୁକାନ୍ତି ପାଇକରାୟ, ବିଶିଷ୍ଟ ଅତିଥି ତଥା ଏନଏସଏସ ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ, ମୁଖ୍ୟବକ୍ତା ଭାବେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ, ଯୁକ୍ତ ଦୁଇ ଅଧକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ପରିବେଶ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଶିବିରକୁ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ରୀନା ରାଉତ ପରିଚାଳନା କରିଥିଲେ । ରାଜ୍ୟର ପନ୍ଦରଟି ବିଶ୍ୱବିଦ୍ୟାଳୟରୁ ଦୁଇଶହ ସ୍ୱେଚ୍ଛାସେବୀଙ୍କ ସମେତ ସେମାନଙ୍କ ଦାୟିତ୍ୱରେ ୨୫ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇଥିଲେ ।

ନୋଡାଲ୍ ଉପ୍ରା ଓ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାହାଙ୍ଗା,୨।୪/ଏନ୍ଏନ୍ଏସ୍: ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକନ ପଞ୍ଚାୟତସ୍ଥିତ ଗୋକନ ନୋଡାଲ ଉପ୍ରା ଓ ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଗୋକନ ସମିତିସଭ୍ୟ ମନୋରଞ୍ଜନ ନାୟକ, ସମ୍ମାନିତ ଅତିଥିଭାବେ ସିଆରସିସି ସଞ୍ଜୟ କୁମାର ମହାନ୍ତି, ପ୍ରଧାନଶିକ୍ଷକ ସୁରଥ ମହାପାତ୍ର, ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ କୁମାର ବଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅସ୍ମିରେଖା ରାଉଳ ଯୋଗଦେଇ ବାର୍ଷିକ ଉତ୍ସବ ସଂପର୍କରେ ଆଲୋଚନା କରି ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ଓ ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିବା ସହ ବିଦ୍ୟାଳୟର ଗୌରବ ଏମ୍‌ବିବିଏସ୍ ଛାତ୍ର ସଞ୍ଜୟ କୁମାର ମଲ୍ଲିକଙ୍କୁ ସମ୍ବର୍ଦ୍ଧନା କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସର୍ବଶ୍ରୀ ଗୌରାଙ୍ଗ ଚରଣ ଜେନା, ସେକ ମୁର୍ସିଦ ମହମ୍ମଦ, ଚିତ୍ତରଂଜନ ସାହୁ, ସତ୍ୟ ନାରାୟଣ ସାହୁ, ପ୍ରଶାନ୍ତ ପରିଡା, ପ୍ରଭଞ୍ଜନ ସାମଲ, ରଶ୍ମିତା ପ୍ରଧାନ, ପ୍ରତିଭା ଜେନା, ଶ୍ରଦ୍ଧାରଂଜନ ନାୟକ, ବନ୍ଦନ କୁମାର ସ୍ୱାଇଁ, ଧରଣୀଧର ଦାସ, ଗୋପାଳକୃଷ୍ଣ ମହାନ୍ତିଙ୍କ ସମେତ ପରିଚାଳନା କମିଟି ସମସ୍ତ ସଦସ୍ୟ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ରମେଶ ଚନ୍ଦ୍ର ବାରିକ ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ନିତି ଭାରତୀ

ଆମେମାନେ ନିଜକୁ ପୁରୁଷ ବା ମହିଳା ଭାବିବା ଅନୁଚିତ, ବରଂ ଏକ ଲକ୍ଷ୍ୟ ହାସଲ କରିବା ନିମନ୍ତେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ଜନ୍ମ ହୋଇଥିବା କେବଳ ମନୁଷ୍ୟ ବୋଲି ଭାବିବା ଉଚିତ। - **ସ୍ୱାମୀ ବିବେକାନନ୍ଦ**

NITIDIN
ନିତିଦିନ
ଶୁକ୍ରବାର, ୩ ଏପ୍ରିଲ ୨୦୨୬

ଏଚ୍‌ପିଭି ଟିକାକରଣ: ଏକ ଯୁଗାନ୍ତକାରୀ ପଦକ୍ଷେପ

ଡାକ୍ତର ରାଜକିଶୋର ପଣ୍ଡା

ପରିଶେଷରେ ବହୁ ତର୍କ-ବିତର୍କ ଓ ବାଦବିବାଦ ପରେ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍‌ପିଭି) ପାଇଁ ଟିକାକରଣ ଭାରତରେ ଅନୁମତି ପାଇଅଛି। ନିଶ୍ଚିତ ଭାବରେ ଏହା ଏକ ମାଇଲଖୁଣ୍ଟ, କାରଣ ଏହି ଟିକାକରଣଦ୍ୱାରା ଭାରତ ସରକାର ପ୍ରତିଷେଧକ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ କିଶୋର ଅବସ୍ଥାକୁ ଗୁରୁତ୍ୱ ଦେଇଛନ୍ତି। ଏଚ୍‌ପିଭି ଟିକା ମଧ୍ୟ ଭାରତର ସାର୍ବଜନୀନ ଟୀକାକରଣ ବ୍ୟବସ୍ଥାରେ ପ୍ରଥମ, ଯାହାକି ସମ୍ପୂର୍ଣ୍ଣ ଭାବରେ କୈଶୋର ଅବସ୍ଥାରେ ହିଁ ଦିଆଯିବ। ଏ ପର୍ଯ୍ୟନ୍ତ ଭାରତର ଟୀକା ସବୁ, ମୁଖ୍ୟତଃ ନବଜାତ ସନ୍ତାନ, ଶିଶୁ, ଗର୍ଭବତୀ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏଚ୍‌ପିଭି ଟୀକାକୁ ଆଗତ କରି ସରକାର ଏକ ସ୍ପଷ୍ଟ ଇଙ୍ଗିତ ମଧ୍ୟ ଦେଇଛନ୍ତି କି ରୋଗଗୁଡ଼ିକର ପ୍ରତିଷେଧକ ବ୍ୟବସ୍ଥା କେବଳ ଶୈଶବ ଅବସ୍ଥାରେ ଟିକାକରଣ କରାଯାଇ ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ, ବରଂ ଏଥିପାଇଁ ବୟସର ପ୍ରତି ପର୍ଯ୍ୟାୟକୁ ବିଭିନ୍ନ ରୋଗ ନିମନ୍ତେ ଟିକାକରଣ କରିବା ଆବଶ୍ୟକ।

ସନ୍ଦର୍ଭଟିରେ ଆଗକୁ ଯିବା ପୂର୍ବରୁ ପାଠକମାନେ ଏଚ୍‌ପିଭି ବିଷୟରେ କିଛି ଜାଣିବା ନିତାନ୍ତ ଆବଶ୍ୟକ। ଏହା ଗୋଟିଏ ଭାଇରସ୍ ଅଟେ। ସାଧାରଣତଃ ଭାଇରସ୍‌କୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ, ସେଥିରେ ଥିବା ନ୍ୟୁକ୍ଲିକ୍ ଏସିଡ୍‌କୁ ନେଇ। ଗୋଟିଏ ହେଉଛି ଡିଏନ୍ଏ ଭାଇରସ୍ ଆଉ ଗୋଟିଏ ହେଉଛି ଆର୍‌ଏନ୍‌ଏ ଭାଇରସ୍। ଏହି ଏଚ୍‌ପିଭି, ଡିଏନ୍ଏ ଭାଇରସ୍ ଅଟେ। ଏହା ପାପିଲୋମା ଭିରିଡି ପରିବାରରୁ ଆସିଛି।

ଦୁଇ ଶହ ଭିନ୍ନ ଭିନ୍ନ ଭାଇରସ୍ ଏହି ଏଚ୍‌ପିଭିର ଅନ୍ତର୍ଗତ ଓ ଏମାନଙ୍କୁ ସଂଖ୍ୟାଦ୍ୱାରା ଚିହ୍ନଟ କରାଯାଇଥାଏ। ପ୍ରାୟ ଏଚ୍‌ପିଭିଜନିତ ସଂକ୍ରମଣ କୌଣସି ଲକ୍ଷଣ ସୃଷ୍ଟି କରି ନଥାଏ ଓ ଆପେ ଆପେ ଭଲ ମଧ୍ୟ ହୋଇ ଯାଇଥାଏ, କିନ୍ତୁ ଏହାର ୧୮, ୧୬ ନମ୍ବର ଭାଇରସ୍‌ଟି ଅତ୍ୟନ୍ତ ବିପଜ୍ଜନକ ଅଟେ ଏବଂ ଏହା ହିଁ ପାଖାପାଖି ସତୁରୀ ପ୍ରତିଶତ ଜରାୟୁ ବା ସର୍ଭାଇକାଲ୍ କ୍ୟାନସର୍ ସୃଷ୍ଟି କରିଥାଏ। ସେହିପରି ନବେ ପ୍ରତିଶତ ମୁଖ ଗହ୍ୱର ଓ ଗଳା କର୍କଟ ଏଚ୍‌ପିଭି ୧୬ ଦ୍ୱାରା ସୃଷ୍ଟି ହୋଇଥାଏ। ଏଚ୍‌ପିଭି ୬ ଓ ୧୧ ଦ୍ୱାରା ମଳଦ୍ୱାରରେ ବିଭିନ୍ନ ପ୍ରକାରର ଚର୍ମ ସଂକ୍ରମଣ ମଧ୍ୟ ହୋଇଥାଏ।

ଏବେ ସର୍ଭାଇକାଲ୍ ବା ଜରାୟୁ କର୍କଟ ବିଷୟରେ କିଛି ଜାଣିବା: ଭାରତରେ ଜରାୟୁ କର୍କଟ, ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଉଥିବା ସବୁଠାରୁ ଅଧିକ କ୍ୟାନସର ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପ୍ରତି ବର୍ଷ ଅଶୀ ହଜାର ନୂଆ ରୋଗୀ ଚିହ୍ନଟ ହେଉଥିବା ବେଳେ ବୟାଳିଶ ହଜାର ରୋଗୀ ଏଥିରେ ମୃତ୍ୟୁବରଣ କରୁଛନ୍ତି। ଏହାର ପ୍ରମୁଖ କାରଣ ହେଉଛି ଏଚ୍‌ପିଭି ୧୬ ଓ ୧୮ର ଲଗାତର ସଂକ୍ରମଣ। ଭାରତରେ ଦେବା ପାଇଁ ସ୍ଥିରୀକୃତ ହୋଇଥିବା ଏଚ୍‌ପିଭି ଟୀକାଟିର ନାମ ହେଉଛି 'ଗାର୍ଡ଼ାସିଲ୍'। ଏହା ପ୍ରାୟତଃ ୧୬ ଓ ୧୮ ପ୍ରଜାତି ଭାଇରସ୍‌ର ସଂକ୍ରମଣରୁ ସୁରକ୍ଷା ଦେଇଥାଏ। ସାଧାରଣତଃ ଜୀବନ୍ତ ଓ ଅକାମୀ ବା ମୃତ ଅଣୁଜୀବମାନଙ୍କୁ ନେଇ ଟୀକା ପ୍ରସ୍ତୁତି କରାଯାଇଥାଏ। ଗାର୍ଡ଼ାସିଲ୍ ଟିକାଟି ଅକାମୀ ଅଣୁଜୀବମାନଙ୍କୁ ନେଇ ପ୍ରସ୍ତୁତ କରାଯାଇ ଥିବାରୁ ନିଜେ କୌଣସି ସଂକ୍ରମଣ ସୃଷ୍ଟି କରିବା ପାଇଁ ଏହାର କ୍ଷମତା ନାହିଁ।

ଏହି ଟୀକାଟିର କାର୍ଯ୍ୟ କ୍ଷମତା ପ୍ରାୟ ତେୟାନବେରୁ ଶହେ ପ୍ରତିଶତ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ୨୦୨୨ ମସିହାର ସୁପାରିସ ଅନୁଯାୟୀ ୯ରୁ ୧୪ ବର୍ଷ ବୟସର କିଶୋରୀମାନଙ୍କୁ ଏହି ଟୀକାର ଗୋଟିଏ ଡୋଜ୍ ଦେବା ଆବଶ୍ୟକ। ସମଗ୍ର ବିଶ୍ୱରେ ଏହି ଟିକାକରଣକୁ ନବେ ପ୍ରତିଶତରେ ପହଞ୍ଚାଇ ଜରାୟୁ କର୍କଟକୁ ନିଶ୍ଚିହ୍ନ କରିବା ସଙ୍ଗଠନର ଲକ୍ଷ୍ୟ।

ବର୍ତ୍ତମାନ ଭାରତବର୍ଷରେ ଏଚ୍‌ପିଭି ଟୀକାକରଣର ଇତିହାସ ବିଷୟରେ ଆଲୋକପାତ କରାଯାଉ। ବିଶ୍ୱରେ ଏହା ପ୍ରଥମେ ୨୦୦୬ରେ ସ୍ୱୀକୃତ ହୋଇଥିଲା ଏବଂ ଭାରତରେ ୨୦୦୮ ମସିହାର ପ୍ରାରମ୍ଭରେ ଉପଲବ୍ଧ ହୋଇଥିଲା। ପରୀକ୍ଷାମୂଳକ ଭାବେ ୨୦୦୮-୦୯ରେ ଆନ୍ତର୍ଜାତିକ ଏନ୍‌ଜିଓ ସଂସ୍ଥା 'ପାଥ୍' ଓ ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ ସହଯୋଗରେ ଏହାକୁ ଗୁଜରାଟ ଓ ଆନ୍ଧ୍ରପ୍ରଦେଶର କିଛି ସ୍ଥାନରେ ଦିଆଗଲା। ଉଦ୍ଦେଶ୍ୟ ଥିଲା- ଏହାର ଗ୍ରହଣୀୟତା, କାର୍ଯ୍ୟ ଦକ୍ଷତା ଓ ଏହାକୁ ବିତରଣ କରିବାରେ ହେଉଥିବା ଖର୍ଚ୍ଚର ଏକ ଅଟକଳ ଲଗାଇବା, ଯାହାଦ୍ୱାରା କି ଏହାକୁ ଜାତୀୟ ଟୀକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇ ପାରିବ। ଏହି କାର୍ଯ୍ୟକ୍ରମରେ ୧୦-୧୪ ବର୍ଷର କିଶୋରୀମାନଙ୍କୁ ଆନ୍ଧ୍ରର ଖମାମ୍ ଓ ଗୁଜରାଟର ଭଦୋଦରା ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଟିକା ଦିଆଗଲା। କିନ୍ତୁ ଟିକା ନେଇଥିବା କିଛି ବାଳିକାମାନଙ୍କର ମୃତ୍ୟୁ ହେବା ନେଇ ରିପୋର୍ଟ ଆସିବା ପରେ ଜନ ସମାଜରେ ଏହା ଚାଞ୍ଚଲ୍ୟ ଓ ଆତଙ୍କ ସୃଷ୍ଟି କରିଥିଲା। ଯଦିଓ ତଦନ୍ତରୁ ଜଣା ପଡ଼ିଲା ଯେ ମୃତ୍ୟୁର କାରଣ ସହ ଟୀକାର କୌଣସି ସମ୍ପର୍କ ନାହିଁ, ଏହା କିନ୍ତୁ ଜନତାଙ୍କର ବିଶ୍ୱାସ ଭାଜନ ହେଲା ନାହିଁ। ଏହାକୁ ନେଇ ପାର୍ଲାମେଣ୍ଟରେ ମଧ୍ୟ ବିତର୍କ ହେଲା ଓ ଶେଷରେ ୨୦୧୦ରେ କେନ୍ଦ୍ର ସରକାର ଏହି ପରୀକ୍ଷାମୂଳକ କାର୍ଯ୍ୟକ୍ରମଟିକୁ ବନ୍ଦ କରିଦେଲେ। ଏହା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏକ ଅନିଶ୍ଚିତତା ଲାଗି ରହିଲା। ସରକାରଙ୍କଦ୍ୱାରା ଗଠିତ ହୋଇଥିବା ବିଭିନ୍ନ ଏକ୍ସପର୍ଟ କମିଟି ବାରମ୍ବାର ଏଚ୍‌ପିଭି ଟିକାକରଣ ସପକ୍ଷରେ ମତ ପ୍ରକାଶ କରୁଥିଲେ ମଧ୍ୟ ତୃଣମୂଳ ସ୍ତରରେ ଏହା ଲାଗୁ ହୋଇ ପାରିଲା ନାହିଁ। ଏହାର ମୁଖ୍ୟ କାରଣ ଥିଲା, ଜନ ସମାଜର ସହଯୋଗ, ବିଶ୍ୱାସ ଓ ଟିକାକୁ ନେଇ ଉପଯୁକ୍ତ ସୂଚନାର ଅଭାବ। ଏ ମଧ୍ୟରେ ୨୦୨୬ ଜାନୁଆରୀ ସୁଦ୍ଧା ୧୬୪ଟି ଦେଶ ଏହି ଟୀକାକୁ ଲାଗୁ କରିଛନ୍ତି ଓ ପ୍ରାୟ ପାଞ୍ଚ ଶହ ମିଲିଅନରୁ ଅଧିକ ଡୋଜ୍ ମଧ୍ୟ ଏହାର ଦିଆ ସରିଲାଣି। ଅଷ୍ଟ୍ରେଲିଆ ଓ ବ୍ରିଟେନ୍ ପରି ଦେଶ ବର୍ତ୍ତମାନ ସମୟରେ ଏହି ଟୀକାକୁ ବ୍ୟବହାର କରି ସର୍ଭାଇକାଲ କ୍ୟାନ୍‌ସର୍‌କୁ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟାର ତାଲିକାରୁ ହଟାଇବାର ଦ୍ୱାରଦେଶରେ ଅଛନ୍ତି। ତେଣୁ ଭାରତ ସରକାରଙ୍କର ଏଚ୍‌ପିଭି ଟୀକାକୁ ସ୍ୱୀକୃତି ପ୍ରଦାନ କରିବା ବର୍ତ୍ତମାନ ସମୟରେ ଏକ ଅତ୍ୟନ୍ତ ସମୟୋପଯୋଗୀ ଓ ଦୃଷ୍ଟାନ୍ତ ସୃଷ୍ଟିକାରୀ ଅଟେ ଓ ଏଥିପାଇଁ ଏହା ଧନ୍ୟବାଦର ପାତ୍ର। ଏହି ପ୍ରକ୍ରିୟାଟିକୁ କିନ୍ତୁ ପନ୍ଦର ବର୍ଷ ସମୟ ଲାଗିଗଲା। ଭବିଷ୍ୟତ ଟିକାକରଣ ବା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସକାଶେ ଏହି ବିଳମ୍ବ ପ୍ରକ୍ରିୟାଟି ଆମକୁ କିଛି ଶିକ୍ଷା ଦେଉଛି।

ପ୍ରଥମଟି ହେଉଛି, ଉପଯୁକ୍ତ ସୂଚନାର ଆଦାନ ପ୍ରଦାନ। ଲୋକମାନଙ୍କୁ ସରଳ ଭାବରେ ବୁଝାଇବା ଦରକାର ଯେ ଟୀକାଟି ଦେବାର କାରଣ କ'ଣ? ଏହା କେଉଁ ରୋଗର ପ୍ରତିଷେଧକ ଭାବରେ କାମ କରିବ ଓ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହେଲେ ସେଗୁଡ଼ିକର ପରିଚାଳନା ପାଇଁ କେଉଁ କେଉଁ ବ୍ୟବସ୍ଥା ରହିଛି ଇତ୍ୟାଦି। କୌଣସି ପ୍ରକାର ଗମ୍ଭୀର ପାର୍ଶ୍ୱ ପ୍ରତିକ୍ରିୟା ହେଲେ ତା'ର ଉପଯୁକ୍ତ ଓ ତତ୍‌କ୍ଷଣାତ୍ ଚିକିତ୍ସା ଓ ନିରପେକ୍ଷ ତଦନ୍ତ କରିବା ମଧ୍ୟ ସରକାରଙ୍କର ଏକ ଗୁରୁ ଦାୟିତ୍ୱ।

ଦ୍ୱିତୀୟଟି ହେଉଛି, ନୈତିକତା ଦୃଷ୍ଟିରୁ ସ୍ୱଚ୍ଛତା। ଯେହେତୁ ଟିକାକରଣଟି କିଶୋରୀ ବାଳିକା ତଥା ସମାଜର ବଞ୍ଚିତ ବର୍ଗମାନଙ୍କୁ ଲକ୍ଷ୍ୟ କରି ଆରମ୍ଭ କରାଯାଇଛି, ତେଣୁ ଯଥେଷ୍ଟ ନୈତିକତା ଅଣାଯାଇ ଲୋକମାନଙ୍କଠାରେ ବିଶ୍ୱାସ ସୃଷ୍ଟି କରାଯିବା ଦରକାର। ବିଶ୍ୱାସର ଅଭାବରେ କୌଣସି ଜନମଙ୍ଗଳ କାର୍ଯ୍ୟ କେବେ ବି ସଫଳ ହୋଇ ପାରିବ ନାହିଁ। ଉଦାହରଣ ସ୍ୱରୂପ, ୨୦୦୯ ମସିହାର ଦୁର୍ଘଟଣା।

ଏହି ଏଚ୍‌ପିଭି ଟିକାକୁ ବିନାମୂଲ୍ୟରେ ଦିଆଯିବାର ବ୍ୟବସ୍ଥା ବର୍ତ୍ତମାନ ସରକାରଙ୍କ ତରଫରୁ କରାଯାଇଛି। ଭାରତୀୟ ସମାଜରେ ଆର୍ଥିକ ଓ ସାମାଜିକ ଉନ୍ନତି ଆଣିବାରେ ଯେ ଏହା ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। କେବଳ ଟିକାକରଣଦ୍ୱାରା ଆମେ ଜରାୟୁ କର୍କଟକୁ ନିୟନ୍ତ୍ରଣ କରି ପାରିବା ନାହିଁ। ଏଥିପାଇଁ ସ୍କ୍ରିନିଂର ମଧ୍ୟ ଆବଶ୍ୟକତା ରହିଛି। ଯେଉଁ ବୟସ୍କ ମହିଳାମାନେ ଟିକା ନେଇ ନାହାନ୍ତି, ସେମାନଙ୍କୁ 'ପାପ୍ ସ୍ମିଅର' ମାଧ୍ୟମରେ ସ୍କ୍ରିନିଙ୍ଗ ବା ପରୀକ୍ଷା କରାଯାଇ ପାରିବ।

ଭାରତ ମଧ୍ୟ ଏହାର ଜାତୀୟ ଟୀକାକରଣ ବ୍ୟବସ୍ଥାକୁ ଆହୁରି ବ୍ୟାପକ କରିବା ନିହାତି ଆବଶ୍ୟକ। ଏଥିରେ ବାଲ୍ୟାବସ୍ଥା, ଶୈଶବାବସ୍ଥା ସହିତ କୈଶୋର ଓ ବୟସ୍କାବସ୍ଥାକୁ ସମ୍ମିଳିତ କରିବା ଦରକାର। ଭାରତ ଏଚ୍‌ପିଭି ଟୀକାକୁ ସ୍ୱୀକୃତି ଦେବା ଏକ ଅଗ୍ରଗାମୀ ପଦକ୍ଷେପ। ଯଦି ଜନସାଧାରଣଙ୍କ ସହଯୋଗ, ବିଶ୍ୱାସଦ୍ୱାରା ଏହି କାର୍ଯ୍ୟକ୍ରମଟି ସଫଳ ହୁଏ, ତେବେ ଅତୀତରେ ଦୂରୀଭୂତ ହୋଇ ପାରିଥିବା 'ପୋଲିଓ' ପରି ଆମେ ଜରାୟୁ କର୍କଟକୁ ମଧ୍ୟ ଭାରତ ମାଟିରୁ ସବୁଦିନ ପାଇଁ ନିଶ୍ଚିହ୍ନ କରିଦେଇ ପାରିବା। ନିକଟରେ ଯାଇଥିବା ଆନ୍ତର୍ଜାତିକ ମହିଳା ଦିବସରେ ଆମ ମା'ମାନଙ୍କ ପାଇଁ ଏହା ହେବ ସବୁଠାରୁ ଶ୍ରେଷ୍ଠ ଉପହାର।

ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋ: ୮୧୪୪୦୪୨୯୯୭

ଯୁଦ୍ଧର ଛାୟାରେ ଶିଶୁ ଅଧିକାର

ପ୍ରମୋଦ କୁମାର ପ୍ରଧାନ

ବିଶ୍ୱ ଆଜି ଯୁଦ୍ଧର ଅନିଶ୍ଚିତତା ଓ ଅସ୍ଥିରତାର ମଝିରେ ଦଣ୍ଡାୟମାନ। ବାଲିଷ୍ଟିକ ମିସାଇଲ୍, କ୍ଲଷ୍ଟର ମିସାଇଲ୍, ଡ୍ରୋନ୍‌ରେ ଆକ୍ରମଣ, ବୋମା ମାଡ଼ର ଶବ୍ଦରେ ଭାଙ୍ଗି ପଡୁଥିବା ଘର, ଧ୍ୱଂସ ସ୍ତୂପରେ ପରିଣତ ହୋଇଥିବା ବିଦ୍ୟାଳୟ ଓ ଭୟଭୀତ ଶିଶୁମାନଙ୍କ ଆଖି ହିଁ ଆଜିର ବିଶ୍ୱର ଏକ ଦୁଃଖଦ ସତ୍ୟକୁ ଉଜାଗର କରୁଛି। ସବୁଆଡ଼େ ଯୁଦ୍ଧର ବିଭୀଷିକା। ଇରାନ ସହ ଆମେରିକା ଓ ଇସ୍ରାଏଲ, ଇସ୍ରାଏଲ ସହ ପାଲେଷ୍ଟାଇନ ସଂଘର୍ଷ, ରୁଷ୍ ସହ ୟୁକ୍ରେନ୍ ଯୁଦ୍ଧ ଏବଂ ପାକିସ୍ତାନ-ଆଫଗାନିସ୍ତାନର ସଂଘର୍ଷ ଓ ଯୁଦ୍ଧର ରଣମଞ୍ଚରେ, ଯେଉଁଠାରେ ରାଜନୀତିର କୁଟିଳ ଚାଲ୍, ଆର୍ଥିକ ପ୍ରଭୁତ୍ୱର ଲୋଭ, ସୁପରପାୱାର ହେବାର ଅହଙ୍କାର ଓ ଭୌଗୋଳିକ ସ୍ୱାର୍ଥର ରକ୍ତାକ୍ତ ଖେଳ ଚାଲିଥାଏ, ସେଠାରେ ମଣିଷତ୍ୱର ସବୁଠାରୁ କରୁଣ ଅଧ୍ୟାୟ ଲେଖାଯାଏ ଶିଶୁମାନଙ୍କର ଲୁହରେ। ସେମାନେ ନା କୌଣସି ସୀମାରେ ଲଢ଼ନ୍ତି, ନା କୌଣସି ରାଷ୍ଟ୍ରର ଅହଙ୍କାର ବୁହନ୍ତି, ତଥାପି ପ୍ରତ୍ୟେକ ବିସ୍ଫୋରଣର ଝଟ୍‌କା ସର୍ବପ୍ରଥମେ ଲାଗେ ସେମାନଙ୍କର ସ୍ୱପ୍ନରେ। ଯୁଦ୍ଧର ଧୂଳି ଓ ଧୂଆଁ ମଧ୍ୟରେ ଚୂର୍ଣ୍ଣବିଚୂର୍ଣ୍ଣ ହେଉଥିବା ଶିଶୁ ଜୀବନ କେବଳ ପରିସଂଖ୍ୟାନ ନୁହେଁ, ଏହା ଆମ ସଭ୍ୟତାର ନିର୍ଦ୍ଦୟତାର ସବୁଠାରୁ କଠୋର ପ୍ରମାଣ। ଶିଶୁ ଓ ମହିଳା ଯଦିଓ କୌଣସି ଯୁଦ୍ଧର ନିର୍ମାତା ନୁହନ୍ତି, ଯୁଦ୍ଧର ସବୁଠାରୁ କଠୋର ପ୍ରହାର, ତାହାର ଭୟାବହ ପରିଣାମର ଅସହ୍ୟ ଯନ୍ତ୍ରଣା ସେମାନଙ୍କ ଉପରେ ଅନିବାର୍ଯ୍ୟ ଭାବେ ଲଦା ଯାଉଛି। ଯୁଦ୍ଧ କେବଳ ସୀମାରେ ବନ୍ଦ ରହେନାହିଁ; ଏହା ଧୀରେ ଧୀରେ ଘରର ନିରାପତ୍ତାକୁ ଭାଙ୍ଗିଦିଏ, ବିଦ୍ୟାଳୟର ଘଣ୍ଟିକୁ ନିରବ କରେ, ହସ୍ପିଟାଲର ଆଶାକୁ ଧୂଳିରେ ମିଶାଏ ଓ ସମାଜର ମୂଳଦୁଆକୁ ଦୋହଲାଇ ଦିଏ। ଏଭଳି ଯୁଦ୍ଧ ଦୃଶ୍ୟମାନ ଧ୍ୱଂସରୁ ଅଧିକ, ଅଦୃଶ୍ୟ ଭାବରେ ଭବିଷ୍ୟତ ପିଢ଼ିଙ୍କ ସ୍ୱପ୍ନ, ସୁରକ୍ଷା ଓ ସମ୍ଭାବନାକୁ ଅନ୍ଧକାରର ଅତଳ ଗହ୍ୱରକୁ ଠେଲିଦିଏ।

ମିଳିତ ଜାତିସଂଘର ଶିଶୁ ଅଧିକାର ସନ୍ଧି (ୟୁଏନ୍‌ସିଆରସି) ଅନୁଯାୟୀ, ପ୍ରତ୍ୟେକ ଶିଶୁଙ୍କର ବଞ୍ଚିବା, ସୁରକ୍ଷା, ବିକାଶ ଓ ଅଂଶଗ୍ରହଣର ଅଧିକାର ଅଛି। ଏହି ସନ୍ଧିକୁ ବିଶ୍ୱର ପ୍ରାୟ ସମସ୍ତ ଦେଶ ଅନୁମୋଦନ କରିଛନ୍ତି ଓ ଶିଶୁ ଅଧିକାର ସୁରକ୍ଷା ପ୍ରତି ସେମାନଙ୍କ ଅଙ୍ଗୀକାର ଜଣାଇଛନ୍ତି। ଏହା ସହିତ ଜାତିସଂଘ ସାଧାରଣ ସଭା ୧୯ ଡିସେମ୍ବର ୨୦୧୬ରେ ଶାନ୍ତିର ଅଧିକାର ସମ୍ପର୍କିତ ଜାତିସଂଘ ଘୋଷଣାପତ୍ର (ଡିକ୍ଲାରେସନ୍ ଅନ୍ ଦ ରାଇଟ୍ ଟୁ ପିସ୍)କୁ ଅଙ୍ଗୀକାର କରିଥିଲା, ଯାହା ମାନବ ଜାତି ପାଇଁ ଶାନ୍ତିକୁ ଏକ ମୌଳିକ ଅଧିକାର ଭାବେ ସ୍ୱୀକାର କରେ। ବିଶ୍ୱର ଅନେକ ଦେଶ ଏହି ଘୋଷଣାପତ୍ରକୁ ସମର୍ଥନ କରିଛନ୍ତି। ଏହି ସମସ୍ତ ଆନ୍ତର୍ଜାତିକ ଅଙ୍ଗୀକାର ଥିବା ସତ୍ତ୍ୱେ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଯୁଦ୍ଧ ଓ ହିଂସା ଏହି ଅଧିକାରଗୁଡ଼ିକୁ ସବୁଠାରୁ ଅଧିକ ଭାବରେ ଉଲ୍ଲଙ୍ଘନ କରୁଛି।

ୟୁନିସେଫ୍ ୨୦୨୪-୨୬ର ଏକ ରିପୋର୍ଟ ଅନୁସାରେ, ଯୁଦ୍ଧଜନିତ ପରିବେଶରେ ବିଶ୍ୱରେ ପ୍ରାୟ ୪.୮୮ କୋଟି ଶିଶୁ ବିସ୍ଥାପିତ, ଯାହା ତାଙ୍କର ସୁରକ୍ଷା ଓ ପାରିବାରିକ ଅଧିକାରକୁ ଭାଙ୍ଗି ଦେଉଛି। ଯୁଦ୍ଧର ପ୍ରଭାବ ଶିଶୁମାନଙ୍କ ଜୀବନରେ ଅତ୍ୟନ୍ତ ଗଭୀର, ବିଭିନ୍ନ ଦିଗରୁ ବ୍ୟାପ୍ତ ଓ ଦୀର୍ଘସ୍ଥାୟୀ ଭାବେ ପ୍ରତିଫଳିତ ହୁଏ। ଏହା କେବଳ ସେମାନଙ୍କ ଶାରୀରିକ ସୁରକ୍ଷାକୁ ନୁହେଁ, ବରଂ ମାନସିକ ସ୍ୱାସ୍ଥ୍ୟ, ଶିକ୍ଷା ଓ ସମଗ୍ର ଭବିଷ୍ୟତକୁ ଗଭୀର ଭାବରେ ଅସ୍ଥିର କରିଦିଏ। ବିଦ୍ୟାଳୟକୁ ଆଶ୍ରୟ କେନ୍ଦ୍ର ଓ ସେନା ଶିବିରରେ ପରିଣତ କରାଯାଏ। ଏହା ଫଳରେ ଅଗଣିତ ଶିଶୁ ଶିକ୍ଷାରୁ ବଞ୍ଚିତ ହୁଅନ୍ତି ଓ ସେମାନଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇଯାଏ। ସେମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ବ୍ୟବସ୍ଥା ଧ୍ୱଂସ ହୋଇଯାଏ। ହସ୍ପିଟାଲ ନଷ୍ଟ ହେବା, ଔଷଧ ଓ ଚିକିତ୍ସା ସେବାର ଅଭାବ, ଖାଦ୍ୟ ଅଭାବ ଓ ପାନୀୟ ଜଳ ସଂକଟ ଯୋଗୁଁ ଶିଶୁମାନେ ପୁଷ୍ଟିହୀନତା ତଥା ବିଭିନ୍ନ ରୋଗର ଶିକାର ହୁଅନ୍ତି। ଯୁଦ୍ଧ ପରିସ୍ଥିତିରେ ପରିବାର ଭାଙ୍ଗିଯାଏ ଓ ଅନେକ ଶିଶୁ ଅନାଥ କିମ୍ବା ଶରଣାର୍ଥୀ ହୋଇଯାନ୍ତି। ଏହି ସମୟରେ ସେମାନେ ଶିଶୁ ଶ୍ରମିକ ହୋଇ ଯାଆନ୍ତି, ମାନବ ତସ୍କରୀ ଓ ବିଭିନ୍ନ ପ୍ରକାରର ମାନସିକ ଓଶାରୀରିକ ଶୋଷଣର ଶିକାର ହୁଅନ୍ତି। ସେମାନଙ୍କ ମନୋସ୍ଥିତି ଉପରେ ଗଭୀର ପ୍ରଭାବ ପଡ଼େ। ଭୟ, ଅବସାଦ, ମାନସିକ ଆଘାତ ଓ ଭବିଷ୍ୟତ ପ୍ରତି ଅନିଶ୍ଚିତତା ସେମାନଙ୍କ ସାଥୀ ହୋଇଯାଏ। କେତେକ ସ୍ଥାନରେ ଶିଶୁମାନଙ୍କୁ ସଶସ୍ତ୍ର ଦଳରେ ଜୋର୍ କରି ଭର୍ତ୍ତି କରାଯାଏ। ଏହି ପରିସ୍ଥିତି ଶିଶୁଙ୍କର ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗରିମାମୟ ଜୀବନର ଅଧିକାରକୁ ସଂପୂର୍ଣ୍ଣ ଭାବେ ଉଲ୍ଲଙ୍ଘନ କରେ।

ଯୁଦ୍ଧ ପରିସ୍ଥିତିରେ ମହିଳାମାନେ ମଧ୍ୟ ସବୁଠାରୁ ଅଧିକ ଅସୁରକ୍ଷିତ ହୋଇଯାନ୍ତି। ପରିବାର ଭାଙ୍ଗି ଗଲେ ଘର, ଶିଶୁ ଓ ଜୀବନ ଜୀବିକାର ସମସ୍ତ ଦାୟିତ୍ୱ ମହିଳାଙ୍କ ଉପରେ ପଡ଼େ। ଅନେକ ସମୟରେ ସେମାନେ ଲିଙ୍ଗଭିତ୍ତିକ ହିଂସା ଓ ଶୋଷଣ ଓ ଅସୁରକ୍ଷାର ଶିକାର ହୁଅନ୍ତି। ଗର୍ଭବତୀ ମହିଳାମାନେ ସ୍ୱାସ୍ଥ୍ୟସେବା ନ ପାଇ ବିପଦଜନିତ ପରିସ୍ଥିତିର ସାମ୍ନା କରିବାକୁ ପଡ଼େ। ଯୁଦ୍ଧ କେବଳ ମୃତ୍ୟୁ ଓ ବିନାଶ ନୁହେଁ; ଏହା ମାନବ ସମାଜକୁ ଅନେକ ଦଶକ ପଛକୁ ଫେରାଇ ଦିଏ। ଯେଉଁ ଦେଶ ଯୁଦ୍ଧରେ ଜଡ଼ିତ ହୁଏ, ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଓ ସାମାଜିକ ସୁରକ୍ଷା ପ୍ରଣାଳୀ ଭାଙ୍ଗିପଡ଼େ। ଅନ୍ୟ ଅର୍ଥରେ, ଏହା ମାନବ ଉନ୍ନତିର ଭିତ୍ତିକୁ ଧ୍ୱଂସ ପଥରେ ଠେଲିଦେବାର ସଙ୍କେତ।

ଆଜି ବିଶ୍ୱ ସମାଜକୁ ନିଜ ଦିଗ ଉପରେ ଗଭୀର ପୁନଃଚିନ୍ତନ କରିବାକୁ ହେବ। ଯେଉଁ ମିଳିତ ଜାତିସଂଘର ପ୍ରାଥମିକ ମୂଲ୍ୟ ଶାନ୍ତି ସ୍ଥାପନା ଓ ମାନବାଧିକାର ସୁରକ୍ଷା ଥିଲା, ତାହା ଆଜି ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି। ଏହି ପରିସ୍ଥିତିରେ ଜାତିସଂଘକୁ ତାହାର ମୂଳ ନୀତି ଓ ଦାୟିତ୍ୱକୁ ପୁନଃସକ୍ରିୟ ଭାବେ ପ୍ରତିଷ୍ଠା କରିବା ଅତ୍ୟାବଶ୍ୟକ। ଯୁଦ୍ଧ କେବେ ମଧ୍ୟ ସ୍ଥାୟୀ ସମାଧାନ ଦେଇନାହିଁ। ଯୁଦ୍ଧ ମାନବତାକୁ ଭାଗ ଭାଗ କରେ, ଘୃଣାକୁ ବଢ଼ାଏ ଓ ଭବିଷ୍ୟତକୁ ଅନ୍ଧକାର କରେ। ଅନ୍ୟ ପକ୍ଷରେ, ଶାନ୍ତି ମାନବ ସମ୍ଭାବନାକୁ ମୁକ୍ତ କରେ, ଉନ୍ନତିର ଦ୍ୱାର ଖୋଲେ ଓ ସମସ୍ତଙ୍କ ପାଇଁ ଏକ ସୁସ୍ଥ, ସୁରକ୍ଷିତ ଓ ସମୃଦ୍ଧ ଜଗତ ଗଢ଼ିବାରେ ସହାୟକ ହୁଏ। ପ୍ରଶ୍ନ ହେଉଛି, ଆମେ କେମିତି ବିଶ୍ୱ ଗଢ଼ିବାକୁ ଚାହୁଁଛୁ? ବୋମା ଓ ଗୁଳିର ଶବ୍ଦରେ ଭୟଭୀତ ଶିଶୁମାନଙ୍କ ବିଶ୍ୱ ନା ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ସୁଯୋଗରେ ପରିପୂର୍ଣ୍ଣ ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ? ଯଦି ଆମେ ସାମାଜିକ ନ୍ୟାୟ, ଉନ୍ନତି ଓ ସମସ୍ତଙ୍କ ମଙ୍ଗଳକୁ ସତରେ ମୂଲ୍ୟ ଦେଉଛୁ, ତେବେ ଯୁଦ୍ଧର ପଥକୁ ଛାଡ଼ି ଶାନ୍ତିର ପଥକୁ ବାଛିବା ଆବଶ୍ୟକ। ଶିଶୁମାନଙ୍କ ସାମଗ୍ରିକ ବିକାଶ ଓ ତାଙ୍କର ଅଧିକାରର ସୁରକ୍ଷା ହିଁ ମାନବତାର ଆଶା, ସଭ୍ୟତାର ଭବିଷ୍ୟତ ଓ ପ୍ରଗତିର ସତ୍ୟ ଅର୍ଥକୁ ନିର୍ଣ୍ଣୟ କରେ। ଶିଶୁଙ୍କ ଅଧିକାରର ସୁରକ୍ଷା ହିଁ ମାନବତାର ପ୍ରକୃତ ବିଜୟ।

(ଏହି ପ୍ରବନ୍ଧରେ ଉଲ୍ଲିଖିତ ମତାମତ ଲେଖକଙ୍କ ବ୍ୟକ୍ତିଗତ)

୧୬୮, ଉପର ମହଲା
ସାବିତ୍ରୀ ନଗର, ନୂଆଦିଲ୍ଲୀ
ମୋ: ୯୯୫୮୮୫୨୪୨୪
pramod.brahma@gmail.com

ରାହୁଲଙ୍କ ଦୋମୁହାଁ ଖେଳ

କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ବର୍ତ୍ତମାନର ଲୋକସଭାରେ ବିରୋଧୀ ଦଳର ନେତା (ଏଲ୍‌ଓପି) ରାହୁଲ ଗାନ୍ଧୀ ବାରମ୍ବାର ଯେଉଁ ବିବୃତି ପ୍ରଦାନ କରୁଛନ୍ତି ଯେ କେରଳରେ ସିପିଆଇ(ଏମ୍)-ନେତୃତ୍ୱାଧୀନ ବାମପନ୍ଥୀ ଗଣତାନ୍ତ୍ରିକ ମେଣ୍ଟ ବିଜେପି ସହିତ ଏକ ଗୋପନ କାରବାର କରିବା ପରେ କଂଗ୍ରେସ-ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ (ୟୁଡିଏଫ୍) ବିରୁଦ୍ଧରେ କେରଳରେ ବିଧାନସଭା ନିର୍ବାଚନକୁ ସାମ୍ନା କରୁଛି, ତାହା ଇଣ୍ଡିଆ ମେଣ୍ଟର ମୌଳିକ ସାମର୍ଥ୍ୟକୁ ହିଁ ଦୁର୍ବଳ କରୁଛି, ଯାହାକି ଜାତୀୟ ସ୍ତରରେ ବିଜେପି ବିରୁଦ୍ଧରେ ନିର୍ବାଚନ ଲଢୁଛି। ଶ୍ରୀଯୁକ୍ତ ଗାନ୍ଧୀ କିନ୍ତୁ ଏପରି କୌଣସି ବଳିଷ୍ଠ ପ୍ରମାଣ ଦେଇ ପାରି ନାହାନ୍ତି, ଯାହା କମ୍ୟୁନିଷ୍ଟ ଏବଂ ଗୈରିକ ପରିବାର ମଧ୍ୟରେ ହୋଇଥିବା ଗୋପନ କାରବାରକୁ ଦର୍ଶାଇ ପାରିବ, ଯେଉଁମାନେ କି ମୂଳରୁ ହିଁ ଆଦର୍ଶଗତ ଭାବରେ ପରସ୍ପରର ଶତ୍ରୁ ରହି ଆସିଛନ୍ତି। ସେ କେବଳ ଯାହା ଯୁକ୍ତି ଦର୍ଶାଉଛନ୍ତି ଯେ କେନ୍ଦ୍ରୀୟ ସଂସ୍ଥାମାନେ ତାଙ୍କ ପଛରେ ଅନେକ ବର୍ଷ ହେଲା ଲାଗିଛନ୍ତି, ଏମିତିକି କେତେକ ମାମଲାରେ ତାଙ୍କୁ ଘଣ୍ଟା ଘଣ୍ଟା ଧରି ପଚରାଉଚରା କରିଛନ୍ତି, କିନ୍ତୁ କେରଳର ସିପିଆଇ(ଏମ୍) ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କୁ ଏହି 'କାରବାର' ଯୋଗୁଁ କୌଣସି ମାମଲାରେ ଛନ୍ଦି ନାହାନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଶବରୀମାଳା ମନ୍ଦିରର ସୁନା ଚୋରି ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରବତା ହେଉଛି ଏଭଳି ଏକ ଗୋପନ 'କାରବାର' ରହିଥିବାର ଅନ୍ୟତମ ସୂଚକ। ସ୍ମରଣ କରାଇ ଦିଆଯାଇପାରେ ଯେ କଂଗ୍ରେସ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏବଂ ଏହାର ତତ୍କାଳୀନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୁଦ୍ଧରେ ଦିଲ୍ଲୀ ଅବକାରୀ ନୀତି ମାମଲାରେ ପ୍ରଚାର ଅଭିଯାନ ଆରମ୍ଭ କରିଥିଲା। ଶ୍ରୀଯୁକ୍ତ କେଜ୍ରିୱାଲ, ଜଣେ ପଦାସୀନ ମୁଖ୍ୟମନ୍ତ୍ରୀ, ତଥା ତାଙ୍କର ସେତେବେଳର କ୍ୟାବିନେଟ୍‌ର ଅନେକ ସହକର୍ମୀଙ୍କୁ ଏହି ମାମଲାରେ ସେମାନଙ୍କ ବିରୁଦ୍ଧରେ କୌଣସି ପ୍ରମାଣ ନଥିବା କାରଣରୁ ଖଲାସ ହେବା ପୂର୍ବରୁ ଜେଲ୍‌ରେ ମାସ ମାସ ସମୟ କଟାଇବାକୁ ପଡ଼ିଥିଲା। ବିଜେପି ସହିତ ସେ ଏବଂ ତାଙ୍କ ଦଳ କୌଣସି ପ୍ରକାରର ବୁଝାମଣା କରି ନାହିଁ ବୋଲି ପ୍ରମାଣିତ କରିବାକୁ କେରଳର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ କିଛି ସମୟ ଜେଲ୍‌ରେ କଟାଇବାକୁ ପଡୁ ବୋଲି ଶ୍ରୀଯୁକ୍ତ ଗାନ୍ଧୀ ଚାହାନ୍ତି କି ନାହିଁ, ତାହା ଏବେ ସୁଦ୍ଧା ସ୍ପଷ୍ଟ ନୁହେଁ।

ଏମିତି ନୁହେଁ ଯେ ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ସୁନା ଚୋରା ବେପାର ମାମଲାରେ ଶ୍ରୀଯୁକ୍ତ ବିଜୟନ୍‌ଙ୍କୁ ଫସାଇବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଥରେ ଉଦ୍ୟମ କରି ନଥିଲା, କିନ୍ତୁ ସେହି ଅପରାଧ ସହିତ ତାଙ୍କୁ ଯୋଡ଼ିବା ପାଇଁ ସୂତ୍ରଟିଏ ମଧ୍ୟ ପାଇପାରି ନଥିଲା। ଇଡି ଯେତେବେଳେ ସିପିଆଇ(ଏମ୍) ନେତା ତଥା କେରଳର ପୂର୍ବତନ ଅର୍ଥମନ୍ତ୍ରୀ ଥୋମାସ୍ ଇସାକ୍‌ଙ୍କୁ ଏହି ମାମଲାରେ ନୋଟିସ୍ ଜାରି କଲା, ତା'ପରେ କୋର୍ଟରେ ଏହାକୁ ନାକ ଘଷିବାକୁ ପଡ଼ିଥିଲା, କାରଣ କୋର୍ଟ ଯେତେବେଳେ ଏହି ନୋଟିସ୍‌ର ଯୁକ୍ତିଯୁକ୍ତତା ସମ୍ପର୍କରେ ପଚାରିଲେ, ସେତେବେଳେ ଉପରୋକ୍ତ କେନ୍ଦ୍ରୀୟ ଏଜେନ୍ସି ପାଖରେ ତା'ର ଯଥାର୍ଥ ଉତ୍ତର ନଥିଲା। ଶବରୀମାଳା ମାମଲାରେ କେତେ ଜଣ ସିପିଆଇ(ଏମ୍) ନେତାଙ୍କୁ ଗିରଫ କରାଯାଇଥିଲା ଏବଂ ସେମାନଙ୍କର ଭୁଲ୍ ତ୍ରୁଟି ପାଇଁ ଲୋକମାନଙ୍କ ନିକଟରେ ଉତ୍ତରଟିଏ ଦେବାର ଆବଶ୍ୟକତା ରହିଛି। ଏହି ମାମଲାରେ ଶ୍ରୀଯୁକ୍ତ ଗାନ୍ଧୀଙ୍କର ସିପିଆଇ(ଏମ୍)କୁ ଉତ୍ତରଦାୟୀ କରିବା ପାଇଁ ସବୁ ପ୍ରକାରର ଅଧିକାର ଅଛି। କିନ୍ତୁ ତା' ସହିତ ମଧ୍ୟ କଂଗ୍ରେସ ଏହି ମାମଲାରେ ଅନ୍ୟ ଅଭିଯୁକ୍ତଙ୍କର କଂଗ୍ରେସ ଏମ୍‌ପିଙ୍କ ସଙ୍ଗେ ୧୦, ଜନପଥରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଭେଟିବା ସମ୍ପର୍କରେ କୌଣସି ବିଶ୍ୱସନୀୟ ଉତ୍ତର ପ୍ରଦାନ କରି ନାହିଁ। ସିପିଆଇ(ଏମ୍) ଶ୍ରୀମତୀ ଗାନ୍ଧୀଙ୍କୁ ଅଭିଯୋଗ ହୋଇଥିବା ଚୋରମାନଙ୍କ ସହିତ ଯୋଡ଼ିବାକୁ ଯାଉ ନଥିବା ବେଳେ ଏହା ଶ୍ରୀଯୁକ୍ତ ଗାନ୍ଧୀଙ୍କୁ ବୁଝାଇ ଦେବା ପାଇଁ ପ୍ରଶ୍ନ କରିପାରେ ଯେ ସେମାନେ କଂଗ୍ରେସ ନେତାଙ୍କ ଘରକୁ ଯାଇଥିବା ବେଳେ କଂଗ୍ରେସ ନେତାମାନେ କାହିଁକି ସେମାନଙ୍କ ସହିତ ଯାଇଥିଲେ। ଏହି ମାମଲାରେ ଶ୍ରୀଯୁକ୍ତ ମୋଦୀଙ୍କ ନିରବତାକୁ ଯେଉଁଭଳି ଭାବରେ ଚାହିଁଲେ ବି ସେଭଳି ଢଙ୍ଗରେ ତର୍ଜମା କରାଯାଇ ପାରିବ; ଏହାକୁ ସିପିଆଇ(ଏମ୍)-ବିଜେପି ମଧ୍ୟରେ ଏକ 'ଚୁକ୍ତି' ହୋଇଥିବାର ପ୍ରମାଣ ଭାବରେ ଦେଖାଯାଇ ପାରିବ ନାହିଁ। ସଂକ୍ଷେପରେ କହିଲେ, ଶ୍ରୀଯୁକ୍ତ ଗାନ୍ଧୀ ତାଙ୍କର ଦାବି ପଛରେ ରହିଥିବା ତର୍କକୁ ପ୍ରମାଣିତ କରିବା ପାଇଁ କୌଣସି ବଳିଷ୍ଠ ପ୍ରମାଣ ଦେବାରେ ସମର୍ଥ ହୋଇ ନାହାନ୍ତି।

ବିଧାନସଭା ନିର୍ବାଚନଗୁଡ଼ିକରେ ବିଜୟୀ ହେବା ନିମନ୍ତେ ପ୍ରତ୍ୟେକ ଦଳଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ ଏବଂ ଶ୍ରୀଯୁକ୍ତ ଗାନ୍ଧୀଙ୍କୁ ସମ୍ପୃକ୍ତ ରାଜ୍ୟମାନଙ୍କରେ ତାଙ୍କର ରାଜନୀତିକ ଶତ୍ରୁମାନଙ୍କ ବିରୁଦ୍ଧରେ ଶାଣିତ ବାକ୍ୟବାଣ ପ୍ରୟୋଗ କରିବା ନିମନ୍ତେ ଦୋଷ ଦିଆଯାଇ ପାରିବ ନାହିଁ। କିନ୍ତୁ ବିଜେପିକୁ କ୍ଷମତାରୁ ହଟାଇବା ନିମନ୍ତେ ଜାତୀୟ ସ୍ତରରେ ମେଣ୍ଟରେ ସାମିଲ ହୋଇଥିବା ଦଳ, ଅର୍ଥାତ୍ ନିଜର ମିତ୍ର ଦଳକୁ ସମାଲୋଚନା କରିବାକୁ ଯାଇ ନିଜର ଚିରଶତ୍ରୁ ଭାବରେ ବିବେଚିତ ରାଜନୀତିକ ଦଳ ସଙ୍ଗେ ମଧୁଚନ୍ଦ୍ରିକା କରୁଥିବାର ଅଭିଯୋଗ ଉଠାଇବା, ତାହା ପୁଣି ବିନା କୌଣସି ପ୍ରମାଣରେ- ପ୍ରକୃତରେ କୌଣସି ତାର୍କିକତା ବହନ କରେନାହିଁ। ଶ୍ରୀଯୁକ୍ତ ଗାନ୍ଧୀ ଯଦି ନିଜର ଅଭିଯୋଗ ବିଷୟରେ ସତରେ ଗମ୍ଭୀର, ତା'ହେଲେ ସେ ବାମପନ୍ଥୀ ଦଳମାନଙ୍କୁ ଇଣ୍ଡିଆ ମେଣ୍ଟରୁ ବାହାର କରିବାର ପ୍ରକ୍ରିୟା ଆରମ୍ଭ କରିବା ଉଚିତ। ଯଦି ତାହା ନୁହେଁ, ତା'ହେଲେ ସେ ନିଜ ଦଳର ଜାତୀୟ ସ୍ତରର ରାଜନୀତିକ ଲକ୍ଷ୍ୟ ଦ୍ୱାରା ପରିଭାଷିତ ରୂପରେଖ ମଧ୍ୟରେ ରାଜନୀତିର ଖେଳ ଖେଳିବା ଉଚିତ ଏବଂ ସେହି ଅନୁସାରେ ରାଜନୀତିକ ବିବୃତି ପ୍ରଦାନ କରିବା ଆବଶ୍ୟକ। ସେ ଦୋମୁହାଁ ଖେଳ ଖେଳି ପାରିବେ ନାହିଁ।

ରୂପ ଓ ସ୍ୱରୂପ

ଆଖିରେ ଦେଖୁଥିବା, କାନ ଖୋଲା ରଖି ଶୁଣୁଥିବା, ଜିଭରେ ଚାଖୁଥିବା, ସ୍ପର୍ଶରେ ଅନୁଭବ କରୁଥିବା ବିଷୟକୁ ଆମେ ସ୍ଥୂଳ ବିଚାର କହୁ। ଆମ ଭିତରେ ତଥା ସମସ୍ତ ସଚେତନ ପ୍ରାଣୀଙ୍କର ସ୍ଥୂଳ ବିଚାର ସହିତ ଅନୁଭବଟିଏ ଥାଏ। ଜଣେ ମଣିଷକୁ ଆମେ ସ୍ଥୂଳତଃ ଦେଖିପାରୁ। ସ୍ଥୂଳତଃ ତା' ବିଷୟରେ ମତ ଦେଇଥାଉ। ଲୋକଟି ଡେଙ୍ଗା-ଗେଡ଼ା, କଳା-ଗୋରା, ମୋଟା-ପତଳା ଧାରଣା କରୁ। ସ୍ଥୂଳତଃ ମଣିଷର ଚେହେରାକୁ ରୂପ କୁହାଯାଏ। ମଣିଷର ବାହାର ଚେହେରା ବ୍ୟତୀତ ଆଉ ଗୋଟିଏ ଚେହେରା ତା' ଭିତରେ ଲୁଚିଥାଏ। ତାକୁ ସ୍ୱରୂପ କହି ପାରିବା। ଏଇ ସ୍ୱରୂପଟି ମଣିଷର ଗୁଣ। ମଣିଷର ଗୁଣକୁ ଆମେ ଆଖି ସାହାଯ୍ୟରେ ଦେଖି ପାରୁନା। ଯେମିତି ମଣିଷର ରାଗ ଅବସ୍ଥାକୁ ଦେଖୁ, ଅଥଚ ତା'ର ରାଗକୁ ଦେଖି ପାରୁନା। ମଣିଷର କାନ୍ଦକୁ ଦେଖୁ, କିନ୍ତୁ ତା ଦୁଃଖକୁ ଦେଖି ହୁଏନା। ତା' ଭିତରର ରୂପକୁ ସାଧାରଣ ଆଖିରେ ଦେଖି ହୁଏନା। ମାତ୍ର ଅନୁଭବ କରିହୁଏ। ସୃଷ୍ଟିରେ ପ୍ରାୟତଃ ସବୁ ପ୍ରାଣୀଙ୍କର ରୂପ ସହିତ ସ୍ୱରୂପର ସମଞ୍ଜସ୍ୟ ଥାଏ। କିନ୍ତୁ ମଣିଷ ଏକମାତ୍ର ପ୍ରାଣୀ, ଯିଏକି ନିଜକୁ ଖୁବ୍ ବୁଦ୍ଧିଆ, ଚତୁର ବିଚାର କରେ। କିନ୍ତୁ କେବେ କେବେ ତା'ର ରୂପ ସହିତ ସ୍ୱରୂପର ସାମଞ୍ଜସ୍ୟ ରୁହେନା। ଫଳରେ ଜୀବନ ତମାମ୍ ମାନସିକ ଯନ୍ତ୍ରଣା ଓ ଶାରୀରିକ ଯନ୍ତ୍ରଣା ପାଏ, ଯାହା ଅନ୍ୟ ଜୀବଙ୍କଠାରେ ପ୍ରାୟତଃ ଦେଖିବାକୁ ମିଳେନା। ଯାହାର ଭିତର ଚେହେରା ସହିତ ବାହାର ଚେହେରାର ଯେତିକି ସାମଞ୍ଜସ୍ୟ ଥାଏ, ସେ ସେତିକି ସ୍ୱଚ୍ଛବାଦୀ। ରୂପ ଓ ସ୍ୱରୂପର ସାମଞ୍ଜସ୍ୟ ନ ରହିଲେ ସମାଜରେ ସନ୍ତୁଳନ ରହି ପାରେନା।

ଆମେ ଚେହେରାକୁ ବିଭିନ୍ନ ପୋଷାକରେ ବି ସଜେଇ ଥାଉ। ପ୍ରତ୍ୟେକ ନିଜ ନିଜର ପୋଷାକକୁ ସ୍ମରଣ ରଖିଲେ ବି ସମାଜ ସଜାଡ଼ି ହୋଇ ଯାଆନ୍ତା। କିନ୍ତୁ ଆମେ ତାହା ବି କରୁନା। ପୋଷାକ ଆମ ସମ୍ମାନ ରଖେ। ମଣିଷ ପୋଷାକକୁ ସମ୍ମାନ ଦେଇ ପାରେନା। ପୁଲିସ ଆମକୁ ସୁରକ୍ଷା ଦିଅନ୍ତି। କେବେ କେବେ ବିପଦରୁ ଉଦ୍ଧାର କରନ୍ତି। ଅନ୍ୟକୁ ସହାୟତାର ହାତ ବି ବଢ଼ାନ୍ତି। ବେଳେ ବେଳେ ଏମିତି ବି ହୁଏ, ପୁଲିସ ପୋଷାକରେ ଥାଇ ବି ମଣିଷ ଅପକର୍ମ କରେ। ଏଇଠି ରୂପ ଓ ସ୍ୱରୂପ ଭିତରେ ସାମଞ୍ଜସ୍ୟ ତୁଟିଯାଏ। ପୁଲିସ୍ ନିଜକୁ ରକ୍ଷାକର୍ତ୍ତା ଭାବିନେଲେ ସେ ଅପକର୍ମ କରି ପାରନ୍ତେନି। ସେ ନିଜକୁ ରକ୍ଷକ ନ ଭାବି ଭକ୍ଷକ ଭାବିଲେ ଅପକର୍ମ ଆରମ୍ଭ କରେ। ଅର୍ଥାତ୍ ରୂପ ସହିତ ଭିତରେ ସ୍ୱରୂପର ସାମଞ୍ଜସ୍ୟ ରଖି ପାରେନା। ରୂପ ଓ ସ୍ୱରୂପ ମଧ୍ୟରେ ସାମଞ୍ଜସ୍ୟ ରଖିବାକୁ ହେଲେ ବା ଭଲ ମଣିଷଟିଏ ହେବାକୁ ହେଲେ ନିଜର ବେଶକୁ ବାରମ୍ବାର ସ୍ମରଣ କରିବା ଉଚିତ୍। ବେଶକୁ ଲକ୍ଷ୍ୟକରି କାମ କରିବା ଉଚିତ୍। ତାହା ହେଲେ ପୋଷାକ ସହିତ କର୍ତ୍ତବ୍ୟର ସାମଞ୍ଜସ୍ୟ ରହିବ। ଛାତ୍ରଟିଏ ବହି ପଢ଼ିବା ଅପେକ୍ଷା ନିଜକୁ ପଢୁ। ତା' କର୍ତ୍ତବ୍ୟକୁ ସମୀକ୍ଷା କରୁ। ପରିବାରରେ ମଣିଷଟିଏ ତା' ଦାୟିତ୍ୱକୁ ବୁଝୁ। ବିଭିନ୍ନ ପଦ ପଦବୀରେ ଥିବା ଲୋକ ତାର ବେଶ-ପୋଷାକକୁ ସମ୍ମାନ ଦେଲେ ନିଜର ସମ୍ମାନ ବଜାୟ ରହେ। ପୋଷାକ ଓ କର୍ତ୍ତବ୍ୟ ଆଡ଼କୁ ଧ୍ୟାନ ଦେଲେ ଆପଣାଛାଏଁ ଭଲ ହୋଇଯିବା। ଏହା ପରେ ମଣିଷ ନିଜର ରୂପ ଓ ସ୍ୱରୂପ ଆଡ଼କୁ ଗତିଶୀଳ ହୋଇ ପାରିବ।

ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ଗଠିତ

ଖୋର୍ଦ୍ଧା, ୨।୪/ଏନ୍ଏନ୍ଏସ୍: ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ, ବ୍ଲକ ଏବଂ ପଞ୍ଚାୟତସ୍ତରରେ କାର୍ଯ୍ୟ କରୁଥିବା ବରିଷ୍ଠ ନାଗରିକ ଅନୁଷ୍ଠାନଗୁଡ଼ିକୁ ନେଇ ଜିଲ୍ଲା ମହାସଂଘ ଗଠନ କରାଯାଇଛି । ଏହି ଉପଲକ୍ଷେ ଖୋର୍ଦ୍ଧା ସଦର ମହକୁମାରେ ଥିବା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଏକ ବୈଠକ ଡ. ଚିନ୍ତାମଣି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବାଣପୁର, ବାଲୁଗାଁ, ନାଚୁଣୀ, ଟାଙ୍ଗି, ନିରାକାରପୁର, ବାଜପୁର, ଜଟଣୀ, ବେଗୁନିଆ, ବୋଲଗଡ଼ ଅଞ୍ଚଳରେ କାର୍ଯ୍ୟରତ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ । ବରିଷ୍ଠ ନାଗରିକ ଅନୁଷ୍ଠାନଗୁଡ଼ିକୁ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ସରକାରୀ ଜାଗା ଆବଣ୍ଟନ କରିବା, ଆର୍ଥିକ ସହଯୋଗ କରିବା, ପଞ୍ଜିକରଣ ପାଇଁ ଦରଖାସ୍ତକୁ ସ୍ୱୀକୃତି ଦେବା, ଥାନା ଦ୍ୱାରା ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରିବା ଇତ୍ୟାଦି ସମସ୍ୟା ସମାଧାନ ଦିଗରେ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସହ ଆଲୋଚନା କରିବା ନିମନ୍ତେ ଜିଲ୍ଲା କାର୍ଯ୍ୟକାରି ପରିଷଦ ଗଠନ କରାଯାଇଛି । ବାଣପୁରର ଡ. ଚିନ୍ତାମଣି ମିଶ୍ର ସଭାପତି, ଖୋର୍ଦ୍ଧାରୁ ରାମଶଙ୍କର ସମ୍ପାଦକ, ବୋଲଗଡ଼ର ଗୋପିନାଥ ଖାଡଙ୍ଗା ଓ ଜଟଣୀର ଅରୁଣ କୁମାର ମହାନ୍ତି ଉପ-ସଭାପତି, ବେଗୁନିଆରୁ ଦିଲ୍ଲିପ କୁମାର ସାହୁ ଓ ନାଚୁଣୀରୁ ହାଡିବନ୍ଧୁ ମିଶ୍ର ସହ-ସମ୍ପାଦକ, ଖୋର୍ଦ୍ଧାରୁ ହରମୋହାନ

ମହାପାତ୍ର କୋଷାଧକ୍ଷ, ଜଟଣୀରୁ ସଚ୍ଚିଦାନନ୍ଦ ପଟ୍ଟନାୟକ ଅଡ଼ିଟର ଏବଂ ଡ. ଯୁଗଳ କିଶୋର ସାହୁ, ବିଧାନଚନ୍ଦ୍ର ମହାନ୍ତି ଓ ରବିନ୍ଦ୍ର ନାଥ ପଟ୍ଟନାୟକ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ରୂପେ, ଜବାହାରଲାଲ ସୁବୁଦ୍ଧି (ଜଟଣୀ), ଡ. ମୁରଲୀଧର ସାମନ୍ତସିଂହାର (ବାଲୁଗାଁ), ବିଜୟ କୁମାର ମହାପାତ୍ର (ଗେଡିଆପଲ୍ଲି), ନାରାୟଣ ମହାପାତ୍ର (ଟାଙ୍ଗି), ହରିବନ୍ଧୁ ତ୍ରିପାଠୀ (ବେଗୁନିଆ) କାର୍ଯ୍ୟକାରୀ ପରିଷଦ ସଦସ୍ୟ ରୂପେ ଆଗାମୀ ଦୁଇ ବର୍ଷ ନିମନ୍ତେ ସର୍ବସମ୍ମତିରେ ନିର୍ବାଚିତ ହୋଇଥିଲେ ।

ମା’ ଚାଚଖାଇଙ୍କ ଝାମୁଯାତ୍ରା ଶେଷ

ନୟାହାଟ, ୨।୪/ଏନ୍ଏନ୍ଏସ୍: ନୟାହାଟ ପାଣ୍ଡି ଅନ୍ତର୍ଗତ ଧୁମାଳ ପଞ୍ଚାୟତର ନରସିଂହପୁର ହାଟରେ ମା’ ଚାଚଖାଇଙ୍କ ନିକଟରେ ଗୁରୁବାର ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା । ଘଣ୍ଟପାଟୁଆ ମାନେ ସ୍ଥାନୀୟ ପ୍ରାଚୀ ନଦୀରୁ କଳସରେ ପାଣି ତୋଳି ଖାଲି ପାଦରେ ଖରାରେ ଚାଲି ଚାଲି ଆସି ଅଙ୍ଗାର ନିଆଁରେ ଚାଲିଥିଲେ । ଏଠାରେ ୧୨ଗାଦି ଦୋଳ ରାତିରେ ଭୋଗ ଖାଇବା ସହିତ ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମାଜସେବୀ ଅଭିମନ୍ୟୁ ସିଂହ ପ୍ରକାଶ କରିଛନ୍ତି । ଚାଚଖାଇ ଝାମୁ ଯାତ୍ରା ୫ସହ ବର୍ଷ ରୁ ଉର୍ଦ୍ଧ ହେବ ବୋଲି ସେବକ ଲକ୍ଷ୍ମୀଧର ପାଢ଼ୀ, କପିଳ ପାଢ଼ୀ, ଭଗବାନ ପାଢ଼ୀ, ପ୍ରତାପ ପାଢ଼ୀ, ମନୋରଂଜନ ପାଢ଼ୀ, ଚବିନ୍ଦ୍ର ପାଢ଼ୀ, ବିଜୟ ପାଢ଼ୀ ପ୍ରମୁଖ ପ୍ରକାଶ କରିଛନ୍ତି । ଅନୁଷ୍ଠାନର ସଭାପତି କୃଷ୍ଣ ଚନ୍ଦ୍ର ସ୍ୱାଇଁ ଓ କୋଷାଧକ୍ଷ ଚନ୍ଦନ ମହାନ୍ତିଙ୍କ ସହଯୋଗରେ ଯାନିଯାତ୍ରା ୪ଦିନ ଧରି ଧୁମ୍‌ଧାମରେ ପାଳନ ହେବ ବୋଲି ପ୍ରକାଶ କରିଛନ୍ତି ।

ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଉତ୍କଳ ଦିବସ ସମାରୋହ

ସାକ୍ଷୀଗୋପାଳ, ୨।୪/ଏନ୍ଏନ୍ଏସ୍: ଓଡ଼ିଆ ପକ୍ଷ ପାଳନ ଅବସରରେ ସତ୍ୟବାଦୀ ସ୍ଥିତ ଓଡିଆ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ ଉତ୍ସବ ପାଳିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଓଡ଼ିଆ ପକ୍ଷ ପାଳନର ଆଜି ଥିଲା ପ୍ରଥମ ଦିବସ । ଏହି ଉପଲକ୍ଷେ ବିଶ୍ୱ ବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହାର ସଭାପତିତ୍ୱ କରିଥିଲେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସତ୍ରୁଘ୍ନ ପାଣିଗ୍ରାହୀ । ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ଯଥାରୀତି ସଭା ଆରମ୍ଭ ହୋଇଥିଲା । ପ୍ରଥମେ ଅର୍ଣ୍ଣପୂର୍ଣ୍ଣା ରଥ, ଅଜୟ କୁମାର ନାଥ, ଶରତ ମନହୀରା, ବିଶ୍ୱଜିତ ନାୟକ, ନମିତା ସ୍ୱାଇଁ ମହାନ୍ତ ପ୍ରଭୃତି ଛାତ୍ରଛାତ୍ରୀ ଗଣ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କ୍ଷେତ୍ରରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଓଡ଼ିଶା ପ୍ରମୁଖ ବରପୁତ୍ର ମାନଙ୍କର ସଂଗ୍ରାମ ଓ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ପରେ ବିଶ୍ୱବିଦ୍ୟାଳୟର ଡ଼କ୍ଟର ପ୍ରଦ୍ୟୁମ୍ନ କୁମାର ମିଶ୍ର,ଡ.ରାଧାଗୋବିନ୍ଦ କୁଇଲା , ଡ. ସଙ୍ଗୀତା ଜେନା ପ୍ରମୁଖ ସ୍ୱତନ୍ତ୍ର ଓଡ଼ିଶା ଗଠନର ଇତିହାସ, ଓଡ଼ିଶାର ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ପର୍ଯ୍ୟାଲୋଚନା କରିଥିଲେ । ଛାତ୍ର ଅଜୟ କୁମାର ନାଥ ଓ କୁମାରୀ ଅନ୍ନପୂର୍ଣ୍ଣା ରଥ କାର୍ଯ୍ୟକ୍ରମ ସଂଯୋଜନାର ଦାୟିତ୍ୱ ନିର୍ବାହ କରିଥିଲେ । ଶେଷରେ ଛାତ୍ର ନିରଞ୍ଜନ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ମା’ ରାମଚଣ୍ଡୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ, ୨।୪/ଏନ୍ଏନ୍ଏସ୍: ବେଗୁନିଆ ବ୍ଲକ ଗଡ଼ମାଣତୀର ମା’ ରାମଚଣ୍ଡୀ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି । ୬ଦିନ ଧରି ଏହି କାର୍ଯ୍ୟକ୍ରମରେ ଜଳଯାତ୍ରା ଅଙ୍କୁରାରୋପଣ ଶୁଭାଧିବାସ, ଲକ୍ଷ୍ମୀ ନାରାୟଣ ଙ୍କ ପ୍ରତିମୂର୍ତ୍ତି ରେ ପ୍ରାଣ ପ୍ରତିଷ୍ଠା, ଶାଳାମଣ୍ଡନ, ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଚଣ୍ଡୀପାଠ ଗୋପୂଜା ଆହୁତି ପ୍ରଦାନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବା ସହ ୧ ତାରିଖ ରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ କର୍ତ୍ତା ମୀନକେତନ ମିଶ୍ର, କର୍ତ୍ତା ଗୀତାଞ୍ଜଳି ମିଶ୍ର ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ । ଆଚାର୍ଯ୍ୟ ରମେଶ ଚନ୍ଦ୍ର କର ନେତୃତ୍ୱରେ ବାବନ ଦାସ, ଆଲୋକ ପଟ୍ଟଯୋଶୀ, ଅମିତ କର, ଭବାନୀ ଶଙ୍କର ମିଶ୍ର, ବିକାଶ ମିଶ୍ର, ଗୋପବନ୍ଧୁ ଦାସ, ଦୁର୍ଗାପ୍ରସାଦ ଦାସ, ଲକ୍ଷ୍ମୀଧର ପ୍ରହରାଜ, ବିଶ୍ୱରଞ୍ଜନ ଦାସ, ଚନ୍ଦନ ଦାସ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ । କାର୍ଯ୍ୟକ୍ରମକୁ ମା’ ରାମଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଲୀଳା କ୍ଷେତ୍ର ଗଡମାଣତୀର ସମେତ ବାରପଲ୍ଲିର ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ । ସନ୍ଧ୍ୟାରେ ବେଗୁନିଆ ବୋଲଗଡ଼ର ବିଧାୟକ ପ୍ରଦୀପ୍ତ କୁମାର ସାହୁଙ୍କ ସମେତ ସମସ୍ତ ଶ୍ରଦ୍ଧାଳୁ ଭକ୍ତି ପୂର୍ବକ ପୂର୍ଣ୍ଣାହୁତିରେ ନୈବେଦ୍ୟ ସମର୍ପଣ କରିଥିଲେ ।

ଉତ୍କଳ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ

ବାଲିପାଟଣା, ୨।୪/ଏନ୍ଏନ୍ଏସ୍: ପବିତ୍ର ଉତ୍କଳ ଦିବସ ଅବସରରେ ବାଲିପାଟଣା ର ବିଭିନ୍ନ ସ୍ଥାନରେ ଏହି ଦିବସକୁ ଯଥାରୀତି ପାଳନ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରେ ଶ୍ରୀ ବୁଦ୍ଧନାଥ ମନ୍ଦିର ଠାରୁ ଏକ ଗଣଦୌଡ ଆରମ୍ଭ ହୋଇ ଏହା ଶିଶୁ ଅନନ୍ତ ପୀଠ ପର୍ଯ୍ୟନ୍ତ ଯାଇଥିଲା । ଅରବିନ୍ଦ ଚାରିଟେବୁଲ ଟ୍ରଷ୍ଟ ଓ ନିର୍ଭୀକ ଖବର ତରଫରୁ ଆୟୋଜିତ ଏହି ଜୟଦେବ ଗଣ ଦୌଡ ୨୦୨୬ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ୍ ଅରବିନ୍ଦ ଢାଲି, ରଂଜନ ମହାପାତ୍ର, ଆଶୁତୋଷ ଚୌଧୁରୀ, ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇ ଦୌଡ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ପାଞ୍ଚ ହଜାର, ତିନି ହଜାର ଓ ଦୁଇ ହଜାର ଲେଖାଏଁ ଅର୍ଥ ରାଶି ପ୍ରଦାନ କରିଥିଲେ । ଆଜି ଅନ୍ୟ ଏକ କାର୍ଯ୍ୟକ୍ରମରେ ଭାକରସାହି ପ୍ରିୟଦର୍ଶିନୀ କ୍ଲବ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଆମଣାକୁଦ ସ୍ଥିତ ମଦର୍ ପବ୍ଲିକ୍ ସ୍କୁଲ ତରଫରୁ ମଧ ଏକ ରକ୍ତଦାନ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେବା ସହିତ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ବାଗ୍‌ଚି କ୍ୟାନ୍ସର ହସ୍ପିଟାଲ ଓ ହାଇଟେକ୍ ମେଡିକାଲ କଲେଜ ତରଫରୁ ଡାକ୍ତରମାନେ ସେବା ଯୋଗାଇ ଦେଇଥିଲେ । ଏହି ଅବସରରେ ୨୦ଜଣ ଅସହାୟ ପରିବାରକୁ ମାଗଣା ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା ।

ନବ ଚୌଧୁରୀ କଲେଜରେ ଜାତୀୟ ସେବା ଶିବିର

ନୟାଗଡ଼, ୨।୪/ଏନ୍ଏନ୍ଏସ୍: ନୟାଗଡ଼ ବ୍ଲକ ଅନ୍ତର୍ଗତ କେନ୍ଦୁଡିପି-ଦର୍ପନାରାୟଣପୁର ନବ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଭୁବନେଶ୍ୱରଙ୍କ ତତ୍ତ୍ୱାବଧାନରେ ୭ ଦିନଧରି ଚାଲିଥିବା ଜାତୀୟ ସେବା ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି । ଏଥିରେ ୨୦ ଜଣ ଛାତ୍ରୀ ଓ ୩୦ ଜଣ ଛାତ୍ରଙ୍କ ସହିତ ବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ । ସ୍ଥାନୀୟ ବାପୁଜୀପଲ୍ଲୀ ଗ୍ରାମରେ ଶିବିରର ଆୟୋଜନ କରାଯାଇଥିଲା ବେଳେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅଧକ୍ଷ ନାରାୟଣ ଚୌଧୁରୀ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ । ବିଦ୍ୟାଳୟର ଶେଷ ଦିବସରେ ଜିଲ୍ଲା ସଂଯୋଜକ ଚିତ୍ତ ରଞ୍ଜନ ରଞ୍ଜନ ଦାଶ ଯୋଗ ଦେବା ସହ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ଜେନା ଯୋଗ ଦେଇ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭିନ୍ନ ଦିବସରେ ଶିବିରାର୍ଥୀମାନେ ଗ୍ରାମର ରାସ୍ତା, ପୁଷ୍କରଣୀ, ମନ୍ଦିର, ଅଙ୍ଗନବାଡ଼ି କେନ୍ଦ୍ର ସଫେଇ ସହ ନଡିଆ ଗଛର ଚାରା ରୋପଣ କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ କର୍ମଚାରୀଙ୍କ ଉଦ୍ୟମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରକୁ ଗଣିତ ବିଭାଗ ଅଧ୍ୟାପକ ଶକ୍ତିପ୍ରସାଦ ମିଶ୍ର ପରିଚାଳନା କରିଥିଲେ ।

ପଣ୍ଡିତ ଏହେସାନୁଲ୍ ହକ୍‌ଙ୍କ ବିୟୋଗରେ ଶୋକ

ଖୋର୍ଦ୍ଧା, ୨।୪/ଏନ୍ଏନ୍ଏସ୍: ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ପଣ୍ଡିତ ଏହେସାନୁଲ ହକଙ୍କର ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ସାଜେଦା ବେଗମ, ପୁତ୍ର ଇକବାଲ ହକ ଏବଂ ସାନ ଭାଇ କୟୁମ ଖାଁଙ୍କ ସମେତ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ସେ ମାଟ୍ରିକ ପାଠ ପରେ ପବିତ୍ର କୋରାନ, ବେଦ, ଗୀତା, ଉପନିଷେଦ, ବାଇବେଲ ଏବଂ ଓଡିଆ ସାହିତ୍ୟରେ ଗଭୀର ଜ୍ଞାନ ହାସଲ କରିଥିଲେ । ସେ କର୍ମକ୍ଷେତ୍ରରେ ଓଡ଼ିଶା ସେନାବାହିନୀରେ ଯୋଗଦେଇ ପୋଲିସ ଏସ୍.ଆଇ ଭାବେ ଅବସର ପାଇଥିଲେ । ଚାକିରି ପରେ ସେ କେରଙ୍ଗ ଗ୍ରାମରେ ଥିବା ଅବସରପ୍ରାପ୍ତ ଓଡ଼ିଶା ପୋଲିସ ଓ ଆର୍ମି ସଂଘର ସଭାପତି ଥିଲେ । ଓଡ଼ିଆ ସାହିତ୍ୟ ଏବଂ ବିଭିନ୍ନ ଧର୍ମରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ସେ ଅନେକ ଧାର୍ମିକ କବିତା ଲେଖିଛନ୍ତି । ସେ ଜଣେ ସୁଦକ୍ଷ ବକ୍ତା ଭାବେ ସର୍ବଧର୍ମଶାନ୍ତି ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବେ ଖ୍ୟାତିନାମ ଅର୍ଜନ କରିଛନ୍ତି । ଓଡ଼ିଆ ପାଲା ଜଗତରେ ମଧ ତାଙ୍କର ବହୁତ ଚର୍ଚ୍ଚା ଥିଲା । ସେ ପାଲା ଗାୟକ ମଣ୍ଡଳୀର ସଦସ୍ୟ ଥିବା ସହ ପାଲା ଚୟନ ମଣ୍ଡଳୀର ଚୟନ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ସେ ଧର୍ମ ପୁସ୍ତକ ପବିତ୍ର କୋରାନର ଅନେକ ଭାଗକୁ ପଦ୍ୟରେ ଅନୁବାଦ କରିଥିଲେ । ତାଙ୍କ ମରଶରୀରକୁ ଜନ୍ନତୁଲ ବକି (ଭାଲିଆଭଣ୍ଡି) କବରସ୍ଥାନରେ କବର ଦିଆଯାଇଥିଲା । ଏହି ଅବସରରେ କେରଙ୍ଗ ସଭାପତି, ଗ୍ରାମ କମିଟିର ସଦସ୍ୟ, ମୌଲାନାବୃନ୍ଦ, ମୁରବୀ, ଯୁବସମାଜ ଏବଂ ବହୁ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଦେବା ପାଇଁ କବରସ୍ଥାନରେ ଉପସ୍ଥିତ ଥିଲେ ।

କୋଣାର୍କ ନଗର କଂଗ୍ରେସ ସଭାପତି ନିଯୁକ୍ତ

କୋଣାର୍କ, ୨।୪/ଏନ୍ଏନ୍ଏସ୍: ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ କୋଣାର୍କ ନଗର କଂଗ୍ରେସ ର ବରିଷ୍ଠ କର୍ମୀ ସୁବାସ ନାୟକଙ୍କୁ ପୁରୀ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ, ଜିଲ୍ଲା ସଂପାଦକ ଭାବେ ସୁବୋଧ ଖଟୁଆ ଓ ଉପେନ୍ଦ୍ର କାଣ୍ଡି ପ୍ରମୁଖଙ୍କୁ ନିଯୁକ୍ତି ପ୍ରଦାନ କରିଥିଲା ବେଳେ କୋଣାର୍କ ଏନଏସିର କୋଣାର୍କ ନଗର କଂଗ୍ରେସର ସଭାପତି ଭାବେ ପୂର୍ବତନ ଯୁବ କଂଗ୍ରେସ ସଭାପତି ସ୍ୱାଧୀନ କୁମାର ନାୟକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ବରିଷ୍ଠ କଂଗ୍ରେସ ଯୁବ ନେତା ସୁବାସ ନାୟକ ଓ ସ୍ୱାଧୀନ କୁମାର ନାୟକ ପୂର୍ବରୁ କୋଣାର୍କ ନଗର କଂଗ୍ରେସ ର ବିଭିନ୍ନ ପଦପଦବୀରେ ରହି ସଫଳତା ସହ ନିଜର କାର୍ଯ୍ୟ ସମ୍ପାଦନା କରି କରି ବେଶ ସୁନାମ ଅର୍ଜନ କରିଥିଲେ । କଂଗ୍ରେସ ଦଳ ପାଇଁ ଆନୁଗତ୍ୟ ଓ ନିଷ୍ଠାପର ତ୍ୟାଗ ଓ ଉର୍ସର୍ଗୀକୃତ ଜନ ସେବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଉଭୟଙ୍କୁ ନୂତନ ପଦପଦବୀ ରେ ନିଯୁକ୍ତି ପ୍ରଦାନ କରିଛନ୍ତି । ଅନରୂପ ଭାବେ କୋଣାର୍କ ଥାନା ଅଧିନ ଗୋପବ୍ଲକ ସିମିଳି ପଞ୍ଚାୟତର ପୂର୍ବତନ କଂଗ୍ରେସ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସ କର୍ମୀ ଭାସ୍କର ସେଠଙ୍କୁ ଗୋପ ବ୍ଲକ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ଏହି ନିଯୁକ୍ତି ପାଇବା ପରେ ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ସୁବାସ ନାୟକ ଓ କୋଣାର୍କ ନଗର କଂଗ୍ରେସ ନୂତନ ସଭାପତି ସ୍ୱାଧୀନ କୁମାର ନାୟକଙ୍କ ସମେତ ନବ ନିଯୁକ୍ତ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଛୁଟିବାରେ ଲାଗିଛି ।

ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର

ପୁରୀ, ୨।୪/ଏନ୍ଏନ୍ଏସ୍: ପୁରୀ ପୋଲିସ ଦ୍ୱାରା ପୋଲିସ ଲାଇନ ହସ୍ପିଟାଲରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି ଶିବିରରେ ପୋଲିସ କର୍ମଚାରୀ ଓ ପୁରୀ ସହରବାସୀ ମିଶି ୫୦୦ ରୁ ଅଧିକ ଲୋକ ଲାଭାନ୍ୱିତ ହୋଇଛନ୍ତି । ଏହି ସ୍ୱାସ୍ଥ୍ୟ ଶିବିରରେ ବିଭିନ୍ନ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ରୋଗୀମାନଙ୍କୁ ପରୀକ୍ଷା ଓ ପରାମର୍ଶ ପ୍ରଦାନ କରିଥିଲେ । ଶିବିରରେ କାର୍ଡିଓଲଜି, ନ୍ୟୁରୋ ମେଡିସିନ, ଉରୋଲଜି, ଗାଷ୍ଟ୍ରୋ ମେଡିସିନ, ଅର୍ଥୋପେଡିକ୍ସ, ସାଧାରଣ ଚିକିତ୍ସା, ମନୋଚିକିତ୍ସା, ଓବିସି ଓ ଜିନେକୋଲଜି, ଡର୍ମାଟୋଲଜି ଓ ପେଡିଆଟ୍ରିକ୍ସ ଭଳି ବିଭିନ୍ନ ବିଭାଗର ସୁବିଧା ଉପଲବ୍ଧ ରହିଥିଲା । ଏହା ସହ ଶିବିରରେ ଇସିଜି, ବିଭିନ୍ନ ରକ୍ତ ପରୀକ୍ଷା, ଡାକ୍ତର ପରାମର୍ଶ, ଫିଜିଓଥେରାପି ଇତ୍ୟାଦି ସୁବିଧା ନିଶୁଳ୍କ ଭାବେ ପ୍ରଦାନ କରାଯାଇଥିଲା । ବିଶେଷ କରି ଏକ ନିଶୁଳ୍କ ଫିଜିଓଥେରାପି ସେଣ୍ଟର ମଧ ଉଦ୍ଘାଟନ କରାଯାଇଥିଲା, ଯାହା ଆଗାମୀ ଦିନରେ ଲୋକମାନଙ୍କୁ ଲାଭାନ୍ୱିତ କରିବ । କାର୍ଯ୍ୟକ୍ରମଟି ପୁରୀ ପୋଲିସ ଅଧିକ୍ଷକ ପ୍ରତୀକ ସିଂହଙ୍କ ନିର୍ଦ୍ଦେଶନାୟ ସୁଚାରୁ ଭାବରେ ପରିଚାଳିତ ହୋଇଥିଲା । ତାଙ୍କର ନେତୃତ୍ୱ ଓ ସୁଚିନ୍ତିତ ପରିକଳ୍ପନା ଫଳରେ ଏହି ଶିବିର ସଫଳ ହୋଇପାରିଛି । ପୋଲିସ ଓ ସ୍ୱାସ୍ଥ୍ୟ ସେବାର ସମନ୍ୱୟ ଏହି ଶିବିର ପୁରୀ ପୋଲିସଙ୍କର ସାମାଜିକ ଦାୟିତ୍ୱବୋଧର ଏକ ଉଦାହରଣ ଅଟେ । ପୋଲିସ କେବଳ କାନୁନ-ଶୃଙ୍ଖଳା ପାଳନ କରିବାରେ ସୀମିତ ନୁହେଁ, ବରଂ ସମାଜର ସ୍ୱାସ୍ଥ୍ୟ ଓ ସୁଖ-ଶାନ୍ତି ପାଇଁ ମଧ ସମର୍ପିତ ରହିଛି ବୋଲି ଏହି ଶିବିର ପ୍ରମାଣ କରିଛି । ଶିବିର ସମୟରେ ପୋଲିସ କର୍ମଚାରୀମାନେ ସୁଚାରୁ ବ୍ୟବସ୍ଥାପନା କରିଥିଲେ ଏବଂ ଆସୁଥିବା ଲୋକମାନଙ୍କୁ ସୁବିଧା ପ୍ରଦାନରେ ସହଯୋଗ କରିଥିଲେ । ଡାକ୍ତର ଓ ପାରାମେଡିକାଲ ଟିମ୍ ମଧ ଅତ୍ୟନ୍ତ ସମର୍ପଣ ଭାବରେ ସେବା ଦେଇଥିଲେ । ଏହି ପ୍ରୟାସ ଦ୍ୱାରା ଅନେକ ଲୋକ ସମୟରେ ନିଜର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଜାଣିପାରିଥିଲେ ଓ ଯଥାଯୋଗ୍ୟ ପରାମର୍ଶ ପାଇଥିଲେ । ବିଶେଷତଃ ବୃଦ୍ଧ ଓ ମହିଳାମାନଙ୍କ ପାଇଁ ଏହା ବହୁତ ଉପକାରୀ ସାବ୍ୟସ୍ତ ହୋଇଛି । ପୁରୀ ପୋଲିସ ଆଗାମୀ ଦିନରେ ମଧ ଏପରି ସାମାଜିକ ଓ ଲୋକହିତକାରୀ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯିବ ।

ଦୀନ୍‌ଦୟାଲ୍ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ

ବାଲିଅନ୍ତା, ୨।୪/ଏନ୍ଏନ୍ଏସ୍: ବିଏମସି ୪ ନମ୍ବର ୱାର୍ଡ ନଖରା ସ୍ଥିତ ଲକ୍ଷେଶ୍ୱର ଗ୍ରାଣ୍ଡ କନଭେନସନ୍ ପରିସରରେ ଭୁବନେଶ୍ୱର ଜିଲ୍ଲା ଗୋପୀନାଥ ମଣ୍ଡଳ ପକ୍ଷରୁ ୨୪ ଘଣ୍ଟିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ମହାଅଭିଯାନରେ ଭାଜପା ଉତ୍ତର ନିର୍ବାଚନ ମଣ୍ଡଳ ପ୍ରାକ୍ତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଜିଲ୍ଲା ଉପସଭାପତି ସୁଶାନ୍ତ ଜେନା, ଗୋପୀନାଥ ମଣ୍ଡଳ ପ୍ରଭାରୀ ସଂଗ୍ରାମ କେଶରୀ ନାୟକ ଗୋପୀନାଥ ମଣ୍ଡଳ ସଭାପତି ଜଳନ୍ଧର ସୁବୁଦ୍ଧି, ଅଟଳ ସମ୍ମାନିତ ଡକ୍ଟର ବିଶ୍ୱନାଥ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ୨୪ଘଣ୍ଟାରେ ୭ଟି ସର୍ତ୍ତ ଆଲୋଚନ ହୋଇଥିଲା । ପ୍ରଶିକ୍ଷଣ ଅଭିଯାନରେ ୧୦୦ ରୁ ଉର୍ଦ୍ଧ ଗୋପିନାଥ ମଣ୍ଡଳ କର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ପ୍ରଶିକ୍ଷଣ ଅଭିଯାନର ଉଦ୍‌ଯାପନୀ ଉତ୍ସବରେ ଭାଜପା ରାଜ୍ୟ ସମ୍ପାଦକ ସରୋଜ କର ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଜିଲ୍ଲା ସଧାରଣ ସମ୍ପାଦିକା ମାନସୀ ମଞ୍ଜରୀ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଗୋପୀନାଥ ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଦୀପ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ପଦାଧିକାରୀମାନେ ସହଯୋଗ କରିଥିଲେ ।

ବସୁଧା ସମାଜ ସେବକ ସଂଘର ବାର୍ଷିକ ଉତ୍ସବ

ମାହାଙ୍ଗା, ୨।୪/ଏନ୍ଏନ୍ଏସ୍: ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଂଚାୟତ ସ୍ଥିତ ଗୁଣ୍ଡୁପୁର ତ୍ରିନାଥ ଛକ ଠାରେ ୯୧ ତମ ପବିତ୍ର ଉତ୍କଳ ଦିବସ ଓ ବସୁଧା ସମାଜ ସେବକ ସଂଘର ୧୧ ତମ ବାର୍ଷିକ ଉତ୍ସବ ମହା ସମାରୋହ ସହ ପାଳିତ ହୋଇଯାଇଛି । ଏଥିରେ ଉଦ୍‌ଘାଟକ ଭାବେ ଓଡିଶାର ଖ୍ୟାତନାମା ନାଟ୍ୟକାର ମନୋଜ କୁମାର ପଣ୍ଡା ଯୋଗଦେଇ ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଶିକ୍ଷାବିତ୍ ରବିନ୍ଦ୍ରନାଥ କରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ କବି ରସରାଜ ବୀର କିଶୋର ସ୍ୱାଇଁ,ମୁଖ୍ୟବକ୍ତାଭାବେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର,ସମ୍ମାନୀତ ଅତିଥିଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ବିନୋଦ ବିହାରୀ ମିଶ୍ର, ଯୁବ ସଂଗଠକ ଶୁଭେନ୍ଦୁ ସାମଲ ପ୍ରମୁଖ ଯୋଗଦେଇ ୯୧ ତମ ଉତ୍କଳ ଦିବସର ଗାରିମାମୟ ଇତିହାସ ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସଂପାଦକ ସଦାଶିଷ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ନିରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସଭାପତି ବିଚିତ୍ରାନନ୍ଦ ସାହୁ, କ୍ଷିତିଶ ସାହୁ, ବିଭୂତିଭୂଷଣ ସାହୁ, ରମାକାନ୍ତ ଦାସ, ବିପ୍ରବର ସାହୁ, ମନୋରଞ୍ଜନ ସାହୁ, ରାଧାବଲ୍ଲଭ ସାହୁ, ଅଭୟ ସାହୁ, ଚନ୍ଦ୍ରଶେଖର ସାହୁ, ଜଗବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଅନୁଷ୍ଠାନ ପକ୍ଷରୁ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା ।

ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ଅସ୍ତରଙ୍ଗ, ୨।୪/ଏନ୍ଏନ୍ଏସ୍: କାକଟପୁର ବ୍ଲକ ଅନ୍ତର୍ଗତ ଆନନ୍ଦ ବଜାର(ବାଙ୍ଗୁରିଗାଁ) ସ୍ଥିତ ରାମକୃଷ୍ଣ ଆଦର୍ଶ ଶିକ୍ଷା କେନ୍ଦ୍ରର ପଞ୍ଚଦଶତମ ବାର୍ଷିକ ଉତ୍ସବ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଶୁଭ୍ରାଂଶୁ ଶେଖର ପଟ୍ଟନାୟକଙ୍କ ଅଧକ୍ଷତା ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ରତ୍ନପୂର୍ଣ୍ଣା ମହାନ୍ତି, ମୁଖ୍ୟ ବକ୍ତା ଭାବେ ଅରୁଣ କୁମାର ସ୍ୱାଇଁ ପୂର୍ବତନ ଅଧକ୍ଷ ଉଦୟନାଥ ସ୍ୱୟଂଶାସିତ ମହା ବିଦ୍ୟାଳୟ ଅଡଶପୁର, ସମ୍ମାନିତ ଅତିଥି ରୂପେ ଚିତ୍ତରଞ୍ଜନ ପରିଡ଼ା ପୂର୍ବତନ ଅଧକ୍ଷ ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦୁର୍ଗାପ୍ରସାଦ ତ୍ରିପାଠୀ ଚେୟାରମ୍ୟାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ତୁଳସୀପୁର, ମମତାମୟୀ ମିଶ୍ର, ସାମ୍ବାଦିକ ନୃସିଂହ ଚରଣ ବେହେରା ଓ ଆୟୋଜିତ ଶିକ୍ଷାକେନ୍ଦ୍ରର ସଭାପତି ସତ୍ୟବ୍ରତ ପ୍ରଧାନ, ସଂପାଦକ ପବିତ୍ର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା କୁନିକୁନି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତଭିତ୍ତିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା ।

ବିଶ୍ୱଶାନ୍ତି ପାଇଁ ମହାବତୀ ଧ୍ୱନି ଯଜ୍ଞ ଉତ୍ସବ

ଚାରିଛକ, ୨।୪/ଏନ୍ଏନ୍ଏସ୍: ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତ ମଲଉ ସାହିରେ ମହିମା ଅଲେଖ ଆଶ୍ରମ ପରିସରରେ ବିଶ୍ୱର ମଙ୍ଗଳ ଉଦ୍ଦେଶ୍ୟ ବିଶ୍ୱଶାନ୍ତି ପାଇଁ ଗୁରୁ ଗଣେଶ୍ୱର ବାବା ସ୍ମରଣରେ ବାବା ପ୍ରକାଶ ଦାସ ନେତୃତ୍ୱରେ ଏକ ବତୀ ଧ୍ୱନି ପୂଜାର ଆୟୋଜନ କରାଯାଇଥିଲା । ଏହି ବତୀ ଧ୍ୱନି ପୂଜା ଉତ୍ସବରେ ବିଶ୍ୱ ପ୍ରସିଦ୍ଧ ଜୋରନ୍ଦା ଗାଦିର ସୁଶାନ୍ତ ବାବା, ଅରୂପାନନ୍ଦ ବାବା, ସୁକାନ୍ତ ବାବା, ଯଶବନ୍ତ ବାବା, ଗୁଣନିଧି ବାବା, ସଞ୍ଜନ ବାବା ଯୋଗଦେଇ ଆନୁଷ୍ଠାନିକ ଭାବେ ନୀତି ନିୟମ ଅନୁସାରେ ବତୀ ଧ୍ୱନି ଯଜ୍ଞ ପୂଜା ଆରମ୍ଭ କରିଥିଲେ । ପରେ ଅଲେଖ ମହିମା ଧର୍ମର ଭକ୍ତମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ଏହି ବତୀ ଧ୍ୱନି ଯଜ୍ଞ ପୂଜାରେ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆସି ପବିତ୍ର ଯଜ୍ଞ ଧ୍ୱନିକୁ ଦେଖିବା ସହିତ ନିଜ ପରିବାର ସହ ଅଞ୍ଚଳର ମଙ୍ଗଳ କାମନା କରିଥିଲେ । ଯଜ୍ଞ ଧ୍ୱନି ପରେ ମଲଉ ସାହିରେ ଗ୍ରାମ ପରିକ୍ରମା କରି ବିଭୁତି ଦେଇ ସାଧାରଣ ଲୋକ ମାନଙ୍କ ମଙ୍ଗଳ କାମନା କରିଥିଲେ ।

ମା’ ମଙ୍ଗଳାଙ୍କ ବାର୍ଷିକ ଯଜ୍ଞୋତ୍ସବ ଉଦ୍‌ଯାପିତ

ବୋଲଗଡ଼, ୨।୪/ଏନ୍ଏନ୍ଏସ୍: ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଂପୁର ଗ୍ରାମର ଗୋବିନ୍ଦପୁର ଓ ଗୋପାଳପୁର ମୌଜା ବାସିନ୍ଦା ମାନଙ୍କ ପକ୍ଷରୁ ତଳସାହି ସ୍ଥିତ ମା’ ମଙ୍ଗଳାଙ୍କ ବିଜେସ୍ଥଳୀରେ ଚୈତ୍ର ଶେଷ ମଙ୍ଗଳବାର ଦିନ ବାର୍ଷିକ ଯଜ୍ଞୋତ୍ସବ ଆଧାତ୍ମିକ ଓ ବୈଦିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ସମୟରେ ମାନସିକଧାରି ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ମାନେ ଶୁଦ୍ଧପୂତ ଭାବେ ନେଳିଆ ପୋଖରୀରୁ ପୂଜାର୍ଚ୍ଚନା ପରେ ପବିତ୍ରଜଳ ଭରା କଳସ ଯାତ୍ରା ରେ ଗ୍ରାମ ପରିକ୍ରମା କରି ଯଜ୍ଞ ବେଦୀରେ କଳସ ସ୍ଥାପନ କରି ଥିଲେ । ପରେ ବିଭିନ୍ନ ଯଜ୍ଞନୀତି ସହ ଅଗ୍ନିସ୍ଥାପନ କରାଯାଇ ବ୍ରାହ୍ମଣ ଲୁଲୁ ମିଶ୍ରଙ୍କ ମନ୍ତ୍ରୋଚ୍ଚାରଣରେ ହୋମକାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ କର୍ତ୍ତାଭାବେ ଭ୍ରମରବର ଦେଓ ଉପବିଷ୍ଟ ଥିଲେ । ମଧ୍ୟାହ୍ନ ଅନ୍ତେ ପୂର୍ଣ୍ଣାହୁତି ସହ ଯଜ୍ଞ କାର୍ଯ୍ୟ ସମାପନ ହେବା ପରେ ପୁଷ୍ପାଞ୍ଜଳି ପ୍ରଦାନ କରି ସମସ୍ତେ ମା’ଙ୍କ ପଣା ପ୍ରସାଦ ସେବନ କରିଥିଲେ । ଏହି ଅବସରରେ ନାମଯଜ୍ଞ ସହ ହରିବୋଲ ହୁଳହୁଳି ଶବ୍ଦରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।ନିକଟବର୍ତ୍ତୀ ଗ୍ରାମର ଶ୍ରଦ୍ଧାଳୁ ତଥା ଆମନ୍ତ୍ରିତ ଅତିଥିମାନେ ଯଜ୍ଞସ୍ଥଳୀରେ ଉପସ୍ଥିତହୋଇ ମାତୃକୃପା ଲାଭ କରିଥିଲେ । ଏହି ବାର୍ଷିକ ଉତ୍ସବ ଅବସରରେ ସାମାଜିକ ନାଟକ ପରିବେଷଣ ପ୍ରାରମ୍ଭ ସାଧାରଣ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା ବିଜେପି ଯୁବ ନେତା ମାନସ ବେହେରା,ମୁଖ୍ୟବକ୍ତା ଭାବେ ବୋଲଗଡ ଅଗ୍ନିଶମ ମୁଖ୍ୟ ଅଧିକାରୀ ବିବେକାନନ୍ଦ ଦାସ, ସମ୍ମାନିତ ଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ଯୁବ ସମାଜସେବୀ ନିରଂଜନ ନାୟକ, ଶ୍ରୀଧର ଦଣ୍ଡ, ହେମନ୍ତ କୁମାର ଦେଓ, ଅଭିନାଶ ମହାନ୍ତି, ସୁଧୀର ସାହୁ, ମା’ ମଙ୍ଗଳା ପରିଚାଳନା କମିଟି ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ଦେଓ ପ୍ରମୁଖ ଯୋଗ ଦେଇ ନିଆରା ଭାବେ ଅନୁଷ୍ଠିତ ଭାଇଚାରା ମା ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପରିଶେଷରେ ସଦସ୍ୟ ସତ୍ୟଜିତ ଦେଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଳମ୍ବିତ ରାତ୍ରୀରେ ଗ୍ରାମ କଳାକାରମାନଙ୍କ ଦ୍ୱାରା ସାମାଜିକ ନାଟକ ଅଦିନ ଝଡ଼ର ଦୁଃଖ କାହାଣୀ ମଞ୍ଚସ୍ଥ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପବିତ୍ର କୁମାର ନାୟକ, ରାମଚନ୍ଦ୍ର ସାହୁ, ଲକ୍ଷ୍ମୀଧର, ଦେଓ, କାଳିଆ ମହାନ୍ତି, ପ୍ରଶାନ୍ତ କୁମାର, ବଗୁଲି ସମେତ ଗୋପାଳପୁର ଗୋବିନ୍ଦପୁର ଓ ସଂପୁର ଗ୍ରାମବାସୀ ପରିଚାଳନା କରିଥିଲେ ।

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷଙ୍କୁ ଅବସର ସମ୍ବର୍ଦ୍ଧନା

ବୟାଳିଶମୌଜା, ୨।୪/ଏନ୍ଏନ୍ଏସ୍: ବୟାଳିଶମୌଜା ସୁଦର୍ଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଶିବ ଶଙ୍କର ସେଠି ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ବରିଷ୍ଠ ଅଧାପକ ତନ୍ମୟ କୁମାର ଦାଶଙ୍କ ସଭାପତିତ୍ୱ ଓ ପ୍ରାକ୍ତନ ପ୍ରାଧାପକ ଡ଼ଃ ସୁଶାନ୍ତ କୁମାର କରଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମହାବିଦ୍ୟାଳୟର ଦୁଇ ପୂର୍ବତନ ଅଧକ୍ଷ ଡ଼ଃ ବିଜୟ କୁମାର ପଟ୍ଟନାୟକ ଏବଂ ପ୍ରଧାପକ ଡ଼ଃ ସେକ କଲ୍ଲୀମୁଲ୍ଲା ଅତିଥି ଭାବେ ଯୋଗ ଦେଇଥିଲେ । ଅଧାପକ ବିଚିତ୍ରାନନ୍ଦ ପତି, ସତ୍ୟରଞ୍ଜନ ରାୟ, ଅଧାପିକା ଲିଲି ଦାସ, ରୁମିଲା ବେହେରା, ପ୍ରିୟଦର୍ଶିନୀ ପ୍ରଧାନ, ଅସୀମା ପ୍ରିୟଦର୍ଶିନୀ, ଲକ୍ଷ୍ମୀ ନାରାୟଣ ନାୟକ, ପ୍ରକାଶ କୁମାର ଦାସ, ସଂଜୀବ ସେନାପତି, ସୂର୍ଯ୍ୟକାନ୍ତ ନନ୍ଦ, ମଳୟ କୁମାର ସେଠି, ସୋନାଲି ମହାରଣା, ରୋଜାଲିନ ବେହେରା, ସ୍ଥିତପ୍ରଜ୍ଞା ତ୍ରିପାଠୀ, ପ୍ରତାପ କୁମାର ସେନାପତି, ସୁବାଶିଷ ଦେବତା, କିଶୋର କୁମାର ସ୍ୱାଇଁ, ସତ୍ୟପ୍ରିୟ ସ୍ୱାଇଁ, ସୁନୀଲ ନାୟକ ଓ କବିତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଭାରପ୍ରାପ୍ତ ଅଧକ୍ଷ ଶ୍ରୀ ସେଠୀଙ୍କର ମହାବିଦ୍ୟାଳୟ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।ସର୍ବ ଶେଷରେ ଅଧାପିକା ସସ୍ମିତା ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

ପାରମ୍ପରିକ ପୋଷାକ ପରିଧାନ ଦିବସ

ଦେବଗଡ଼,୨।୪/ଏନ୍ଏନ୍ଏସ୍: ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ଦ୍ୱିତୀୟ ଦିବସ ପାରମ୍ପରିକ ପୋଷାକ ପରିଧାନ ଦିବସ ଅବସରରେ 'ଆମ ପୋଷାକ ଆମ ପରିଚୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥିଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତୀ ପ୍ରଧାନ, ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ ସୁଧାଂଶୁ ମୋହନ ବିଶ୍ୱାଳ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗଦେଇ ପାରମ୍ପରିକ ପୋଷାକ ପରିଧାନ ଦିବସ 'ଆମ ପୋଷାକ ଆମ ପରିଚୟ' ଉପରେ ମତପୋଷଣ କରିଥିଲେ । ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପାରମ୍ପରିକ ପୋଷାକ ସମ୍ବଲପୁରୀ ପରିଧାନ କରି ଅଭିଯାନରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର୍ ଅଞ୍ଜୁନି କୁଜୁର, ଏଜଲିନ ବାରା, ପ୍ରିୟା ତିର୍କି, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ ରିତିକାନ୍ତ ଶୁକ୍ଳା ଓ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସୂତାର ଧନ୍ୟବାଦ ଦେଇଥିଲେ ।

ପୁଲିସ୍ ପ୍ରତିଷ୍ଠା ଦିବସ

ଏସ୍ଆଇ ପ୍ରଦୀପ ଦୁରିଆ ପୁରସ୍କୃତ

ଟିଟିଲାଗଡ଼,୨।୪/ଏନ୍ଏନ୍ଏସ୍: ବଲାଙ୍ଗୀର ଜିଲ୍ଲା ମୁଖ୍ୟାଳୟସ୍ଥିତ ରିଜର୍ଭ ପ୍ୟାରେଡ୍ ଗ୍ରାଉଣ୍ଡରେ ୯୧ତମ ଓଡ଼ିଶା ପୁଲିସ୍ ଗଠନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ପୁଲିସ୍ ପ୍ରଶାସନ ପକ୍ଷରୁ ଏକ ପ୍ୟାରେଡ୍ ସହ ସମ୍ମାନ ସମାରୋହ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଏସ୍ପି ଅଭିଲାଷ ଜି ଯୋଗଦେଇ ପ୍ୟାରେଡ୍ରେ ଅଭିବାଦନ ଗ୍ରହଣ କରିବା ସହ ଜିଲ୍ଲାର କର୍ତ୍ତବ୍ୟନିଷ୍ଠ ପୁଲିସ୍ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ । ଏଥିରେ ଟିଟିଲାଗଡ଼ ପୁଲିସ୍ ଥାନାରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର୍ ପ୍ରଦୀପ କୁମାର ଦୁରିଆ ପୁରସ୍କୃତ ହୋଇଛନ୍ତି । ଦୀର୍ଘଦିନର ନିଷ୍ଠାପର ସେବା, ସାହସିକତା ଓ ଜନସାଧାରଣଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏସ୍ପିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି । ବିଶେଷକରି ଅପରାଧ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଶ୍ରୀ ଦୁରିଆଙ୍କ ପାରଦର୍ଶିତା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । ସ୍ଥାନୀୟ ବୁଦ୍ଧିଜୀବୀ, ସାମ୍ବାଦିକ ଓ ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ଟିଟିଲାଗଡ଼ ପୁଲିସ୍ ପାଇଁ ଏକ ଗୌରବର ବିଷୟ ବୋଲି ମତପ୍ରକାଶ ପାଇଛି । ଅନ୍ୟପଟେ ଏହି ସମ୍ମାନ ପାଇଁ ଶ୍ରୀ ଦୁରିଆ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଜନସେବା ପାଇଁ ନିଜକୁ ଆହୁରି ସମର୍ପିତ କରିବେ ବୋଲି କହିଛନ୍ତି ।

ସ୍ୱ-ଗଣନା କାର୍ଯ୍ୟକ୍ରମ ଆରମ୍ଭ

ବଲାଙ୍ଗୀର,୨।୪/ଏନ୍ଏନ୍ଏସ୍: ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜନଗଣନାର ସ୍ୱ-ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡା. ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଜିଲ୍ଲା ଜନଗଣନା ବରିଷ୍ଠ ନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ପଣ୍ଡା ଓ ଡେପୁଟି ଜିଲ୍ଲା ଜନଗଣନା ଅଧିକାରୀ ନିବେଦିତା ସ୍ୱାଇଁଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାପାଳ ଜନଗଣନାର ଗୁରୁତ୍ୱ ଉପରେ ଆଲୋକପାତ କରି ଜନସାଧାରଣଙ୍କୁ ସ୍ୱ-ଗଣନା କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ଜିଲ୍ଲାପାଳ କହିଥିଲେ ଯେ ଜନଗଣନା ଦେଶର ବିକାଶ ଏବଂ ଯୋଜନା ପ୍ରଣୟନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ସ୍ୱ-ଗଣନା ପୋର୍ଟାଲ୍ ମାଧ୍ୟମରେ ଜନସାଧାରଣ ନିଜେ ନିଜର ତଥ୍ୟ ଦାଖଲ କରିପାରିବେ । ଏଥିପାଇଁ ସଠିକ୍ ତଥ୍ୟ ଯୋଗାଇବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ସ୍ୱ-ଗଣନା କାର୍ଯ୍ୟକ୍ରମ ଅପ୍ରେଲ୍ ୧ରୁ ଆରମ୍ଭ ହୋଇଥିବାବେଳେ ଅପ୍ରେଲ ୧୫ ପର୍ଯ୍ୟନ୍ତ ଚାଲିବ ।

କନ୍ଷ୍ଟେବଲଙ୍କ ଆତ୍ମହତ୍ୟା ଉଦ୍ୟମ

ରାୟଗଡ଼ା,୨।୪/ଏନ୍ଏନ୍ଏସ୍: ପୁଣି ଚର୍ଚ୍ଚାରେ ରାଜ୍ୟ ପୁଲିସ । ଦୁଇଦିନ ତଳେ ଅନୁଗୁଳ ଜିଲ୍ଲାର ମହିଳା ପୁଲିସ୍ କର୍ମଚାରୀ ନିର୍ଯାତନା ସହିନପାରି ଚାକିରି ଛାଡ଼ିବା ପାଇଁ ଆବେଦନ କରି ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲେ । ଆଉ ଏବେ ରାୟଗଡ଼ା ଜିଲ୍ଲାରୁ ଆଉ ଏକ ଅଭିଯୋଗ ସାମ୍ନାକୁ ଆସିଛି । ଜିଲ୍ଲାର ପୁଲିସ୍ କନଷ୍ଟେବଲ ଅକ୍ଷୟ ଶବର ଆତ୍ମହତ୍ୟା ଉଦ୍ୟମ ପୂର୍ବରୁ କରିଥିବା ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି । ଏହି ଭିଡିଓରେ ମୁଁ ଆତ୍ମହତ୍ୟା କରିବାକୁ ଯାଉଛି । ଏଥିରେ ରିଜର୍ଭ ଇନ୍ସପେକ୍ଟର୍ (ଆର୍ଆଇ) ସାମିଲ୍ ଅଛନ୍ତି ବୋଲି କୁହାଯାଇଛି । ଆର୍ଆଇ ସମସ୍ତଙ୍କୁ ଉସୁକାଉଛନ୍ତି ଏବଂ ଟିକିର ପରିବାର ମୋତେ ଚାକିରି ପାଇଁ ଡରେଇବା ଓ ଧମକେଇବାରୁ ବାଧହୋଇ ଏହି ଷ୍ଟେପ୍ ନେଲି ବୋଲି ଏକ ଭିଡିଓ ବାର୍ତ୍ତାରେ କନଷ୍ଟେବଲ କହିଛନ୍ତି । ଗତ ୨୯ ତାରିଖରେ ଭିଡିଓ ଜାରି କରିଥିଲେ ଏବଂ ପରେ ବିଷ ପିଇ ଆତ୍ମହତ୍ୟା ପାଇଁ ଉଦମ୍ୟ କରି ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି । ସୂଚନାଥାଉକି ମାଁ ମଝିଘରିଆଣି ମନ୍ଦିରରେ ଡ୍ୟୁଟି କରି ଫେରିବା ପରେ ମାର୍ଚ୍ଚ ୨୯ ତାରିଖରେ ସେ ବିଷ ପିଇଥିଲେ । ତାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ପରେ ସେଠାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା । ବର୍ତ୍ତମାନ ସେ ବିପଦମୁକ୍ତ ଥିବାବେଳେ କାହିଁକି ଓ କେଉଁ ପରିସ୍ଥିତିରେ ଆତ୍ମହତ୍ୟା ପାଇଁ ଉଦ୍ୟମ କଲେ ତାହା ସନ୍ଦେହଘେରରେ ରହିଛି । ଏନେଇ ରିଜର୍ଭ ଇନ୍ସପେକ୍ଟର୍ କବିବର ଦେହୁରୀଙ୍କୁ ପଚାରିବାରୁ ଏହା ତାଙ୍କ ପାରିବାରିକ ସମସ୍ୟା ଏବଂ ଗତ ବର୍ଷ ପୁଲିସ୍ ବିଭାଗ ବାଇକ୍‌କୁ ସେ ହଜେଇ ଦେଇଥିଲେ ଏନେଇ ତାଙ୍କୁ କୈଫତ ମାଗିଥିଲୁ । ତେଣୁ ସେ ଇର୍ଷାପରାୟଣ ହୋଇ ମୋ ବିରୋଧରେ ଏପରି କହିଛନ୍ତି ବୋଲି ଇନ୍ସପେକ୍ଟର୍ ଶ୍ରୀ ଦେହୁରୀ ପ୍ରକାଶ କରିଛନ୍ତି । ଏନେଇ ତାଙ୍କ ନାମରେ ପୁଲିସ୍ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ରାୟଗଡ଼ାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ଗୋଟିଏ କିମ୍ବା ଦୁଇଟି ଶ୍ରେଣୀଗୃହରେ ଚାଲିଛି ୯୧୩ ବିଦ୍ୟାଳୟ

ରାୟଗଡ଼ା,୨।୪/ଏନ୍ଏନ୍ଏସ୍: ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଡ୍ରପଆଉଟ୍ ସଂଖ୍ୟା ଚିନ୍ତାଜନକ ହୋଇଥିବାବେଳେ ଭିତ୍ତିଭୂମି ଅଭାବରୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଆବଶ୍ୟକ ଭିତ୍ତିଭୂମି ଓ ଶ୍ରେଣୀଗୃହ ନଥିବା ଯୋଗୁ ଅଧିକାଂଶ ବିଦ୍ୟାଳୟରେ ଶିକ୍ଷାର ମାନଦଣ୍ଡ କମିବାରେ ଲାଗିଛି । ଗୋଟିଏ କିମ୍ବା ଦୁଇଟି କୋଠରୀରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ପଢୁଛନ୍ତି । ପ୍ରକାଶଥାଉକି ଜିଲ୍ଲାର କାଶୀପୁର ବ୍ଲକ୍‌ରେ ୫୫ଟି ବିଦ୍ୟାଳୟ ଗୋଟିଏ କୋଠରୀରେ ଚାଲୁଥିବାବେଳେ ୧୨୨ଟି ୨ଟି କୋଠରୀରେ ଚାଲୁଛି । ସେହିପରି ବିଷମକଟକରେ ୧୨ଟି ବିଦ୍ୟାଳୟ ଗୋଟିଏ କଠୋରୀ ଓ ୮୮ଟି ୨ଟି କୋଠରୀ, ଚନ୍ଦ୍ରପୁରରେ ୧୪ଟି ଗୋଟିଏ କୋଠରୀ ଓ ୪୦ଟି ୨ଟି କୋଠରୀ, ଗୁଡ଼ାରୀରେ ୨୦ଟି ଗୋଟିଏ କୋଠରୀ ଓ ୪୪ଟି ୨ଟି କୋଠରୀ, ଗୁଣପୁରରେ ୨୩ଟି ଗୋଟିଏ କୋଠରୀ ଓ ୫୦ ୨ଟି କୋଠରୀ, କଲ୍ୟାଣସିଂହପୁରରେ ୧୩ଟି ଗୋଟିଏ କୋଠରୀ ଓ ୮୯ଟି ୨ଟି କୋଠରୀ, କୋଲନରାରେ ୬ଟି ଗୋଟିଏ କୋଠରୀ ଓ ୫୭ଟି ୨ଟି କୋଠରୀ, ମୁନିଗୁଡ଼ାରେ ୧୩ଟି ଗୋଟିଏ କୋଠରୀ ଓ ୬୬ଟି ୨ଟି କୋଠରୀ, ପଦ୍ମପୁରରେ ୩ଟି ଗୋଟିଏ କୋଠରୀ ଓ ୨୪ଟି ୨ଟି କୋଠରୀ, ରାମନାଗୁଡ଼ାରେ ୧୨ଟି ଗୋଟିଏ କୋଠରୀ ଓ ୩୦ଟି ୨ଟି କୋଠରୀ, ରାୟଗଡ଼ାରେ ୩୦ଟି ଗୋଟିଏ କୋଠରୀ ଓ ୯୯ଟି ବିଦ୍ୟାଳୟ ୨ଟି କୋଠରୀରେ ଚାଲୁଥିବା ଜଣାପଡ଼ିଛି । ଜିଲ୍ଲାର ୨୦୪ରୁ ୭୪ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ୍ ରହୁଥିବାରୁ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ଜିଲ୍ଲାରେ ସମୁଦାୟ ୭୦୯ଟି ବିଦ୍ୟାଳୟ ୨ଟି କୋଠରୀରେ ଚାଲୁଥିବା ଜଣାପଡ଼ିଛି । ଜିଲ୍ଲାର ଖଣିଖାଦାନ ଓ ଶିଳ୍ପ ଅଞ୍ଚଳ କୁହାଯାଉଥିବା କାଶୀପୁର ବ୍ଲକ୍‌ରେ ଏହି ସମସ୍ୟା ସର୍ବାଧିକ ହୋଇଥିବାବେଳେ ପଦ୍ମପୁର ବ୍ଲକ୍‌ରେ ସର୍ବନିମ୍ନ ରହିଛି । ଏନେଇ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀଙ୍କୁ ପଚାରିବାରୁ ରାୟଗଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜମିଜମା ସମସ୍ୟା ରହିଥିବାରୁ ଅନେକ ଗ୍ରାମରେ ବିଦ୍ୟାଳୟ ନିର୍ମାଣ ହୋଇପାରୁ ନାହିଁ । ସରକାରୀ ଜମିରେ ଯାହା ରହିଛି ସେଥିରେ ସମସ୍ୟା ନାହିଁ କିନ୍ତୁ କିଛି ବିଦ୍ୟାଳୟ ବ୍ୟକ୍ତିଗତ ଜାଗାରେ ରହୁଥିବାରୁ ସ୍ଥାନୀୟ ଅଧିବାସୀମାନେ ଶ୍ରେଣୀଗୃହ ନିର୍ମାଣ ପାଇଁ ଅନୁମତି ଦେଉନାହାନ୍ତି । ଫଳରେ ସମସ୍ୟା ହେଉଛି । ଏହି ସମସ୍ୟାକୁ ଜିଲ୍ଲା ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ନେଇ ତହସିଲଦାରଙ୍କ ସହ ଆଲୋଚନା କରି କିପରି ସରକାରୀ ସ୍ଥାନରେ ବିଦ୍ୟାଳୟ ନିର୍ମାଣ ହେବ ସେନେଇ ପଦକ୍ଷେପ ଗ୍ରହଣ କରିବୁ ବୋଲି ଏଡିଇଓ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି । ଜିଲ୍ଲାରେ ଶିକ୍ଷା ବିଭାଗର ୧,୦୫୦ଟି ପ୍ରାଥମିକ ଓ ୪୫୭ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିଥିବାବେଳେ ଲକ୍ଷାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ।

ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୨।୪/ଏନ୍ଏନ୍ଏସ୍: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ୍ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ଏହି ଅବସରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏମ୍‌ଭି-୭ ଜଗନ୍ନାଥପଲ୍ଲୀ ଉଚ୍ଚବିଦ୍ୟାଳୟରେ ପୋଷଣ-୧୫ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଡୋଳାମଣି ପ୍ରଧାନ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଏମ୍ ଏମ୍ ଅବିଦ୍ ହୁସେନ୍, ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ପ୍ରୋଗ୍ରାମ୍ ମ୍ୟାନେଜର୍ ମୌସୁମୀ ମିଶ୍ର, ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରଭାସ କୁମାର ସେଠୀ, ଡାକ୍ତର ଡି ପି ରାଜ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତପନ କୁମାର ସେନାପତି ଓ ପିଓ ଇନ୍ଦିରା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ମାର୍ଗଦର୍ଶନ କରିଥିଲେ । ଉପସ୍ଥିତ ଅତିଥିମାନେ ପୋଷଣର ଗୁରୁତ୍ୱ, କୁପୋଷଣ ଯୋଗୁ ସୃଷ୍ଟି ହେଉଥିବା ସମସ୍ୟା ଏବଂ ସୁଷମ ଖାଦ୍ୟ ଗ୍ରହଣ କରିବାର ଉପକାରିତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏହାସହ ସୁସ୍ଥ ଶରୀର ପାଇଁ ଖାଦ୍ୟ ନିରାପତ୍ତା ଓ ସଠିକ୍ ଜୀବନଶୈଳୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନ୍ୟବାଦ ଦେଇଥିଲେ । ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପୋଷଣ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ପାଇଁ ଅଧିକରୁ ଅଧିକ ସଭା ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ଉଦ୍‌ଘାଟନ ପୂର୍ବରୁ ଅର୍ଦ୍ଧଭଗ୍ନ ଅବସ୍ଥାରେ ପାର୍କ

ରକ୍ଷଣାବେକ୍ଷଣ ଦିଗରେ ପୌରପରିଷଦର ବେପରୁଆ ମନୋଭାବ

ବଲାଙ୍ଗୀର,୨।୪/ଏନ୍ଏନ୍ଏସ୍: ବଲାଙ୍ଗୀର ସହର ମଧ୍ୟରେ ଅନେକ ଗୁଡ଼ିଏ ପାର୍କ ନିର୍ମାଣ କରାଯାଇଛି । ଏହିକ୍ରମେ ବ୍ରାହ୍ମଣପଡ଼ାରେ ନୂତନ ଭାବେ ଏକ ପାର୍କ ନିର୍ମିତ ହୋଇଛି । ଉକ୍ତ ପାର୍କରେ ଶିଶୁଙ୍କ ଆମୋଦପ୍ରମୋଦ ପାଇଁ କିଛି ସରଞ୍ଜାମ ମଧ୍ୟ ଲଗାଯାଇଛି । ପାର୍କଟି ରାସ୍ତାକଡ଼ରେ ଥିବାରୁ ଡ୍ରେନ୍ ପାଖଦେଇ ଯାଇଛି । ଦୂରରୁ ପାର୍କ ଅତି ସୁନ୍ଦର ଦେଖାଯାଉଥିଲେ ମଧ୍ୟ ଉଦ୍‌ଘାଟନ ପୂର୍ବରୁ ଅର୍ଦ୍ଧଭଗ୍ନ ଅବସ୍ଥାରେ ପଡ଼ି ରହିଛି । ଆଜିପର୍ଯ୍ୟନ୍ତ ପାର୍କ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନି କି ଏଯାଏଁ ଉଦ୍‌ଘାଟନ ମଧ୍ୟ ହୋଇନି । କିନ୍ତୁ ପାର୍କଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଅନେକାଂଶରେ ମୁଖ୍ୟତଃ ମୁଖ୍ୟଗେଟ୍ ଭାଙ୍ଗିଯାଇଛି । ଫଳରେ ଜନଅସନ୍ତୋଷ ବୃଦ୍ଧି ହେବାସହ ପୌରପରିଷଦର ପାରିବାପଣିଆ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ପୌରପରିଷଦ ନୀରବ ଦ୍ରଷ୍ଟା ସାଜିବାକୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁନାହାନ୍ତି । ବଲାଙ୍ଗୀର ସହରରେ ଅନେକ ପାର୍କ ନିର୍ମାଣ କରାଯାଉଛି କିନ୍ତୁ ତା'ର ରକ୍ଷଣାବେକ୍ଷଣ ଉପରେ ପୌରପରିଷଦର ବେପରୁଆ ମନୋଭାବକୁ ଲୋକେ ତୀବ୍ର ନିନ୍ଦା କରୁଛନ୍ତି । ପୌରପରିଷଦ ପାର୍କ ନିର୍ମାଣ କରୁଛି ନା ମରଣଯନ୍ତା ବୋଲି ଲୋକଙ୍କ ମଧ୍ୟରେ ଏକ ମୃଦୁ ଗୁଞ୍ଜରଣ ଶୁଣିବାକୁ ମିଳୁଛି । ତେଣୁ ପାର୍କର ଭିତ୍ତିଭୂମିର ପୂର୍ଣ୍ଣାଙ୍ଗ ବିକାଶ ଉପରେ ପୌରପରିଷଦ ଗୁରୁତ୍ୱ ଦେବା ପାଇଁ ଲୋକେ ଦାବି କରୁଛନ୍ତି ।

ପୂର୍ଣ୍ଣାଙ୍ଗ ବିକାଶ କରିବାକୁ ଦାବି

ଜିଲ୍ଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ

ଦେବଗଡ଼,୨।୪/ଏନ୍ଏନ୍ଏସ୍: ଦେବଗଡ଼ରେ ଜିଲ୍ଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ ପାଳନ କରାଯାଇଛି । ଏହି ଅବସରରେ ଉତ୍କଳମଣି ଗୋପବନ୍ଧୁ ଦାସ, ରାଜା ବାସୁଦେବ ସୁଢ଼ଳଦେବ, ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ଡମ୍ବରୁ ପ୍ରିୟା ଦେବୀ, ଡ଼ ବି ଆର୍ ଆମ୍ବେଦକର, ବିର୍ସା ମୁଣ୍ଡା ଓ ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ଓ ପୌରପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ ରିତିକାନ୍ତ ଶୁକ୍ଳା, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ବରିଷ୍ଠ ନାଗରିକ ସୁଧୀର କପରଦାର, ରାମଚନ୍ଦ୍ର ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । ପରେ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ସାଧାରଣ ସଭା ଆୟୋଜିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥିଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ପୂର୍ବତନ ବିଧାୟକ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଓ ଉପଜିଲ୍ଲାପାଳ ପରକ୍ଷିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରଙ୍କ ଓଡ଼ିଆ ଜାତି ପ୍ରତି ଥିବା ଗଭୀର ଅନୁରାଗ, ଜାତୀୟତା ଓ ଓଡ଼ିଆ ଅସ୍ମିତା ପ୍ରତି ତାଙ୍କର ଯେଉଁ ବଳିଦାନ ଥିଲା ତାହା ସ୍ମୃତିଚାରଣ କରିବା ସହ ଆଜିର ଦିବସରେ ଓଡ଼ିଆ ଜାତିକୁ ଏକତ୍ରିତ ହେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ଡ୍ରିମ୍ ଡ୍ୟାନ୍ସ ଏକାଡେମୀ ମଣ୍ଡପର କଳାକାରଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

AFFIDAVIT

By virtue of an affidavit sworn before Notary Public, KENDRAPARA, SL No. 695, date 02.04.2026, I DHRUBA CHARAN PALAR, Address AT-NAGESWARPUR, POST-TILOTTAMADEIPUR P/S-KENDRAPARAS Sadar, Dist-KENDRAPARA, Odisha, Pin-754211, declare that I have changed the name of my Daughter from SAMPURNNA PALAR, to SAMPARNNA PALAR. Henceforth, she shall be known as **SAMPARNNA PALAR** for all purposes.

AFFIDAVIT

By virtue of an affidavit sworn before Notary Public, Balliguda dated **23.03.2026**, I **Ramesh Mallick**, aged about 32 years, Son of Late Tinguda Mallick of Village- Rebingia, Duriguda, P.O- Rebingia, P.S- Balliguda, Dist- Kandhamal, PIN- 762110, Odisha have changed the name of my minor son from "**Rakesh Mallick**" to "**Karan Mallick**", and henceforth he shall be known as "**Karan Mallick**" for all purpose.

ଏନ୍ଏସି ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ପାଟଣାଗଡ଼,୨।୪/ଏନ୍ଏନ୍ଏସ୍: ପାଟଣାଗଡ଼ ଧୁମାଭଟା ଛକରେ ଦୀର୍ଘ ବର୍ଷ ଧରି ସରକାରୀ ଜାଗାରେ ବେଆଇନ ଭାବେ ଜବରଦଖଲ କରିଥିବା ସ୍ଥାନକୁ ଗୁରୁବାର ପାଟଣାଗଡ଼ ଏନ୍ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଏହି ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ଉପସ୍ଥିତ ଥିଲେ । ଜବରଦଖଲକାରୀଙ୍କୁ ପୂର୍ବରୁ ନୋଟିସ୍ କରାଯାଇଥିଲେ ମଧ୍ୟ ସେମାନେ ଭୃକ୍ଷେପ ନକରି ଉକ୍ତ ସ୍ଥାନ ମାଡ଼ି ବସିଥିଲେ । ପ୍ରଶାସନ ପକ୍ଷରୁ ବାରମ୍ବାର ଲିଖିତ ନୋଟିସ୍ ଦିଆଯାଇଥିଲେ ମଧ୍ୟ ଜବରଦଖଲକାରୀମାନେ ଜାଗା ନ ଛାଡ଼ିବାରୁ ବାଧହୋଇ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଶାନ୍ତିଶୃଙ୍ଖଳା ପାଇଁ ମାଜିଷ୍ଟ୍ରେଟ୍ ଭାବେ ପାଟଣାଗଡ଼ ଅତିରିକ୍ତ ତହସିଲଦାର୍ ଅର୍ଜୁନ ମାଝୀଙ୍କ ସହ ବହୁ ପୁଲିସ୍ ମୁତୟନ ଥିଲେ । ପ୍ରକାଶଥାଉକି ଉପମୁଖ୍ୟମନ୍ତ୍ରୀ ଉକ୍ତ ସ୍ଥାନରେ କିଛି ଦୋକାନ ଗୃହ ଓ ଆଶ୍ରୟ ସ୍ଥଳୀ ନିର୍ମାଣ ପାଇଁ ୧ କୋଟି ଟଙ୍କା ମଞ୍ଜୁର କରିଥିବାରୁ ସେହି ସ୍ଥାନକୁ ଉଚ୍ଛେଦ କରାଯାଇଛି ବୋଲି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ସୂଚନା ଦେଇଛନ୍ତି ।

GOVERNMENT OF ODISHA 32001/2/2627

Office of the Superintending Engineer
Kanupur Head Works Division,
AT/PO-Basudevpur, Dist.-Keonjhar, PIN-758047.
Email- eekhwdbpur1990@gmail.com

"e"- PROCUREMENT NOTICE

Bid Identification No. SE, KHWD- 19/2025-26

Sl. No	Name of work	Approx. value of work. (Rs. in Lakh)	E.M.D./ Bid Security. in Rs. (To be remitted online)	Cost of Bid document in Rs. (To be remitted online)	Period of Completion	Class of Contractor	Name & address of the Division under which the work will be executed
1	2	3	4	5	6	7	8
01	Painting of Parapet wall and Deflector wall of Earth Dam and Dyke from RD 00m to RD 1150m, RD 1990m to RD 3460m and RD 00m to 290m of Kanupur Irrigation Project, Basudevpur, Keonjhar.	25.89	25,900.00	6,000.00	06 (Six) Calendar months	"C" & "B"	Kanupur Head Works Division, At/PO-Basudevpur, Dist.-Keonjhar

Procurement Officer	Bid Identification No.	Availability of tender online for bidding From	Availability of tender online for bidding To	Date & time of opening of tender Date	Date & time of opening of tender Time	Place of opening
1	2	3	4	5	6	7
Superintending Engineer, Kanupur Head Works Division, Basudevpur, Dist- Keonjhar.	SE, KHWD- 19/ 2025-26	06.04.26 From 10.00 Hours	20.04.26 Up to 17.00 Hours	21.04.26	11.00 Hours	O/o the Superintending Engineer Kanupur Head Works Division, Basudevpur, Dist- Keonjhar.

OIPR-32001/32258/1/26-27/0001

Sd/- Superintending Engineer
kanupur Head Work Division, Basudevpur

GOVT. OF ODISHA 10001/5/2627
OFFICE OF THE HEALTH & F.W. DEPTT.,
OFFICE OF THE SUPERINTENDENT
V.S.S. INSTITUTE OF MEDICAL SCIENCES & RESEARCH,
BURLA (SAMBALPUR)
E-mail - vimsarsuptd24@gmail.com
No.5200/VIMSAR Dt.25.03.2026

TENDER CALL NOTICE

Sealed tenders are invited by the undersigned from the Registered firms/Authorised Dealers having GST holders to provide AMC of Computers, Network, Network Components, Printers, Lap Top etc. of VIMSAR, Burla so as to reach of Office of the Superintendent, VSS Institute of Medical Sciences & Research, Burla on or before dt. 22.04.2026 up to 5.00 PM through Regd. Post / Speed Post / Courier only which will be opened in the next working day at 10.30 AM.
The detail terms and conditions of the Tender call notice can be obtained from the office of the Superintendent, VIMSAR, Burla or can be down loaded from the District website http://sambalpur.odisha.gov.in and Institute website www.vimsar.in from its date of publication.

Sd/- Superintendent
OIPR-10001/10026/1/26-27/0001 VSS, Inst. of Med. Sc. & Research, Burla

ଶ୍ରମ କୋଡ୍ ବାତିଲ୍ ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ କଳା ଦିବସ

କଟକ,୨।୪/ଏନ୍ଏନ୍ଏସ୍: ଦେଶ ବ୍ୟାପୀ କୋଟି କୋଟି ଶ୍ରମିକମାନଙ୍କ ବହୁ କଷ୍ଟଲବ୍ଧ ସଂଗ୍ରାମ ଓ ବହୁ ସହିଦଙ୍କ ବଳିଦାନରେ ଅର୍ଜିତ ଶ୍ରମିକର ଅଧିକାର ଗୁଡିକୁ ଛଡାଇ ନେବା ପାଇଁ କେନ୍ଦ୍ର ସରକାର ମାଲିକମାନଙ୍କ ସପକ୍ଷରେ ଶ୍ରମିକ ଆଇନ ଗୁଡିକୁ ସଂଶୋଧନ କରିଛନ୍ତି। ଦେଶବ୍ୟାପୀ କଳାଦିବସ ପାଳନ କରିବାକୁ କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଓ ଫେଡେରେସନ ମାନଙ୍କ ମିଳିତ ମଂଚପକ୍ଷରୁ ଡାକରା ଦିଆଯାଇଥିଲା। ଏହି ଉପଲକ୍ଷେ ବିକ୍ଷୋଭକାରୀମାନେ ସମସ୍ତେ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଥିଲେ। ଏହି ପ୍ରତିବାଦ ବିକ୍ଷୋଭ ଓ କଳା ଦିବସ ପାଳନରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନଟିୟୁସି, ଏଚଏମଏସ, ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏନଏଫଆଇଟିୟୁ ଇତ୍ୟାଦି ଓ ବିଭିନ୍ନ ସ୍ୱାଧୀନ ଫେଡେରେସନ ଅଂଶଗ୍ରହଣ କରିଥିଲେ। ଶ୍ରମିକ ନେତା କିଶୋର ଜେନା, ରବିନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ବିରଜା କିଙ୍କର ନାୟକ, ସନ୍ତୋଷ ଭୋଳ, ଖଗେଶ୍ୱର ସେଠୀ, ବଦ୍ରିନାରାୟଣ ଦାସ, ଅମରେନ୍ଦୁ ମହାନ୍ତି, ଯୁଧିଷ୍ଠିର ମହାରଣା, ସୈଭାଗ୍ୟ କେତନ ସାମଲ, ମନୋରଞ୍ଜନ ମହାରଣା, ଅମୃତା ଦାସ, ବିନୋଦ ବେହେରା,ପ୍ରତାପ ମହାପାତ୍ର, ପ୍ରଶନ୍ନ ମହାପାତ୍ର, ଶୁଭାଶିଷ ପଟ୍ଟନାୟକ, ରବିନ୍ଦ୍ରନାଥ ଧଳ, ନିହାର ରଞ୍ଜନ ଦାସ, କିଶୋର ଭୋଇ, ପ୍ରିୟଦର୍ଶନ ପାଭେଲ, ବିପିନ ବିହାରୀ ପାଢୀ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

ଚୌଦ୍ୱାର ଜେଲ୍‌ରୁ ଚମ୍ପଟ ମାରିଥିବା ରାଜା ସାହାଣୀ ଗିରଫ

କଟକ,୨।୪/ଏନ୍ଏନ୍ଏସ୍: ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିବା ହାର୍ଡକୋର ଅପରାଧୀ ରାଜା ସାହାଣୀକୁ ଦୀର୍ଘ ୬ ମାସ ପରେ ଉତରାଖଣ୍ଡରୁ ଗିରଫ କରିଛି ଓଡିଶା ପୁଲିସ । ତାକୁ ଧରିବାକୁ ଉତ୍ତରପ୍ରଦେଶ, ରାଜସ୍ଥାନ ଓ ପଞ୍ଜାବର ବିଭିନ୍ନ ସ୍ଥାନରେ ଡେରା ପକାଇ ରହିଥିଲା କଟକ କମିଶନରେଟ ପୋଲିସ ଟିମ୍ । ତେବେ ଚଢ଼ାଉ ବେଳେ ଉତରାଖଣ୍ଡ ପୋଲିସର ସହାୟତା ନେଇ ପୁଲିସ ତାକୁ ଧରିବାରେ ସଫଳ ହୋଇଛି। ଗତବର୍ଷ ଅକ୍ଟୋବର ୨ ତାରିଖ ରାତିରେ ଦୁଇ ଜଣ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ ରାଣା ଜେଲରୁ ଚମ୍ପଟ ମାରିଥିଲେ । ଉତରପ୍ରଦେଶର ବୃନ୍ଦାବନରୁ ମଧୁକାନ୍ତ ଫେବୃଆରି ୧୪ରେ ଧରାପଡ଼ିଥିବା ବେଳେ ଉତ୍ତରାଖଣ୍ଡରୁ ରାଜା ଗିରଫ ହୋଇଛି। ଏହି ଦୁଇ ଅପରାଧୀ ମଧୁକାନ୍ତ ରାଣା ଓ ରାଜା ସାହାଣୀ ବିହାର ଅଂଚଳର। ଗତବର୍ଷ ଅକ୍ଟୋବରରେ ଜେଲ୍‌ର ଲୁହାରଡ କାଟି, କମ୍ବଳକୁ ଦଉଡ଼ି ଭାବେ ବ୍ୟବହାର କରି ଜେଲର ଚାରିକାନ୍ଥ ଡେଇଁ ଉଭୟ ଫେରାର ହୋଇଥିଲେ । ଯାଜପୁର ଜିଲ୍ଲା ପାଣିକୋଇଲିରେ ଥିବା ପଣ୍ଡା ଅଳଙ୍କାର ଦୋକାନରୁ ଲୁଟ୍ ମାମଲାରେ ଏହି ଦୁଇ ଦୁର୍ଦ୍ଦାନ୍ତ କଏଦୀ ଗିରଫ ହୋଇଥିଲା ବେଳେ ଜେଲରୁ ଚମ୍ପଟ ମାରିଥିଲେ। ଓଡିଶାରେ ପହଂଚିବା ପରେ ରାଜାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କୋର୍ଟରେ ହାଜର କରାଯିବ। ଏହାପରେ ରିମାଣ୍ଡରେ ନେଇ ଘଟଣାର ଅଧିକ ରହସ୍ୟ ଉନ୍ମୋଚନ କରିବ। ସୂଚନାଯୋଗ୍ୟ କର୍ଣ୍ଣାଟକ, ବିହାର ସହ ଓଡ଼ିଶା ପୋଲିସ ବିଭିନ୍ନ ଘଟଣାରେ ତାକୁ ଖୋଜୁଥିଲେ। ଚୌଦ୍ୱାର ଜେଲରୁ ଫେରାର ହେବା ପରେ କର୍ଣ୍ଣାଟକ ମହିଶୂରରେ ସେ ଏକ ବଡ଼ ଲୁଟ କରିଥିଲା। ।

ସମାଜସେବୀ ଜଗନ୍ନାଥ ଦାସଙ୍କ ସ୍ମୃତିସଭା

କଟକ,୨।୪/ଏନ୍ଏନ୍ଏସ୍: ସ୍ଥାନୀୟ ଦେଉଳ ସାହିର ମୁରବୀ ତଥା ସମାଜସେବୀ ଜଗନ୍ନାଥ ଦାସଙ୍କ ସ୍ମୃତି ସଭା ସ୍ଥାନୀୟ ରଘୁନାଥ ଜୀଉ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ଓ ଜଗନ୍ନାଥ ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ଶିକ୍ଷାବିତ୍ ନୃସିଂହ ଚରଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟିର ସମ୍ପାଦକ ସାଧୁଚରଣ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଇସକଫ ଜାତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢିହାରୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଡ଼ ସତ୍ୟ ରାୟ, ସମ୍ମାନିତ ଅତିଥି ଭାବେ ରଘୁନାଥ ଜୀଉ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ଓ ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା ଯୋଗଦେଇଥି। ସଂଗଠନର ପୂର୍ବତନ ସମ୍ପାଦକ ସାନନ୍ଦ ସେଠୀଙ୍କୁ ମରଣୋତର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଜିଲ୍ଲା କଂଗ୍ରେସ ଉପସଭାପତି ହେଲେ ରାମଚନ୍ଦ୍ର ଗୋଚ୍ଛାୟତ

କଟକ,୨।୪/ଏନ୍ଏନ୍ଏସ୍: କଟକ ଜିଲ୍ଲା କଂଗ୍ରେସ କମିଟିରେ ଉପସଭାପତି ଭାବେ କଟକ ସଦର ନିର୍ବାଚନ ମଣ୍ଡଳୀର ବିଧାନସଭା ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତଙ୍କୁ ଦାୟିତ୍ୱ ମିଳିଛି । ଶ୍ରୀ ଗୋଚ୍ଛାୟତ ପୂର୍ବରୁ କଟକ ସଦର ବ୍ଲକ୍ କଂଗ୍ରେସ ସଭାପତି ରହିବା ସହ ବିଧାୟକ ପ୍ରାର୍ଥୀ ମଧ ହୋଇଥିଲେ।ତାଙ୍କର କାର୍ଯ୍ୟଦକ୍ଷତାକୁ ବିଚାରକୁ ନେଇ ଦଳର ହାଇକମାଣ୍ଡ ଶ୍ରୀ ଗୋଚ୍ଛାୟତ ଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ତାଙ୍କର ଏହି ନିଯୁକ୍ତି ପାଇଁ ଶ୍ରୀ ଗୋଚ୍ଛାୟତ ଜିଲ୍ଲା ପିସିସି ସଭାପତି ଭକ୍ତ ଚରଣ ଦାସ,ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ,ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲା କଂଗ୍ରେସ୍‌କୁ ଅଧିକ ମଜବୁତ୍ କରିବା ଓ ଲୋକଙ୍କ ସମସ୍ୟାକୁ ନେଇ ଜିଲ୍ଲା କଂଗ୍ରେସ ଆଗକୁ ଲୋକଙ୍କ ସ୍ୱର ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛନ୍ତି।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଦିବସ

କଟକ,୨।୪/ଏନ୍ଏନ୍ଏସ୍: ଓଡ଼ିଶାର ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ୯୦ତମ ଉତ୍କଳ ଦିବସ ଅନୁଷ୍ଠାନର ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପତକା ଉତୋଳନ କରି ଉତ୍କଳ ପ୍ରଦେଶ ଗଠନର ଇତିହାସ, ପୂର୍ବସୁରୀମାନଙ୍କ ତ୍ୟାଗ ଓ ଏଥିରେ ଉତ୍କଳ ସାହିତ୍ୟ ସମାଜର ଭୂମିକା ସଂପର୍କରେ ଉଲ୍ଲେଖ କରି ଏହି ଦିବସର ମହତ୍ୱକୁ ଉପଲବ୍ଧି କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପରିସରରେ ଥିବା ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ କରାଯାଇଥିଲା। ଏହି ସମାରୋହରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, କୋଷାଧକ୍ଷ ଦିଲ୍ଲୀପ କୁମାର ଦାସ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ପ୍ରାଧ୍ୟାପକ ପ୍ରତାପ ଧଳ, ମୀରା ବେଉରାଙ୍କ ସମେତ ବଂଶୀଧର ରାଉତ, ମାନସ ଦାସ, ଲକ୍ଷ୍ମୀପ୍ରସାଦ ମହାପାତ୍ର, ଅଜୟ ବେହେରା, ଗୌତମ ଚନ୍ଦ୍ର କର, ବଦ୍ରିକାନାଥ ଦାସ, ଦେବାଶିଷ ସାମନ୍ତରାୟ, ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ସାରସ୍ୱତ ସାଧକ ଓ ବୁଦ୍ଧିଜୀବୀ ଏହି ସମାରୋହରେ ଅଂଶ ଗ୍ରହଣ କରିଥିଲେ।

ପ୍ରକାଶ ମଲ୍ଲିକଙ୍କୁ ନିଃସର୍ତ୍ତ ଖଲାସ ଦାବିରେ ପ୍ରତିବାଦ ଦିବସ

କଟକ,୨।୪/ଏନ୍ଏନ୍ଏସ୍: କେନ୍ଦୁଝରର ଜିଲ୍ଲା ପାଟଣା ବ୍ଲକର ହଜାର ହଜାର ଏକର ଜଳସେଚିତ ଉର୍ବର ଜମିକୁ ଶିଳ୍ପ ପ୍ରତିଷ୍ଠା ଆଳରେ ଜିନ୍ଦଲ - ପୋସ୍କୋ କଂପାନୀ ହାତକୁ ଟେକିଦେବା ପ୍ରତିବାଦରେ ଆନ୍ଦୋଳନକରୁଥିବା ବିଶିଷ୍ଟ ଚାଷୀ ନେତା ପ୍ରକାଶ ମଲ୍ଲିକଙ୍କ ବେଆଇନ ଗିରଫଦାରିକୁ ନିନ୍ଦା କରାଯାଇଛି। ତାଙ୍କୁ ତୁରନ୍ତ ନିଃସର୍ତ ଖଲାସ କରିବା ଦାବିରେ ଏଆଇକେକେଏମଏସ ପକ୍ଷରୁ ଆଜି ସ୍ଥାନୀୟ କଲେଜ ଛକ ଠାରେ ପ୍ରତିବାଦ ଦିବସ ବିକ୍ଷୋଭ ହୋଇଛି। ପ୍ରତିବାଦ ସ୍ଥଳରେ ଏଆଇକେକେଏମଏସ କଟକ ଜିଲ୍ଲା ଆବାହକ ବସନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏସୟୁସିଆଇ(ସି) କଟକ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ଶ୍ରମିକ ନେତା ସୌଭାଗ୍ୟ ସାମଲ, ଛାତ୍ର ନେତା ସିଦ୍ଧାର୍ଥ ରଥ, ବିନୋଦ ସେଠୀ, ତରୁଣ ସେନ ନାୟକ, ଇଶା ଧର, ଏଆଇକେକେଏମଏସ ସଂଗଠକ ଶୋଭା ଦେହୁରୀ, ଶଶାଙ୍କ ଶେଖର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ପାରମ୍ପରିକ ପୋଷାକ ପରିଧାନ ଦିବସ

କଟକ,୨।୪/ଏନ୍ଏନ୍ଏସ୍: ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଆଜି ପାରମ୍ପରିକ ପୋଷାକ ପରିଧାନ ପୂର୍ବକ କାର୍ଯ୍ୟାଳୟକୁ ଆସିଥିଲେ । "ଆମ ପୋଷାକ ଆମ ପରିଚୟ" ସ୍ଲୋଗାନ୍‌କୁ ସମ୍ମାନ ଜଣାଇ ଆଜି ଖଦୀ, ସମ୍ବଲପୁରୀ, ସୋନପୁରୀ, କୋଟପାଡ, ମାଣିଆବନ୍ଧ, ନୂଆପାଟଣା, ବୋମକାଇ ଆଦି ରାଜ୍ୟର ବିଭିନ୍ନ ସ୍ଥାନର ହସ୍ତତନ୍ତ ବୁଣା ପୋଷାକ ପରିଧାନ କରିଥିଲେ। ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ । ଓଡ଼ିଶା ହସ୍ତତନ୍ତ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ଏଣୁ କେବଳ ଓଡ଼ିଆ ପକ୍ଷ ପାଳନ ନୁହେଁ ଦୈନନ୍ଦିନ ଜୀବନରେ ସମସ୍ତେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରି ଆମ ବୁଣାକାର ଓ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଜିଲ୍ଲାପାଳଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଏକତ୍ରିତ ହୋଇ ଫଟୋ ଉଠାଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟଠାରେ ମଧ ପାରମ୍ପରିକ ପୋଷାକ ପରିଧାନ ଦିବସ ଅନୁରୂପ ଭାବେ ପାଳିତ ହୋଇଯାଇଛି । ଏହା ମାଧ୍ୟମରେ ଲୋକମାନଙ୍କ ମନରେ ନିଜ ସଂସ୍କୃତି ପ୍ରତି ସମ୍ମାନ ବଢ଼ିବା ସହ ଏହାକୁ ଆଗାମୀ ପିଢି ପର୍ଯ୍ୟନ୍ତ ପହଞ୍ଚାଇବାର ଏହା ଏକ ପ୍ରୟାସ ।

ଟ୍ରିମ୍ସ ପଲିଟେକ୍‌ନିକ୍‌ରେ ଜାତୀୟ ଶିକ୍ଷାନୀତି-୨୦୨୦ ସଂପର୍କିତ କର୍ମଶାଳା

କଟକ,୨।୪/ଏନ୍ଏନ୍ଏସ୍: ଟ୍ରିମ୍ସ ପଲିଟେକ୍‌ନିକ (ସ୍ୱୟଂଶାସିତ) ପକ୍ଷରୁ ଆୟୋଜିତ 'ଜାତୀୟ ଶିକ୍ଷାନୀତି-୨୦୨୦ ସଫଳ ରୂପାୟନରେ ଡିପ୍ଲୋମା ପାଠ୍ୟକ୍ରମର ପରିକଳ୍ପନା ଓ ବିକାଶ' ଶୀର୍ଷକ ଶିକ୍ଷକ ପ୍ରଶିକ୍ଷଣଭିତ୍ତିକ କର୍ମଶାଳା ଉଦ୍‌ଯାପିତ ହୋଇଛି । ତିନିଦିନ ଧରି ଅନୁଷ୍ଠିତ ଏହି କର୍ମଶାଳାରେ ଶିକ୍ଷାନୁଷ୍ଠାନ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା ଅଂଶ ଗ୍ରହଣ କରିଥିଲେ। ଏଥିରେ କୋଲକାତାସ୍ଥିତ ଜାତୀୟ ବୈଷୟିକ ଶିକ୍ଷକ ପ୍ରଶିକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ (ଏନ୍ଆଇଟିଟିଆର) ର ପୂର୍ବତନ ପ୍ରଫେସର ଡ. ଉର୍ମିଳା କର ସମ୍ମାନିତ ବକ୍ତା ଭାବରେ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଡିପ୍ଲୋମା ପାଠ୍ୟକ୍ରମର ବିକଶିତ ରୂପରେଖ ସଂପର୍କରେ ମାର୍ଗଦର୍ଶନ କରିଥିଲେ । ଉଦ୍‌ଯାପନୀ ପର୍ବରେ ଟ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ ଏହି ପ୍ରଶିକ୍ଷଣ ଭିତ୍ତିକ କର୍ମଶାଳା ଶିକ୍ଷାନୁଷ୍ଠାନର ଶୈକ୍ଷିକ ଭିତ୍ତିଭୂମି ସୁଦୃଢ଼ କରିବାରେ ସହାୟକ ହେବବୋଲି ପ୍ରକାଶ କରିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ବୈଷୟିକ ଶିକ୍ଷା କ୍ଷେତ୍ରରେ ଡିପ୍ଲୋମା ପାଠ୍ୟକ୍ରମର ଗୁରୁତ୍ୱ ସଂପର୍କରେ ଉଲ୍ଲେଖ କରିବା ସହ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି, ଅଧକ୍ଷା ଡ. ତପସ୍ୱିନୀ ସାହୁ ସ୍ୱାଗତ ଅଭିଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏନ୍ଆଇଟିଟିଆର ର ଆଞ୍ଚଳିକ ପରାମର୍ଶଦାତା ଉତ୍କଳ ରଂଜନ ଦାସ,'ଡିନ୍' (ଭାରପ୍ରାପ୍ତ) ଡ. ଶ୍ରୀକାନ୍ତ କୁମାର ଓଝା, ଇଂ ସଚିବ ସୁଧାଂଶୁ ଭୂଷଣ କର ପ୍ରମୁଖ ଉପସ୍ଥିତ ଥିଲେ ।

ଦହିବରା ବ୍ୟବସାୟୀଙ୍କୁ ଦୋକାନ ଘର ପ୍ରଦାନ ପାଇଁ ଦାବିପତ୍ର

କଟକ,୨।୪/ଏନ୍ଏନ୍ଏସ୍: ପୁରୁଣା ରାଜଧାନୀ କଟକ ସହରର ପରିଚୟ ଦହିବରା ଆଳୁଦମ୍ ।କଟକର ଏହି ନିଆରା ପ୍ରସିଦ୍ଧ ଖାଦ୍ୟ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ବାରବାଟୀ ଷ୍ଟାଡିୟମ ନିର୍ମାଣ ବେଳେ ଶ୍ରମିକ ମାନଙ୍କ କ୍ଷୁଧା ମେଂଟାଇଥିଲା ଏହି ଦହିବରା ଆଳୁଦମ୍। ଦହିବରା ଆଳୁଦମର ଜନକ ରଘୁ ମଉସା ୧୯୬୨ ମସିହା ଠାରୁ ବାରବାଟୀ ଷ୍ଟାଡିୟମ ସାମ୍ନାରେ ଦହିବରା ଆଳୁଦମ୍ ବିକ୍ରି କରି ଏହାକୁ ଲୋକପ୍ରିୟ ଖାଦ୍ୟରୂପେ ପରିଚିତି ଆଣିପାରିଥିଲେ। ସେହିଦିନ ଠାରୁ ବାରବାଟୀ ଷ୍ଟାଡିୟମ ସାମ୍ନା ପଡ଼ିଆକୁ ଦହିବରା ପଡ଼ିଆ ଭାବେ ଦହିବରା ପ୍ରେମୀମାନେ ଗ୍ରହଣ କରିନେଇଛନ୍ତି। ଆଜି ବାରବାଟୀ ଫୁଡ୍ କୋର୍ଟ ଦହିବରା ଆଳୁଦମ୍‌ର ଏକ ନୂତନ ପରିଚୟ ପାଇବାକୁ ଯାଉଛି। ମାତ୍ର ଦୁଃଖ ଓ ପରିତାପର ବିଷୟ ବାରବାଟୀ ଫୁଡ୍ କୋର୍ଟରେ ଦହିବରା ବ୍ୟବସାୟୀମାନେ ଆଜି ଉପେକ୍ଷିତ। ପାଶ୍ଚାତ୍ୟ ଖାଦ୍ୟ ଫାଷ୍ଟ ଫୁଡ୍ ପାଇଁ ଫୁଡ୍ କୋର୍ଟରେ ଘର ଯୋଗାଇଦିଆଯାଉଥିବା ବେଳେ କଟକର ପ୍ରସିଦ୍ଧ ଖାଦ୍ୟ ଦହିବରା ବ୍ୟବସାୟ ପାଇଁ କେବଳ ପିଣ୍ଡି ପ୍ରଦାନ କରାଯାଉଅଛି। ଯାହା ଦହିବରା ବ୍ୟବସାୟୀମାନଙ୍କ ପାଇଁ ପର୍ଯ୍ୟାପ୍ତ ହୋଇପାରିବ ନାହିଁ। ସେହିପରି ଦୀର୍ଘଦିନ ଧରି ପଡ଼ିଆରେ ଦହିବରା ବ୍ୟବସାୟ କରିଆସୁଥିବା ବ୍ୟବସାୟୀଙ୍କୁ ବାଦ୍ ଦିଆଯାଇ ବାହାର ବ୍ୟବସାୟୀଙ୍କୁ ପ୍ରାଧାନ୍ୟ ଦିଆଯାଇଅଛି। ଯାହା ସେମାନଙ୍କ ପାଇଁ ଅବିଚାର କରାଯାଇଥିବା ସଂଘ ମନେକରୁଛି। କଟକ ଦହିବରା ଆଳୁଦମକୁ ଜିଆଇ ଟ୍ୟାଗର ମାନ୍ୟତା ପାଇଁ ସଂଘ ତାର ନିରନ୍ତର ଚେଷ୍ଟା ଜାରି ରଖିଛି। କଟକ ବାରବାଟୀ ଫୁଡ୍ କୋର୍ଟ ଦହିବରାକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଆଉ ଏକ ମାଇଲଖୁଂଟ ହୋଇ ଠିଆ ହେବାକୁ ଯାଉଛି। ବିଭାଗ ତରଫରୁ ସଠିକ୍ ସର୍ଭେ କରି ବାଦ୍ ପଡ଼ିଯାଇଥିବା ଦହିବରା ବ୍ୟବସାୟୀଙ୍କୁ ସାମିଲ କରିବା ସହିତ ଦହିବରା ବ୍ୟବସାୟୀଙ୍କୁ ଦୋକାନ ଘର ପ୍ରଦାନ କରିବାକୁ କଟକ ଦହିବରା ଆଳୁଦମ୍ ବ୍ୟବସାୟୀ ସଂଘ ତରଫରୁ କଟକ ଜିଲ୍ଲାପାଳ, କଟକ ମହାନଗର ନିଗମ କମିଶନର ଓ ମେୟରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କଟକ ଦହିବରା ଆଳୁଦମ୍ ବ୍ୟବସାୟୀ ସଂଘର ସଭାପତି ପ୍ରଦୀପ୍ତ କୁମାର ସାହୁ, ସାଧାରଣ ସମ୍ପାଦକ କେଦାରନାଥ ସାଶମଲ, ଉପସଭାପତି ପ୍ରତାପ କୁମାର ବାରିକ, କାର୍ଯକାରୀ ସଭାପତି ବିଜନ ଦାସ, ଯୁଗ୍ମ ସମ୍ପାଦକ ହେମନ୍ତ ସାହୁ, ସହସମ୍ପାଦକ ଅଜୟ ବେହେରା ଓ କୋଷାଧକ୍ଷ ସନ୍ତୋଷ କୁମାର ସାହୁଙ୍କ ସମେତ ବହୁ ଦହିବରା ବ୍ୟବସାୟୀ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

ପ୍ରଫେସର ରବିନାରାୟଣ ଶତପଥୀ ଜଗଦ୍‌ଗୁରୁ କ୍ରିପାଳୁ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି

କଟକ,୨।୪/ଏନ୍ଏନ୍ଏସ୍: ଦେଶର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ରବିନାରାୟଣ ଶତପଥୀ ଜଗଦ୍‌ଗୁରୁ କ୍ରିପାଳୁ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । କଟକ ଜିଲ୍ଲା ଡମପଡ଼ାର ବାଆଁରାଠାରେ ଦେଶର ସୁପରିଚିତ ଆଧାତ୍ମିକ ସନ୍ଥ ସ୍ୱାମିଜୀ କ୍ରିପାଳୁଜୀ ମହାରାଜାଙ୍କ ନାମରେ ନାମିତ ନବନିର୍ମିତ ଏହି ଆଧାତ୍ମିକ ବିଶ୍ୱବିଦ୍ୟାଳୟରେ ଚଳିତ ୨୦୨୬-୨୭ ଶିକ୍ଷାବର୍ଷରୁ ବିଭିନ୍ନ ଉଚ୍ଚତର ଏବଂ ବୈଷୟିକ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଅବସରପ୍ରାପ୍ତ ପ୍ରଶାସକ ତଥା ବିଶ୍ୱବିଦ୍ୟାଳୟର ନୂତନ କୁଳସଚିବ ମଧୁସୂଦନ ମିଶ୍ର ଏବଂ ସେବାନିବୃତ୍ତ ପ୍ରଶାସକ ତଥା ଅନୁଷ୍ଠାନର ଉପଦେଷ୍ଟା ବେଣୁଧର ଦାସ ପ୍ରମୁଖ ନୂତନ କୁଳପତି ପ୍ରଫେସର ଶତପଥୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରେ ଡିନ୍, ଅଧକ୍ଷ ଓ ନିର୍ଦ୍ଦେଶକ ପଦବୀରେ ଦୀର୍ଘ ୩୨ ବର୍ଷ ଧରି ଉଚ୍ଚଶିକ୍ଷା, ଗବେଷଣା, ପ୍ରଶାସନିକ ଦକ୍ଷତା, ସୃଜନଶୀଳ ଅଧ୍ୟୟନ କ୍ଷେତ୍ରରେ କାର୍ଯ୍ୟ କରି ବିଶେଷ ପ୍ରଶଂସିତ ହୋଇଛନ୍ତି ପ୍ରଫେସର ଶତପଥୀ । ଉଚ୍ଚତର ଗବେଷଣା ଏବଂ ଅଧ୍ୟୟନ କ୍ଷେତ୍ରରେ ୨୧ଟି ଉପାଦେୟ ପୁସ୍ତକ ରଚନା କରିବା ସହିତ ଦେଶବିଦେଶର ଅନେକ ଆନ୍ତର୍ଜାତିକ ସେମିନାରରେ ୩୨ଟି ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନା କରିଛନ୍ତି ।

ପ୍ରଫେସର ଶତପଥୀଙ୍କ ଅଧୀନରେ ୧୬ ଜଣ ଗବେଷକ ପି.ଏଚ୍.ଡି. ଡିଗ୍ରୀ ଏବଂ ୨୨ଜଣ ମାଷ୍ଟର୍ସ ସ୍କଲାର ଲାଭ କରିଛନ୍ତି । ଦେଶର ବିଭିନ୍ନ ଉଚ୍ଚତର ଏବଂ ବୈଷୟିକ ଶୈକ୍ଷିକ ପ୍ରତିଷ୍ଠାନରେ ଜଣେ ଦକ୍ଷ ଓ ନିଷ୍ଠାପର ଏକାଡେମିସିଆନ୍ ଭାବରେ କାର୍ଯ୍ୟ କରିଥିବା ପ୍ରଫେସର ଶତପଥୀଙ୍କର ଏହି ଆଧାତ୍ମିକ ବିଶ୍ୱବିଦ୍ୟାଳୟରେ କୁଳପତି ଭାବରେ ଯୋଗଦାନ ଏହି ଅନୁଷ୍ଠାନକୁ ଗୌରବାନ୍ୱିତ କରିବ ବୋଲି ଆଶା କରାଯାଉଛି ।

ପ୍ରାଶାସନିକ ଚଢ଼ଉ, ୫୫ ଏଲ୍‌ପିଜି ସିଲିଣ୍ଡର୍ ଜବତ

କଟକ,୨।୪/ଏନ୍ଏନ୍ଏସ୍: ଜିଲ୍ଲାରେ ଏଲପିଜି ସିଲିଣ୍ଡର କଳାବଜାରୀକୁ ରୋକିବା ଓ ସାଧାରଣ ଲୋକଙ୍କୁ ରନ୍ଧନ ଗ୍ୟାସ ଉପଲବ୍ଧ କରାଇବା ନେଇ ଯେପରି କୌଣସି ସମସ୍ୟା ନ ଉପୁଜେ ସେଥି ନିମନ୍ତେ ଜିଲ୍ଲାପାଳ ଓ ଜିଲ୍ଲାମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲା ଯୋଗାଣ ଅଧିକାରୀ ଓ ତାଙ୍କ କାର୍ଯାଳୟର ସମସ୍ତ କର୍ମଚାରୀ ମାନଙ୍କୁ ତୀକ୍ଷଣ ନଜର ରଖିବାକୁ ନିର୍ଦ୍ଦେଶ ଦେବା ସହ କଳାବଜାରୀ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପଦକ୍ଷେପ ସ୍ୱରୂପ ନିୟମିତଭାବେ ବିଭିନ୍ନ ସ୍ଥାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢାଉ ଜାରି ରହିଥିବା ବେଳେ ଆଜି ଏକ ସ୍କ୍ୱାଡ ଦଳ ଖାନନଗରସ୍ଥିତ ମାଝିସାହି ଅଂଚଳର ରଞ୍ଜନ କୁମାର ସାହୁ, ପିତା -କ୍ଷେତ୍ର ମୋହନ ସାହୁଙ୍କ ଘରୁ ୪୮ଟି ଘରୋଇ ଗ୍ୟାସ୍, ୫ଟି ବ୍ୟବସାୟିକ, ୫କି.ଗ୍ରା ୨ଟି ସମୁଦାୟ ୫୫ଟି ଏଲପିଜି ସିଲିଣ୍ଡର ଜବତ କରାଯାଇଛି । ରଞ୍ଜନ ନାମରେ ସ୍ଥାନୀୟ ଥାନାରେ ଏତଲା ଦାଖଲ କରାଯାଇଛି।



ଗହଳି ନଥିବା ସ୍ଥାନରେ ଥଣ୍ଡା ପାନୀୟ ପ୍ରକଳ୍ପ, ସ୍ଥାନାନ୍ତର ଦାବି

କଟକ,୨।୪/ଏନ୍ଏନ୍ଏସ୍: ସିଏମ୍‌ସି ୫୬ନମ୍ବର ୱାର୍ଡରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଜନଗହଳି ନଥିବା ସ୍ଥାନରେ ଏହି ପାନୀୟ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହାକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ, ୱାଟକୋ ପକ୍ଷରୁ ୫୬ ନଂ ୱାର୍ଡରେ ନୂତନ କରି ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ସ୍ଥିର ହୋଇଥିଲା। ମୁଖ୍ୟତଃ ଲୋକଙ୍କର ଯାତାୟତ ଲାଗିରହିଥିବା ସ୍ଥାନରେ ଏଭଳି ପ୍ରକଳ୍ପ ବସିବା କଥା। କିନ୍ତୁ ଜନ ଶୂନ୍ୟ ସ୍ଥାନ କାଠଯୋଡ଼ି ନଦୀବନ୍ଧକୁ ଲାଗି ସର୍ଭିସ ରୋଡ୍ କଡ଼ରେ ପ୍ରକଳ୍ପର ନିର୍ମାଣ କରୁଛନ୍ତି। ଏହି ୱାର୍ଡରେ ୧୬ଟି ଗ୍ରାମ ଯଥା ପାଇକ ସାହି, ବାଲିକୁଦା ରଜକ ସାହି, ସମାଲ ସାହି, ନୂଆବଜାର ସାହି, ଜଗନ୍ନାଥ କଲୋନୀ, ଉତମାପୁର, ଶୁଭଦ୍ରାପୁର, ବଢେଇ ସାହି, ଶ୍ୟାମପୁର, ରାଜନଗର ପାଟଣା, କାଜି ପାଟଣା, ମୁକାମେଶ୍ୱର, କାଜିପାଟଣା ତଳସାହି, ଅମଣିଆପାଟଣା ବେହେରା ସାହି, ତେନ୍ତୁଳିନାଳୀ, ଭୋଇ ସାହି ଆଦି ରହିଛି। ଏହି ସବୁ ଗ୍ରାମରେ ୧୦ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏହି ପ୍ରକଳ୍ପ ନିମନ୍ତେ ବିଭାଗୀୟ ଅଧିକାରୀ ଗ୍ରାମର ଲୋକଙ୍କୁ ପଚାରି ବୁଝିନାହାନ୍ତି। ମନ ଇଚ୍ଛା ସର୍ଭେ ରିପୋର୍ଟ ତିଆରି କରି ଅଫିସରେ ଦାଖଲ କରିଛନ୍ତି। ଏହାର ତଦନ୍ତ ସହିତ ତୁରନ୍ତ ପ୍ରକଳ୍ପ ସ୍ଥାନ ପରିବର୍ତ୍ତନ କରିବା ନେଇ ଅଞ୍ଚଳର ୪୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ୱାଟକୋ ଜେନେରାଲ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଅଞ୍ଚଳବାସୀ ଉଲ୍ଲେଖ କରିଛନ୍ତିଯେ, ଏହି ପ୍ରକଳ୍ପ ଦ୍ୱାରା ଖୁବ୍ କମ୍ ଲୋକ ଉପକୃତ ହେବେ। ଏହି ରାସ୍ତା ଦେଇ ବହୁତ କମ ଲୋକ ଯାତାୟତ କରିଥାନ୍ତି। ବାହାରର କୌଣସି ଗୋଟେ ଲୋକ ଏଥିରେ ଉପକୃତ ହୋଇପାରିବେ ନାହିଁ। ତେଣୁ ଏହାକୁ ସ୍ଥାନାନ୍ତର କରିବା ପାଇଁ ସାଗର ବେଉରା, ସୁକଦେବ ସାମଲ, ଜଗନ୍ନାଥ ନାୟକ, ସନ୍ତୋଷ ନାୟକ, ସୋମନାଥ ଜେନା, ସୋମନାଥ ଜେନା, ଟୁଟୁ ସାମଲ, ସନାତନ ସାମଲ, ବିଜୟ କୁମାର ସାମନ୍ତରାୟ, ଶରତ କୁମାର ନାୟକ, ବିପିନ ବେହେରା, ଚନ୍ଦନ ଭୋଇ, ବୁଦ୍ଧଦେବ ଭୋଇ ପ୍ରମୁଖ ୱାଟକୋ ଅଫିସରେ ପହଞ୍ଚି ଜିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ ସହିତ ଅଭିଯୋଗ ଜଣାଇଛନ୍ତି ।ଏହା ଉପରେ ତଦନ୍ତ ହେବ ବୋଲି ୱାଟକୋ ଜିଏମ ସୂଚନା ଦେଇଛନ୍ତି।

ପୋତାପୋଖରୀରେ ମା' ଶାରଳାଙ୍କ ଜନ୍ତାଳ ଉତ୍ସବ

କଟକ,୨।୪/ଏନ୍ଏନ୍ଏସ୍: ପୋତାପୋଖରୀ ଅଞ୍ଚଳର ଗ୍ରାମଦେବତୀ ମା'ଶାରଳାଙ୍କ ଜନ୍ତାଳ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସକାଳୁ ମା'ଙ୍କ ପୂଜାର୍ଚ୍ଚନା କରାଯିବା ପରେ ସନ୍ଧ୍ୟାରେ ଗ୍ରାମବାସୀଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ତାପସ ସାମନ୍ତରାୟ, ଚନ୍ଦ୍ରକାନ୍ତ ଦାସ, ବାପି ରାୟ, କଳିଙ୍ଗ ଦାସ, ରଞ୍ଜନ ସାହୁ, ସ୍ୱରୂପାନନ୍ଦ ଦାସ, ଶିବ ପ୍ରସାଦ ଲେଙ୍କା, ସଞ୍ଜୟ ଦାସ, ବାଙ୍କୁରୁ ଦାସ,ବିନୋଦ ନାୟକ, ଅକ୍ଷୟ କୁମାର ସ୍ୱାଇଁ, ମିଲୁ ସାହୁ, ଜଗବନ୍ଧୁ ଦାସ, ମନୋଜ ସାହୁଙ୍କ ସମେତ ବହୁ ସ୍ଥାନୀୟଲୋକ ଉପସ୍ଥିତ ଥିଲେ ।

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଓଡ଼ିଶା ଦିବସ

କଟକ,୨।୪/ଏନ୍ଏନ୍ଏସ୍: ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସିବଜ଼ାର ଠାରେ ଓଡିଶା ଦିବସ ପାଳନ କରାଯାଇଛି। ଓଡିଶାର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ. ଡ଼ଃ ରାଧାନାଥ ରଥ ଙ୍କ ପ୍ରତିମୂର୍ତି ରେ ସଂଘ ର କର୍ମକର୍ତ୍ତା ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ. ଏହିଁ କାର୍ଯ୍ୟକ୍ରମ ରେ ସଂଘ ର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ. ସହ ସମ୍ପାଦକ ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ମା' ବନ୍ଧବାଶେଳୀଙ୍କର ବାର୍ଷିକ ଉତ୍ସବ

କଟକ,୨।୪/ଏନ୍ଏନ୍ଏସ୍: ପବିତ୍ର ଚୈତ୍ରପୂର୍ଣ୍ଣିମା ତିଥିରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଚାନ୍ଦିନୀଚୌକ ଗ୍ରାମଦେବତୀ ମା' ବନ୍ଧବାଶେଳୀଙ୍କର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ବନ୍ଧବାଶେଳୀ କ୍ଲବର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ବାର୍ଷିକ ଉତ୍ସବ ଅବସରରେ ମା'ଙ୍କ ପୀଠରେ ହୋମଯଜ୍ଞ, ଚଣ୍ଡୀପାଠ ସହ ଅଷ୍ଟପ୍ରହରୀ ସଂକୀର୍ତ୍ତନ ମଧ ହୋଇଥିଲା । ସମସ୍ତ ଭକ୍ତଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା । ସନ୍ଧ୍ୟାରେ ମା' ଭଗବତୀ ପୂଜା ସଂକୀର୍ତ୍ତନ ସମିତିର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

ମା’ ବାଉତୀଙ୍କ ଝାମୁଯାତ୍ରା ସମାରୋହ

ଆଠଗଡ଼,୨।୪/ଏନ୍ଏନ୍ଏସ୍: ଆଠଗଡର ଆରାଧ୍ୟା ଗ୍ରାମ ଦେବତୀ ମା’ ବାଉତୀଙ୍କ ଝାମୁଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସକାଳ ସମୟରେ ମାର୍ଜନା ସହିତ ବେଶ ଓ ମଙ୍ଗଳ ଆଳତି ନୀତି ଶେଷ ହୋଇଥିଲା । ମଧ୍ୟାହ୍ନରେ ମା’ଙ୍କ ସମ୍ମୁଖ ମନ୍ଦିରରେ ରାଜ ପୁରୋହିତ ସୁଶାନ୍ତ କୁମାର ମିଶ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋମରୁ ଅଗ୍ନି ନିଆଯାଇ ମାନସିକଧାରୀ ମାନଙ୍କ ଝାମୁରେ ଅଗ୍ନି ସଂଯୋଗ କରାଯାଇଥିଲା, ପରେ ଘଟ କାଳେସି ଭିକାରୀ ରଣା ଝାମୁରେ ଚାଲିବାକୁ ଥିବା ମାନସିକଧାରୀ ମାନଙ୍କୁ ସାଙ୍ଗରେ ନେଇ ଭାଗିରଥୀ ସାଗରକୁ ସ୍ନାନ କରିବାକୁ ଯାଇଥିଲେ । ୪ଜଣ ମାନସିକଧାରୀ ଝାମୁର ଅଗ୍ନି ଉପରେ ଚାଲିଥିଲେ । ଶହ ଶହ ଲୋକଙ୍କ ହରିବୋଲ ହୁଳହୁଳିରେ ମା’ଙ୍କ ଝାମୁ ଅଞ୍ଚଳ ପ୍ରକମ୍ପିତ ହେବା ସହିତ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

ନିତିଦିନ NITIDIN

ପ୍ରଥମ ପୃଷ୍ଠାରୁ

ପେଣ୍ଟିଂର ଦାମ୍ ୧୬୭ କୋଟି ...

ହୋଇଛି । ହୁସେନଙ୍କ ଫଟୋଚିତ୍ର ଗତବର୍ଷ ୧୧୮ କୋଟି ଟଙ୍କାରେ ବିକ୍ରି ହୋଇଥିଲା ।

ରାଜା ରବି ବର୍ମାଙ୍କର ‘ଯଶୋଦା ଏବଂ କୃଷ୍ଣ’ ପେଣ୍ଟିଂର ଅନୁମୋଦିତ ମୂଲ୍ୟ ୮୦-୧୨୦ କୋଟି ଟଙ୍କା ଥିଲା । ସିରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ପ୍ରବନ୍ଧ ନିର୍ଦ୍ଦେଶକ ଡା. ସାଇରସ୍ ଏସ୍ ପୁନାୱାଲା ଏହାକୁ ୧୬୭ କୋଟି ଟଙ୍କାରେ କିଣିଛନ୍ତି । ପୁନାୱାଲା କହିଛନ୍ତି, ଏହାକୁ କିଣି ନିଜକୁ ଗର୍ବିତ ମନେ ହେଉଛି । ଏହି ଫଟୋ ଚିତ୍ରଟି ବର୍ମାଙ୍କ ଭାବପ୍ରବଣ କଳାକୃତିମାନଙ୍କ ମଧ୍ୟରୁ ଗୋଟିଏ । ଏହି ଚିତ୍ରକଳାଟି ପ୍ରାୟ ୧୩୦ ବର୍ଷ ପୁରୁଣା । ଏହା ୧୮୯୦ ଦଶକରେ ଚିତ୍ରିତ ହୋଇଥିଲା । ଏହା ମାତା ଯଶୋଦା ଏବଂ ଶିଶୁ କୃଷ୍ଣଙ୍କ ମଧ୍ୟରେ ପ୍ରେମକୁ ଚିତ୍ରଣ କରିଥାଏ । ଯାହାକୁ ଭାରତୀୟ ସଂସ୍କୃତିରେ ମାଆ-ଶିଶୁ ସମ୍ପର୍କର ସବୁଠାରୁ ସୁନ୍ଦର ପ୍ରତୀକ ଭାବରେ ବିବେଚନା କରାଯାଏ । ୧୮୯୦ ମସିହାରେ ସେ ଏହାକୁ ଆଙ୍କିଥିଲେ । ୧୯୦୬ ମସିହାରେ ରାଜା ରବି ବର୍ମାଙ୍କ ଦେହାନ୍ତ ହୋଇଥିଲା । ରାଜା ରବି ବର୍ମାଙ୍କୁ “ଆଧୁନିକ ଭାରତୀୟ କଳାର ଜନକ” ବୋଲି କୁହାଯାଏ ।

୧୮୮୯ ଅଙ୍ଗନବାଡ଼ି କେନ୍ଦ୍ର ...

ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ମନ୍ତ୍ରୀ ଶ୍ରୀ ନାଏକ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରୟାସକୁ ପ୍ରଶଂସା କରିବା ସହ କହିଥିଲେ ଯେ, ଆଜିର ଶିଶୁମାନେ ହିଁ ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ସୂଚନାଯୋଗ୍ୟ ଯେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗର ମିଳିତ ସହଯୋଗରେ ଏହି ପ୍ରକଳ୍ପ ସଫଳ ହୋଇପାରିଛି । ଏହି ନୂତନ କେନ୍ଦ୍ରଗୁଡ଼ିକ ଶିଶୁ, ଗର୍ଭବତୀ ମହିଳା ଏବଂ ପ୍ରସୂତି ମା’ମାନଙ୍କ ପାଇଁ ପୁଷ୍ଟିସାଧନ, ପ୍ରାରମ୍ଭିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତାର ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିବ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ଶ୍ୱାଲ ଏବଂ ଉଭୟ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବାବେଳେ ୩୦ଟି ଜିଲ୍ଲାର ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଡିଏସଡବ୍ଲ୍ୟୁ, ସିଡିପିଓ ତଥା ଅନ୍ୟାନ୍ୟ ଅଧିକାରୀଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

ଅନ୍ୟପକ୍ଷରେ ‘କନ୍ୟା ସୁମଙ୍ଗଳ’ ଯୋଜନାର ଏସ୍ଓପି ଖୁବଶୀଘ୍ର ଆସିବ । ଏହି ଯୋଜନାରେ ଝିଅ ଜନ୍ମ ହେବାର ବର୍ଷକ ମଧ୍ୟରେ ତା ନାମରେ ଟଙ୍କା ରଖାଯିବ । ଝିଅକୁ ୨୧ ବର୍ଷ ହେବା ପରେ ତା ଅକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

‘କନ୍ୟା ସୁମଙ୍ଗଳ’ ଯୋଜନା ବଜେଟରେ ଘୋଷଣା ହୋଇଛି । ତା’ର ଏସ୍ଓପି ଖୁବ୍‌ଶୀଘ୍ର ଫାଇନାଲ ହେବ । କନ୍ୟା ସୁମଙ୍ଗଳ ଯୋଜନା ଏକ୍ସକେସନ ବେସ୍‌ଡ ହେବ । ଏସବୁର ପୂରା ଏସ୍ଓପି ଆସିବା ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

୫୪ ବର୍ଷ ପରେ ଚନ୍ଦ୍ରକୁ ...

ଦୂରତା ଅତିକ୍ରମ କରିବେ । ଆର୍ଟେମିସ୍-୨ ମିଶନରେ ମହାକାଶଚାରୀମାନେ ଚନ୍ଦ୍ର ନିକଟକୁ ଯିବେ, କିନ୍ତୁ ସେଠାରେ ଅବତରଣ କରିବେ ନାହିଁ । ଏହା ଏକ ପରୀକ୍ଷଣ ମିଶନ ଯାହା ଭବିଷ୍ୟତର ଚନ୍ଦ୍ର ମିଶନ ପାଇଁ ଆବଶ୍ୟକ ପ୍ରଯୁକ୍ତିବିଦ୍ୟା ଏବଂ କ୍ଷମତା ପରୀକ୍ଷା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଚାରି ଦିନ ପରେ ଆର୍ଟେମିସ୍-୨ ଚନ୍ଦ୍ରରେ ପହଞ୍ଚିବ । ଏହି କ୍ରୁ ମିଶନରେ ସାମିଲ ଚାରି ଜଣ ମହାକାଶଚାରୀ ଚନ୍ଦ୍ର ଚାରିପାଖରେ ମୁକ୍ତ-ପ୍ରତ୍ୟାବର୍ତ୍ତନ ପଥରେ ଉଡ଼ିବେ ଏବଂ ଏପ୍ରିଲ ୧୧ ତାରିଖରେ ପ୍ରଶାନ୍ତ ମହାସାଗରରେ ଓହ୍ଲାଇବେ । ସମ୍ପୂର୍ଣ୍ଣ ମିଶନ ପ୍ରାୟ ୧୦ ଦିନ ମଧ୍ୟରେ ସମାପ୍ତ ହେବ ଏବଂ ମହାକାଶଚାରୀମାନେ ଚନ୍ଦ୍ରକୁ ପରିକ୍ରମା କରି ସୁରକ୍ଷିତ ଭାବରେ ପୃଥିବୀକୁ ଫେରିଆସିବେ । ନାସା ସୋସିଆଲ ମିଡିଆରେ ପୋଷ୍ଟ କରି କହିଛି ଯେ, ଏହି ମିଶନ ଚନ୍ଦ୍ରରେ ଏବଂ ମଙ୍ଗଳ ଗ୍ରହରେ ମାନବ ବସତି ପାଇଁ ଏକ ପ୍ରମୁଖ ପଦକ୍ଷେପ ହେବ । ୨୦୨୨ ମସିହାରେ ମାନବରହିତ ଆର୍ଟେମିସ୍-୧ ମିଶନ୍ ଲଞ୍ଚ୍ ହୋଇଥିଲା । ଏହା ମାଧ୍ୟମରେ ରକେଟ୍ ଏବଂ ମହାକାଶଯାନ ପାଇଁ ମହାକାଶ ଏବଂ ଚନ୍ଦ୍ର ନିକଟବର୍ତ୍ତୀ ପରିସ୍ଥିତି ପରୀକ୍ଷା କରାଯାଇଥିଲା । ଆର୍ଟେମିସ୍-୨ ମାନବଯୁକ୍ତ ମିଶନ୍ ।

୭ ଦିନ ବର୍ଷିବ ...

ଗ୍ରୀଷ୍ମ ଲହରୀ ଅନୁଭୂତ ହେବ । ରବିବାର ୨୨ଟି ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ଏହାସହ ପ୍ରବଳ ବଜ୍ରପାତ ଓ ଝଡ଼ି ପବନ ୪୦-୫୦ କିମି ବେଗରେ ବହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସେହିପରି ସୋମବାର ସାରା ରାଜ୍ୟରେ ବର୍ଷା ହେବ । ଏହାସହ ବିଜୁଳି ଘଡ଼ଘଡ଼ି ଓ ଝଡ଼ି ପବନ ବହିବ । ମଙ୍ଗଳବାର ଉପକୂଳ ଓଡ଼ିଶାର ଜିଲ୍ଲା ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଗତ ୨୪ ଘଣ୍ଟାରେ ଓଡ଼ିଶାର ୫ ଜିଲ୍ଲାରେ ୩୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ସର୍ବାଧିକ ତାପମାତ୍ରା ଟିଟିଲାଗଡରେ ୩୯.୫ ଏବଂ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ୧୮.୫ ରେକର୍ଡ କରାଯାଇଛି । ସେହିପରି ଗଜପତି ମୋହନାରେ ସର୍ବାଧିକ ବର୍ଷା ୩.୬ ମିମି ବର୍ଷା ରେକର୍ଡ ହୋଇଛି ।

ଏବେ ଶେଷ ହେବନି ...

ହୋଇଯାଇଛି । ଆମେରିକା ଯେଉଁ ଉଦ୍ଦେଶ୍ୟ ରଖି ଏହି ସାମରିକ ଅଭିଯାନ ଆରମ୍ଭ କରିଥିଲା ତାହା ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି । ଟ୍ରମ୍ପ କହିଛନ୍ତି, ଇରାନରେ ଶାସନ ପରିବର୍ତ୍ତନ ଘଟିଛି ଏବଂ ନୂତନ ନେତୃତ୍ୱ ପୂର୍ବ ଅପେକ୍ଷା କମ୍ ମୌଳବାଦୀ । ଯଦିଓ ଟ୍ରମ୍ପଙ୍କ ଆଜିର ଏହି ୧୯ ମିନିଟ୍‌ର ଭାଷଣରେ କିଛି ବି ନୂତନତ୍ୱ ନାହିଁ ତଥାପି ଏହାକୁ ଇରାନ୍ ଯୁଦ୍ଧର ଅବଧି ଆହୁରି ଲମ୍ବା ହେବ ବୋଲି ଏକ ଆଶଙ୍କା ସୃଷ୍ଟି ହୋଇଛି । ସେହିପରି ଦିନକ ପୂର୍ବେ ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ କହିଥିଲେ ଯେ, ଏହି କିଛି ଦିନ ମଧ୍ୟରେ ଆମେରିକା ଯୁଦ୍ଧ ଶେଷ କରିବା ପାଇଁ ଇରାନ୍‌କୁ ଅନେକ ପ୍ରକାର ପ୍ରସ୍ତାବ ତଥା ସୁଯୋଗ ଦେଇସାରିଛି । କିନ୍ତୁ ଇରାନ୍ ଏସବୁକୁ ପ୍ରତ୍ୟାଖ୍ୟାନ କରି ଯୁଦ୍ଧ ଜାରି ରଖିବାକୁ ସ୍ପଷ୍ଟ କରିଛି । ସୁତରାଂ ଆଗାମୀ ଦିନରେ ଆମେରିକା ମଧ୍ୟ ଇରାନ୍ ଉପରେ ଭୟଙ୍କର ତଥା ପ୍ରଚଣ୍ଡତାର ସହ ସେମାନଙ୍କ ପାୱାର ପ୍ଲାଣ୍ଟଗୁଡ଼ିକ ଉପରେ ଆକ୍ରମଣ କରିବ । ଅପରେସନ୍ ଏପିକ୍ ଫ୍ୟୁରି ଅନ୍ତର୍ଗତ ଇରାନ୍‌କୁ ପୁଣିଥରେ ‘ପ୍ରସ୍ତର ଯୁଗ’ରେ ପରିଣତ କରିଦିଆଯିବ । ଅନ୍ୟପକ୍ଷେ ହେଗସେଥ୍‌ଙ୍କ ଏପ୍ରକାର ବିବୃତ୍ତି ଉପରେ ଇରାନୀ ଏୟାରସ୍ପେସ୍ ଫୋର୍ସ କମାଣ୍ଡର ମାଜିଦ୍ ମୁସାଭି ଆମେରିକାକୁ ଏକ କଠୋର ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ଯେଉଁମାନେ ଇରାନକୁ ଧମକ ଦେଉଛନ୍ତି ସେମାନେ ପ୍ରକୃତରେ ସେମାନଙ୍କ ନିଜ ସୈନିକଙ୍କୁ ମୃତ୍ୟୁ ଆଡ଼କୁ ଠେଲି ଦେଉଛନ୍ତି । ମାଜିଦ ମୁସାଭି କହିଛନ୍ତି ଯେ ସ୍ଥଳଭାଗରେ ଯଦି ଆମେରିକା ଆକ୍ରମଣ କରେ ତେବେ ଏହାକୁ ନରସଂହାରର ଏକ ବିଭତ୍ସ ଖେଳ ଦେଖିବାକୁ ପଡ଼ିବ । ଇରାନକୁ ‘ପ୍ରସ୍ତର ଯୁଗ’ରେ ପରିଣତ କରିବାର ଧାରଣା କେବଳ ଏକ କଳ୍ପନା ଏବଂ ଅସମ୍ଭବ । ମାଜିଦ୍ ମୁସାଭି କହିଛନ୍ତି ଯେ ହଲିଉଡ୍ ଆପଣଙ୍କ (ଆମେରିକାର) ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ଆମେରିକା କେବଳ ୨୫୦ ବର୍ଷ ପୁରୁଣା ଦେଶ, ଯେତେବେଳେ ଇରାନର ସଭ୍ୟତା ୬,୦୦୦ ବର୍ଷ ପୁରୁଣା, ଏବଂ ସେମାନେ ଆମକୁ ଭୟଭୀତ କରିବାକୁ ଚେଷ୍ଟା କରୁଛନ୍ତି । ସେହିପରି ଏହି ସମୟରେ, ଇରାନର ରିଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି) କହିଛି ଯେ ହର୍ମୁଜ୍ ପ୍ରଣାଳୀ ସେମାନଙ୍କ ନିୟନ୍ତ୍ରଣରେ ଅଛି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅବାନ୍ତର ବୟାନ ଦ୍ୱାରା ଏହା ଖୋଲିବ ନାହିଁ । ଏହି ରାସ୍ତା କେବଳ ସେତେବେଳେ ଖୋଲିବ ଯଦି ସେମାନଙ୍କର ସର୍ତ୍ତ ପୂରଣ ହେବ । ଏହାରି ମଧ୍ୟରେ ଆମେରିକା ପକ୍ଷରୁ ଆଜି ଦିନରେ ଇରାନ୍‌ର ଏକ ୩,୮୦୦ କୋଟି ଟଙ୍କାର ବ୍ରିଜ୍ ଉପରେ ଆକ୍ରମଣ କରାଯାଇଥିବା ବେଳେ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଇରାନର ରାଜଧାନୀ ତେହେରାନକୁ ପଶ୍ଚିମ ସହର କରାଜ ସହ ଯୋଡୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ‘ବି୧ ହାଇୱେ ବ୍ରିଜ୍’ ଉପରେ ଆମେରିକା ବିମାନ ଆକ୍ରମଣ କରିଛି । ଏହି ଆକ୍ରମଣରେ ଅନେକ ଲୋକ ଆହତ ହୋଇଥିବା ବେଳେ ଆଖପାଖ ଅଞ୍ଚଳରେ ବହୁତ କ୍ଷୟକ୍ଷତି ହୋଇଛି । ଇରାନର ଭିତ୍ତିଭୂମି କ୍ଷେତ୍ରରେ ଏହା ଏକ ଶକ୍ତ ଧକ୍କା ବୋଲି କୁହାଯାଉଥିବା ବେଳେ ଯାତାୟାତ ଏବଂ ବାଣିଜ୍ୟିକ କାରବାର ଗମ୍ଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

ରାଘବଙ୍କୁ ହଟାଇଲା ଆପ୍ ...

ବେଳେ ସରକାର ତଥା କିଛି ନିର୍ଦ୍ଦିଷ୍ଟ କମ୍ପାନୀମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଥିଲେ । ଅନ୍ୟପକ୍ଷେ ଗତ କିଛି ଦିନ ହେବ ସେ ନିଜ ଦଳୀୟ କାର୍ଯ୍ୟକ୍ରମରୁ କିନ୍ତୁ ଦୂରେଇ ରହୁଥିଲେ । ନିକଟରେ ଅରବିନ୍ଦ କେଜରିୱାଲ୍ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ କୋର୍ଟରୁ ଆଶ୍ୱସ୍ତି ପାଇବା ପରେ ମଧ୍ୟ ରାଘବ ଚଡ଼ା କୌଣସି ପ୍ରତିକ୍ରିୟା ରଖିନଥିଲେ । ଏପରିକି ବେଶ୍ କିଛି ସମୟ ଧରି ସଂସଦରେ ଅନେକ ପ୍ରଶ୍ନ ଉଠାଉଥିବା ବେଳେ ମଧ୍ୟ ରାଘବ ଚଡ଼ା ନିଜ ଦଳ ଆମ୍ ଆଦ୍ମୀ ପାର୍ଟିର ନାମ ମଧ୍ୟ ଉଲ୍ଲେଖ କରୁନଥିଲେ । ଏହାକୁ ନେଇ ଦଳ ଭିତରେ ରାଘବ ଚଡ଼ାଙ୍କ ପ୍ରତି ଅସହିଷ୍ଣୁତା ବଢ଼ିବାରେ ଲାଗିଥିଲା । ୨୦୨୮ ପର୍ଯ୍ୟନ୍ତ ରାଘବ ଚଡ଼ାଙ୍କର ସାଂସଦ ଭାବେ କାର୍ଯ୍ୟକାଳ ରହିଥିବା ବେଳେ ଦଳ ତାଙ୍କୁ ଉପନେତା ପଦରୁ ଏପ୍ରକାର ଆକସ୍ମିକ ହଟାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ଅନ୍ୟପକ୍ଷେ ଦଳର ନୂତନ ଉପନେତା ଭାବେ ନୂଆ ଦାୟିତ୍ୱ ହାତେଇଥିବା ଅଶୋକ ମିତ୍ତଲ ହେଉଛନ୍ତି ‘ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟି’ର ପ୍ରତିଷ୍ଠାତା ଏବଂ ଜଣେ ସଫଳ ବ୍ୟବସାୟୀ । ତାଙ୍କ ପରିବାର ‘ଲଭଲି ଗ୍ରୁପ୍’ ଅଟୋମୋବାଇଲ ଏବଂ ମିଠା (ଲଭଲି ସୁଇଟ୍ସ) ବ୍ୟବସାୟ ସହ ଜଡ଼ିତ । ଅଶୋକ ମିତ୍ତଲ ଏବେ ପଞ୍ଜାବରୁ ଆପ୍‌ର ଅନ୍ୟତମ ରାଜ୍ୟସଭା ସାଂସଦ ଅଛନ୍ତି । ସେ ୨୦୨୨ ମସିହାରେ ରାଜ୍ୟସଭା ସାଂସଦ ହୋଇଥିଲେ ।

ରଥଯାତ୍ରା ସମୟରେ ଟେଲିକମ୍ ସେବାକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ

ପୁରୀ,୨।୪/ଏନ୍ଏନ୍ଏସ୍: ରଥଯାତ୍ରା ସମୟରେ ଟେଲିକମ ସେବାର ଗୁରୁତ୍ୱ ଅଧିକ । ବିଏସଏନଏଲ ସହ ବିଭିନ୍ନ ଟେଲିକମ କମ୍ପାନୀମାନେ ସେମାନଙ୍କ ସେବା ପ୍ରଦାନକୁ ଅଧିକ କ୍ରିୟାଶୀଳ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଆଗାମୀ ରଥଯାତ୍ରା ସମୟରେ ଟେଲିକମ ସେବା ପ୍ରଦାନ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ରଥଯାତ୍ରା ସମୟରେ ପୁରୀରେ ଲକ୍ଷ ଲକ୍ଷ ଲୋକମାନଙ୍କର ସମାଗମ ହୋଇଥାଏ । ଆଜିର ସମୟରେ ପ୍ରାୟ ସମସ୍ତେ ମୋବାଇଲ ବିଶେଷକରି ସ୍ମାର୍ଟ ଫୋନ ବ୍ୟବହାର କରୁଥିବାରୁ ସେଥିପାଇଁ ଇଣ୍ଟରନେଟର ସୁବିଧା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ବିଗତ ବର୍ଷ ମାନଙ୍କରେ ରଥଯାତ୍ରା ସମୟରେ ପ୍ରାୟ ସମସ୍ତ ଟେଲିକମ ସେବାର ନେଟୱାର୍କର ସମସ୍ୟା ଦେଖା ଦେଇଥାଏ । ଏପରିକି ଦାୟିତ୍ୱ ରେ ଥିବା ଅଧିକାରୀ ମାନେ ମଧ୍ୟ ଅତ୍ୟାବଶ୍ୟକ ସମୟରେ ଯୋଗାଯୋଗ ରେ ବ୍ୟାଘାତ ସୃଷ୍ଟି ହେବାରୁ ବ୍ୟବସ୍ଥା ପ୍ରଭାବିତ ହୋଇଥାଏ । ଏ ସବୁର ସମାଧାନ ପାଇଁ ସମସ୍ତ ଟେଲିକମ ସେବାକୁ ଅଧିକ କ୍ରିୟାଶୀଳ କରାଯିବ । ଅଧିକ ଶକ୍ତି ସମ୍ପର୍ଣ୍ଣ ଟାୱାର ବ୍ୟବସ୍ଥା, ଅତ୍ୟାଧୁନିକ ଯନ୍ତ୍ରପାତି ଲଗାଇବା ଓ କୁଶଳୀ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଟେଲିକମ ସଂସ୍ଥା ର ସମସ୍ୟା ଓ ସମାଧାନ ପାଇଁ ବିବିଧ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେହିପରି ଅତ୍ୟାଧୁନିକ ବୈଷୟିକ ଜ୍ଞାନ ସହଯୋଗ ରେ ରଥଯାତ୍ରା ସମୟରେ ପୁରୀକୁ କେତେ ଶ୍ରଦ୍ଧାଳୁ ଆସୁଛନ୍ତି, ଶ୍ରଦ୍ଧାଳୁ ମାନଙ୍କୁ ବିବିଧ ସୂଚନା ଏସ ଏମ ଏସ ମାଧ୍ୟମରେ ପ୍ରଦାନ, ଗତବର୍ଷ କେଉଁ କେଉଁ ସ୍ଥାନରେ ନେଟୱାର୍କ ର ସମସ୍ୟା ରହୁଥିଲା ତାହାର ଚିହ୍ନଟ ସହ ନିରାକରଣ ବ୍ୟବସ୍ଥା, ବଡଦାଣ୍ଡରେ ଅଧିକ ଟାୱାର ବ୍ୟବସ୍ଥା ଓ ଆବଶ୍ୟକ ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ଶ୍ରୀ ପରିଡା ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ରର ଡିଆଇଓ ବିଶ୍ୱନାଥ ପଣ୍ଡା, ଅନ୍ୟାନ୍ୟ ଅଧିକାରୀ, ବିଭିନ୍ନ ଟେଲିକମ ସେବାର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସାମ୍ବାଦିକଙ୍କ ଗାଡ଼ିକୁ ଟୋଲ୍ ଫ୍ରି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଆଠଗଡ଼,୨।୪/ଏନ୍ଏନ୍ଏସ୍: ରାଜ୍ୟରେ ଥିବା ସମସ୍ତ ଟୋଲ ଗେଟରେ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ତଥା ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ରୂପେ କର୍ତ୍ତବ୍ୟରତ ସାମ୍ବାଦିକ ମାନଙ୍କୁ ରାଜ୍ୟର ଥିବା ଟୋଲ ଗେଟରୁ ଟୋଲଫି ଆଦାୟ ନକରିବାକୁ ଆଠଗଡ଼ର ଅଗ୍ରଣୀ ସାମ୍ବାଦିକ ସଙ୍ଘ ଆଠଗଡ଼ ମିଡିଆ ହାଉସ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଦାବି କରିଛନ୍ତି । ଆଜି ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କୁ ଆଠଗଡ଼ ମିଡିଆ ହାଉସର ସଭାପତି ସଚ୍ଚିଦାନନ୍ଦ ପଣ୍ଡା, ସମ୍ପାଦକ ଦିଲ୍ଲୀପ କୁମାର ଦାସ, ଓ ଅନ୍ୟ ସାମ୍ବାଦିକମାନେ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାମ କରିଥିଲେ । ଗତ ପଖାଳ ଦିବସ ଅବସରରେ ଖୁଣ୍ଟୁଣୀ ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷ ମଧ୍ୟରେ ମିଡିଆ ହାଉସ ସଭାପତି ସଚ୍ଚିଦାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବସିଥିବା ଆଠଗଡ଼ ମିଡିଆ ହାଉସର ବୈଠକରେ ଏହି ନିଷ୍ପତ୍ତି ନିଆଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବୈଠକରେ ରାଜ୍ୟର ଥିବା ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ନିଜ ଜୀବନକୁ ବାଜି ଲଗାଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥାନ୍ତି । ତେଣୁ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରୁଥିବା ସମ୍ବାଦଦାତା ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ଟୋଲ ଗେଟ ମାନଙ୍କରେ ସେମାନଙ୍କ ୪ଚକିଆ ଯାନକୁ ଟୋଲ ମୁକ୍ତ କରିବା ପାଇଁ ମିଡିଆ ହାଉସ ପକ୍ଷରୁ ସଭାପତି ପଣ୍ଡା, ଉପଦେଷ୍ଟା ଶ୍ୱେତକାନ୍ତ ବେହେରା, ସମ୍ପାଦକ ଦିଲ୍ଲୀପ କୁମାର ଦାସ, ଉପସଭାପତି ବିଜୟ ନାୟକ, କାର୍ଯ୍ୟକାରୀ ସଭାପତି ସ୍ୱରାଜ ପଣ୍ଡା, ମାନସ ସାହୁ, ଦେବବ୍ରତ ସାହୁ, ସୋନାଲି କାଳିଆ, ରଞ୍ଜିତ ରାଉତ, ମାୟାଧର ରଥ, ସୁକାନ୍ତ ଦଳେଇ, ମହେଶ୍ୱର ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

୧୭ ଗ୍ୟାସ୍ ସିଲିଣ୍ଡର ଜବତ

ପୁରୀ,୨।୪/ଏନ୍ଏନ୍ଏସ୍: ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଗ୍ୟାସ ଯୋଗାଣକୁ ସୁନିୟନ୍ତ୍ରିତ କରିବା ସହ କଳାବଜାର କରୁଥିବା ଅସାଧୁଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଯୋଗାଣ ବିଭାଗ ତତ୍ପରତା ପ୍ରକାଶ କରିଛି । ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ଙ୍କ ତତ୍ତ୍ୱାବଧାନରେ ଯୋଗାଣ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି । ଆଜି ପୁରୀ ପୌରାଞ୍ଚଳ, ସଦର ବ୍ଲକ, ବ୍ରହ୍ମଗିରି ବ୍ଲକ, କଣାସ ବ୍ଲକ ଓ କୃଷ୍ଣ ପ୍ରସାଦ ବ୍ଲକ ଅଞ୍ଚଳରେ ଚଢ଼ାଉ କରାଯାଇ ୧୭ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ପୂର୍ବରୁ ମଧ୍ୟ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫୬ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ ହୋଇଥିଲା ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

ଟିଗିରିଆରେ ସ୍ୱ-ଜନଗଣନା ଆରମ୍ଭ

ଟିଗିରିଆ,୨।୪/ଏନ୍ଏନ୍ଏସ୍: ଦେଶ ତଥା ରାଷ୍ଟ୍ରକୁ ସୁଦୃଢ଼ କରିବା ପାଇଁ ଜନଗଣନାର ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ । ଯାହାକି ସରକାରଙ୍କ ପକ୍ଷରୁ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଜନଗଣନା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ୟକ୍ତି ସାମିଲ ହେବା ପାଇଁ ସରକାରଙ୍କ ପକ୍ଷରୁ ସ୍ୱ-ଜନଗଣନା କାର୍ଯ୍ୟ ଆରମ୍ଭ କରାଯାଇଛି । ଯାହାକି ଆଜି ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୧୫ତାରିଖ ପର୍ଯ୍ୟନ୍ତ ଚାଲିବ । ଏହିକ୍ରମରେ ଆଜି ଟିଗିରିଆ ତହସିଲଦାର ଧର୍ମରଞ୍ଜନ ପଣ୍ଡାଙ୍କ ନେତୃତ୍ୱ ଏବଂ ସହକାରୀ ତହସିଲଦାର ଗଙ୍ଗାଧର ନାୟକଙ୍କ ସହଯୋଗରେ ଏକ ଦଳ ଟିଗିରିଆ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ତଥା ପୂର୍ବତନ ସାଂସଦ ସୁବାସ ମହାନ୍ତିଙ୍କ ଘରେ ପହଞ୍ଚି ତାଙ୍କର ନିଜର ମୋବାଇଲ ଆପ୍ ମାଧ୍ୟମରେ ଜନଗଣନା କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ପରେ ପରେ ବାନ୍ଧକଳାରେ ପଦ୍ମଶ୍ରୀ ପାଇବାକୁ ମନୋନୀତ ହୋଇଥିବା ଶରତ କୁମାର ପାତ୍ରଙ୍କ ଘରେ ପହଞ୍ଚି ତାଙ୍କର ସ୍ୱ-ଜନଗଣନା କରାଇ ଥିଲେ । ଏହାସହିତ ବ୍ଲକର ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକଙ୍କର ମଧ୍ୟ ସ୍ୱ-ଜନଗଣନା କାର୍ଯ୍ୟ ସାମିଲ ହୋଇଥିଲେ । ସ୍ୱ-ଜନଗଣନା କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ମୋଇବାଲ ଆପ ଅଥବା ଜନଗଣନା ପୋର୍ଟାଲ କୁ ଯାଇ ଆବଶ୍ୟକ ନିଜର ତଥ୍ୟ ଦେଇ ନିଜକୁ ଏହି ଜାତୀୟ କାର୍ଯ୍ୟକ୍ରମରେ ସାମିଲ ହେବାକୁ ନିବେଦନ କରିଛନ୍ତି । ଏହାସହିତ ଜନଗଣାନାକାରୀ ମାନେ ଆସନ୍ତା ୧୬ ତାରିଖରୁ ଘର ଘରକୁ ବୁଲି ଆବଶ୍ୟକ ତଥ୍ୟମାନ ସଂଗ୍ରହ କରିବା ସହ ଅନ୍ୟ ରହିଯାଇଥିବା ଘରମାନଙ୍କୁ ଯାଇ ସରାକରଙ୍କ ପକ୍ଷରୁ ଜାରି କରାଯାଇଥିବା ୩୩ ସମ୍ମିଳିତ ପ୍ରଶ୍ନର ତଥ୍ୟ ମାନ ସଂଗ୍ରହ କରିବେ । ଏଥିରେ ସହଯୋଗ ପ୍ରଦାନ କରିବାକୁ ସମସ୍ତ ଅଞ୍ଚଳ ବାସୀଙ୍କୁ ସହକାରୀ ତହସିଲଦାର ଶ୍ରୀ ନାୟକ ନିବେଦନ ରଖିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ତହସିଲ କାର୍ଯ୍ୟାଳୟ ପରିଚାଳକ ଶ୍ରୀନିବାସ ଧଳ ସାମନ୍ତ, ଜନଗଣନା ସହାୟିକା ଲୁସନା ପ୍ରଧାନ, ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମିଶ୍ର ଓ ବିଶ୍ୱ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

କୋଣାର୍କରେ ଜନଗଣନା ପଞ୍ଜିକରଣ ଆରମ୍ଭ

କୋଣାର୍କ,୨।୪/ଏନ୍ଏନ୍ଏସ୍: ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ଥିରୀକୃତ ୨୦୨୭ ଜନଗଣନା ନିର୍ଘଣ୍ଟ ସମୟ ଅନୁଯାୟୀ କୋଣାର୍କ ଏନଏସି ପକ୍ଷରୁ ବୁଧବାର ପୂର୍ବାହ୍ନରେ ପ୍ରଥମ କରି ସ୍ୱୟଂ ଜନଗଣନା ପଞ୍ଜିକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି । ଏହି ସ୍ୱୟଂ ଗଣନା ପ୍ରକ୍ରିୟାରେ ପ୍ରଥମ ନାଗରିକ ଭାବେ ପ୍ରଥମକରି କୋଣାର୍କ ଏନଏସିର ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀଙ୍କ ଠାରୁ ଜନଗଣନା ପକ୍ରିୟା ଆରମ୍ଭ କରାଯାଇଛି । ପରେ କୋଣାର୍କ ଏନଏସିର ସମସ୍ତ କର୍ମଚାରୀଙ୍କ କରଯାଇଥିଲା । ଏହି ଗଣନାରେ ପରିବାରର ସଦସ୍ୟ, ଘର କେଉଁ ପ୍ରକାର ଓ ଘରର ଅନ୍ୟାନ୍ୟ ତଥ୍ୟ, ଯାନବାହନର ତଥ୍ୟ ସହିତ ସମୁଦାୟ ୩୦ ପ୍ରକାର ତଥ୍ୟ ନାଗରିକଙ୍କୁ ଦେବାକୁ ପଡୁଛି । ଏହି ପଞ୍ଜିକରଣ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ କୋଣାର୍କ ଏନଏସିର ୧୩ଗୋଟି ୱାର୍ଡରେ କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ୟୁମ୍ନ କୁମାର ଜେନାଙ୍କ ତତ୍ତ୍ୱାବଧାନରେ କରାଯିବ । ଏନେଇ କୋଣାର୍କ ଏନଏସି ପକ୍ଷରୁ ସାଧାରଣ ଲୋକ ମାନଙ୍କୁ ଅନୁରୋଧ କରାଯାଇଛି ସମସ୍ତେ ନିଜ ନିଜର ପରିବାର ସହ ଘରର ସଠିକ୍ ତଥ୍ୟ ନିର୍ଭୁଲ ଭାବେ ପ୍ରଦାନକରି ଜାତୀୟ ଜନଗଣନା ପଞ୍ଜିକରଣ କାର୍ଯ୍ୟକ୍ରମକୁ ସଫଳ କରନ୍ତୁ ।

୪ ଲେନ୍ କରାଯାଉ ...

ପ୍ରସ୍ତାବ ରଖିଛନ୍ତି । ପ୍ରଥମତଃ, ଛେଣ୍ଡିପଦାରୁ ଅନୁଗୋଳ ପର୍ଯ୍ୟନ୍ତ ଯାଇଥିବା ରାଜ୍ୟ ରାଜପଥ-୬୩କୁ ଦୁଇ ଲେନ୍‌ରୁ ଚାରି ଲେନ୍‌କୁ ପ୍ରଶସ୍ତିକରଣ କରିବା ସହ ଜନବସତି ଅଞ୍ଚଳରେ ବାଇପାସ୍ ନିର୍ମାଣ କରିବାକୁ ସେ ଅନୁରୋଧ କରିଛନ୍ତି । ଦ୍ୱିତୀୟରେ, ଛେଣ୍ଡିପଦା-ଜରପଡ଼ା ମୁଖ୍ୟ ଜିଲ୍ଲା ରାସ୍ତାକୁ ପ୍ରଶସ୍ତ କରିବାକୁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଏହି ରାସ୍ତାଟି ଖଣି ଅଞ୍ଚଳକୁ ୫୫ ନମ୍ବର ଜାତୀୟ ରାଜପଥ ଓ ରେଳ କରିଡର୍ ସହ ଯୋଡୁଛି । ଏହାର ପ୍ରଶସ୍ତିକରଣ ଦ୍ୱାରା ରାଜ୍ୟ ରାଜପଥ- ୬୩ ଉପରୁ ଯାନବାହନ ଚାପ କମିବ ଏବଂ ଏକ ବିକଳ୍ପ ପରିବହନ ମାର୍ଗ ସୃଷ୍ଟି ହେବ । ଉନ୍ନତ ସଡ଼କ ସଂଯୋଗୀକରଣ ଦ୍ୱାରା କେବଳ କୋଇଲା ପରିବହନ ସହଜ ହେବ ନାହିଁ, ବରଂ ଏହା ଅଞ୍ଚଳରେ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି ।

୧୬ରୁ ସଂସଦର ସତନ୍ତ୍ର ...

କହିବାନୁସାରେ ସରକାର ଲୋକସଭା ଆସନ ସଂଖ୍ୟା ବୃଦ୍ଧି ପାଇଁ ଏକ ସଂଶୋଧନ ବିଲ୍ ଆଗତ କରିବାକୁ ଯୋଜନା କରୁଛନ୍ତି । ବର୍ତ୍ତମାନ ଲୋକସଭାରେ ୫୪୩ ଆସନ ଅଛି । ତେବେ ଏହାକୁ ଏବେ ଆଉ ୫୦% ବୃଦ୍ଧି କରିବା ପୂର୍ବକ ମୋଟ୍ ଆସନ ସଂଖ୍ୟା ୮୧୬କୁ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି । ଏହି ପ୍ରସ୍ତାବିତ ବିଲ୍‌ରେ ଲୋକସଭାରେ ମୋଟ୍ ଆସନ ସଂଖ୍ୟା ୮୧୬କୁ ବୃଦ୍ଧି କରାଯିବ ଯେଉଁଥିରୁ ୨୭୩ (ପ୍ରାୟ ଏକ ତୃତୀୟାଂଶ) ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ବୋଲି ପ୍ରସ୍ତାବନା ଦିଆଯାଇଛି । ସରକାର ସୀମା ନିର୍ଦ୍ଧାରଣ ପ୍ରକ୍ରିୟାରୁ ମହିଳାଙ୍କ ପାଇଁ କୋଟାକୁ ବାଦ୍ ଦେବା ପାଇଁ ୨୦୨୩ ମସିହାରେ ଗୃହୀତ ନାରୀ ଶକ୍ତି ବନ୍ଦନା ଆଇନ (ମହିଳା ସଂରକ୍ଷଣ ଆଇନ)ରେ ସଂଶୋଧନ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି ।

ଆଜିଠୁ ରାଜ୍ୟରେ ସକାଳୁଆ ...

ରହିବ । ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି । ସ୍କୁଲ୍ ପରିସରରେ ପିଲାମାନଙ୍କ ପାଇଁ ପର୍ଯ୍ୟାପ୍ତ ପିଇବା ପାଣି ଏବଂ ଓଆରଏସ୍ ମହଜୁଦ ରଖିବାକୁ କୁହାଯାଇଛି । ଏଥିସହିତ ସ୍କୁଲ୍ ଯିବା ଆସିବା ସମୟରେ ପିଲାମାନେ ଯେପରି ସିଧାସଳଖ ଖରାର ସଂସ୍ପର୍ଶରେ ନଆସିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଶିକ୍ଷକ ଓ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଛି । ଯଦି କୌଣସି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହୁଏ, ତେବେ ଜିଲ୍ଲାପାଳମାନେ ସ୍ଥାନୀୟ ସ୍ଥିତିକୁ ଦେଖି ସ୍କୁଲ ସମୟରେ ପରିବର୍ତ୍ତନ କିମ୍ବା ଛୁଟି ନେଇ ନିଷ୍ପତ୍ତି ନେଇପାରିବେ ।

ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ସଚେତନତା

ଖୋର୍ଦ୍ଧା,୨।୪/ଏନ୍ଏନ୍ଏସ୍: ଖୋର୍ଦ୍ଧାସ୍ଥିତ ପି.ଏମ୍.ଶ୍ରୀ. ଜବାହର ନବୋଦୟ ବିଦ୍ୟାଳୟରେ ଏଟୋମିକ ଏନର୍ଜି (ପରମାଣୁ ଶକ୍ତି) ବପ୍ପେ ଦ୍ୱାରା ଏକ ସାଧାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ବିଦ୍ୟାଳୟର ନବମ ଓ ଏକାଦଶ ଶ୍ରେଣୀର ୧୩୨ଜଣ ବିଦ୍ୟାର୍ଥୀ ଯୋଗଦେଇଥିଲେ । ଏଥିରେ ବିଦ୍ୟାଳୟର ବିଜ୍ଞାନ ଅଧ୍ୟାପକ ସରୋଜ କୁମାର ସାହୁ, ଅଧ୍ୟାପିକା ପ୍ରିୟତମା ସାମନ୍ତ ଉପସ୍ଥିତ ଥିଲେ । ପ୍ରଗତି ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୃସିଂହ ଚରଣ ଚକ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏଟୋମିକ ଏନର୍ଜିର ନିର୍ଦ୍ଦେଶକ ଅଚଳେଶ୍ୱର ସିଂହ କାର୍ଯ୍ୟକ୍ରମର ପରିବେଷଣ କରିଥିଲେ । ଓ ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ କ୍ୟୁ ପ୍ରଫେସର କରୁଣାକର ନନ୍ଦ ବିଜ୍ଞାନ, ପ୍ରଯୁକ୍ତି ତଥା ପରମାଣୁ ଶକ୍ତି ଓ ତାହାର ବ୍ୟବହାର ବିଷୟରେ ଭାଷଣ ପ୍ରଦାନ କରିଥିଲେ । ପରେ ଏଟୋମିକ ଏନର୍ଜି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ପ୍ରସ୍ତୁତ ହାଇଥିବା ଭିଡିଓ ଦେଖାଇଥିଲେ । ଶେଷରେ ନାଇଜରର ଡି.ବି. ସିଂହ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

ରାମଲୀଳା ଯାତ୍ରାରେ ‘ସୀତା ବିବାହ’

ବୋଲଗଡ଼,୨।୪/ଏନ୍ଏନ୍ଏସ୍: ଖୋରଧା ଜିଲ୍ଲା ବୋଲଗଡ ବ୍ଲକ ଐତିହ ସମ୍ପନ୍ନ ଚମ୍ପାଇଲୋ ଗ୍ରାମରେ ପ୍ରସିଦ୍ଧ ରାମଲୀଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ମୁଖ୍ୟଆକର୍ଷଣ ‘ସୀତା ବିବାହ’ ପ୍ରସଙ୍ଗକୁ ଗ୍ରାମବାସୀ ଏକ ବାସ୍ତବ ବିବାହର ରୂପ ଦେଇଥିବା ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ପୋଥି ଗାୟକ ତଥା ଶିକ୍ଷାବିତ୍ ଅଇଁଠା ରଣଜିତସିଂହ ଏବଂ ସାଥିଙ୍କ ଦ୍ୱାରା ଅନଙ୍ଗ ନରେନ୍ଦ୍ର କୃତ ରାମାୟଣ ତାଳପତ୍ର ପୋଥିଗାୟନ କରାଯାଇଥିଲା । ପ୍ରଭୁ ଶ୍ରୀରାମଙ୍କ ଜନ୍ମ ବୃତ୍ତାନ୍ତ, ମୁନି ବିଶ୍ୱାମିତ୍ରଙ୍କ ସହ ଯାତ୍ରା, ତାଡକା ବଧ ଏବଂ ଶିବ ଧନୁ ଭଙ୍ଗ ପର୍ଯ୍ୟନ୍ତ କାହାଣୀକୁ ଗ୍ରାମର କଳାକାର ଓ ଗାୟକମାନେ ଅତି ମନୋଜ୍ଞ ଭାବେ ପରିବେଷଣ କରିବା ପରେ ସୀତା ବିବାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରଭୁ ଶ୍ରୀରାମ ବନବାସୀ ଶବରଙ୍କ ସହିତ ମିତ ବସିବା ଏବଂ ସେମାନଙ୍କ ହାତରୁ ଫଳ ଗ୍ରହଣ କରିବା ଦୃଶ୍ୟ ସମାଜ ପାଇଁ ଏକ ବଡ଼ ଶିକ୍ଷା ପ୍ରଦାନ କରିଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ଭୂମିକାରେ ବାବୁ ପାଲଟାସିଂହ, ଦୀପକ ଜେନା, ନକୁଳ ରଣସିଂହ, କୈଳାସ ଚମ୍ପତି, ରତିକାନ୍ତ ରାଉତରାୟ, ଜଗନ୍ ସାମନ୍ତ, ବାସୁଦେବ ଜେନା, କେଦାର ବରାଡ, ବନ୍ଧୁଆ ଜେନା ଏବଂ ଅକ୍ଷୟ ରାଉତରାୟ ଅଭିନୟ ଓ ରୂପ ସଜ୍ଜାରେ ସହଯୋଗ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ବାନାମ୍ବର ଜଗଦେବ ଓ ସୁଶାନ୍ତ ମଉଗଜସିଂହ ସଂଯୋଜନା କରିଥିବା ବେଳେ ୱାର୍ଡସଭ୍ୟ ଆନନ୍ଦ ସାମନ୍ତରାୟ ଓ ଗୌତମ ଜେନା ପରିଚାଳନା କରିଥିଲେ ।

ଆଜିର ଇତିହାସ

- ୧୯୩୩- ଏଭେରେଷ୍ଟରେ ପ୍ରଥମ ଥର ବିମାନ ଉଡ଼ାଣ ଭରିଥିଲା।
- ୧୯୯୯-ପ୍ରଥମ ବୈଶ୍ୱିକ ଦୂରସଞ୍ଚାର ଉପଗ୍ରହ ଇନ୍‌ସ୍ୟାଟ୍-୧ର ପ୍ରକ୍ଷେପଣ ହୋଇଥିଲା।
- ୨୦୦୭-ନୂଆଦିଲ୍ଲୀ ଠାରେ ୧୪ତମ ସାର୍କ ସମ୍ମିଳନୀ ଆରମ୍ଭ ହୋଇଥିଲା।
  ୨୦୦୮-ମେଧା ପାଟକରଙ୍କୁ ରାଷ୍ଟ୍ରୀୟ କ୍ରାନ୍ତିବୀର ସମ୍ମାନରେ ସମ୍ମାନିତ କରାଯାଇଥିଲା।
- ୨୦୧୭-ଡେରାଡୁନ ଠାରେ ବନ ଅନୁସନ୍ଧାନ ସଂସ୍ଥାରେ ୧୯ତମ ରାଷ୍ଟ୍ରମଣ୍ଡଳ ଭାନିକୀ ସମ୍ମିଳନୀ ଆରମ୍ଭ ହୋଇଥିଲା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

ମେଷ – ଦିନଟି ଠିକ୍‌ଠାକ୍ ରହିବ। ମାନସିକ ଚିନ୍ତାରୁ ମୁକ୍ତି ପାଇବେ। କାର୍ଯ୍ୟର ବୋଝ କିଛି କମ୍ ହୋଇପାରେ। ଭାଗୀଦାରୀରେ ବ୍ୟବସାୟ କରିପାରନ୍ତି। ପରିବାରର ସଦସ୍ୟ ସନ୍ତୁଷ୍ଟ ରହିବେ। ଆସ୍ଥମା ରୋଗୀମାନେ ସାବଧାନ ରୁହନ୍ତୁ।

ବୃଷ – ଦିନଟି ଚିନ୍ତାଜନକ ରହିବ। ପୁରୁଣା ରୋଗ ପୁଣି ଥରେ ସମସ୍ୟାରେ ପକାଇପାରେ। ମିତ୍ରର ଆବଶ୍ୟକତା ଅନୁଭବ କରିବେ। ଧାର ନେଇଥିଲେ ଶୀଘ୍ର ଶୁଝି ଦିଅନ୍ତୁ। ନହେଲେ ଅପମାନ ପାଇବେ।

ମିଥୁନ – ଦିନଟି ଭଲରେ କଟିବ। କାର୍ଯ୍ୟକ୍ଷେତ୍ରରେ ଜରୁରୀ ଫାଇଲ୍ ହଜିଯାଇପାରେ। ଶରୀର ଓ ମନକୁ ଫିଟ୍ ରଖନ୍ତୁ। ସନ୍ତାନର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ବାଣୀ ଉପରେ ନିୟନ୍ତ୍ରଣ ରଖନ୍ତୁ।

କର୍କଟ – ଅଫିସିଆଲୀ କାମରେ ନୀରସତା ନଦେଖାଇଲେ ଭଲ। ଆତ୍ମୀୟସ୍ୱଜନ ବ୍ୟବହାରରେ ଅସନ୍ତୁଷ୍ଟ ହେବେ। କୌଣସି ଗୃହପାଳିତ ପଶୁର ସେବା କରନ୍ତୁ। ଦିନଟି ଖୁବ୍ ଭଲରେ କଟିବ।

ସିଂହ – ଦିନଟି ଆପଣଙ୍କ ପାଇଁ ଶୁଭ। ଅଫିସ୍ ରେ ଆରାମ ମିଳିପାରେ। ବ୍ୟାପାରୀଙ୍କ ପାଇଁ ଦିନଟି ସାମାନ୍ୟ ରହିବ। ସଂଯୁକ୍ତ ପରିବାରରେ ବାଦବିବାଦର ସ୍ଥିତି ଦେଖାଦେଇପାରେ। ସ୍ୱାସ୍ଥ୍ୟ ଯୋଗୁ ପ୍ରଭାବିତ ହେବେ।

କନ୍ୟା – ଚାକିରି କ୍ଷେତ୍ରରେ ସମସ୍ୟାରେ ପଡ଼ିପାରନ୍ତି। ସର୍ଜରୀ ହୋଇଥିବା ଲୋକମାନେ ସାବଧାନ ରହିବେ। ଜୀବନସାଥିର ସ୍ୱାସ୍ଥ୍ୟହାନି ହୋଇପାରେ। ଯୁବ ପିଢ଼ିଙ୍କୁ ବିଦେଶୀ କମ୍ପାନୀର କାମ ମିଳିପାରେ।

ତୁଳା – ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ଚାକିରି କ୍ଷେତ୍ରରେ ସହଯୋଗ ମିଳିବ। ବ୍ୟାପାରୀମାନେ ଅନ୍‌ଲାଇନ୍ କାମରେ କଠିନ ସମସ୍ୟାର ସମ୍ମୁଖୀନ ହେବେ। ପିତାଙ୍କ ସହିତ ବୈଚାରିକ ମତଭେଦ ଦେଖାଦେଇପାରେ।

ବିଛା – ଦିନଟି ଭଲରେ କଟିବ। କାର୍ଯ୍ୟସ୍ଥଳରେ ମଧ୍ୟସ୍ଥିର କାମ କରିବାକୁ ପଡ଼ିପାରେ। ଘରେ ଅଶାନ୍ତିର ବାତାବରଣ ରହିବ। ବ୍ୟାପାରୀମାନେ ଗୁପ୍ତ ଶତ୍ରୁଙ୍କ ଠାରୁ ସାବଧାନ ରହିବେ। ତେଣୁ ସକ୍ରିୟ ରହିବା ଜରୁରୀ।

ଧନୁ – ଚିନ୍ତା ଯୋଗୁ ସ୍ୱାସ୍ଥ୍ୟ ପ୍ରଭାବିତ ହେବ। ବ୍ୟବସାୟରେ ପାର୍ଟନର୍ ସହିତ ମନୋମାଳିନ୍ୟ ହୋଇପାରେ। ଗ୍ରହ ସ୍ଥିତି ଅନୁସାରେ ସମୟ ଠିକ୍ ଚାଲୁନାହିଁ। ତେଣୁ ନୂଆ କାମ କରିବା ପୂର୍ବରୁ କାହାରି ପରାମର୍ଶ ନିଅନ୍ତୁ।

ମକର – କାର୍ଯ୍ୟକ୍ଷେତ୍ରରେ ଅପମାନିତ ହୋଇପାରନ୍ତି। ସ୍ୱାସ୍ଥ୍ୟହାନି ହୋଇପାରେ। ଯୁବ ପିଢ଼ି ପ୍ରସନ୍ନ ରହିବେ। ଧନ ବୃଦ୍ଧି ପାଇଁ ବ୍ୟାପାରୀମାନଙ୍କୁ ପରିଶ୍ରମ କରିବାକୁ ପଡ଼ିବ। ମାଂସାହାରୀମାନେ ଆମିଷ ତ୍ୟାଗ କରିବା ଉଚିତ।

କୁମ୍ଭ – ଅଫିସ୍‌ରେ ତାଳମେଳ ରଖି କାମ କରିବେ। ଚର୍ବି ଜାତୀୟ ଖାଦ୍ୟ ଠାରୁ ଦୂରରେ ରୁହନ୍ତୁ। ବ୍ୟାପାରୀମାନେ କର୍ମଚାରୀଙ୍କ ସହିତ ମିଶି କାମ କରିବେ। ଯୁବ ପିଢ଼ିଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ମାନସିକ ଚିନ୍ତାର ସମ୍ମୁଖୀନ ହୋଇପାରନ୍ତି।

ମୀନ – ଆଜି ସାବଧାନ ରହିବେ। କାର୍ଯ୍ୟକ୍ଷେତ୍ରରେ ଆଲୋଚନା ନକଲେ ଭଲ। ମୁଣ୍ଡ ବିନ୍ଧାର ସମସ୍ୟା ଅସୁବିଧାରେ ପକାଇବ। କୁଶଳ କର୍ମଚାରୀଙ୍କ ଅଭାବ ବ୍ୟାପାରକୁ ପ୍ରଭାବିତ କରିପାରେ। ଘରର ପରିବେଶକୁ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରନ୍ତୁ।

ଶ୍ରୀମଦ୍ ଭଗବଦ୍‌ଗୀତା

ଇଦମଦ୍ୟ ମୟା ଲବ୍ଧମିମଂ ପ୍ରାପ୍‌ସ୍ୟେ ମନୋରଥମ୍।
ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଧନମ୍। (୧୬/୧୩)
ଅସୌ ମୟା ହତଃ ଶତ୍ରୁର୍ହନିଷ୍ୟେ ଚାପରାନପି।
ଈଶ୍ୱରୋହମହଂ ଭୋଗୀ ସିଦ୍ଧୋହଂ ବଳବାନ୍ ସୁଖୀ। (୧୬/୧୪)
ଆଢ୍ୟୋଭିଜନବାନସ୍ମି କୋନ୍ୟୋସ୍ତି ସଦୃଶୋ ମୟା।
ଯକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ ଇତ୍ୟଜ୍ଞାନବିମୋହିତାଃ। (୧୬/୧୫)
ଅନେକଚିତ୍ତବିଭ୍ରାନ୍ତା ମୋହଜାଲସମାବୃତାଃ।
ପ୍ରସକ୍ତାଃ କାମଭୋଗେଷୁ ପତନ୍ତି ନରକେଶୁଚୌ। (୧୬/୧୬)

ଆଜି ଆମର ଏହା ଲାଭ ହେଲା, ପରେ ଏହି ଅଭିଳାଷିତ ବସ୍ତୁ ପାଇବୁ, ଏତକ ଧନ ଆମ୍ଭର ଅଛି, ଏହି ଧନ ପୁଣି ଆମ୍ଭର ହେବ, ସେହି ଶତ୍ରୁକୁ ଆମେ ହତ୍ୟା କରିଛୁ, ଅନ୍ୟମାନଙ୍କୁ ହତ୍ୟା କରିବୁ, ଆମେ ହିଁ ସମସ୍ତଙ୍କର ପ୍ରଭୁ, ସକଳ ଭୋଗର ଅଧିକାରୀ, ଆମେ ସିଦ୍ଧ ଲୋକ, ବଳବାନ, ସୁଖୀ, ଧନବାନ ଓ ସଦ୍‌ବଂଶ ଜାତ, ଆମ ପରି ଆଉ କିଏ ଅଛି ? ଆମେ ଯଜ୍ଞ କରିବୁ, ଦାନ କରିବୁ, ଆମୋଦ ପ୍ରମୋଦ କରିବୁ - ଏହି ଭାବରେ ଅଜ୍ଞାନ ବିମୋହିତ, ନାନାପ୍ରକାର କାଳ୍ପନିକ ଚିନ୍ତାରେ ବ୍ୟାକୁଳ, ମୋହଜାଲରେ ସମାବୃତ, ବିଷୟ ଭୋଗରେ ଅତ୍ୟାସକ୍ତ ଲୋକମାନେ ଅପବିତ୍ର ନରକରେ ପତିତ ହୁଅନ୍ତି।

ଏକ ଜଳମଗ୍ନ ସଂଗ୍ରହାଳୟ

ମ୍ୟୁଜିୟମ୍ ବା ସଂଗ୍ରହାଳୟର ନାମ ଶୁଣିବା ମାତ୍ରେ ମନରେ ପୁରୁଣା ଜିନିଷଗୁଡ଼ିକୁ ଯତ୍ନରେ ରଖାଯାଇଥିବା ଏକ ସ୍ଥାନ ଉପରେ ଧ୍ୟାନ କେନ୍ଦ୍ରିତ ହୋଇଯାଏ। ଏହିପରି ଏକ ଅଦ୍ଭୁତ ସଂଗ୍ରହାଳୟ ରହିଛି ମେକ୍ସିକୋର ସୁନ୍ଦର ସହର କାନ୍‌କୁନ ଠାରେ। ଦୁନିଆର ସବୁଠାରୁ ବଡ଼ ଅଣ୍ଡରଓ୍ୱାଟର୍ ମ୍ୟୁଜିୟମ୍ ଭାବରେ ଲୋକପ୍ରିୟତା ହାସଲ କରିଥିବା ଏହି ସଂଗ୍ରହାଳୟରେ ୫୦୦ରୁ ଅଧିକ ମନୁଷ୍ୟ ଆକୃତିର ମୂର୍ତ୍ତି ରହିଛି ଯେଉଁଗୁଡ଼ିକ ଦର୍ଶକମାନଙ୍କୁ ଆକର୍ଷିତ କରୁଛନ୍ତି। ମ୍ୟୁଜିୟମ୍‌ଟି କେବଳ କଳାପ୍ରେମୀମାନଙ୍କ ପାଇଁ ନୁହେଁ, ସମୁଦ୍ରୀ ଜୀବନ ଓ ପର୍ଯ୍ୟାବରଣ ସଂରକ୍ଷଣ ପାଇଁ ମଧ୍ୟ ବହୁତ ଖାସ୍। ସମୁଦ୍ର ତଳେ ଥିବା ମୂର୍ତ୍ତିଗୁଡ଼ିକ ଜୀବନ ଓ ମଣିଷର ଭାବନାଗୁଡ଼ିକର ଏକ ଗଭୀର କାହାଣୀକୁ ବର୍ଣ୍ଣନା କରୁଛନ୍ତି। ୨୦୦୯ରେ ଏହାର ସ୍ଥାପନା କରାଯାଇଥିଲା ଯାହାର ଉଦ୍ଦେଶ୍ୟ ଥିଲା ସମୁଦ୍ରରେ ହ୍ରାସ ପାଉଥିବା କୋରାଲ୍ ରିଫ୍ ବା ପ୍ରବାଳ ଭିତ୍ତିର ସଂଖ୍ୟାକୁ ବୃଦ୍ଧି କରେଇବା ଓ ସମୁଦ୍ରୀ ଜୀବମାନଙ୍କୁ ନୂଆ ଘର ପ୍ରଦାନ କରିବା। ବିଜ୍ଞାନ ଓ କଳାର ଏହା ଏକ ସଂଗମ ବୋଲି କହିଲେ ଭୁଲ୍ ହେବ ନାହିଁ। ପ୍ରବାଳ ଓ ସମୁଦ୍ରୀ ଜୀବମାନେ ଯେପରି ମୂର୍ତ୍ତିଗୁଡ଼ିକରେ ସୁରକ୍ଷିତ ଭାବରେ ରହିପାରିବେ ସେହି ଅନୁସାରେ ମୂର୍ତ୍ତିଗୁଡ଼ିକର ନିର୍ମାଣ କରାଯାଇଥିଲା। ବ୍ରିଟିଶ କଳାକାର ଜେସନ୍ ଡିକେୟର୍ସ ଟେଲର୍ ଓ ଅନ୍ୟ କଳାକାରମାନେ ମିଶି ଏହି ଶାନ୍‌ଦାର ମୂର୍ତ୍ତିଗୁଡ଼ିକୁ ଜୀବନ ଦାନ ଦେଇଛନ୍ତି। ମୂଷା ମ୍ୟୁଜିୟମ୍ ନାମରେ ଲୋକପ୍ରିୟ ସେ ସ୍ଥାନଟିକୁ ଦେଖିବା ପାଇଁ ପର୍ଯ୍ୟଟକମାନେ ଡାଇଭିଙ୍ଗ୍, ସ୍ନୋର୍କଲିଙ୍ଗ୍ ବା ଗ୍ଲାସ୍-ବଟମ୍ ବୋଟ୍‌ର ସାହାଯ୍ୟ ନେଇଥାନ୍ତି। ସୂର୍ଯ୍ୟଙ୍କ କିରଣ ପାଣିରେ ପଡ଼ିଲେ ଏହାର ଦୃଶ୍ୟ ଆହୁରି ମନମୋହକ ହୋଇ ସ୍ୱର୍ଗ ସୁଖ ଦେଇଥାଏ। ପାଣିର ଲହଡ଼ି ମୂର୍ତ୍ତିଗୁଡ଼ିକୁ ସ୍ପର୍ଶ କରିଲେ ମନେହୁଏ ଯେପରି ମୂର୍ତ୍ତିଗୁଡ଼ିକ ଜୀବିତ ଅଛନ୍ତି ଓ ସମୁଦ୍ରରେ ନିଃଶ୍ୱାସ ନେଉଛନ୍ତି। ରଚନାତ୍ମକତା ଓ ପ୍ରକୃତି ଏକା ସହିତ ମିଶିଲେ ଏହାର ଫଳାଫଳ ହୋଇଥାଏ ଅଦ୍ଭୁତ ଓ ପ୍ରେରଣାଦାୟକ ଯାହାର ଉଦାହରଣ ହେଉଛନ୍ତି ଏହି ମୂର୍ତ୍ତିଗୁଡ଼ିକ। କାନ୍‌କୁନ ପର୍ଯ୍ୟଟନ କ୍ଷେତ୍ରକୁ ଦେଇଛି ଏକ ନୂଆ ପରିଚୟ। ପର୍ଯ୍ୟଟକମାନେ ଏହି ଯାଦୁଇ ଜଳସଂସାରରୁ ଅଦ୍ଭୁତ ଅନୁଭବ ନେଇ ଆସିଥାନ୍ତି।

ଗୁଡ୍ ଫ୍ରାଇଡେ

ଗୁଡ୍ ଫ୍ରାଇଡେକୁ ହୋଲି ଫ୍ରାଇଡେ, ଗ୍ରେଟ୍ ଫ୍ରାଇଡେ, ଗ୍ରେଟ୍ ଆଣ୍ଡ୍ ହୋଲି ଫ୍ରାଇଡେ ବା ଫ୍ରାଇଡେ ଅଫ୍ ଦି ପ୍ୟାସନ୍ ଅଫ୍ ଦି ଲର୍ଡ ନାମରେ ସମସ୍ତେ ଜାଣନ୍ତି। ଏହା ଏକ ପବିତ୍ର ଦିନ ଯେଉଁ ଦିନଟି ପ୍ରଭୁ ଯୀଶୁଙ୍କ ମୃତ୍ୟୁକୁ ସ୍ମରଣ କରାଇଦିଏ। ଇଷ୍ଟର ସନ୍‌ଡେ ପୂର୍ବ ଶୁକ୍ରବାର ଦିନ ପାଳନ କରାଯାଉଥିବା ଏହା ଏକ ବାର୍ଷିକ ଉତ୍ସବ। ଏହାକୁ ଶୁଭ ଶୁକ୍ରବାର କହିବାର ଅର୍ଥ ଯୀଶୁ ଖ୍ରୀଷ୍ଟ ଜଣେ ସଦେହପୂର୍ଣ୍ଣ ପରମେଶ୍ୱର ଓ ପୂର୍ଣ୍ଣ ମନୁଷ୍ୟ ଥିଲେ। ସେ ପାପୀମାନଙ୍କ ପାପଗୁଡ଼ିକୁ କ୍ଷମା କରି ସେମାନଙ୍କୁ ଉଦ୍ଧାର କରିବା ପାଇଁ ଜୀବନକୁ ବଳିଦାନ ଦେଇଥିଲେ। ଦ୍ୱିପହର ୧୨ଟାରୁ ୩ଟା ପର୍ଯ୍ୟନ୍ତ ତିନି ଘଣ୍ଟା ଧରି କ୍ରୁସ୍ ଉପରେ ପୀଡ଼ା ସହନ କରିଥିଲେ ପ୍ରଭୁ ଯୀଶୁ ଓ ଏହି ଘଟଣା ପାଇଁ ପୂରା ଦେଶରେ ଖେଳିଯାଇଥିଲା ଦୁଃଖର ଛାୟା। ପୀଡ଼ା ସହନ କରିବା ସମୟରେ ସେ କହୁଥିଲେ-'ହେ ମୋର ପରମେଶ୍ୱର, ତୁମେ ମୋତେ କାହିଁକି ତ୍ୟାଗ କରିଦେଲ' କହି ଏକ ଜୋର୍ ଚିତ୍କାର ସହିତ ସେ ନିଜ ପ୍ରାଣ ତ୍ୟାଗ କରିଦେଇଥିଲେ। ଗୁଡ୍ ଫ୍ରାଇଡେକୁ ଦୁଃଖ, ତପସ୍ୟା ଓ ଉପବାସର ଦିନ ବୋଲି ମଧ୍ୟ କୁହାଯାଏ। ଏହି ଦିନ ଈସାଇ ସମୁଦାୟ ଚର୍ଚ୍ଚକୁ ଯାଇ ସେବାଗୁଡ଼ିକର ଆୟୋଜନ କରନ୍ତି। ଏ ସମୟରେ ଯୀଶୁଙ୍କୁ କ୍ରୁସ୍‌ରେ ଚଢ଼େଇବାର ଘଟଣାକୁ ପାଠ, ଭଜନ ଓ ପ୍ରାର୍ଥନା ଜରିଆରେ ସ୍ମରଣ କରାଯାଏ। ଏହା ବ୍ୟତୀତ ଏହି ସେବାରେ ତାଙ୍କର ପ୍ୟାସନ୍ ଷ୍ଟୋରୀର ମଧ୍ୟ ପାଠ କରାଯାଏ ଯେଉଁଥିରେ ତାଙ୍କର ଶେଷ ବାକ୍ୟଗୁଡ଼ିକର ବର୍ଣ୍ଣନା ରହିଛି। କିଛି ଈସାଇ ଧର୍ମାବଲମ୍ବୀ ଏହି ଦିନ ପ୍ରାୟଶ୍ଚିତ କରିବା ପାଇଁ ଉପବାସ ରଖନ୍ତି କିମ୍ବା ନିରାମିଷକୁ ପରିହାର କରନ୍ତି। ପ୍ରଭୁ ଦୁନିଆରୁ ବିଦାୟ ନେବାବେଳେ ନିଜ ହୃଦୟରେ ଲୋକମାନଙ୍କ ପ୍ରତି ଦୟାଳୁ ମନୋଭାବକୁ ଜୀବିତ ରଖିବା ପାଇଁ ସନ୍ଦେଶ ଦେଇ ଯାଇଛନ୍ତି।



ମାର୍ଗାରେଟ୍ ହାମିଲଟନ୍

ଆଜି ଆମେ ସୁପରଫାଷ୍ଟ କମ୍ପ୍ୟୁଟର ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କଥା କହୁଛନ୍ତି କିନ୍ତୁ ୧୯୬୯ ସମୟରେ ଏସବୁ କଳ୍ପନା ବର୍ହିଭୂତ ଘଟଣା ଥିଲା। ଜାଣି ଆଶ୍ଚର୍ଯ୍ୟ ହେବେ ଯେ ନାସା ଯିଏ ଆର୍ଟିମିସ୍-୨ ମିଶନ ଜରିଆରେ ମଣିଷଙ୍କୁ ପୁଣି ଥରେ ଚନ୍ଦ୍ରପୃଷ୍ଠକୁ ନେଇ ଯାଉଛି ଏହାର ଡିଏନ୍‌ଏ ମାର୍ଗାରେଟ୍ ହାମିଲଟନ୍‌ଙ୍କ ଦ୍ୱାରା ଲିଖିତ ସେହି କୋଡ୍ ମଧ୍ୟରେ ଲୁଚି ରହିଛି। ଯିଏ ପୂର୍ବରୁ ଆପୋଲୋ ମିଶନ ପାଇଁ ପେନ୍ ଓ କାଗଜ ଉପରେ ଲେଖିଥିଲେ। ଯଦି ମାର୍ଗାରେଟ୍, ଆପୋଲୋ ମିଶନ ପାଇଁ ଏହି କୋଡ୍ ପ୍ରସ୍ତୁତ କରିନଥାନ୍ତେ ତେବେ ଆଜି ଆର୍ଟିମିସ୍-୨ ମିଶନ ଲଞ୍ଚ ହୋଇପାରିଥାନ୍ତା କି ? ମାର୍ଗାରେଟ୍ ହାମିଲଟନ୍ ଏମ୍‌ଆଇଟିରେ ସଫ୍ଟୱେର ଇଞ୍ଜିନିୟରିଂ ଡିଭିଜନ୍‌ର ନିର୍ଦ୍ଦେଶିକା ଥିଲେ। ମାର୍ଗାରେଟ୍ ହେଉଛନ୍ତି ସେହି ମହିଳା ଯିଏ ସଫ୍ଟୱେର୍ ଇଞ୍ଜିନିୟରିଂ ଶବ୍ଦର ପ୍ରଥମେ ବ୍ୟବହାର କରିଥିଲେ। ସେ ସମୟରେ ସଫ୍ଟୱେର୍‌କୁ ହାର୍ଡୱେର୍ ତୁଳନାରେ କମ୍ ଗୁରୁତ୍ୱ ଦିଆଯାଉଥିଲା। କିନ୍ତୁ ମାର୍ଗାରେଟ୍ ପ୍ରମାଣିତ କରିଛନ୍ତି ଯେ ସଠିକ୍ କୋଡ୍ ବିନା ରକେଟ୍ କେବଳ ଏକ ଲୁହା ଡ଼ବା ସଦୃଶ। ଏକ ପ୍ରସିଦ୍ଧ ଫଟୋରେ ମାର୍ଗାରେଟ୍ କୋଡିଂ କାଗଜର ଏକ ଗଦା ପାଖରେ ଛିଡ଼ା ହୋଇଛନ୍ତି। କାଗଜ ଗଦା ତାଙ୍କର ଉଚ୍ଚତା ସହିତ ସମାନ ଅଛି। ସେହି କୋଡ୍‌କୁ ନିଜ ଦଳ ସହିତ ମିଶି ଆପୋଲୋ ଗାଇଡାନ୍ସ ସଫ୍ଟୱେର ଭାବରେ ସେ ପ୍ରସ୍ତୁତ କରିଥିଲେ। ସେ ସମୟରେ ଆଜିଭଳି ବଗ୍ ଫିକ୍ସ କରିବାର ସୁବିଧା ନଥିଲା। କୋଡ୍‌କୁ ହାତରେ ଲେଖାଯାଉଥିଲା ଓ ପରେ ତମ୍ବା ତାରରେ ବୁଣାଯାଉଥିଲା। ଏହି କୋଡ୍ ଏତେ ସଠିକ୍ ଥିଲା ଯେ ୧୯୬୯ରେ ଯେତେବେଳେ ଆପୋଲୋ-୧୧ର କମ୍ପ୍ୟୁଟର ଓଭରଲୋଡ୍ ହୋଇଯାଇଥିଲା ସେତେବେଳେ ଏହି ସଫ୍ଟୱେର୍ ଯୋଗୁ ଜରୁରୀ କାମଗୁଡ଼ିକୁ ପ୍ରାଥମିକତା ଦେଇ ନୀଲ୍ ଆର୍ମଷ୍ଟ୍ରଙ୍ଗଙ୍କ ସୁରକ୍ଷିତ ଲ୍ୟାଣ୍ଡିଂ କରାଯାଇଥିଲା। ମାର୍ଗାରେଟ୍ ପୂର୍ବରୁ ଏପରି ଏକ ପ୍ରୋଗ୍ରାମ ଲେଖିଥିଲେ ଯିଏ ଏପରି ଅବସରରେ ଅଣଜରୁରୀ କାମଗୁଡ଼ିକୁ ଛାଡ଼ି କେବଳ ଲ୍ୟାଣ୍ଡିଂ ଉପରେ ଗୁରୁତ୍ୱ ଦେଇପାରିବ। ଯଦି ମାର୍ଗାରେଟ୍ ଏହି ପ୍ରାୟୋରିଟି ଆଲାର୍ମ ସିଷ୍ଟମ୍ ତିଆରି କରିନଥାନ୍ତେ ତେବେ ବୋଧହୁଏ ଆପୋଲୋ-୧୧ ଚନ୍ଦ୍ରପୃଷ୍ଠରେ କ୍ରାସ୍ ହୋଇଯାଇଥାନ୍ତା। ଏହିଭଳି କ୍ରିଟିକାଲ୍ ଟାସ୍କକୁ ପ୍ରାଥମିକତା ଦେଇ ଆଜିର ଆର୍ଟିମିସ୍-୨ର ସିଷ୍ଟମ୍‌କୁ ଡିଜାଇନ୍ କରାଯାଇଛି।

ବିଶ୍ୱ ପାର୍ଟି ଦିବସ

ଆଜିର ଦ୍ରୁତ ଜୀବନଶୈଳୀ ମଧ୍ୟରେ ବିଭିନ୍ନ ପ୍ରକାରର ସମସ୍ୟା କାରଣରୁ ଚାପ ସୃଷ୍ଟି ହେବା ଦୈନନ୍ଦିନ ଜୀବନର ଅଂଶବିଶେଷ ହୋଇଗଲାଣି। ପ୍ରତିଦିନର କାମର ଚାପ ଆମକୁ ଏତେ ବ୍ୟସ୍ତ କରିଦେଉଛି ଯେ ଆମେ ଆମର ପରିବାର, ସାଙ୍ଗସାଥି ଏପରିକି ନିଜ ପାଇଁ ସମୟ ବାହାର କରିବା କଷ୍ଟକର ହୋଇପଡୁଛି। ଏପରି ସ୍ଥିତିରେ ବିଶ୍ୱ ପାର୍ଟି ଦିବସ ଏକ ଅନୋଖା ଅବସର ହୋଇପାରେ ଯାହା ଖୁସି ଓ ସାମୂହିକତାର ମହତ୍ତ୍ୱକୁ ବୁଝିବା ପାଇଁ ସୁଯୋଗ ଦେଇଥାଏ। ଏହି ଦିନ କେବଳ ପାର୍ଟି କରିବାର ଏକ ବାହାନା ହୁଏ ନାହିଁ, ଚାପକୁ ଦୂର କରି ସମ୍ପର୍କକୁ ମଜଭୁତ କରି ଆନନ୍ଦମୟ ପରିବେଶ ସୃଷ୍ଟି କରିବାର ଏକ ମାଧ୍ୟମ ହୋଇଯାଏ। ଆଜି ବିଶ୍ୱ ସ୍ତରରେ ପାଳନ କରାଯାଉଥିବା ପାର୍ଟି ଦିବସରେ ପୂରା ଦୁନିଆରେ ଖୁସି ଓ ଶାନ୍ତିର ସନ୍ଦେଶ ପ୍ରଚାର କରାଯାଏ। ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ଲୋକମାନଙ୍କୁ ପରସ୍ପର ସହିତ ଯୋଡ଼ିବା, ସାମୂହିକ ଆନନ୍ଦକୁ ତ୍ୱରାନ୍ୱିତ କରିବା ଓ ଚାପଗ୍ରସ୍ତ ଜୀବନରେ ଖୁସିର ମୁହୂର୍ତ୍ତ ଆଣିବା।

- ପାର୍ଟି ଓ ମିଳନ ସମାରୋହ ଆପଣଙ୍କ ଜୀବନରୁ ଚିନ୍ତାଗୁଡ଼ିକୁ ପଛରେ ଛାଡ଼ିବା ପାଇଁ ଅବସର ଦିଏ।
- ଖୁସି ଓ ହସ, ମଜାକ ମସ୍ତିଷ୍କରେ ଏଣ୍ଡୋର୍ଫିନ୍ ନାମକ ହାପ୍ପି ହର୍ମୋନ୍ ରିଲିଜ କରାଏ ଯେଉଁ କାରଣରୁ ମାନସିକ ଚାପ ହ୍ରାସ ପାଏ।
- ପରିବାର ଓ ସାଙ୍ଗସାଥିଙ୍କ ସହିତ ସମୟ ଅତିବାହିତ କରିବା ଦ୍ୱାରା ସମ୍ପର୍କ ମଜଭୁତ ହୁଏ ଓ ଭାବନାତ୍ମକ ଭାବରେ ଆପଣ ନିଜକୁ ସୁରକ୍ଷିତ ଅନୁଭବ କରିବେ।

ସାମାଜିକ ସ୍ତରରେ ଲାଭ

- ପାର୍ଟି କରିବା ଦ୍ୱାରା ଲୋକମାନଙ୍କ ସହିତ ସମ୍ପର୍କ ସୁଦୃଢ଼ ହୁଏ ଓ ଏହି କାରଣରୁ ଅନେକ ସାମାଜିକ ଲାଭ ମିଳିଥାଏ।
- ନୂଆ ଲୋକଙ୍କ ସହିତ ସମ୍ପର୍କ ସୃଷ୍ଟି ହେବା କାରଣରୁ ସାମାଜିକ ପରିସର ବୃଦ୍ଧି ପାଏ।
- ପାର୍ଟି କରିବା ଦ୍ୱାରା ସାମାଜିକ କୌଶଳଗୁଡ଼ିକୁ ଆମେ ବିକଶିତ କରିପାରିବା ଓ ଆମ ବ୍ୟକ୍ତିତ୍ୱରେ ନିଖାର ଆସିବ।

ମାନସିକ ଓ ଶାରୀରିକ ଲାଭ

- ପାର୍ଟି ଦ୍ୱାରା ଆନନ୍ଦ ଅନୁଭବ କରିବା ସହିତ ଜୀବନକୁ ଆହୁରି ସକାରାତ୍ମକ କରିପାରିବେ। ଏହି କାରଣରୁ ନିଜକୁ ଆପଣ ବିଶ୍ରାମ ଦେଇପାରିବେ ଓ ମାନସିକ କ୍ଳାନ୍ତି ଦୂର ହେବ। ପାର୍ଟି କରିବା ଦ୍ୱାରା ବ୍ୟାୟାମ କରିବାର ଅବସର ମିଳିଥାଏ। ସେଠାରେ ନୃତ୍ୟ କରିବା ଦ୍ୱାରା ଶାରୀରିକ ସ୍ତରରେ ବ୍ୟାୟାମ ହୋଇଥାଏ।

ରିଲିଜ ହେବ 'ମାତୃଭୂମି'

ସଲମାନ୍ ଖାନ 'ମାତୃଭୂମି' ନାମକ ଏକ ଫିଲ୍ମ ନେଇ ଆସୁଛନ୍ତି ଯାହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅପୂର୍ବ ଲାଖିଆ। ତେବେ ଫିଲ୍ମଟି କେବେ ରିଲିଜ ହେବ ସେ ବିଷୟରେ ଚର୍ଚ୍ଚା ଚାଲିଥିବା ବେଳେ ଏହାକୁ ନେଇ ଆସିଛି ଏକ ନୂଆ ଅପଡେଟ୍। ପୂର୍ବ ଖବର ଅନୁସାରେ ଫିଲ୍ମଟି ୧୭ ଏପ୍ରିଲ୍‌ରେ ରିଲିଜ ହେବ ବୋଲି କୁହାଯାଉଥିଲା। କିଛି ରିପୋର୍ଟ ଅନୁସାରେ ଫିଲ୍ମଟିକୁ ପୋଷ୍ଟପୋନ୍ କରାଯିବା ନେଇ ଖବର ମଧ୍ୟ ରହିଛି ଓ ନିର୍ଦ୍ଦିଷ୍ଟ ତାରିଖରେ ରିଲିଜ ହେବ ନାହିଁ ବୋଲି କୁହାଯାଇଛି। କାରଣ ଫିଲ୍ମର କିଛି ଅଧିକ ଦୃଶ୍ୟର ସୁଟିଂ କରାଯିବ। ଏହି କାରଣରୁ ଫିଲ୍ମଟିକୁ ୧୫ ମେ'ରେ ରିଲିଜ କରାଇବା ପାଇଁ ଯୋଜନା ଚାଲିଛି। କିନ୍ତୁ ବଲିଉଡ୍ ହଙ୍ଗାମା ଅନୁସାରେ ଏହି ଆଡିସନାଲ୍ ସୁଟିଂ ଶେଷ ହୋଇଗଲାଣି ଓ ବହୁତ ଶୀଘ୍ର ଫିଲ୍ମଟି ପ୍ରସ୍ତୁତ ହୋଇଯିବ। ଏଥିପାଇଁ ନିର୍ମାତାମାନେ 'ମାତୃଭୂମି'ର ରିଲିଜକୁ ନେଇ କିଛି ତାରିଖକୁ ସ୍ଥିର କରିଛନ୍ତି କିନ୍ତୁ ମେ' ୧୫ ଦିନଟିକୁ ଅଧିକ ଗମ୍ଭୀରତାର ସହିତ ନିଆଯାଉଛି। ତେବେ ଜୁଲାଇ-ଅକ୍ଟୋବର ମଧ୍ୟରେ ଫିଲ୍ମଟିକୁ ରିଲିଜ କରିବା ପାଇଁ ଯେଉଁ ଯୋଜନା ଥିଲା ତାହା ପୂରା ହୋଇପାରିବ ନାହିଁ କାରଣ ବଡ଼ ବଡ଼ ଫିଲ୍ମଗୁଡ଼ିକ ରିଲିଜ ପାଇଁ ସ୍ଲଟ୍ ବୁକ୍ କରାଇ ସାରିଛନ୍ତି। ଏପରିକି ସ୍ୱାଧୀନତା ଦିବସ ଅବସରରେ 'ମାତୃଭୂମି'କୁ ରିଲିଜ କରିବା ପାଇଁ ଚିନ୍ତା କରାଯାଇଥିଲେ ମଧ୍ୟ ସେ ସମୟରେ ଅମିର ଖାନଙ୍କ ଫିଲ୍ମ 'ଲାହୋର ୧୯୪୭' ରିଲିଜ ହେବାର ଅଛି ଯେଉଁଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସନି ଦେଓଲ। 'ମାତୃଭୂମି' ଏକ ଓ୍ୱାର୍-ଆକ୍ସନ୍ ଫିଲ୍ମ ଯେଉଁଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ ସଲମାନ୍ ଖାନ ଓ ସେ ନିଜେ ଏହି ଫିଲ୍ମଟିକୁ ପ୍ରଡ୍ୟୁସ୍ ମଧ୍ୟ କରୁଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ନଜର ଆସିବେ ଚିତ୍ରାଙ୍ଗଦା ସିଂହ।

ବିଶ୍ୱ ମାର୍ବଲ୍ସ ଦିବସ

ପ୍ରତିବର୍ଷ ଗୁଡ୍ ଫ୍ରାଇଡେ ଉପଲକ୍ଷେ ବିଶ୍ୱ ମାର୍ବଲ୍ସ ଦିବସ ପାଳନ କରାଯାଏ। ୧୫୮୮ରେ ଇଂଲଣ୍ଡରେ ଆୟୋଜିତ ପ୍ରଥମ ବ୍ରିଟିଶ ମାର୍ବଲ୍ସ ଚାମ୍ପିଅନସିପ୍‌କୁ ସ୍ମରଣ କରି ଏହି ଦିବସଟିକୁ ପାଳନ କରାଯାଏ। ଇଂଲଣ୍ଡର ଟିନ୍ସଲେ ଗ୍ରୀନ୍ ଠାରେ ଦୁଇ ପ୍ରେମୀଙ୍କ ମଧ୍ୟରେ ପ୍ରଥମେ ଏକ ମାର୍ବଲ୍ସ ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା। କାହାଣୀ ଅନୁସାରେ ଜାଇଲ୍ସ ଓ ହଜ୍ ଦୁଇ ଜଣ ଏକ କ୍ଷୀର ବିକାଳି ଝିଅ ଜୋନ୍‌କୁ ଭଲ ପାଉଥିଲେ। ଏହି ଝିଅକୁ ପାଇବା ପାଇଁ ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସେମାନେ ନିଷ୍ପତ୍ତି ନେଇଥିଲେ। ବିଭିନ୍ନ ଖେଳକୁ ନେଇ ଏକ ସପ୍ତାହ ଧରି ପ୍ରତିଦ୍ୱନ୍ଦ୍ୱିତା କରିବା ପରେ ବିଜେତାକୁ ନିର୍ଦ୍ଧାରଣ କରିବା ପାଇଁ ଅନ୍ତିମ ପ୍ରତିଯୋଗିତା ଭାବରେ ମାର୍ବଲ୍ସ ଖେଳ ଖେଳାଯାଇଥିଲା ଓ ଜାଇଲ୍ସ ଏହି ଖେଳ ଜିତିଥିଲା। ଏହାପରେ ମାର୍ବଲ୍ସ ଖେଳ ଏକ ବାର୍ଷିକ ଚାମ୍ପିଅନସିପ୍‌ରେ ପରିବର୍ତ୍ତିତ ହୋଇଗଲା ଯାହା ଅନେକ ଶତାବ୍ଦୀ ପରେ ଆଜି ବି ଇଂଲଣ୍ଡର ଟିନ୍ସଲେ ଗ୍ରୀନ୍ ଠାରେ ଆୟୋଜିତ ହେଉଛି। ଏବେ ଦୁନିଆର ଅନ୍ୟ ସ୍ଥାନର ଦଳମାନେ ଇଂଲଣ୍ଡକୁ ଯାଇ ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଏହାପରେ ୧୭୦୦ ଦଶକ ପର୍ଯ୍ୟନ୍ତ ଟିନ୍ସଲେ ଗ୍ରୀନ୍‌ରେ ମାର୍ବଲ୍ସ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା। ୧୯୦୦ ଆଖପାଖରେ ଏହି ଖେଳର ଲୋକପ୍ରିୟତା ହ୍ରାସ ପାଇଥିଲା କିନ୍ତୁ ୧୯୩୨ରେ ପୁଣି ଥରେ ଏହି ଖେଳକୁ ପୁନର୍ଜୀବିତ କରାଯାଇଥିଲା। ଏହାପରେ ୧୯୩୮ରେ ଏହାର ନାମ ବ୍ରିଟିଶ ମାର୍ବଲ୍ସ ଚାମ୍ପିଅନସିପ୍ ପରିବର୍ତ୍ତେ ବ୍ରିଟିଶ ଓ ଓ୍ୱର୍ଲଡ୍ ମାର୍ବଲ୍ସ ଚାମ୍ପିଅନସିପ୍ ରଖାଯାଇଥିଲା। ଏହାକୁ ରିଙ୍ଗର୍ ବା ରିଙ୍ଗ୍ ଟ ବୋଲି ମଧ୍ୟ କୁହାଯାଏ। କାରଣ ଏହି ଖେଳ ଏକ ରିଙ୍ଗ୍ ଭିତରେ ୪୯ଟି ମାର୍ବଲ୍ସ ସହିତ ଖେଳାଯାଏ। ଛଅ ଜଣ ଖେଳାଳିଙ୍କୁ ନେଇ ତିଆରି ହୋଇଥିବା ଦୁଇଟି ଦଳ ପାଳି କରି ବଡ଼ ମାର୍ବଲ୍ସର ବ୍ୟବହାର କରନ୍ତି ଯେଉଁମାନଙ୍କୁ ସୁଟର୍ସ ବୋଲି କୁହାଯାଏ ଓ ଅନ୍ୟ ମାର୍ବଲ୍ସକୁ ରିଙ୍ଗ୍ ବାହାରକୁ ପକାଇ ଥାଆନ୍ତି। ଯେଉଁ ଦଳ ଅଧିକ ମାର୍ବଲ୍ସକୁ ସଫଳତାପୂର୍ବକ ବାହାରକୁ ପକାଏ ସେହି ଦଳ ହିଁ ବିଜେତା ହୋଇଥାଏ। ୧୯୬୨ ପର୍ଯ୍ୟନ୍ତ ମାଟିରେ ତିଆରି ମାର୍ବଲ୍ସର ବ୍ୟବହାର କରାଯାଉଥିଲା କିନ୍ତୁ କାଚର ମାର୍ବଲ୍ସର ବ୍ୟବହାର ପରେ କରାଯାଇଥିଲା। ତେବେ ମାର୍ବଲ୍ସ ଦିବସ କୌଣସି ଔପଚାରିକ ଅବକାଶ ବା ଉତ୍ସବ ନୁହେଁ।

ଆଜିର ମ୍ୟାଚ୍

ଚେନ୍ନାଇ ସୁପର୍ କିଙ୍ଗ୍ସ ବନାମ ପଞ୍ଜାବ କିଙ୍ଗ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଚେନ୍ନାଇ

ନିତିଦିନ NITIDIN

ଆଇପିଏଲ୍ ଖେଳିବାକୁ ତୁଷାରା କୋର୍ଟର ଦ୍ୱାରସ୍ଥ

କଲମ୍ବୋ,୨।୪/ଏଜେନ୍ସି: ଆଇପିଏଲ୍ ଖେଳିବାକୁ ଶ୍ରୀଲଙ୍କା କ୍ରିକେଟ୍ ? ବୋର୍ଡଠାରୁ ଅନୁମତି ନ ମିଳିବା ପରେ କୋର୍ଟର ଆଶ୍ରୟ ନେଇଛନ୍ତି ଫାଷ୍ଟ ବୋଲର୍ ନୁୱାନ୍ ତୁଷାରା। ନୋ-ଅବ୍ଜେକ୍ସନ୍ ସାର୍ଟିଫିକେଟ୍ (ଏନଓସି) ପ୍ରଦାନ କରିବା ପାଇଁ ବୋର୍ଡକୁ ନିର୍ଦ୍ଦେଶ ଦେବାକୁ ସେ କଲମ୍ବୋ ଜିଲ୍ଲା କୋର୍ଟରେ ଆବେଦନ କରିଛନ୍ତି। ଗୁରୁବାର ଏହି ମାମଲାର ପ୍ରାରମ୍ଭିକ ଶୁଣାଣି ହୋଇଥିବା ବେଳେ ଏପ୍ରିଲ୍ ୯ ତାରିଖରେ ସଂପୂର୍ଣ୍ଣ ଶୁଣାଣି ହେବ। ୨୦୨୬ ସିଜନ୍ ପାଇଁ ତୁଷାରାଙ୍କୁ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍ସିବି) ନିଜ ଟିମ୍‌ରେ ସାମିଲ କରିଥିଲା। କିନ୍ତୁ ଏନ୍ଓସି ମିଳିନଥିବାରୁ ସେ ଏପର୍ଯ୍ୟନ୍ତ ଆଇପିଏଲ୍‌ରେ ଯୋଗ ଦେଇପାରିନାହାନ୍ତି। ସେ କହିଛନ୍ତି ଯେ ବୋର୍ଡ ସହ ତାଙ୍କର ଚୁକ୍ତି ୨୦୨୬ ମାର୍ଚ୍ଚ ୩୧ରେ ଶେଷ ହୋଇଯାଇଛି। ସେ ଆଗକୁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାକୁ ଆଗ୍ରହୀ ନଥିବାରୁ ଏହି ଚୁକ୍ତିର ନବୀକରଣ ନ କରିବାକୁ ବୋର୍ଡକୁ କହିସାରିଛନ୍ତି। ଏହା ସତ୍ତ୍ୱେ ତାଙ୍କୁ ଫିଟ୍‌ନେସ୍ କାରଣ ଦର୍ଶାଇ ଏନ୍ଓସି ଦିଆଯାଉ ନାହିଁ। ସେ ଆହୁରି କହିଛନ୍ତି ଯେ ଅନ୍ତର୍ଜାତୀୟ କ୍ୟାରିୟର୍ ବେଳେ ତାଙ୍କର ଫିଟ୍‌ନେସ୍ ଯେପରି ଥିଲା ଏବେ ସେପରି ରହିଛି। ପୂର୍ବରୁ ୨୦୨୪, ୨୦୨୫ରେ ଆଇପିଏଲ ଖେଳିବାକୁ ତାଙ୍କୁ ଏନ୍ଓସି ପ୍ରଦାନ କରାଯାଇଥିବାବେଳେ ଏଥର କାହିଁକି ଦିଆଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏନ୍ଓସି ନମିଳିଲେ ସେ ଆରସିବି ସହ କରିଥିବା ଚୁକ୍ତି ହରାଇବେ, ଯାହାଦ୍ୱାରା ତାଙ୍କୁ ବିପୁଳ ଆର୍ଥିକ କ୍ଷତି ହେବ ବୋଲି ତୁଷାରା କୋର୍ଟକୁ କହିଛନ୍ତି।

ମହମ୍ମଦ ଶାମୀଙ୍କ ବିରଳ ରେକର୍ଡ

ଲକ୍ଷ୍ନୌ,୨।୪/ଏଜେନ୍ସି: ଚଳିତ ଆଇପିଏଲ୍ ୨୦୨୬ରେ ବୁଧବାର ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ନିଜର ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସଠାରୁ ୬ ୱିକେଟ୍‌ରେ ପରାଜିତ ହୋଇଛି। ଏହା ସତ୍ତ୍ୱେ ଏହି ଟିମ୍‌ର ଅନୁଭବୀ ଫାଷ୍ଟ ବୋଲର୍ ମହମ୍ମଦ ଶାମୀ ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ବୁଧବାର ମ୍ୟାଚ୍ ଶାମୀ ନିଜ ପ୍ରଥମ ବଲ୍‌ରେ ଦିଲ୍ଲୀ ଓପ୍ନର୍ କେଏଲ୍ ରାହୁଲଙ୍କୁ ଆଉଟ୍ କରିଥିଲେ ସେ। ଏହା ସହିତ ଶାମୀ ଆଇପିଏଲ୍ ଇତିହାସରେ ପ୍ରଥମ ବୋଲର୍ ଭାବେ କୌଣସି ଏକ ମ୍ୟାଚ୍‌ରେ ନିଜ ପ୍ରଥମ ବଲ୍‌ରେ ମୋଟ ୫ ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରିବାର ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଟିମ୍ ଇଣ୍ଡିଆ ପାଇଁ ଅଲୋଡ଼ା ହୋଇପଡ଼ିଥିବା ଶାମୀ ମ୍ୟାଚ୍‌ରେ ୨୮ ରନ୍ ଦେଇ ଗୋଟିଏ ୱିକେଟ୍ ହାସଲ କରିଥିଲେ। ନିଜ ସ୍ପେଲ୍‌ର ପ୍ରଥମ ବଲ୍‌ରେ ୫ ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ଶାମୀ ପ୍ରଥମ ସ୍ଥାନରେ ରହିଥିବା ବେଳେ ପ୍ରବୀଣ କୁମାର, ଉମେଶ ଯାଦବ, ଟ୍ରେଣ୍ଟ ବୋଲ୍ଟ, ଲାସିଥ୍ ମାଲିଙ୍ଗା, ଭୁବନେଶ୍ୱର କୁମାର, ଅଶୋକ ଦିଣ୍ଡା ଏବଂ ପ୍ୟାଟ୍ କମିନ୍ସ ୩-୩ ବ୍ୟାଟର୍‌ଙ୍କୁ ଆଉଟ୍ କରି ଏହି ମାମଲାରେ ସଂଯୁକ୍ତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ହାଇଦ୍ରାବାଦ ପାଇଁ ଅଭିଷେକଙ୍କ ୧୦୦ ଛକା ପୂରା



କୋଲ୍‌କାତା,୨।୪/ଏଜେନ୍ସି: କୋଲ୍‌କାତା ନାଇଟ୍ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓପ୍ନର୍ ଅଭିଷେକ ଶର୍ମା ଏକ ବଡ଼ ରେକର୍ଡ କରିଛନ୍ତି। ହାଇଦ୍ରାବାଦ ପାଇଁ ଖେଳି ଆଇପିଏଲ୍‌ରେ ଅଭିଷେକ ୧୦୦ ଛକା ପୂରା କରିଛନ୍ତି ଏବଂ ଟିମ୍ ପକ୍ଷରୁ ସର୍ବାଧିକ ଛକା ମାମଲାରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ବିସ୍ଫୋରକ ଅଷ୍ଟ୍ରେଲୀୟ ବ୍ୟାଟର୍ ଡେଭିଡ୍ ୱାର୍ଣ୍ଣର୍ ଏହି ସୂଚୀର ପ୍ରଥମ ସ୍ଥାନରେ ରହିଛନ୍ତି। ଇଡେନ୍ ଗାର୍ଡେନ୍‌ରେ ଅଭିଷେକ ୪ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୨୧ ବଲ୍‌ରେ ୪୮ ରନ୍ କରିଥିଲେ। ଏହା ସହିତ ସେ ହାଇଦ୍ରାବାଦ ପାଇଁ ୧୦୦ ଛକା ପୂରା କରିଛନ୍ତି। ଅବଶ୍ୟ ସେ ଅର୍ଦ୍ଧଶତକ ପୂରା କରିପାରି ନାହାନ୍ତି ଏବଂ ବ୍ଲେସିଂ ମୁଜରବାନୀଙ୍କ ବଲ୍‌ରେ ବରୁଣ ଚକ୍ରବର୍ତ୍ତୀଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ସର୍ବାଧିକ ଛକା ମାମଲାରେ ଡେଭିଡ୍ ୱାର୍ଣ୍ଣର୍ ୧୪୩ ଛକା ସହ ଶୀର୍ଷରେ ରହିଛନ୍ତି। ଅଭିଷେକ ୧୦୧ ଛକା ସହିତ ଦ୍ୱିତୀୟ, ହେନ୍‌ରିକ୍ କ୍ଲାସେନ୍ (୮୯) ତୃତୀୟ, କେନ୍ ୱିଲିଅମ୍‌ସନ୍ (୬୪) ଚତୁର୍ଥ ଏବଂ ଟ୍ରାଭିସ୍ ହେଡ୍ ୫୦ ଛକା ସହିତ ପଞ୍ଚମ ସ୍ଥାନରେ ରହିଛନ୍ତି।

ହେନ୍‌ରିକ୍ କ୍ଲାସେନ୍‌ଙ୍କ ଅର୍ଦ୍ଧଶତକ, ଉନାଦ୍‌କତ୍‌ଙ୍କୁ ୩ ୱିକେଟ୍

ସନ୍‌ରାଇଜର୍ସ ହାଇଦ୍ରାବାଦର ପ୍ରଥମ ବିଜୟ

କୋଲ୍‌କାତା,୨।୪/ଏଜେନ୍ସି: ଆଇପିଏଲ୍ ୨୦୨୬ରେ ଇଶାନ୍ କିଶନ୍‌ଙ୍କ ନେତୃତ୍ୱାଧୀନ ସନ୍‌ରାଇଜର୍ସ ହାଇଦ୍ରାବାଦ ପ୍ରଥମ ବିଜୟ ହାସଲ କରିଛି। ନିଜର ଦ୍ୱିତୀୟ ମ୍ୟାଚ୍‌ରେ ହାଇଦ୍ରାବାଦ ଟିମ୍ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)କୁ ୬୫ ରନ୍‌ରେ ମାତ୍ ଦେଇଛି। କୋଲ୍‌କାତାର ଏହା ଲଗାତାର ଦ୍ୱିତୀୟ ପରାଜୟ। ସ୍ଥାନୀୟ ଇଡେନ୍ ଗାର୍ଡେନ୍ସରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦ୍ରାବାଦ ବ୍ୟାଟିଂ ପାଇ ପ୍ରଥମେ ୮ ୱିକେଟ୍ ହରାଇ ୨୨୬ ରନ୍ କରିଥିଲା। ଜବାବରେ କୋଲ୍‌କାତା ୧୬ ଓଭର୍‌ରେ ୧୬୧ ରନ୍ ମଧ୍ୟରେ ଅଲ୍‌ଆଉଟ୍ ହୋଇଯାଇଛି।

୨୨୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା କୋଲ୍‌କାତାକୁ ଫିନ୍ ଏଲନ୍ ବିସ୍ଫୋରକ ଆରମ୍ଭ ଦେଇଥିଲେ। ୪ ଛକା ଓ ଦୁଇ ଚୌକା ସହାୟତାରେ ଏଲନ୍ ମାତ୍ର ୭ ବଲ୍‌ରେ ୨୮ ରନ୍ କରିଥିଲେ। ଅବଶ୍ୟ ଏଲନ୍ ଇନିଂସ୍‌କୁ ବଢ଼ାଇ ପାରିନଥିଲେ ଏବଂ ହର୍ଷ ଦୁବେଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। କ୍ୟାପ୍ଟେନ୍ ଆଜିଙ୍କ୍ୟ ରାହାଣେ ମାତ୍ର ୮ ରନ୍ ଏବଂ କାମେରନ୍ ଗ୍ରୀନ୍ ୨ ରନ୍ କରି ବିଦାୟ ନେଇଥିଲେ। ତେବେ ଅଙ୍ଗକୃଷ ରଘୁବଂଶୀ ଇନିଂସ୍ ସମ୍ଭାଳି ୨୭ ବଲ୍‌ରେ ଅର୍ଦ୍ଧଶତକ କରିଥିଲେ। ମାତ୍ର ଏହାର କିଛି ସମୟ ପରେ ସେ ୫୨ ରନ୍ କରି ଆଉଟ୍ ହୋଇଥିଲେ।

୬୫ ରନ୍‌ରେ ହାରିଲା କୋଲ୍‌କାତା ନାଇଟ୍ ରାଇଡର୍ସ



ତାଙ୍କ ୨୯ ବଲ୍‌ର ଇନିଂସ୍‌ରେ ୬ ଚୌକା ଓ ଦୁଇ ଛକା ସାମିଲ ଥିଲା। ଅନୁକୂଳ ରାୟଙ୍କୁ ଶୂନ୍ୟରେ ଆଉଟ୍ କରିବା ପରେ ନୀତୀଶ ରେଡ୍ଡୀ ସେଟ୍ ହୋଇ ଆସୁଥିବା ରିଙ୍କୁ ସିଂହ (୩୫)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ କୋଲ୍‌କାତା ନାଇଟ୍ ରାଇଡର୍ସ ପୂରା ଗେମ୍‌ରୁ ବାହାର ହୋଇଯାଇଥିଲା। ସୁନୀଲ୍ ନାରାୟଣ (୧୨), ରମନଦୀପ ସିଂହ (୧୦), ବୈଭବ ଆରୋରା (୫) ଏବଂ ବରୁଣ ଚକ୍ରବର୍ତ୍ତୀ (୦) ଆଉଟ୍ ହୋଇଥିଲେ। ହାଇଦ୍ରାବାଦ ପକ୍ଷରୁ ଜୟଦେବ ଉନାଦ୍‌କତ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ନୀତୀଶ ରେଡ୍ଡୀ ଓ ଇଶାନ୍ ମାଲିଙ୍ଗା ୨-୨ ସଫଳତା ପାଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦକୁ ଟ୍ରାଭିସ୍ ହେଡ୍ ଏବଂ ଅଭିଷେକ ଶର୍ମା ୫.୪ ଓଭର୍‌ରେ ୮୨ ରନ୍‌ର ପାର୍ଟନରଶିପ୍ କରି ଧମାକାଦାର ଆରମ୍ଭ ଦେଇଥିଲେ। ହେଡ୍ ୬ ଚୌକା ଓ ୩ ଛକା ସହାୟତାରେ ୨୧ ବଲ୍‌ରେ ୪୬ ରନ୍‌ର ଇନିଂସ୍ ଖେଳି କାର୍ତ୍ତିକ ତ୍ୟାଗୀଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। କ୍ୟାପ୍ଟେନ୍ ଇଶାନ୍ କିଶନ୍ ମାତ୍ର ୧୪ ରନ୍ କରି ବ୍ଲେସିଂ ମୁଜରବାନୀଙ୍କ ଶିକାର ହୋଇଥିଲେ। ମୁଜରବାନୀ ନବମ ଓଭର୍‌ରେ ଅଭିଷେକ ଶର୍ମାଙ୍କୁ ଆଉଟ୍ କରିଥିଲେ। ଅଭିଷେକ ୨୧ ବଲ୍‌ରେ ଚାରିଟି ଲେଖାଏଁ ଛକା ଓ ଚୌକା ବଳରେ ୪୮ ରନ୍ କରିଥିଲେ। ଅନିକେତ ବର୍ମା ମାତ୍ର ୧ ରନ୍ କରି ଅନୁକୂଳ ରାୟଙ୍କ ବଲ୍‌ରେ ରିଙ୍କୁ ସିଂହଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଏହାପରେ ହେନ୍‌ରିକ୍ କ୍ଲାସେନ୍ ଇନିଂସ୍ ସମ୍ଭାଳି ନୀତୀଶ ରେଡ୍ଡୀଙ୍କ ସହ ପଞ୍ଚମ ୱିକେଟ୍ ପାଇଁ ୮୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ନୀତୀଶ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୨୪ ବଲ୍‌ରୁ ୩୯ ରନ୍ କରି ବିଦାୟ ନେଇଥିଲେ। ଏହାପରେ କ୍ଲାସେନ୍ ଅର୍ଦ୍ଧଶତକ ପୂରଣ ସହିତ ୩୫ ବଲ୍‌ରେ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୫୨ ରନ୍ କରି ଆଉଟ୍ ହୋଇଥିଲେ। ସଲିଲ୍ ଆରୋରା ଖାତା ଖୋଲିପାରି ନଥିବା ବେଳେ ଶିବାଂଗ କୁମାର ମାତ୍ର ୪ ରନ୍ କରିଥିଲେ। କେକେଆର୍ ପକ୍ଷରୁ ବ୍ଲେସିଂ ମୁଜରବାନୀ ସର୍ବାଧିକ ୪ଟି ଏବଂ ବୈଭବ ଆରୋରା ୨ଟି ୱିକେଟ୍ ନେଇଥିଲେ।

ଫିଲ୍ଡ କ୍ୟାଚ୍‌ରେ ରିଙ୍କୁ ସିଂହଙ୍କ ରେକର୍ଡ

କୋଲ୍‌କାତା,୨।୪/ଏଜେନ୍ସି: ଆଇପିଏଲ୍ ୨୦୨୬ର ଷଷ୍ଠ ମ୍ୟାଚ୍‌ରେ ରିଙ୍କୁ ସିଂହ ବଡ଼ ରେକର୍ଡ ନିଜ ନାମରେ କରିଛନ୍ତି। ସନ୍‌ରାଇଜର୍ସ ହାଇଦ୍ରାବାଦର ଅନିକେତ ବର୍ମାଙ୍କ କ୍ୟାଚ୍ ଧରି ରିଙ୍କୁ କେକେଆର୍ ପାଇଁ ସର୍ବାଧିକ ଫିଲ୍ଡ କ୍ୟାଚ୍‌ର ରେକର୍ଡ ନିଜ ନାମରେ କରିଛନ୍ତି। ଏହି ମାମଲାରେ ସେ ଆନ୍ଦ୍ରେ ରସେଲ୍‌ଙ୍କୁ ପଛରେ ପକାଇଛନ୍ତି। ଦଶମ ଓଭର୍ ବୋଲିଂ କରୁଥିବା



ଅନୁକୂଳ ରାୟ ଦ୍ୱିତୀୟ ବଲ୍‌ରେ ଅନିକେତ୍ ବର୍ମା ଲଙ୍ଗଅଫ୍ ଅଞ୍ଚଳକୁ ଶଟ୍ ଲଗାଇଥିଲେ ଏବଂ ରିଙ୍କୁ ନିଜ ବାମପଟକୁ ଦୌଡ଼ି ସହଜରେ କ୍ୟାଚ୍ ନେଇଥିଲେ। ଏହା ସହିତ କେକେଆର୍ ପକ୍ଷରୁ ରିଙ୍କୁ ସିଂହଙ୍କ ନାମରେ ସର୍ବାଧିକ ୪୧ ଫିଲ୍ଡ କ୍ୟାଚ୍ ହୋଇଛି। ପୂର୍ବରୁ ଆନ୍ଦ୍ରେ ରସେଲ୍ ୪୦ କ୍ୟାଚ୍ ନେଇ ପ୍ରଥମ ସ୍ଥାନରେ ରହିଥିଲେ। ଏହି ଲିଷ୍ଟର ତୃତୀୟ ସ୍ଥାନରେ ସୁନିଲ୍ ନାରାୟଣ (୩୬)ଙ୍କ ନାମ ରହିଛି। ମନୋଜ ତିୱାରୀ ୩୦ କ୍ୟାଚ୍ ନେଇ ଲିଷ୍ଟର ଚତୁର୍ଥ ସ୍ଥାନରେ ରହିଛନ୍ତି।

ରାସୀ ଭାନ୍ ଡର୍ ଡୁସେନ୍‌ଙ୍କ ଅବସର

ଜୋହାନ୍ସବର୍ଗ,୨।୪/ଏଜେନ୍ସି: ସାଉଥ୍ ଆଫ୍ରିକାର ମହାନ୍ ବ୍ୟାଟର୍ ରାସୀ ଭାନ୍ ଡର୍ ଡୁସେନ୍ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କହିଛନ୍ତି। ଗୁରୁବାର ସକାଳେ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ସେ ଏହି ସୂଚନା ଦେଇଛନ୍ତି। କ୍ରିକେଟ୍ ସାଉଥ୍ ଆଫ୍ରିକା ୨୦୨୬-୨୭ ସିଜନ୍ ପାଇଁ ତାଙ୍କ ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟ ନବୀକରଣ କରିନଥିଲା। ଏହାପରେ ୩୭ ବର୍ଷୀୟ ଡୁସେନ୍ ଏହି ନିଷ୍ପତ୍ତି ନେଇଛନ୍ତି। ସେ ଗତ ୭ ମାସ ଧରି ଜାତୀୟ ଟିମ୍‌ର ସଦସ୍ୟ ନଥିଲେ ଏବଂ ୨୦୨୫ ଅଗଷ୍ଟରେ ସେ ନିଜର ଶେଷ ମ୍ୟାଚ୍ ଖେଳିଥିଲେ। ତେବେ ସେ ଘରୋଇ ଟିମ୍ ଲାୟନ୍ସ ପାଇଁ ଖେଳ ଜାରି ରଖିବେ ଏବଂ ଫ୍ରାଞ୍ଚାଇଜି କ୍ରିକେଟ୍‌ରେ ମଧ୍ୟ ଭାଗନେବେ। ସନ୍ନ୍ୟାସ ପରେ ମେଣ୍ଟର୍ ଭାବେ ଆଗାମୀ ପିଢ଼ିର କ୍ରିକେଟର୍‌ଙ୍କୁ ଶିକ୍ଷା ଦେବା ତାଙ୍କ ଲକ୍ଷ୍ୟ। ରାସୀ ଭାନ୍ ଡର୍ ଡୁସେନ୍‌ଙ୍କୁ ଦିନିକିଆ କ୍ୟାରିୟର୍ ବେଶ୍ ପ୍ରଭାବଶାଳୀ ରହିଛି। ସେ ୭୧ ମ୍ୟାଚ୍‌ରେ ପାଖାପାଖି ୫୨ ହାରାହାରିରେ ରନ୍ ସଂଗ୍ରହ କରିଛନ୍ତି, ଯାହା ସାଉଥ୍ ଆଫ୍ରିକା ଇତିହାସରେ ମହାନ୍ ବ୍ୟାଟର୍ ଏବି ଡିଭିଲିୟର୍ସଙ୍କ ପରେ ଦ୍ୱିତୀୟ ସର୍ବଶ୍ରେଷ୍ଠ ହାରାହାରି। କ୍ୟାରିୟର୍‌ରେ ସେ ୬ ଶତକ ଏବଂ ୧୭ ଅର୍ଦ୍ଧଶତକ ହାସଲ କରିଛନ୍ତି। ଖାସ୍ ବିଷୟ ହେଉଛି ୨୦୧୯ରେ ଡେବ୍ୟୁ ପରେ ସେ ପ୍ରାରମ୍ଭିକ ୯ ମ୍ୟାଚ୍‌ରେ ୫ ଅର୍ଦ୍ଧଶତକ ହାସଲ କରି ନିଜ ସ୍ଥାନ ପକ୍କା

କରିଥିଲେ। ହ୍ୱାଇଟ୍ ବଲ୍ କ୍ରିକେଟ୍ (ଟି-୨୦ ଓ ଦିନିକିଆ)ରେ ଡୁସେନ୍‌ଙ୍କ ଦବ୍‌ଦବା ରହିଥିବା ବେଳେ ଟେଷ୍ଟ କ୍ରିକେଟରେ ତାଙ୍କ ପ୍ରଦର୍ଶନ ସେତେ ପ୍ରଭାବଶାଳୀ ନୁହେଁ। ୧୮ ଟେଷ୍ଟ ମ୍ୟାଚ୍‌ରେ ତାଙ୍କ ନାମରେ ୬ ଅର୍ଦ୍ଧଶତକ ଥିବାବେଳେ ଥରେ ୯୮ ରନ୍‌ରେ ଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ୨୦୨୧-୨୨ ଅଷ୍ଟ୍ରେଲିଆ ଗସ୍ତ ପରେ ତାଙ୍କୁ ଟେଷ୍ଟ ଟିମ୍‌ରୁ ବାଦ୍ ଦିଆଯାଇଥିଲା ଏବଂ ଏହାପରେ ସେ କୌଣସି ପ୍ରଥମଶ୍ରେଣୀ ମ୍ୟାଚ୍ ବି ଖେଳିନାହାନ୍ତି।

ରାମେଶ୍ୱରକୁ ହରାଇ ସେମିରେ ରେଡ୍ ଷ୍ଟାର୍

ଭୁବନେଶ୍ୱର,୨।୪/ଏନ୍ଏନ୍ଏସ୍: ରାମେଶ୍ୱର ସ୍ପୋର୍ଟିଂକୁ ୨୮ ରନ୍‌ରେ ହରାଇ ରେଡ୍ ଷ୍ଟାର୍ କ୍ଲବ୍ ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ସ୍ଥାନୀୟ ହାଇଟେକ୍ ମେଡିକାଲ୍ କଲେଜ ପଡ଼ିଆରେ ଗୁରୁବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ରେଡ୍ ଷ୍ଟାର୍ ନିର୍ଦ୍ଧାରିତ ୩୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୮୩ ରନ୍ କରିଥିଲା। ପ୍ରାନ୍ତିକ ପି ପଟ୍ଟନାୟକ ୫୪ ଏବଂ ସାଇ ବିଘ୍ନେଶ ୪୩ ରନ୍ କରିଥିବା ବେଳେ ରାମେଶ୍ୱର ସ୍ପୋର୍ଟିଂର ସୋହମ୍ ପଟ୍ଟନାୟକ ୨ଟି ୱିକେଟ୍ ନେଇଥିଲେ। ୧୮୪ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ରାମେଶ୍ୱର ସ୍ପୋର୍ଟି ନିର୍ଦ୍ଧାରିତ ଓଭର୍‌ରେ ୯ ୱିକେଟ୍ ବିନିମୟରେ ୧୫୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ସ୍ୱସ୍ତିକ ଘୋଷଣା ସର୍ବାଧିକ ୫୭ ରନ୍ କରିଥିବା ବେଳେ ଆଭାନ୍ ମିଶ୍ର ୩୩ ରନ୍‌ର ଯୋଗଦାନ ଦେଇଥିଲେ। ରେଡ୍ ଷ୍ଟାର୍ ପକ୍ଷରୁ ଏସ୍‌କେ ସାଲିକ୍ ମହମ୍ମଦ ୨୬ ରନ୍ ଦେଇ ୩ଟି ୱିକେଟ୍ ହାସଲ କରିଥିଲେ। ମ୍ୟାଚ୍‌କୁ ଓଡ଼ିଶାର ପ୍ରଥମ ମହିଳା ଅମ୍ପାୟର୍ ଶାଶ୍ୱତୀ ଶତପଥୀ ଏବଂ ଅଜୟ କୁମାର ନାୟକ ପରିଚାଳନା କରିଥିଲେ। ରେଡ୍ ଷ୍ଟାର୍ ଟିମ୍‌ର ଏସ୍‌କେ ସାଲିକ୍ ମହମ୍ମଦଙ୍କୁ ମୁଖ୍ୟଅତିଥି ଦିଗପହଣ୍ଡି ବିଧାୟକ ତଥା ଓଡ଼ିଆ ସିନେ ଜଗତର ମହାନ୍ କଳାକାର ସିଦ୍ଧାନ୍ତ ମହାପାତ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ସ୍ୱର୍ଗତ ପଣ୍ଡିତ ରାମକୃଷ୍ଣ ମହାପାତ୍ରଙ୍କ ଜ୍ୱାଇଁ ତପନ କୁମାର ପାଢ଼ୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଭାଗିରଥି ଜେନା, ପ୍ରସନ୍ନ ନାୟକ, ସୂର୍ଯ୍ୟ ତ୍ରିପାଠୀ, କାମାକ୍ଷା ତ୍ରିପାଠୀ ଓ ଦୀପ୍ତି ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ହର୍ମୁଜ୍ ଖୋଲିବାକୁ ପ୍ରୟାସ ଆରମ୍ଭ

୬୦ ଦେଶଙ୍କ ସହ ବୈଠକରେ ସାମିଲ ହେଲା ଭାରତ

ନୂଆଦିଲ୍ଲୀ, ୨।୪/ଏଜେନ୍ସି: ହର୍ମୁଜ୍ ପ୍ରଣାଳୀକୁ ଖୋଲିବା ତଥା ସ୍ୱାଭାବିକ୍ କରିବା ଉଦ୍ଦେଶ୍ୟରେ ୟୁକେ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରୟାସରେ ଭାରତ ମଧ୍ୟ ସହଭାଗୀ ହେବାକୁ ଯାଉଛି। ରିପୋର୍ଟ ଅନୁସାରେ ବ୍ରିଟେନ ପକ୍ଷରୁ ଆୟୋଜିତ ତଥା ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ଅନ୍ତର୍ଜାତୀୟ ବୈଠକରେ ଭାରତ ସାମିଲ ହୋଇଛି। ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱ ଶକ୍ତି ଯୋଗାଣ ବଜାୟ ରଖିବା ଏବଂ ସାମୁଦ୍ରିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ବୈଠକରେ ୬୦ରୁ ଅଧିକ ଦେଶ ଏକଜୁଟ ହୋଇଛନ୍ତି। ଭାରତ ପକ୍ଷରୁ ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରି ଭର୍ଚୁଆଲ ମାଧ୍ୟମରେ ଏଥିରେ ଯୋଗ ଦେଇଥିଲେ। ଭାରତ ତରଫରୁ ପକ୍ଷ ରଖି ବିକ୍ରମ ମିସ୍ତ୍ରି କହିଛନ୍ତି ଯେ, ଅନ୍ତର୍ଜାତୀୟ ଜଳପଥରେ ମୁକ୍ତ ଏବଂ ସୁରକ୍ଷିତ ଜାହାଜ ଚଳାଚଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର ସଙ୍କଟ ଯୋଗୁଁ ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳା ବିପଦରେ ରହିଛି। ସାମ୍ପ୍ରତିକ ଆକ୍ରମଣ ଯୋଗୁଁ ଭାରତୀୟ ନାବିକମାନେ ପ୍ରାଣ ହରାଇଥିବା ଘଟଣାରେ ମିସ୍ତ୍ରି ଚିନ୍ତା ପ୍ରକଟ କରିଛନ୍ତି। ଆଲୋଚନା ଏବଂ କୂଟନୈତିକ ସମ୍ପର୍କ ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ସେ ସମସ୍ତ ପକ୍ଷକୁ ନିବେଦନ କରିଛନ୍ତି। ଗୁରୁବାର କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଦିଆଯାଇଥିବା ସୂଚନାନୁସାରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟା ମଧ୍ୟରେ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରାଯିବା ଦ୍ୱାରା ବିଶ୍ୱ ବାଣିଜ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହି ପ୍ରଣାଳୀରେ ଜାହାଜଗୁଡ଼ିକର ଚଳାଚଳ ବାଧାପ୍ରାପ୍ତ ହେବା ଯୋଗୁ ତୈଳ ଓ ଗ୍ୟାସ୍ ମୂଲ୍ୟ ଅନେକ ଦେଶରେ ଅସମ୍ଭବ ଭାବେ ବୃଦ୍ଧି ପାଇଛି। ବିଶ୍ୱର ଅନ୍ୟ ଦେଶଗୁଡ଼ିକଙ୍କ ଭଳି ଭାରତ ମଧ୍ୟ ବିଶ୍ୱାସ କରେ ଯେ, ହର୍ମୁଜ୍ ପ୍ରଣାଳୀ କୌଣସି ପରିସ୍ଥିତିରେ ମଧ୍ୟ ବନ୍ଦ ହେବା ଉଚିତ୍ ନୁହେଁ। ଏହି ପ୍ରଣାଳୀରେ ଜାହାଜ ଚଳାଚଳ ସ୍ୱାଭାବିକ ହେବା ଉଚିତ୍। କାରଣ ଦେଶ ଆମଦାନୀ କରୁଥିବା ପ୍ରାୟ ୪୦% ତେଲ, ୫୦% ଏଲ୍ଏନ୍‌ଜି ଏବଂ ୮୦%ରୁ ଅଧିକ ଏଲ୍‌ପିଜି ଏହି ମାର୍ଗ ଦେଇ ଆସିଥାଏ। ବିଶ୍ୱ ଅର୍ଥନୀତି ପାଇଁ ହର୍ମୁଜ ପ୍ରଣାଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ବିଶ୍ୱର ପ୍ରାୟ ୨୦% ଶକ୍ତି ଯୋଗାଣ ଏହି ସଂକୀର୍ଣ୍ଣ ଜଳପଥ ଦେଇ ହୋଇଥାଏ। ତେବେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନ୍ ସେନା (ଆଇଆର୍‌ଜିସି) ପକ୍ଷରୁ ଏହାକୁ ଏକତରଫା ଭାବେ ବନ୍ଦ କରିଦିଆଯାଇଛି। ଯାହାଫଳରେ ଯୋଗାଣ ପ୍ରକ୍ରିୟା ଗୁରୁତର ଭାବେ ପ୍ରଭାବିତ ହୋଇଛି। ତେବେ ଏବେ ଯେତେବେଳେ ଯୁଦ୍ଧକୁ ମାସାଧିକ ସମୟ ଅତିବାହିତ ହୋଇଛି ସେତେବେଳେ ବ୍ରିଟେନ୍, ଫ୍ରାନ୍ସ, ଜାପାନ, ଜର୍ମାନୀ, ଇଟାଲୀ, କାନାଡା ଏବଂ ୟୁଏଇ ଭଳି ଦେଶ ଆଗଭର ହୋଇଛନ୍ତି। ଏହାରି ମଧ୍ୟରେ ଆମେରିକା ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ବିଫଳ ହେବା ପରେ ଏବେ ୟୁକେର ଆହ୍ୱାନକ୍ରମେ ଭାରତ ସମେତ ପ୍ରାୟ ୬୦ ଦେଶ ହର୍ମୁଜ୍ ଖୋଲିବା ପାଇଁ ମିଳିତ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ବୈଠକରେ ଯୋଗଦେବାକୁ ଭାରତକୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା। ଏସବୁ ଦେଶଗୁଡ଼ିକ ସାମୁଦ୍ରିକ ସୁରକ୍ଷା ପାଇଁ ସହଯୋଗ କରିବାକୁ ଏକ ବିବୃତ୍ତିରେ ସ୍ୱାକ୍ଷର କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଆୟୋଜିତ ହେଉଥିବା ଏହି ବୈଠକରେ ବ୍ରିଟେନ ବୈଦେଶିକ ସଚିବ ୟଭେଟ୍ କୁପର ଅଧକ୍ଷତା କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ନିଜର ଆଭିମୁଖ୍ୟ ବଦଳାଇବା ପୂର୍ବକ ନିଜର ସହଯୋଗୀ ଦେଶମାନଙ୍କୁ ନିଜ ପାଇଁ ତେଲ ବ୍ୟବସ୍ଥା ନିଜେ କରିବାକୁ କହିଥିଲେ। ଟ୍ରମ୍ପ ନିଜ ସୋସିଆଲ ଆକାଉଣ୍ଟ 'ଟ୍ରୁଥ୍'ରେ ଲେଖିଥିଲେ, 'ଆମେରିକା ଏବେ ଆଉ କାହାକୁ ବି ସାହାଯ୍ୟ କରିବ ନାହିଁ। ନିଜ ହକ୍ ପାଇବା ପାଇଁ ନିଜେ ଆଗକୁ ଆସନ୍ତୁ।' ଟ୍ରମ୍ପଙ୍କ ଏପ୍ରକାର ସ୍ପଷ୍ଟୀକରଣକୁ ଟ୍ରମ୍ପଙ୍କ ବିଫଳତା ଭାବେ ବିବେଚନା କରାଯାଉଛି।

୭ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କୁ ପଣବନ୍ଦୀ ଘଟଣାରେ ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ

ପଶ୍ଚିମବଙ୍ଗ ସରକାରଙ୍କୁ ଜବାବ ତଲବ

କୋଲକାତା, ୨।୪/ଏଜେନ୍ସି: ପଶ୍ଚିମବଙ୍ଗର ମାଲଦା ଜିଲ୍ଲାରେ ଏସ୍‌ଆଇଆର୍ ସହ ଜଡ଼ିତ ୭ ଜଣ ନିର୍ବାଚନୀ ପର୍ଯ୍ୟବେକ୍ଷକଙ୍କୁ ପଣବନ୍ଦୀ କରାଯିବା ଘଟଣାରେ ଗୁରୁବାର ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କୋର୍ଟ କହିଛନ୍ତି 'ନିର୍ବାଚନୀ ପର୍ଯ୍ୟବେକ୍ଷକମାନଙ୍କୁ ୯ ଘଣ୍ଟା ପର୍ଯ୍ୟନ୍ତ ପଣବନ୍ଦୀ କରି ରଖାଗଲା। ସେମାନଙ୍କୁ ଖାଦ୍ୟ କିମ୍ବା ପାଣି ମଧ୍ୟ ଦିଆଯାଇନଥିଲା। ଏହି ଘଟଣାଟି ଯୋଜନାବଦ୍ଧ ଏବଂ ଉତ୍ତେଜନାମୂଳକ ମନେହେଉଛି। ଉପଦ୍ରବୀ କିଏ ଆମକୁ ଜଣାଅଛି, ନ୍ୟାୟିକ ଅଧିକାରୀମାନଙ୍କ ମନୋବଳ ଭାଙ୍ଗିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା, ସେମାନଙ୍କ ଲକ୍ଷ୍ୟ ବୋଲି ପ୍ରତୀତ ହେଉଛି। ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚି ଏବଂ ଜଷ୍ଟିସ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଶୁଣାଣି କରିବା ପୂର୍ବକ କହିଛନ୍ତି ଯେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଖଣ୍ଡପୀଠ ଏନେଇ ରାଜ୍ୟ ଗୃହ ସଚିବ, ପୁଲିସ୍ ଡିଜି ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ସେମାନଙ୍କ ନିଷ୍କ୍ରିୟତା ପାଇଁ ଜବାବ ମାଗିଥିବା ବେଳେ ନିର୍ବାଚନୀ ପର୍ଯ୍ୟବେକ୍ଷକମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ନିୟୋଜିତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ପଶ୍ଚିମବଙ୍ଗରେ ସମସ୍ତେ କେବଳ 'ରାଜନୈତିକ ଭାଷା କହୁଛନ୍ତି।' ଏହା ହେଉଛି ସବୁଠାରୁ ଧ୍ରୁବୀକରଣଯୁକ୍ତ ରାଜ୍ୟ। ନିର୍ବାଚନୀ ପର୍ଯ୍ୟବେକ୍ଷକଙ୍କ ପ୍ରତି ଏପ୍ରକାର ବ୍ୟବହାର କେବଳ ସେମାନଙ୍କୁ ଭୟଭୀତ କରିବା ପାଇଁ ନୁହେଁ ବରଂ କୋର୍ଟଙ୍କ କର୍ତ୍ତୃତ୍ୱକୁ ମଧ୍ୟ ଚ୍ୟାଲେଞ୍ଜ କରିବା ପାଇଁ ଏକ ହୀନ ପ୍ରୟାସ। ବିଡିଓ ଅଫିସ୍‌ରେ ନିର୍ବାଚନୀ ପର୍ଯ୍ୟବେକ୍ଷକମାନେ ଫସିରହିଥିବା ସମ୍ପର୍କରେ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଭଲଭାବେ ଜାଣିଥିଲେ ମଧ୍ୟ ତୁରନ୍ତ ସେମାନଙ୍କୁ ସୁରକ୍ଷା ଯୋଗାଇବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ରାଜ୍ୟ ପଦାଧିକାରୀମାନଙ୍କ ଆଭିମୁଖ୍ୟକୁ ମଧ୍ୟ ସନ୍ଦେହରେ ପକାଇଛି ବୋଲି ସିଜେଆଇ ମତବ୍ୟକ୍ତ କରିଛନ୍ତି। ଦିନକ ପୂର୍ବେ ୭ ଜଣ ନ୍ୟାୟିକ ଅଧିକାରୀ ମାଲଦା ସ୍ଥିତ ବିଡିଓ ଅଫିସରେ ପହଞ୍ଚିଥିଲେ, ଯେଉଁମାନଙ୍କ ମଧ୍ୟରେ ୩ ଜଣ ମହିଳା ଥିଲେ। ସେହି ସମୟରେ ଭୋଟର ତାଲିକାରୁ ନାମ କଟିବାକୁ ବିରୋଧ କରି ହଜାର ହଜାର ଲୋକ ଅଫିସକୁ ଘେରି ଯାଇଥିଲେ ଯାହାଫଳରେ ଏହି ଅଧିକାରୀମାନେ ଉକ୍ତ ଅଫିସ୍ ମଧ୍ୟରେ ହିଁ ଫସିରହିଥିଲେ। ପରେ ଯେତେବେଳେ ବିଳମ୍ବିତ ରାତିରେ ଏହି ଅଧିକାରୀମାନଙ୍କୁ



ଭୋଟର୍ ଲିଷ୍ଟରୁ ନାମ କଟିବାକୁ ନେଇ କ୍ରମାଗତ ଦ୍ୱିତୀୟ ଦିନ ବିକ୍ଷୋଭ

ସେଠାରୁ ସୁରକ୍ଷିତ କାଢ଼ିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ସେତେବେଳେ ସେମାନଙ୍କ ଗାଡ଼ି ଉପରେ ମଧ୍ୟ ଟେକାପଥର ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ତେବେ ଏହି ଘଟଣା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଅନ୍ୟପକ୍ଷେ ମାଲଦାରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବିରୋଧ ପ୍ରଦର୍ଶନ ଜାରି ରହିଛି। ଗୁରୁବାର ନାରାୟଣପୁରସ୍ଥିତ ବିଏସ୍ଏଫ୍ କ୍ୟାମ୍ପ ସମ୍ମୁଖରେ ବିରାଟ ଜନସମାଗମ ହୋଇଥିବାର ଦେଖିବାକୁ ମିଳିଛି। ଲୋକମାନେ ୧୨ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ସହ ରାସ୍ତା ଉପରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଆଚାର୍ଯ୍ୟ ବାଲକୃଷ୍ଣଙ୍କୁ 'ବିଶ୍ୱ ଆୟୁର୍ବେଦ ରତ୍ନ'

ହରିଦ୍ୱାର, ୨।୪/ଏଜେନ୍ସି: ପତଞ୍ଜଳି ମାଧ୍ୟମରେ ଆୟୁର୍ବେଦକୁ ବିଶ୍ୱସ୍ତରରେ ପରିଚିତ କରାଇବା ଏବଂ ଭାରତୀୟ ଜ୍ଞାନ-ପରମ୍ପରାର ସଂରକ୍ଷଣ ଦିଗରେ ନିରନ୍ତର କାର୍ଯ୍ୟ କରୁଥିବା ଶ୍ରଦ୍ଧେୟ ଆଚାର୍ଯ୍ୟ ବାଲକୃଷ୍ଣଙ୍କୁ ଆଉ ଏକ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଛି। 'ନେଟ୍ ଗ୍ରୀନ୍ ଫାଉଣ୍ଡେସନ୍' ପକ୍ଷରୁ ଆୟୋଜିତ 'ଅର୍ଥ ଆୱାର୍ଡ ଏବଂ ହାଇ ଇମ୍ପାକ୍ଟ ସଷ୍ଟେନେବିଲିଟି ଡାଏଲଗ୍ ୨୦୨୬' ଅନ୍ତର୍ଗତ ତାଙ୍କୁ 'ବିଶ୍ୱ ଆୟୁର୍ବେଦ ରତ୍ନ' ଅଳଙ୍କାରରେ ବିଭୂଷିତ କରାଯାଇଛି। ଏହି ସମାରୋହ ନୂଆଦିଲ୍ଲୀସ୍ଥିତ ୟୁନେସ୍କୋ ହାଉସ୍‌ରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଦିଲ୍ଲୀ ସରକାରଙ୍କ ପରିବେଶ, ବନ ଏବଂ ବନ୍ୟପ୍ରାଣୀ ମନ୍ତ୍ରୀ ମଞ୍ଜିନ୍ଦର ସିଂ ସିର୍‌ସା ଏବଂ ୟୁନେସ୍କୋର ପ୍ରାକୃତିକ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ବେନ୍ନୋ ବୋଏରଙ୍କ ସମେତ ଅନେକ ଅନ୍ତର୍ଜାତୀୟ ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରକମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମରେ ବ୍ୟକ୍ତିଗତ



ଭାବେ ଉପସ୍ଥିତ ନଥିଲେ ମଧ୍ୟ ସେ ନିଜର ଏହି ଅନନ୍ୟ ଉପଲବ୍ଧିକୁ ଭାରତର ହଜାର ବର୍ଷର ପୁରାତନ ତଥା ମହାନ ଆୟୁର୍ବେଦ ପରମ୍ପରା ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି। ନିଜ ପ୍ରତିକ୍ରିୟାରେ ଆଚାର୍ଯ୍ୟ କହିଛନ୍ତି ଯେ, ଆୟୁର୍ବେଦ ହିଁ ହଜାର ହଜାର ବର୍ଷ ଧରି ମାନବଜାତିର ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ସନ୍ତୁଳିତ ଜୀବନର ମାର୍ଗ ପ୍ରଶସ୍ତ କରିଆସିଛି। ଏହି ସମ୍ମାନ କୌଣସି ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ ବରଂ ସେହି ସମୃଦ୍ଧ ଭାରତୀୟ ପରମ୍ପରାର, ଯାହା 'ସର୍ବେ ଭବନ୍ତୁ ସୁଖିନଃ'ର ସିଦ୍ଧାନ୍ତକୁ ଜୀବନରେ କାର୍ଯ୍ୟକାରୀ କରିଛି। ଆଚାର୍ଯ୍ୟ ବାଲକୃଷ୍ଣ ଆୟୁର୍ବେଦକୁ ଆଧୁନିକ ବୈଜ୍ଞାନିକ ଦୃଷ୍ଟିକୋଣ ସହ ଯୋଡ଼ି ଏହାକୁ ବିଶ୍ୱ ଦରବାରରେ ସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପତଞ୍ଜଳି ମାଧ୍ୟମରେ ସେ କେବଳ ଆୟୁର୍ବେଦିକ ଉତ୍ପାଦକୁ ଘରେ ଘରେ ପହଞ୍ଚାଇ ନାହାଁନ୍ତି, ବରଂ ଗବେଷଣା, ଶିକ୍ଷା ଏବଂ ଔଷଧୀୟ ବୃକ୍ଷର ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ପ୍ରକାଶ, ନେଟ୍ ଗ୍ରୀନ୍ ଫାଉଣ୍ଡେସନ୍ ଏକ ଅନ୍ତର୍ଜାତୀୟ ସଂସ୍ଥା, ଯାହା ପରିବେଶ ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ, ନିରନ୍ତର ବିକାଶ ଏବଂ ପାରମ୍ପରିକ ଜ୍ଞାନ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିଆସୁଛି।

ଇଣ୍ଡୋନେସିଆରେ ୭.୪ ତୀବ୍ରତାର ଭୂକମ୍ପ

ଜାକାର୍ତ୍ତା,୨।୪/ଏଜେନ୍ସି: ଗୁରୁବାର ପ୍ରାତଃ ସମୟ(ସକାଳ ପ୍ରାୟ ୬.୪୮ମିନିଟ୍)ରେ ଇଣ୍ଡୋନେସିଆରେ ଏକ ବଡ଼ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି। ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ଅନୁଯାୟୀ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୪ ରେକର୍ଡ କରାଯାଇଥିବା ବେଳେ ସ୍ଥିତିକୁ ଦୃଷ୍ଟିରେ ରଖି ସୁନାମି ଚେତାବନୀ ମଧ୍ୟ ଜାରି କରାଯାଇଛି। ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହେବା ପରେ ଲୋକମାନେ ଭୟରେ ଘରୁ ବାହାରକୁ ବାହାରି ଆସିଥିଲେ। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରୁ ଲୋକମାନଙ୍କୁ ତୁରନ୍ତ ସ୍ଥାନ ଛାଡି ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ସତର୍କ ସୂଚନା ଜାରି କରାଯାଇଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra